ବର୍ଷ-୫୭ : ସଂଖ୍ୟା-୮ ଅଗଷ୍ଟ, ୨୦୨୬ ♦ ପନ୍ଦର ଟଙ୍କା।

ନବପ୍ରକାଶ

ଶ୍ରୀଅରବିନ୍ଦଙ୍କ ଅତିମାନସ ସତ୍ୟ-ଆଧାରିତ ଛାତ୍ର ଓ ଯୁବ-ଜୀବନର
ସର୍ବାଙ୍ଗୀଣ ବିକାଶର ବାର୍ତ୍ତାବହ ମାସିକ ପତ୍ରିକା

ନବଜ୍ୟୋତି କାର୍ଯ୍ୟାଳୟ, ପବ୍‌ଲିକେସନ୍ ଡିପାର୍ଟ୍‌ମେଣ୍ଟ୍, ଶ୍ରୀଅରବିନ୍ଦ ଆଶ୍ରମ, ପଣ୍ଡିଚେରୀ–୨

ଏ ସଂଖ୍ୟାର ଲେଖା ଓ ଲେଖକ

ନବପ୍ରକାଶ • ଅଗଷ୍ଟ, ୨୦୨୬

ପ୍ରାର୍ଥନା	...	ଶ୍ରୀମା	... ୩
ଶ୍ରୀଅରବିନ୍ଦଙ୍କ ବାଣୀ	...	ଶ୍ରୀଅରବିନ୍ଦ	... ୪
ମନ୍ତ୍ରମୟୀ ସାବିତ୍ରୀ	...	ଶ୍ରୀଅରବିନ୍ଦ	... ୭
ଶାନ୍ତ ରହିବାକୁ ଶିକ୍ଷା କର	...	ଶ୍ରୀମା	... ୮
ଆନ୍ତରିକତା	...	ଶେଖ ଅବଦୁଲ କାଶମ	... ୯
ଜ୍ଞାନ : ଅନ୍ୱେଷଣ, ଅର୍ଜନ ଓ ଉପଲବ୍ଧି	...	ମନୋଜ ଦାସ	... ୧୪
ପଣ୍ଡିଚେରୀରେ ଶ୍ରୀଅରବିନ୍ଦ (୧୫୭)	...	...	... ୧୬
ଅବତାରଙ୍କ ଉଦ୍ଦେଶ୍ୟ	...	ରାମକୃଷ୍ଣ ଦାସ	... ୨୧
ଦିବ୍ୟ ସତ୍ୟର ସନ୍ଧାନ (କବିତା)	...	ସୁନାମଣି ରାଉତ	... ୨୪
ମା' ଆପଣ ଏମିତି କହିଛନ୍ତି ... (୧୪)	...	ହୁତା ହିନ୍ଦୋଚା	... ୨୫
ଆଧୁନିକ ଭାରତ ଓ ଯୁବ-ସମାଜ (୧)	...	ପ୍ରପତ୍ତି	... ୨୮
ଧ୍ୟାନ ଓ ପ୍ରାର୍ଥନା – ଏକ ଆମ୍ଲିପିର ଗୀତିକଥା (୧୧୨)	...	ମହେନ୍ଦ୍ରନାଥ ସ୍ୱାଇଁ	... ୩୩
କାରା-ଜୀବନୀ (୧୭)	...	ଉଲ୍ଲାସକର ଦତ୍ତ	... ୩୭
ଏକ ସାହସିକ ଉଦ୍ୟମ ପାଇଁ ଉତ୍ସାହ	...	ବିଶ୍ୱମ୍ଭର ସାମନ୍ତ	... ୪୦
ସୁବର୍ଣ୍ଣ ଜୟନ୍ତୀ	...	ପ୍ରସାଦ ତ୍ରିପାଠୀ	... ୪୩
ଆଶାବାଦର ଆଲୋକ ବର୍ତ୍ତିକା	...	କାହ୍ନୁଚରଣ ମହାକୁର	... ୪୬
ସ୍ୱଧର୍ମ	...	ମନୋଜ ଦାସ	... ୪୮
ମାନୁଷୀ ପ୍ରହେଳିକା (କବିତା)	...	ସନ୍ତୋଷ ରଥ	... ୫୦
ଜ୍ଞାନ ବୃକ୍ଷ	...	ବନମାଳୀ ଆଚାର୍ଯ୍ୟ	... ୫୧
କଳ୍ପନାର ଅନ୍ୱେଷଣରେ	...	ସୁନନ୍ଦା	... ୫୪
ଆତ୍ମ-ସଂଯମ :			
ବୁଦ୍ଧଙ୍କ ଜୀବନର ଦୁଇଟି ସଂଘଟନ	...	...	... ୫୬
ଆତ୍ମ-ସଂଯମର ବାସ୍ତବ ଅବଦାନ	...	ମନୋଜ ଦାସ	... ୫୮

❖

ପ୍ରାର୍ଥନା

ହେ ପ୍ରଭୁ, ପ୍ରଭୁ, ସମଗ୍ର ଧରିତ୍ରୀ ଏକ ଉଦ୍‌ବେଳ ଅବସ୍ଥାରେ; ସେ ଚାପା ଆର୍ତ୍ତନାଦ କରେ ଏବଂ ଭୋଗେ ଯନ୍ତ୍ରଣା — ସେ ବେଦନାଗ୍ରସ୍ତ ... ତାହା ଉପରେ ଅବନମିତ ଏ ଯାବତୀୟ ଦୁଃଖକଷ୍ଟ କଦାଚ ବୃଥା ନଯାଉ; ଏହାହିଁ ମଞ୍ଜୁର କର, ଏ ସମସ୍ତ ରକ୍ତକ୍ଷୟ ଯେପରି ସମ୍ଭବ କରିବ ସୌନ୍ଦର୍ଯ୍ୟ, ଆଲୋକ ଏବଂ ପ୍ରେମ ରୂପକ ବୀଜର ତ୍ୱରାନ୍ୱିତ ଅଙ୍କୁରଣ ଯାହାସବୁ ପ୍ରସ୍ଫୁଟିତ ହୋଇ ସେମାନଙ୍କ ସମୃଦ୍ଧ ସୁଫଳ ଯୋଗେ ଧରିତ୍ରୀକୁ କରିବେ ଆଚ୍ଛାଦିତ । ଅନ୍ଧକାରର ଏହି ଅତଳ ଗହ୍ୱରରୁ ସମଗ୍ର ପାର୍ଥିବ ସତ୍ତା ତୁମକୁ ଆବେଗରେ ଡାକୁଛି, ତୁମେ ଯେମିତି ତାକୁ ପ୍ରଦାନ କରିବ ପବନ ଓ ଆଲୋକ; ସେ ରୁଦ୍ଧ ଶ୍ୱାସ, ତୁମେ କ'ଣ ତାକୁ ସହାୟତା ଦେବ ନାହିଁ ?

ହେ ପ୍ରଭୁ, ବିଜୟ ପାଇଁ ଆମକୁ କ'ଣ କରିବାକୁ ହେବ ?

ଆମ୍ଭମାନଙ୍କର ପ୍ରାର୍ଥନା ଶୁଣ, ଆମ୍ଭମାନଙ୍କୁ ସର୍ବସ୍ୱ ପଣ କରି ଜୟଲାଭ କରିବାକୁ ହେବ । ସକଳ ବାଧା ଚୂର୍ଣ୍ଣ କର : ପ୍ରକାଶ ହୁଅ !

ଅଗଷ୍ଟ ୨୧, ୧୯୧୪ — ଶ୍ରୀମା



ଶ୍ରୀଅରବିନ୍ଦଙ୍କ ବାଣୀ

You have to develop the power and the habit of taking refuge in the protection of the Mother and myself. It is for this reason that the habit of criticising and judging by the outer mind or cherishing its preconceived ideas and formations must disappear. You should repeat always to yourself when it tries to rise, "Sri Aurobindo and the Mother know better than myself – they have the experience and knowledge which I have not – they must surely be acting for the best and in a greater light than that of ordinary human knowledge."

(Sri Aurobindo on Himself, P. 494*)* – Sri Aurobindo

ମୋର ଏବଂ ମା'ଙ୍କର ସୁରକ୍ଷା ମଧ୍ୟରେ ଆଶ୍ରୟ ନେବାର ସାମର୍ଥ୍ୟ ଓ ଅଭ୍ୟାସକୁ ତୁମକୁ ବୃଦ୍ଧି କରିବାକୁ ହେବ । ଏହି କାରଣରୁହିଁ ବାହ୍ୟ ମନରେ ସମାଲୋଚନା କରିବା ଓ ବିଚାର କରିବା ଅଥବା ଏହାର ପୂର୍ବକଳ୍ପିତ ଧାରଣା ଓ ଗଠନକୁ ପୋଷଣ କରିବାର ଅଭ୍ୟାସକୁ ମୂଳପୋଛ କରିଦେବାକୁ ହେବ । ଯେତେବେଳେ ଏହା ମୁଣ୍ଡ ଟେକିବାକୁ ଚେଷ୍ଟା କରିବ ସେତେବେଳେ ନିଶ୍ଚିତ ରୂପେ ନିଜ ଭିତରେ ସର୍ବଦା ଆବୃତ୍ତି କର, ''ଶ୍ରୀଅରବିନ୍ଦ ଓ ଶ୍ରୀମା ମୋ'ଠାରୁ ଖୁବ୍ ଭଲ ଭାବରେ ଜାଣନ୍ତି – ସେମାନଙ୍କର ଯେଉଁ ଅଭିଜ୍ଞତା ଓ ଜ୍ଞାନ ଅଛି ମୋର ତାହା ନାହିଁ – ସେମାନେ ସାଧାରଣ ମନୁଷ୍ୟର ଜ୍ଞାନ ଅପେକ୍ଷା ଏକ ବୃହତ୍ତର ଆଲୋକ ଦ୍ୱାରା ଯାହା ସର୍ବୋତ୍ତମ ତାହାହିଁ ନିଶ୍ଚୟ କରିବେ ।''

– ଶ୍ରୀଅରବିନ୍ଦ



ମନ୍ତ୍ରମୟୀ ସାବିତ୍ରୀ

ଦ୍ୱିତୀୟ ପର୍ବ : ଦ୍ୱାଦଶ ସର୍ଗ, ଆଦର୍ଶର ସ୍ୱର୍ଗସମୂହ
(The Heavens of the Ideal)

(୬)

ଶ୍ରୀଅରବିନ୍ଦ

On their summits they bear up the
sleepless Flame;
Dreaming of a mysterious Beyond,
Transcendent of the paths of Fate and Time,
They point above themselves with index peaks
Through a pale-sapphire ether of god-mind
Towards some gold Infinite's apocalypse.

ଆପଣା ଶିଖରାବଳୀରେ ସେମାନେ ବହନ କରୁଥା'ନ୍ତି ଅତନ୍ଦ୍ର ବହ୍ନିଶିଖା; ଏକ ରହସ୍ୟମୟ ପାରାନ୍ତରର (ସେପାରିର) ସ୍ୱପ୍ନ ଦେଖି, ନିୟତି ଓ କାଳର ସରଣୀରାଜି ଅତିକ୍ରମ କରି, ଶୃଙ୍ଗସକଳ ଦ୍ୱାରା ସେମାନେ ଆପଣାର ଊର୍ଦ୍ଧ୍ୱଦେଶ ପ୍ରତି ତର୍ଜନୀ ନିର୍ଦ୍ଦେଶ ପୂର୍ବକ ଦେବ-ମାନସର ଏକ ଇଷତ୍‌ଦାଭ ଇନ୍ଦ୍ରନୀଳ ବ୍ୟୋମ ମଧ୍ୟଦେଇ ଦେଖାଇଦିଅନ୍ତି ହିରଣ୍ମୟ ଅସୀମଙ୍କର କିୟତ୍ ପୂର୍ଣ୍ଣପ୍ରକାଶ ।

A thunder rolling mid the hills of God,
Tireless, severe is their tremendous Voice:
Exceeding us, to exceed ourselves they call
And bid us rise incessantly above.

ଈଶ୍ୱରଙ୍କର ଶୈଳପୁଞ୍ଜ ମଧ୍ୟରେ ଗର୍ଜନରତ ଏକ ବଜ୍ରନାଦ ପରି କ୍ଲାନ୍ତିହୀନ, କଠୋର ସେମାନଙ୍କ ସୁବିପୁଳ କଣ୍ଠସ୍ୱର : ଆମକୁ ଅତିକ୍ରମ କରି ରହିଛନ୍ତି ସେମାନେ, ନିଜକୁ ଅତିକ୍ରମ କରିଯିବା ଲାଗି ସେମାନେ ଆମକୁ ଆହ୍ୱାନ କରନ୍ତି ଏବଂ ଅବିରାମ ଊର୍ଦ୍ଧ୍ୱକୁ ଉଠିଚାଲିବାକୁ ଆମକୁ ଦିଅନ୍ତି ଆଦେଶ ।

Far from our eager reach those summits live,
Too lofty for our mortal strength and height,
Hardly in a dire ecstasy of toil
Climbed by the spirit's naked athlete will.

ଆତ୍ମମାନଙ୍କର ଉତ୍ସୁକ ପହଞ୍ଚର ସୁଦୂରରେ ଅବସ୍ଥିତ ସେହି ଶିଖରମାଳା, ଏକାନ୍ତ ଦୁରାରୋହ ସେସବୁ ଆମର ମର୍ତ୍ତ୍ୟ ସାମର୍ଥ୍ୟ ଓ ଉଚ୍ଚତା ନିମନ୍ତେ, ଶ୍ରମର ଏକ ଅତ୍ୟୁଲ୍ଲାସରେ ଚୈତନ୍ୟର ନଗ୍ନ କ୍ରୀଡ଼ାକୁଶଳ ସଙ୍କଳ୍ପ ଦ୍ୱାରା ସେସବୁର ଆରୋହଣ କ୍ୱଚିତ୍ ସମ୍ଭବପର ହୋଇଥାଏ ।

Austere, intolerant they claim from us
Efforts too lasting for our mortal nerve
Our hearts cannot cleave to nor
our flesh support;
Only the Eternal's strength in us can dare
To attempt the immense adventure
of that climb
And the sacrifice of all we cherish here.

ନିଷ୍କରୁଣ, ଅସହିଷ୍ଣୁ ସେମାନେ ଆମଠାରୁ ଦାବି କରନ୍ତି ଏପରି ସୁଦୀର୍ଘ ପ୍ରୟାସସକଳ ଯାହା ଦୁର୍ବିଷହ ଆମର ନଶ୍ୱର ସ୍ନାୟୁତନ୍ତ୍ରୀ ପାଇଁ, ଯହିଁରେ ଲାଖି ରହି ପାରେନା ଆମର ହୃଦୟ ଅଥବା ଯାହାକୁ ସମ୍ଭାଳି ପାରେନା ଆମ ରକ୍ତମାଂସର ଦେହ; ଆମ ଅନ୍ତରସ୍ଥ ଶାଶ୍ୱତଙ୍କର ସାମର୍ଥ୍ୟ କେବଳ ସେହି ଆରୋହଣର ବିପୁଳାଭିଯାନ ତଥା ଏଠାରେ ଆମର ସଯତ୍ନପୋଷିତ ସବୁକିଛିକୁ ଉତ୍ସର୍ଗ କରିବା ନିମନ୍ତେ ପ୍ରଚେଷ୍ଟା ଚଳାଇବାକୁ ଦୁଃସାହସ କରିପାରେ ।

Our human knowledge is a candle burnt
On a dim altar to a sun-vast Truth;
Man's virtue, a coarse-spun ill-fitting dress,
Apparels wooden images of Good;
Passionate and blinded, bleeding,
stained with mire
His energy stumbles towards a deathless Force.

ଆତ୍ମମାନଙ୍କର ମାନୁଷୀ ଜ୍ଞାନ ଏକ ଅନୁଜ୍ଜ୍ୱଳ ବେଦୀ ପରେ

(*ଅବଶିଷ୍ଟାଂଶ ପୃଷ୍ଠା ୧୫ରେ ଦେଖନ୍ତୁ*)

ଶାନ୍ତ ରହିବାକୁ ଶିକ୍ଷା କର

ଶ୍ରୀମା

କର୍ମର ଭ୍ରାନ୍ତି

ଉତ୍ତେଜନା, କ୍ଷିପ୍ରତା ଏବଂ ଅସ୍ଥିରତା ତୁମକୁ କେଉଁଠାରେ ହେଲେ ପହଞ୍ଚାଇ ଦେଇ ପାରିବ ନାହିଁ । ଏହା ସମୁଦ୍ର ଉପରର ଫେଣ ଭଳି; ଏହା ଏକ ପ୍ରକାର ହୋ-ହଲ୍ଲା, ତୁମ୍ବି ତୋଫାନ, ଯାହା ଆପଣାଛାଏଁ ଉଭେଇ ଯାଏ । ଲୋକଙ୍କର ଗୋଟିଏ ଧାରଣା ଅଛି ଯେ ଯଦି ସେମାନେ ପ୍ରତିମୁହୂର୍ତ୍ତରେ ଧାଁ-ଦୌଡ଼ ନ କରିବେ ଏବଂ ଉତ୍ତେଜନାପୂର୍ଣ୍ଣ କର୍ମ ଭିତରେ ଯଦି ବ୍ୟସ୍ତ ନ ରହିବେ, ତା'ହେଲେ ସେମାନେ କିଛି କାର୍ଯ୍ୟ କରୁ ନାହାନ୍ତି । ଏହି ତଥାକଥିତ ହଇଚଇ ଦ୍ୱାରା କିଛି ପରିବର୍ତ୍ତନ କରାଯାଇ ପାରିବ ବୋଲି ଯଦି କେହି ଭାବୁଥା'ନ୍ତି, ତେବେ ତାହା ଏକ ବିଭ୍ରାନ୍ତି । ଏହା ହେଉଛି ଗୋଟିଏ କପ୍‌ରେ କପେ ପାଣି ନେଇ ସେଇ ପାଣିକୁ ଚାମଚରେ ଘାଣ୍ଟିବା ଭଳି ବ୍ୟାପାର; ସେଥିରେ ଅବଶ୍ୟ ପାଣି ଘାଣ୍ଟି ହେଉଥାଏ, କିନ୍ତୁ ତଦ୍ଦ୍ୱାରା ପାଣିର କିଛି ପରିବର୍ତ୍ତନ ହେଉ ନ ଥାଏ । କର୍ମକୁ ନେଇ ଯେଉଁ ଭ୍ରାନ୍ତ ଧାରଣା ଥାଏ, ତାହା ମଣିଷ ପ୍ରକୃତିର ସବୁଠାରୁ ଏକ ବଡ଼ ଭ୍ରମ । ଏହା ଅଗ୍ରଗତିରେ ବାଧା ଦିଏ କାରଣ ଏହା ସର୍ବଦା ତୁମକୁ ଏକ ଉତ୍ତେଜନାପୂର୍ଣ୍ଣ ଗତିବୃତ୍ତିରେ ପକାଇ ଥାଏ । ...

ଶାନ୍ତି ଭିତରେ, ନିରବତା ଭିତରେ ଏବଂ ସ୍ଥିରତା ଭିତରେ ଏ ପୃଥିବୀ ତିଆରି ହୋଇଥିଲା; ଏବଂ ପ୍ରତି ମୁହୂର୍ତ୍ତରେ ଯଦି ସତକୁ ସତ କେହି କିଛି ଗଢ଼ିବାକୁ ଚାହୁଁଥାଏ, ତାହାହେଲେ ଶାନ୍ତି, ନିରବତା ଓ ସ୍ଥିରତା ଭିତରେହିଁ ତାହା ନିଶ୍ଚୟ କିଛି କରିପାରିବ । ଏପରି ଭାବିବା ଅଜ୍ଞାନତା ଯେ ସକାଳୁ ସଞ୍ଜ ଯାଏ ତୁମେ ଖାଲି ଦୌଡ଼ୁଥିବ ଏବଂ ତୁଚ୍ଛ ଜିନିଷଗୁଡ଼ାକ ଉପରେ ପଣ୍ଡଶ୍ରମ କରି ଚାଲିଥିବ ଆଉ ଭାବୁଥିବ ଯେ ତଦ୍ଦ୍ୱାରା ତୁମେ ପୃଥିବୀ ନିମନ୍ତେ କିଛି ଗୋଟାଏ କରି ପକାଉଛ ।

ଶାନ୍ତ ରହିବାକୁ ଶିକ୍ଷା କର

ତୁମ ମୁଣ୍ଡ ଭିତରେ ନାନାଦି ଶବ୍ଦ ଓ ନାନାଦି ଚିନ୍ତା ଏପରି କର୍ଣ୍ଣ-ବିଦାରକ ଗୋଳମାଳ ସୃଷ୍ଟି କରନ୍ତି ଏବଂ ସେଗୁଡ଼ିକ ତୁମ ଭିତରେ ଏଭଳି ବଧିର ପରିବେଶ ସୃଷ୍ଟି କରନ୍ତି ଯେ ସତ୍ୟ ନିଜକୁ ପ୍ରକାଶ କରିବାକୁ ଚାହିଁଲେ ମଧ୍ୟ ତାହା ତୁମେ ଶୁଣି ପାର ନାହିଁ ।

କିପରି ଅବିଚଳିତ ଓ ନିରବ ରହିବାକୁ ହେବ ତାହା ଶିକ୍ଷା କରିବ ... ମନେକର ତୁମେ ଗୋଟିଏ ସମସ୍ୟାରେ ପଡ଼ିଛ, ସମାଧାନ ପାଇପାରୁ ନାହଁ, ତା'ହେଲେ ସେତେବେଳେ ସେଇ ସମସ୍ୟା ସମାଧାନର ସମ୍ଭାବନାଗୁଡ଼ିକ ବିଷୟରେ, ଫଳାଫଳ ବିଷୟରେ, ସେହି ସଂପର୍କୀୟ କର୍ତ୍ତବ୍ୟ, ଅକର୍ତ୍ତବ୍ୟ ବିଷୟରେ ତୁମ ମୁଣ୍ଡକୁ ଇତସ୍ତତଃ ଚିନ୍ତାରେ ନ ଖେଳାଇ ତୁମେ ଯଦି ଶୁଭେଚ୍ଛାମୂଳକ ଏକ ସଂକଳ୍ପରେ ଧୀର ଓ ଅବିଚଳିତ ରହିପାର କିଂବା ସମ୍ଭବ ହେଲେ କଲ୍ୟାଣମୟ ଇଚ୍ଛାଟିଏ ପୋଷଣ କରିପାର, ତା' ହେଲେ ସମାଧାନଟି ଖୁବ୍ ଶୀଘ୍ର ମିଳିଯିବ । ଏବଂ ତୁମେ ସେତେବେଳେ ନିରବ ଥିବାରୁ ସେକଥା ଶୁଣିପାରିବ ।

ତୁମେ ଯେତେବେଳେ ଏକ ବିପଦରେ ପଡ଼ିଯାଇଛ, ଏହି ଉପାୟଟି ଚେଷ୍ଟା କର : ଉତ୍‌କ୍ଷିପ୍ତ ହୋଇ ସବୁପ୍ରକାର ଚିନ୍ତାକୁ ଏପଟ ସେପଟ କରି ସମାଧାନ ପାଇଁ ଇତସ୍ତତଃ ଖୋଜି ପକାଇ ବ୍ୟସ୍ତ ବିବ୍ରତ ହୋଇ, ଧଇଁସଇଁ ହୋଇ, ମୁଣ୍ଡ ଭିତରେ ଏଣେତେଣେ ଦୌଡ଼ାଦୌଡ଼ି କରି, ସବୁକଥାକୁ ନଷ୍ଟଭ୍ରଷ୍ଟ କରିବା ପରିବର୍ତ୍ତେ ... **ନୀରବ ଆଉ ନିଶ୍ଚଳ ହୋଇ ରୁହ** । ଏବଂ ତୁମ ପ୍ରକୃତି ଅନୁଯାୟୀ ଶାନ୍ତି ଓ ସନ୍ତୋଷର ସହିତ କିଂବା ଗଭୀରତା ଓ ଉଦାରତାର ସହିତ କିଂବା ଏସବୁ କଥା ସହିତ ନୀରବରେ **ଆଲୋକକୁ** ଆବାହନ କର ଓ ତା'ର ଆଗମନକୁ ଧୈର୍ଯ୍ୟର ସହିତ ଅପେକ୍ଷା କରି ରୁହ ।

ଏହି ଭାବରେ ସମାଧାନର ବାଟଟି ଶୀଘ୍ର ମିଳିଯିବ ।

(The Great Adventure
A Diary for All Times ପୁସ୍ତିକାରୁ)

ଅନୁବାଦ : ମହାପାତ୍ର ନୀଳମଣି ସାହୁ ❑

ଆନ୍ତରିକତା

ଶେଖ ଅବଦୁଲ କାଶମ

ମନୁଷ୍ୟର ଚରମ ଲକ୍ଷ୍ୟ ହେଉଛି ଭାଗବତ ଚେତନା ସହିତ ସମ୍ମିଳିତ ହେବା ଏବଂ ଭଗବାନଙ୍କ ଦିବ୍ୟ ଅଭିବ୍ୟକ୍ତିରେ ଯୋଗ୍ୟ ଯନ୍ତ୍ରଟିଏ ହେବା । ଏହି ଲକ୍ଷ୍ୟଟିର ପୂରଣ ସକାଶେ ଅନେକ ଦିବ୍ୟଗୁଣର ଅଧିକାରୀ ହେବାକୁ ପଡ଼େ, ଯଥା : ଆନ୍ତରିକତା, ଧୈର୍ଯ୍ୟ, ସହିଷ୍ଣୁତା, ଅଭୀପ୍ସା, ବିନମ୍ରତା, ସାହସ, ଅଧ୍ୟବସାୟ, ନମନୀୟତା, କୃତଜ୍ଞତା, ବିଶ୍ୱାସ, ଆସ୍ଥା, ଆନୁଗତ୍ୟ, ଉଦାରତା, ସଜାଗତା, ଶୁଦ୍ଧତା, ପ୍ରଫୁଲ୍ଲତା, ସମର୍ପଣ ଇତ୍ୟାଦି । ଆଧ୍ୟାତ୍ମିକ ଯାତ୍ରାକୁ ସୁଗମ ଓ ସାର୍ଥକ କରିବା ପାଇଁ ଏଇ ପ୍ରତ୍ୟେକ ଗୁଣର ବିଶିଷ୍ଟ ଭୂମିକା ରହିଛି । ଏଗୁଡ଼ିକ ମଧ୍ୟରେ ଆନ୍ତରିକତା ଏପରି ଏକ ଗୁଣ ଯାହା ମଣିଷର ବ୍ୟକ୍ତିତ୍ୱ ଗଠନର ଭିତ୍ତି ହୋଇଥାଏ ତଥା ଆଧ୍ୟାତ୍ମିକ ବିକାଶର ସକଳ ପର୍ଯ୍ୟାୟରେ ପ୍ରଧାନତମ ଅବଲମ୍ବନ ଓ ସଂବଳନକାରୀ ଶକ୍ତି ହୋଇଥାଏ । ଆନ୍ତରିକତାରୁହିଁ ବ୍ୟକ୍ତିର ଅସଲ ପରିଚୟ ମିଳିଥାଏ । ଅନ୍ତରତମ ସତ୍ତାର ସର୍ବସାର ହେଉଛି ଆନ୍ତରିକତା । ବ୍ୟକ୍ତି ନିଜର ପ୍ରତିଭା ଓ ସାମର୍ଥ୍ୟ ବଳରେ ଯେତେ ବଡ଼ ସଫଳତା ଓ ସିଦ୍ଧିଲାଭ କରିଥିଲେ ସୁଦ୍ଧା ଯଦି ତା'ର ଆନ୍ତରିକତା ନଥାଏ, ତା'ର ବ୍ୟକ୍ତିତ୍ୱ ନିଷ୍ପ୍ରଭ, ଖଣ୍ଡିତ ଓ ଦୁର୍ବଳ ମନେହୁଏ । ଆନ୍ତରିକତାହୀନ ବ୍ୟକ୍ତି କାହାର ବିଶ୍ୱାସଭାଜନ ହୋଇପାରେ ନାହିଁ । ଆଧ୍ୟାତ୍ମିକତାର ଦୃଷ୍ଟିରେ ସେପରି ବ୍ୟକ୍ତିର ସ୍ଥାନ ସବୁଠୁ ନିମ୍ନରେ । ମାଆଙ୍କୁ ଥରେ ପ୍ରଶ୍ନ କରାଗଲା – ''ଆଧ୍ୟାତ୍ମିକ ଜୀବନ ଲାଗି ପ୍ରସ୍ତୁତ ହେବାକୁ ହେଲେ କେଉଁ ମୌଳିକ ଗୁଣ ଅନୁଶୀଳନ କରିବାକୁ ହେବ ?'' ମାଆଙ୍କ ଉତ୍ତର ଥିଲା – ''ଏହା ମୁଁ ଅନେକବାର କହିଛି । କିନ୍ତୁ ଏଥର ସେକଥାକୁ ପୁନରାବୃତ୍ତି କରିବାକୁ ସୁଯୋଗ ମିଳିଛି । ସେଇଟା ହେଉଛି ଆନ୍ତରିକତା ।''

ଯୋଗ ସାଧନା କ୍ଷେତ୍ରରେ ଆନ୍ତରିକତା ଏକ ନିହାତି ଅପରିହାର୍ଯ୍ୟ ଆବଶ୍ୟକତା । ଶ୍ରୀମା କହନ୍ତି – ତୁମେ ଯଦି ଆନ୍ତରିକ ନୁହଁ, ତେବେ ଯୋଗ ସାଧନା ଆରମ୍ଭ କର ନାହିଁ । କାରଣ ଏହା ଏକ ଅଗ୍ନି ଯାହା ତୁମକୁ ପୋଡ଼ି ଦେଇପାରେ । ଅର୍ଥାତ୍, ଯଦି ନିଷ୍ଠାରେ ଅଭାବ ରହିଛି, ଯଦି କପଟତା, ଛଳନା, ଆତ୍ମ-ପ୍ରତାରଣା ଓ ମିଥ୍ୟାଚାରିତା ରହିଛି ତାହାହେଲେ ସାଧକ ନାନା ବିପଦ ଓ ବିପର୍ଯ୍ୟୟ ଭିତରେ ନିପତିତ ହୋଇପାରେ । ତେବେ ଆନ୍ତରିକତା କହିଲେ କ'ଣ ବୁଝାଯାଏ ତାହା ପ୍ରଥମେ ଜାଣିବାକୁ ହେବ । ଶ୍ରୀମାଙ୍କ ଭାଷାରେ – "Sincerity means to lift all the movements of the being to the level of the higher consciousness and realisation already attained.

"Sincerity exacts the unification and harmonisation of the whole being in all its parts and movements around the central Divine Will.'' (Champaklal's Treasures, p. 29)

ଅର୍ଥାତ୍, ''ଆନ୍ତରିକତାର ଅର୍ଥ ହେଲା ସତ୍ତାର ସକଳ ଗତିବୃତ୍ତିକୁ ଅଧିଗତ ଉଚ୍ଚତର ଚେତନା ଓ ଉପଲବ୍ଧିର ସ୍ତରକୁ ଉତ୍ତୋଳିତ କରିନେବା ।

''ଆନ୍ତରିକତାର ଦାବି ହେଲା କେନ୍ଦ୍ରୀୟ ଦିବ୍ୟ ସଙ୍କଳ୍ପର ଚାରିପଟେ ସତ୍ତାର ସକଳ ଭାଗ ଓ ଗତିବୃତ୍ତିର ଏକୀକରଣ ଏବଂ ସମନ୍ୱୟସାଧନ ।''

ଏହି ରୂପେ ଆନ୍ତରିକତାକୁ ସାର୍ଥକ କରିବାକୁ ହେଲେ କେବଳ ବିଶ୍ୱସ୍ତତାର ଏକ ମନୋଭାବ ଯଥେଷ୍ଟ ହେବ ନାହିଁ । ବରଂ ଏପରି ଏକ ନିରବଚ୍ଛିନ୍ନ ପ୍ରୟାସର ଆବଶ୍ୟକତା ରହିଛି ଯଦ୍ଦ୍ୱାରା ଆମେ ଯାହା କିଛି ବି କରୁ ତାହା ଆମ ଚେତନା ଓ ଆଦର୍ଶର ସର୍ବୋତ୍ତମ ଶିଖରରୁ ଅଭିପ୍ରେରିତ ହୋଇଥିବା ଉଚିତ । ଆମର ଆନ୍ତରିକତା ରହିଛି କି ନାହିଁ ତାହା ଜାଣିବା ପାଇଁ ଆମେ ନିଜକୁ କେତୋଟି ପ୍ରଶ୍ନ ପଚାରି ପାରିବା, ଯଥା : ''ମୋ' ଦ୍ୱାରା କରାଯାଉଥିବା କାର୍ଯ୍ୟଟିକୁ ଭଗବାନ୍ ଅନୁମୋଦନ କରିବେ ତ ? ଏହି ପରିସ୍ଥିତିରେ ମୁଁ ଯାହା କରିବାକୁ ଚାହୁଁଛି ତାହା ପ୍ରତି ଭଗବାନଙ୍କ ସମର୍ଥନ ରହିଛି ତ ? ଭଗବାନଙ୍କ ଦୃଷ୍ଟି ସମକ୍ଷରେ ମୁଁ ଏହି କାର୍ଯ୍ୟ କରିବାଟା ଉଚିତ ହେବ କି ନାହିଁ ?'' ଇତ୍ୟାଦି । ଆମେ ଯେଉଁ ଆଦର୍ଶକୁ ନେଇ ବଞ୍ଚିବାକୁ ନିଷ୍ପତ୍ତି କରିଛୁ ତାହା ପ୍ରତି ଆମେ ଦୈନନ୍ଦିନ ଜୀବନର ଯାବତୀୟ କାର୍ଯ୍ୟରେ କେତେ ବିଶ୍ୱସ୍ତ ଓ ଅନୁଗତ ତାହାହିଁ ଆମର ଆନ୍ତରିକତାକୁ ନିର୍ଣ୍ଣୟ କରିବ । ଆମେ ଯଦି ନିଷ୍ଠାପର ଭାବେ ବିଶ୍ୱାସ କରୁଥାଉ ଯେ

ଭଗବାନଙ୍କ ଅନୁମୋଦନ ଆମ ସହିତ ରହିଛି ତାହାହେଲେ ଆମର ବିଚାର ଓ କାର୍ଯ୍ୟରେ ପ୍ରମାଦ ଥିଲେ ମଧ୍ୟ ଆମେ ତଜ୍ଜନିତ ମନ୍ଦ ପରିଣାମରୁ ରକ୍ଷା ପାଇଯାଇ ପାରିବା । ଆମ ଭିତରେ ଯଦି ଯଥାର୍ଥରେ ଆନ୍ତରିକତା ରହିଛି ଓ କୌଣସି ଅସଦିଚ୍ଛା ବା ଦୁରାଗ୍ରହ ନାହିଁ ତାହା ହେଲେ ଭଗବାନ୍ ଆମର ତ୍ରୁଟି ମାର୍ଜନା ଓ ତ୍ରୁଟି ସଂଶୋଧନ କରିବାକୁ ଆଗେଇ ଆସିବେ । ମା' ପ୍ରତିଶ୍ରୁତି ଦେଇଛନ୍ତି – "Be sincere and I am ready to correct your mistakes a thousand times if necessary."

(MCW, Vol. 14, p. 68)

ଅର୍ଥାତ୍, ''ଆନ୍ତରିକ ହୁଅ ଏବଂ ଯଦି ଆବଶ୍ୟକ ହୁଏ ମୁଁ ହଜାରେ ଥର ତୁମର ତ୍ରୁଟିଗୁଡ଼ିକୁ ସଂଶୋଧନ କରିବାକୁ ପ୍ରସ୍ତୁତ ଅଛି ।'' ଆନ୍ତରିକତାର ଅନୁଶୀଳନ କରିବା ସବୁଠୁ କଷ୍ଟସାଧ୍ୟ ବ୍ୟାପାର । ମାତ୍ର ଏହା ସବୁଠୁ ଅଧିକ ଫଳପ୍ରଦ ମଧ୍ୟ । ଯାହାର ପୂର୍ଣ୍ଣ ଆନ୍ତରିକତା ରହିଛି ସବୁକ୍ଷେତ୍ରରେ ତାହାର ବିଜୟ ସୁନିଶ୍ଚିତ ।

ଆମ ସତ୍ତାର ସକଳ ଉପାଦାନ, ସକଳ ବାହ୍ୟ ଓ ଆନ୍ତର ଗତିବୃତ୍ତି ଓ ସକଳ ଅଂଶ କେବଳ ଭଗବାନଙ୍କ ଲାଗିହିଁ ବଞ୍ଚିବାକୁ ଚାହିଁବେ, ସେମାନଙ୍କର ଏକମାତ୍ର ଇଚ୍ଛା ଓ ସଂକଳ୍ପ ହେବ ଭଗବାନଙ୍କର ହୋଇ ରହିବାକୁ । ସେମାନେ ଆପଣାର ଇଚ୍ଛାକୁ ଭୁଲିଯାଇ ଭଗବାନଙ୍କର ଇଚ୍ଛାକୁହିଁ ସର୍ବତୋଭାବେ ବରଣ କରିନେବେ । ଭଗବାନଙ୍କ ଇଚ୍ଛାହିଁ ଯେମିତି ବ୍ୟକ୍ତିର ସମଗ୍ର ସତ୍ତା ତଥା ଜୀବନରେ କାର୍ଯ୍ୟକାରୀ ହେବ ବା ପ୍ରକାଶିତ ହେବ ସେଥିପାଇଁ ସେ ଅଭିଳାଷ ରଖିବ । ଭଗବାନଙ୍କ ଶକ୍ତି ଓ ପ୍ରଭାବ ପ୍ରତି ସେ ଉନ୍ମୀଳିତ ହୋଇ ରହିବ । ଏହାହିଁ ଆନ୍ତରିକତା ।

[ମାଆଙ୍କ ବାଣୀ – "Sincerity consists in making all the elements of the being, all the movements (whether outer or inner), all the parts of the being, all of them, have one single will to belong to the Divine, to live only for the Divine, to will only what the Divine wills, to express only the divine Will, to have no other source of energy than that of the Divine." (CWM, Vol. 5, p. 5)]

ଥରେ ଜଣେ ମା'ଙ୍କୁ ପଚାରିଲେ – ''ମଧୁମୟୀ ମା, ଯୋଗ କିପରି ସାଧନା କରିବାକୁ ହୁଏ ?'' ମା'ଙ୍କ ଉତ୍ତର ଥିଲା – "Be wholly sincere, never try to deceive others. And try never to deceive yourself."

(CWM, Vol. 14, p. 70)

ଅର୍ଥାତ୍, ''ସମ୍ପୂର୍ଣ୍ଣ ଆନ୍ତରିକ ହୁଅ, ଅନ୍ୟମାନଙ୍କୁ ପ୍ରତାରିତ କରିବାକୁ ଚେଷ୍ଟା କର ନାହିଁ । ଏବଂ ନିଜକୁ ମଧ୍ୟ କେବେ ପ୍ରତାରିତ କରିବାକୁ ଚେଷ୍ଟା କର ନାହିଁ ।''

ଅନେକ ସମୟରେ ଆମେ ପ୍ରକୃତରେ ଯାହା ନୋହୁଁ ତାହା ଅଟୁ ବୋଲି ପ୍ରଦର୍ଶିତ କରୁ । ଏହା ଛଳନା ଓ ଆତ୍ମପ୍ରବଞ୍ଚନା । ପ୍ରକୃତ ଆନ୍ତରିକତା ଭିତରେ କୌଣସି ଛଳନା ବା କପଟତା ନଥାଏ । ଅନ୍ୟ କାହାକୁ ଠକିବା ବା ନିଜକୁ ଠକିବା, ଏହା ଅତ୍ୟନ୍ତ ବିପଜ୍ଜନକ । ଏହା ଦ୍ୱାରା ବ୍ୟକ୍ତି ଅଚେତନାର ଗଭୀର ଗର୍ତ୍ତରେ ନିପତିତ ହୁଏ । ସେଥିରୁ ବାହାରି ଆସିବା ଅତ୍ୟନ୍ତ କଠିନ ହୋଇପଡ଼େ । ମାଆ କହନ୍ତି ଆପଣାକୁ ପ୍ରତାରିତ କରିବାର ଶହ ଶହ ମାର୍ଗ ଅଛି । ପ୍ରତ୍ୟେକଟି ଅନ୍ୟଟିଠାରୁ ଅଧିକ ଶଠତାପୂର୍ଣ୍ଣ ଓ ପ୍ରବଞ୍ଚନାପୂର୍ଣ୍ଣ । ଅଧିକାଂଶ ମନୁଷ୍ୟଙ୍କଠାରେ ଆପଣାକୁ ପ୍ରତାରିତ କରିବାର ଏହି ପୁରାତନ ଓ ଦୃଢ଼ମୂଳ ଅଭ୍ୟାସ (inveterate habit) ରହିଥାଏ ।

ଯେତେବେଳେ ଆମର ସକଳ ଚିନ୍ତା, ସକଳ ଆବେଗ ଓ ଇନ୍ଦ୍ରିୟାନୁଭୂତି ଏବଂ ସକଳ କର୍ମ ଆମ ସତ୍ତାର କେନ୍ଦ୍ରୀୟ ସତ୍ୟକୁହିଁ ଅଭିବ୍ୟକ୍ତ କରନ୍ତି, ତାହାକୁ ଆମେ ପ୍ରକୃତ ଆନ୍ତରିକତା ବୋଲି କହିବା । ନିଜ ସତ୍ତା ଭିତରେ କୌଣସି ଅନ୍ତର୍ବିରୋଧକୁ ସ୍ଥାନ ନଦେଇ ନିଷ୍ଠାପର ଭାବେ ସାଧନା କଲେ ମନ-ପ୍ରାଣରେ ସ୍ଥିରତା ଓ ଶକ୍ତିର ସଞ୍ଚାର ଘଟେ, ଫଳରେ ଜଣେ ସମସ୍ତ ପ୍ରକାର ପରିସ୍ଥିତିର ମୁକାବିଲା କରିପାରେ । ଏ କ୍ଷେତ୍ରରେ ଆତ୍ମ ଆତ୍ମହାର ମହତ୍ତ୍ୱପୂର୍ଣ୍ଣ ଭୂମିକା ରହିଛି । ପ୍ରତି ମୁହୂର୍ତ୍ତରେ ଆମେ ଆତ୍ମହା କରିବା ଉଚିତ ଯେ ଆମର ସକଳ ଭାବନା, ଆବେଗ, ବାଣୀ ଓ କର୍ମ ଆମର ସର୍ବୋଚ୍ଚ ଆଦର୍ଶ ବା ଲକ୍ଷ୍ୟ ସହିତ ସମସ୍ୱରିତ ଓ ସଂଗତିଯୁକ୍ତ ହୋଇ ରହିବ । ଅହଂଗତ ଦୃଷ୍ଟି ବା ବ୍ୟକ୍ତିଗତ ଅଭିପ୍ରାୟକୁ ଆଧାର କରି ଆମେ କିଛି ବି କରିବା ନାହିଁ । ଆମର କୌଣସି ବ୍ୟକ୍ତିଗତ ରୁଚି, ପସନ୍ଦ ବା ଆସକ୍ତି ନ ରହିବା ଉଚିତ । ସକଳ ବିଷୟରେ ଆମେ ଅନ୍ୟ କାହାକୁ ନୁହେଁ, କେବଳ ଭଗବାନଙ୍କୁହିଁ ସନ୍ତୁଷ୍ଟ କରିବା ପାଇଁ ଅଭିଳାଷ ରଖିଥିବା । ଆମେ ଯଦି ଆମର ଆନ୍ତର ସତ୍ୟ ଦ୍ୱାରା ପରିଚାଳିତ

ହେଉଥାଉ, ଯଦି ଆମେ ପ୍ରକୃତରେ ଆନ୍ତରିକ, ତାହାହେଲେ ଆମେ ଆପଣା ବିଷୟରେ ଅନ୍ୟମାନଙ୍କ ମତାମତ, ବିଚାର ବା ସମାଲୋଚନାକୁ ଆଦୌ ଖାତିର କରିବା ନାହିଁ । ଆମେ ନିଜକୁ ଜଣେ ସାଧୁ ବ୍ୟକ୍ତି ବା ଆଧ୍ୟାତ୍ମିକ ବ୍ୟକ୍ତି ବୋଲି ପ୍ରଦର୍ଶନ କରିବା ନାହିଁ । ଆମ କାର୍ଯ୍ୟ ପ୍ରତି ଅନ୍ୟମାନଙ୍କର ସମର୍ଥନ ଓ ପ୍ରଶଂସା ଲାଗି ମଧ୍ୟ କାମନା କରିବା ନାହିଁ ।

ମାଆ କହନ୍ତି, ଆମେ ଯେକୌଣସି ପଥ ଅନୁସରଣ କରୁନା କାହିଁକି, ସମର୍ପଣ, ଆତ୍ମଦାନ, ଭକ୍ତି, ଜ୍ଞାନ ଓ କର୍ମ ଆଦି ଯେକୌଣସି ମାର୍ଗରେ ଯିବାକୁ ଚାହୁଁଥିଲେ ମଧ୍ୟ ଆମ ପାଇଁ କେବଳ ଗୋଟିଏ ଉପାୟ ବା ମାର୍ଗ ରହିଛି, ତାହା ହେଲା ପୂର୍ଣ୍ଣ ଆନ୍ତରିକତା । ଏହି ପୂର୍ଣ୍ଣ ଆନ୍ତରିକତାକୁ ବୁଝାଇବାକୁ ଯାଇ ମାଆ ବାରଂବାର କହିଛନ୍ତି ଯେ ଆମେ କେବେହେଲେ ନିଜକୁ ପ୍ରତାରିତ କରିବାକୁ ଚେଷ୍ଟା କରିବା ନାହିଁ । ଆମ ସତ୍ତାର କୌଣସି ଅଂଶକୁ ତା'ର ଆପଣାର ବାଟରେ ଚାଲିବାକୁ ଛାଡ଼ିଦେବା ନାହିଁ । କୌଣସି ବାହାନା, ପ୍ରରୋଚନା, ଛଳନା ଓ ଦୋମୁହାଁପଣକୁ ପ୍ରଶ୍ରୟ ଦେବା ନାହିଁ । ଆତ୍ମଶ୍ଲାଘା, ସବୁ କଥାରେ ଆତ୍ମ-ସମର୍ଥନ (self-justification)ର ଅଭ୍ୟାସ, ବାସ୍ତବ ସ୍ଥିତିକୁ ଲୁଚାଇବାର ପ୍ରବୃତ୍ତି, ନିଜର ସ୍ୱାର୍ଥସିଦ୍ଧି ପାଇଁ ଗୁଡ଼ାଏ ଅସଙ୍ଗତ ଯୁକ୍ତି ଉପସ୍ଥାପନା କରିବାର ମନୋବୃତ୍ତି – ଏଗୁଡ଼ିକୁ ପରିହାର କରିବାକୁ ହେବ । ଭାବ ଓ ବିଚାରର ସ୍ୱଚ୍ଛତା ଅତ୍ୟନ୍ତ ଆବଶ୍ୟକ । ମନ୍ଦ ଅଭ୍ୟାସଗୁଡ଼ିକୁ ପରିତ୍ୟାଗ କରିବା ଲାଗି ନିଷ୍ଠାପର ଉଦ୍ୟମ କରୁଥିଲେ ଦିବ୍ୟ ସହାୟତା ଅବଶ୍ୟ ପ୍ରାପ୍ତ ହେବ ।

ମାଆ କହନ୍ତି, "All sincere effort to progress and get rid of dangerous habits is answered and supported by an active help from the Grace – but the effort must be *steady* and the aspiration must be *sincere*.''

(CWM, Vol. 14, p. 161)

ଅର୍ଥାତ୍, ''ଅଗ୍ରଗତି କରିବା ଏବଂ ବିପଜ୍ଜନକ ଅଭ୍ୟାସଗୁଡ଼ିକରୁ ମୁକ୍ତ ହେବା ଲାଗି କରାଯାଉଥିବା ସକଳ ଆନ୍ତରିକ ପ୍ରଚେଷ୍ଟାକୁ ଦିବ୍ୟକୃପାର ଏକ ସକ୍ରିୟ ସହାୟତା ପ୍ରତ୍ୟୁତ୍ତର ଦେଇଥାଏ ତଥା ସମର୍ଥନ କରିଥାଏ । କିନ୍ତୁ ପ୍ରଚେଷ୍ଟା ନିଶ୍ଚିତ ରୂପେ **ସ୍ଥିର** ଓ ସତତ ହେବା ଆବଶ୍ୟକ ଏବଂ ଅଭୀପ୍ସାକୁ ମଧ୍ୟ ନିଶ୍ଚିତ ଭାବେ **ଆନ୍ତରିକ** ହେବାକୁ ପଡ଼ିବ ।''

ଆନ୍ତରିକ ହେବା ଅର୍ଥ ସତ୍ତାର ସକଳ ଭାଗ ଏକୀଭୂତ ହୋଇ ଭଗବାନଙ୍କ ଆଡ଼କୁହିଁ ଅଭୀପ୍ସା ପୋଷଣ କରିବେ । ଗୋଟିଏ ଭାଗ ଭଗବାନଙ୍କୁ ବା ଦିବ୍ୟ ବସ୍ତୁକୁ ଆସ୍ପୃହା କରୁଥିବ ଏବଂ ଅନ୍ୟ ଭାଗଗୁଡ଼ିକ ସେଥିରେ ସହଯୋଗ କରିବାକୁ ମନା କରି ଦେଉଥିବେ ବା ବିଦ୍ରୋହ କରୁଥିବେ, ଏପରି ଯେମିତି ନହୁଏ । ଆସ୍ପୃହାରେ ଆନ୍ତରିକ ହେବାର ଅର୍ଥ ହେଲା ଭଗବାନଙ୍କ ସକାଶେହିଁ ଭଗବାନଙ୍କୁ ଲୋଡ଼ିବା; ନାମ, ଯଶ, ପ୍ରତିଷ୍ଠା, କ୍ଷମତା, ପ୍ରତିପତ୍ତି ବା ଅହଂଗତ ସନ୍ତୁଷ୍ଟି ପାଇଁ ନୁହେଁ । ଜଣେ ଯଦି ଆଧ୍ୟାତ୍ମିକ ଲକ୍ଷ୍ୟକୁ ବାଛି ନେଇଛି ତାହାହେଲେ ସେଇଟା ତା'ର ମନ, ପ୍ରାଣ ଓ ହୃଦୟକୁ ସମ୍ପୂର୍ଣ୍ଣ ଆବୋରି ରହିଥିବା ଉଚିତ । ଗୋଟିଏ ମୁହୂର୍ତ୍ତ ପାଇଁ ମଧ୍ୟ ସେ ସେହି ଲକ୍ଷ୍ୟରୁ ବିସ୍ମୃତ ହେବା ଅନୁଚିତ । ଜଣେ ସମ୍ପୂର୍ଣ୍ଣ ନିଷ୍ଠାପର ହୋଇଥିଲେ ଆଧ୍ୟାତ୍ମିକ ଲକ୍ଷ୍ୟର ପ୍ରତିକୂଳ କୌଣସି ବିଷୟ ସହିତ ସେ ଆଦୌ ସାଲିସ କରିବ ନାହିଁ । ମାଆ କହନ୍ତି –

''An uncompromising sincerity is the surest way to spiritual achievement.

Do not pretend – be.

Do not promise – act.

Do not dream – realise.''

(CWM, Vol. 14, p. 66)

ଅର୍ଥାତ୍, ''ଏକ ଅଟଳ ଆନ୍ତରିକତା ହେଉଛି ଆଧ୍ୟାତ୍ମିକ ଉପଲବ୍ଧି ଆଡ଼କୁ ନିଶ୍ଚିତତମ ମାର୍ଗ ।

ଛଳନା କର ନାହିଁ – ହୋଇ ଉଠ ।

ପ୍ରତିଜ୍ଞା କର ନାହିଁ – କାର୍ଯ୍ୟରେ ପରିଣତ କର ।

ସ୍ୱପ୍ନ ଦେଖ ନାହିଁ – ଉପଲବ୍ଧି କର ।''

ପୂର୍ଣ୍ଣ ଆନ୍ତରିକତାରେ ପହଞ୍ଚିବାକୁ ହେଲେ ଆମକୁ କେତୋଟି ପର୍ଯ୍ୟାୟ ଦେଇ ଯିବାକୁ ହୋଇପାରେ ।

ପ୍ରଥମ ପର୍ଯ୍ୟାୟ – ଏପଟେ ଗୋଟିଏ କଥା କହି ଅନ୍ୟ ପଟେ ଆଉ ଗୋଟିଏ କଥା ଭାବିବା ନାହିଁ । ଗୋଟିଏ ବସ୍ତୁକୁ ଦାବି କରି ଆଉ ଗୋଟିଏ ବସ୍ତୁକୁ କଦାପି ମନ କରିବା ନାହିଁ । ଗୋଟିଏ ଦିଗରେ ଅଗ୍ରଗତିକୁ ଇଚ୍ଛା କରୁଥିବା, ନିଜ ଭିତରର ତ୍ରୁଟିଗୁଡ଼ିକରୁ ମୁକ୍ତ ହେବାକୁ ଚାହୁଁଥିବା ଅଥଚ ଅନ୍ୟଦିଗରେ ଚେତନା ଭିତରେ ବାସନାଗୁଡ଼ିକୁ ସଞ୍ଚିତ କରି ରଖିଥିବା ବା ଲୁଚାଇ ରଖିଥିବା – ଏହି ପ୍ରକାର ଦ୍ୱୈତ ପ୍ରକୃତି ବା ଆତ୍ମ-ବିରୋଧ (self-contradiction)କୁ ପ୍ରଶ୍ରୟ ଦେବା ନାହିଁ ।

ଦ୍ୱିତୀୟ ପର୍ଯ୍ୟାୟ – ସତ୍ତାର ଗୋଟିଏ ଭାଗରେ

ଅଭୀପ୍ସା ରହିଥିବ, ଏବଂ ଆମେ ଯାବତୀୟ ତ୍ରୁଟି ଓ ଅପୂର୍ଣ୍ଣତାଗୁଡ଼ିକୁ ଅତିକ୍ରମ କରିଯିବା ଅତି ଆବଶ୍ୟକ ବୋଲି ଭାବୁଥିବା, ଅଥଚ ଅନ୍ୟପଟେ ସତ୍ତାର ଅନ୍ୟଭାଗମାନ ସେହି ଦୋଷ ଓ ଅପୂର୍ଣ୍ଣତାଗୁଡ଼ିକୁ ଲୁଚାଇ ରଖିବାରେ ଲାଗିଥିବେ, ସେଗୁଡ଼ିକୁ ପଦାକୁ ଆସିବାକୁ ଦେଉ ନଥିବେ – ଏପରି ଲଜ୍ଜାଜନକ ଦୟନୀୟ ପରିସ୍ଥିତିରୁ ମୁକ୍ତ ହେବାକୁ ପଡ଼ିବ ।

ତୃତୀୟ ପର୍ଯ୍ୟାୟ – ସତ୍ତାର ସକଳ ଭାଗ ଦିବ୍ୟ ପରମସତ୍ତାଙ୍କ ଲାଗି ରହିଥିବା ଅଭୀପ୍ସାର ଅନୁକୂଳ ହୋଇ ରହିବ ।

ଏହିପରି ବିଭିନ୍ନ ପର୍ଯ୍ୟାୟ ଦେଇ ଗତି କରି ବ୍ୟକ୍ତି ନିରନ୍ତର ପ୍ରଚେଷ୍ଟା ଓ ଅଧ୍ୟବସାୟ ଦ୍ୱାରା ପୂର୍ଣ୍ଣ ଆନ୍ତରିକତାରେ ପହଞ୍ଚେ । ସତ୍ତାର କେନ୍ଦ୍ରରେ ଦିବ୍ୟ ଚେତନାକୁ ଅଧିଷ୍ଠିତ କରିଥିଲେ ଏବଂ ସେହି ଚେତନାକୁ ଯାବତୀୟ ଟିକିନିଖି କ୍ଷେତ୍ରରେ ବ୍ୟକ୍ତ କରିଦେଇ ପାରିଲେ ପରିପୂର୍ଣ୍ଣ ଆନ୍ତରିକତା ସମ୍ଭବ ହେବ । ଯାହା ଘଟିଲେ ବି ପ୍ରତ୍ୟେକ ମୁହୂର୍ତ୍ତରେ ଦିବ୍ୟ ପରମ ଇଚ୍ଛାକୁହିଁ ଇଚ୍ଛା କରିବାକୁ ହେବ । ସମଗ୍ର ସତ୍ତା ପୂର୍ଣ୍ଣ ଭାବରେ ଏକମତ ସହ ଏକ ସ୍ୱରରେ କହି ପାରୁଥିବା ଉଚିତ – ''ହେ ପରମ ପ୍ରଭୁ, ତୁମର ଇଚ୍ଛାହିଁ ପୂର୍ଣ୍ଣ ହେଉ ।'' ବାସ୍ତବରେ ସମ୍ପୂର୍ଣ୍ଣ ଆନ୍ତରିକତା ଏକ ବିରଳ କଥା । ଆନ୍ତରିକତାରେ ପୂର୍ଣ୍ଣତା ଆଣିବା ପାଇଁ ଆମକୁ ଦୃଢ଼ ଆଧ୍ୟାତ୍ମିକ ପ୍ରୟାସ ସହ ଦିବ୍ୟ କରୁଣା ଉପରେ ନିର୍ଭରଶୀଳ ହେବାକୁ ପଡ଼ିବ ।

ଶ୍ରୀଅରବିନ୍ଦ କହନ୍ତି – "To be absolutely sincere, straightforward, open, is not an easy achievement for human nature. It is only by spiritual endeavour that one can realise it – and to do it needs a severity of introspective self-vision, an unsparing scrutiny of self-observation of which many sadhaks and yogis even are not capable. ..."

(CWSA, Vol. 29, p. 51)

ଅର୍ଥାତ୍, ''ପରିପୂର୍ଣ୍ଣ ଭାବେ ଆନ୍ତରିକ, ନିଷ୍କପଟ ଓ ଉନ୍ମୁକ୍ତ ହେବା ମାନୁଷୀ ପ୍ରକୃତି ପକ୍ଷରେ ସହଜସାଧ୍ୟ ନୁହେଁ । କେବଳ ଆଧ୍ୟାତ୍ମିକ ପ୍ରୟାସ ବଳରେ ଜଣେ ଏହାକୁ ଉପଲବ୍ଧି କରିପାରେ – ଏଥିପାଇଁ ଯାହା ଆବଶ୍ୟକ ତାହା ହେଲା ଏକ ତୀବ୍ର ଆତ୍ମ-ପରୀକ୍ଷାମୂଳକ ଆତ୍ମଦୃଷ୍ଟି, ଆତ୍ମ-ପର୍ଯ୍ୟବେକ୍ଷଣର ଏକ କଠୋର ପୁଙ୍ଖାନୁପୁଙ୍ଖ ଅନୁସନ୍ଧାନ, ଯାହା କରିବା ପାଇଁ ଅନେକ ସାଧକ, ଏପରିକି ଯୋଗୀମାନେ ମଧ୍ୟ ସମର୍ଥ ହୋଇ ନଥା'ନ୍ତି । ...''

ଆମେ ଯଦି ତୀକ୍ଷ୍ଣ ଦୃଷ୍ଟି ନେଇ ନିଜ ଭିତରକୁ ନିରୀକ୍ଷଣ କରିବା ତାହାହେଲେ ଆମ ଭିତରେ ଶହ ଶହ ନିଷ୍ଠାହୀନତା ଥିବା ଦେଖି ପାରିବା । ଆମର ସାଧାରଣ ମନୋଭାବରେ ଆମେ ଆନ୍ତରିକ ହେବାକୁ ଚେଷ୍ଟା କରୁଥିଲେ ମଧ୍ୟ ବହୁସଂଖ୍ୟକ ନିଷ୍ଠାହୀନତା ଆମ ଭିତରେ ବସା ବାନ୍ଧି ଆମର ଅଗ୍ରଗତିକୁ ବ୍ୟାହତ କରୁଥା'ନ୍ତି । ଆମେ କେତେବେଳେ ନିଜର ଦୋଷଗୁଡ଼ିକୁ ସ୍ୱାଭାବିକ ଓ ଅପରିବର୍ତ୍ତନୀୟ ବୋଲି ଭାବୁଥାଉ, ଆଉ କେତେବେଳେ ସେଗୁଡ଼ିକ ଯଥାର୍ଥ ବୋଲି ମଧ୍ୟ ସାବ୍ୟସ୍ତ କରିବାରେ ଲାଗିଥାଉ ଅଥବା ଆଉ କେତେବେଳେ ଆମ ତ୍ରୁଟିଗୁଡ଼ିକ ଲାଗି ଅନ୍ୟମାନଙ୍କ ଉପରେ ଦୋଷାରୋପ କରିବାକୁ ମଧ୍ୟ ବାହାରି ପଡୁ । ତେଣୁ ଆମକୁ ଏକ ଶାନ୍ତ ନୀରବ ମନ ନେଇ ନିଜର ଅପୂର୍ଣ୍ଣତାଗୁଡ଼ିକୁ ବିଚାର କରିବାକୁ ହେବ ଏବଂ ତା'ର ଦୂରୀକରଣ ପାଇଁ ବିହିତ ପଦକ୍ଷେପ ନେବାକୁ ହେବ । ଆମର ପ୍ରତ୍ୟେକ ଦିନର ଯାବତୀୟ ଘଟଣାବଳୀ, ଆମର ଚିନ୍ତା, ଆବେଗ, କ୍ରିୟା-ପ୍ରତିକ୍ରିୟାଗୁଡ଼ିକୁ ଯଦି ଆମେ ତନ୍ନ ତନ୍ନ କରି ପରୀକ୍ଷା କରି ଦେଖିବା ଏବଂ ସେଗୁଡ଼ିକୁ ଆମର ସର୍ବୋଚ୍ଚ ଆଦର୍ଶ ଓ ଅଭୀପ୍ସା ସହିତ ଯୋଡ଼ି କରି ଦେଖିବା ତାହାହେଲେ ଆମେ ଜାଣି ପାରିବା ଆମର ଆନ୍ତରିକତାର ସ୍ତର କେଉଁଠି । ''କେବଳ ଭଗବାନଙ୍କ ଲାଗି ମୁଁ ବଞ୍ଚୁଛି କି ? ଭଗବାନଙ୍କ ଛଡ଼ା ଆଉ ସବୁକିଛି ମୋତେ ଅର୍ଥହୀନ ଓ ମୂଲ୍ୟହୀନ ମନେ ହେଉଛି କି ?'' – ଏକଥା ନିଜକୁ ପଚାରି ନିଜର ଅଭୀପ୍ସାକୁ ପରଖି ନେବାକୁ ହେବ । ଆପଣାର ସ୍ୱଭାବ ଓ ମନୋଭାବକୁ ଶୁଦ୍ଧ କରି ଆନ୍ତରିକତାକୁ କ୍ରମଶଃ ବୃଦ୍ଧି କରିବାକୁ ହେବ । କେବଳ ଭଗବାନଙ୍କ ଲାଗି ଜୀବନ ବଞ୍ଚିବାରେ ଯେଉଁ ସ୍ୱର୍ଗୀୟ ଆନନ୍ଦ ରହିଛି ତା'ର ଆସ୍ୱାଦନ କରିବା ଲାଗି ଆନ୍ତରିକତାହିଁ ସର୍ବୋତ୍ତମ ସାଧନ ଓ ପୁଞ୍ଜି । ମାଆ କହନ୍ତି – ''ତୁମେ ଯଦି ତୁମ ସତ୍ତାର ସକଳ ଉପାଦାନରେ ଏପରିକି ତୁମ ଶରୀରର କୋଷସ୍ତରରେ ମଧ୍ୟ ଆନ୍ତରିକ ହୋଇ ରହିଛ ଏବଂ ଯଦି ତୁମର ସମଗ୍ର ସତ୍ତା ଭଗବାନଙ୍କୁ ସମ୍ପୂର୍ଣ୍ଣ ରୂପେ ଚାହୁଁଛି ତାହାହେଲେ ତୁମର ବିଜୟ ସମ୍ପର୍କରେ ନିଶ୍ଚିତ ହୋଇପାର । କିନ୍ତୁ ଏହି ଆନ୍ତରିକତାରୁ ଟିକିଏ କମ୍ ହେଲେ ଚଳିବ ନାହିଁ । ଏହାକୁହିଁ ମୁଁ ଆନ୍ତରିକତା ବୋଲି କହେ ।''

ଆନ୍ତରିକତା ହେଉଛି ଏକ ବିକାଶଶୀଳ (Progressive) ପ୍ରକ୍ରିୟା । ବ୍ୟକ୍ତି ଭିତରେ ଆନ୍ତରିକତା କ୍ରମୋତ୍ତର ଭାବରେ ବୃଦ୍ଧି ପାଇବା ଆବଶ୍ୟକ । ଜଣେ ତା'ର ଅନୁଭବ ଓ ଉପଲବ୍ଧିକୁ ନେଇ ଯେତିକି ବିକଶିତ ହେଉଥିବ ତା' ଭିତରେ ଆନ୍ତରିକତା ମଧ୍ୟ ସେହି ଅନୁସାରେ ବୃଦ୍ଧି ଲାଭ କରିବ । ପରିପୂର୍ଣ୍ଣତା ଲାଭ କରିବାକୁ ଚାହୁଁଥିବା ବ୍ୟକ୍ତି ସବୁବେଳେ କିଛି ନା କିଛି ଅଗ୍ରଗତି କରି ଚାଲିବା ଉଚିତ । ଏଥିପାଇଁ ତାକୁ ଅଧିକରୁ ଅଧିକ ଆନ୍ତରିକ ହେବାକୁ ପଡ଼ିବ । ବିଶ୍ୱଜଗତର କ୍ରମବିକାଶ ସହ ତାଳ ଦେବାକୁ ହେଲେ ବ୍ୟକ୍ତି ଭିତରେ ଆନ୍ତରିକତାର କ୍ରମୋତ୍ତର ଭାବରେ ତଥା ଅନ୍ତହୀନ ଭାବରେ ବୃଦ୍ଧି ଘଟିବା ଆବଶ୍ୟକ । ଯଦି ଜଣେ ଚେତନା ଦୃଷ୍ଟିରୁ ଆଗକୁ ଅଗ୍ରସର ନହୋଇ କୌଣସି ସ୍ଥିତିରେ ଅଟକି ଯାଏ ତାହାହେଲେ ତାହାକୁ ନିଷ୍ଠାହୀନତା ବୋଲି କୁହାଯିବ । ଫଳରେ ଗତକାଲି ଯାହାକୁ ଆମେ ନିଷ୍ଠା ବୋଲି କହୁଥିଲୁ ତାହା ଆସନ୍ତାକାଲି ନିଷ୍ଠାହୀନତା ବୋଲି ବିବେଚିତ ହେବ । ଆଧ୍ୟାତ୍ମିକ ଚେତନା କ୍ଷେତ୍ରରେ ଯେତେ ଅଧିକ ଅଗ୍ରଗତି ହେଉଥିବ ଆନ୍ତରିକତାର ଆବଶ୍ୟକତା ସେତେ ବଢ଼ି ବଢ଼ି ଯାଉଥିବ । ଉଭୟ ସ୍ଥୂଳ ଓ ସୂକ୍ଷ୍ମ ସ୍ତରରେ ଟିକିନିଖି ସକଳ ବ୍ୟାପାରରେ ଆନ୍ତରିକତାକୁ ଦୃଢ଼ ଭାବେ ସ୍ଥାପିତ କରିବାକୁ ହେବ ।

(କ୍ରମଶଃ) ❑

ଆମ ଯୋଗର ଲକ୍ଷ୍ୟ ଓ ଉଦ୍ଦେଶ୍ୟ

ଆମ ଯୋଗର ଲକ୍ଷ୍ୟ ହେଲା ଚେତନାକୁ ଭଗବାନଙ୍କ ପ୍ରତି ଉନ୍ମୀଳିତ କରିବା ଏବଂ ଅଧିକରୁ ଅଧିକ ଆନ୍ତର ଚେତନା ମଧ୍ୟରେ ବାସ କରିବା; ଯେତେବେଳେ ବାହ୍ୟ ଚେତନାରେ କାର୍ଯ୍ୟ କରୁଥାଉ, ସେତେବେଳେ ଅନ୍ତର ମଧ୍ୟରୁ କାର୍ଯ୍ୟର ଆରମ୍ଭ ହେବା ଉଚିତ, ଯଦ୍ଦ୍ୱାରା ଗଭୀରତମ ପ୍ରଦେଶରେ ଥିବା ଚୈତ୍ୟକୁ ବାହ୍ୟ ଚେତନାକୁ ଆଣିହେବ ଏବଂ ଏହି ଚୈତ୍ୟ ଚେତନା ସମସ୍ତ ସତ୍ତାରେ ଆଣିବ ପରିବର୍ତ୍ତନ ଓ ତାହା ହେବ ବିଶୁଦ୍ଧ । ରୂପାନ୍ତର ପାଇଁ ଦିବ୍ୟଜ୍ଞାନ, ଦିବ୍ୟ ସଂକଳ୍ପଶକ୍ତି ଓ ଦିବ୍ୟପ୍ରେମ ସହିତ ଏକତ୍ୱ ପ୍ରାପ୍ତ ହେବା ପାଇଁ ସତ୍ତା ନିଜକୁ ପ୍ରସ୍ତୁତ କରିବ । ଦ୍ୱିତୀୟରେ ଯୋଗ-ଚେତନାର ବିକାଶ କରିବା; ଅର୍ଥାତ୍ ଚେତନାର ସମସ୍ତ ସ୍ତରରେ ସତ୍ତାକୁ ବିଶ୍ୱମୟ କରିବା, ଜାଗତିକ ସତ୍ତା ଓ ଜାଗତିକ ଶକ୍ତିସବୁ ବିଷୟରେ ସଚେତନ ହେବା ଏବଂ ଊର୍ଦ୍ଧ୍ୱମାନସ ପର୍ଯ୍ୟନ୍ତ ସମସ୍ତ ସ୍ତରରେ ଭଗବାନଙ୍କ ସହିତ ଏକତ୍ୱ ପ୍ରାପ୍ତ ହେବା । ତୃତୀୟରେ ଅଧିମାନସର ଊର୍ଦ୍ଧ୍ୱରେ, ବିଶ୍ୱାତୀତ ଭଗବାନଙ୍କ ସହିତ ଅତିମାନସ ଚେତନା ମାଧ୍ୟମରେ ସଂପର୍କ ରଖିବା, ଚେତନାକୁ ଓ ପ୍ରକୃତିକୁ ଅତିମାନସ ଧର୍ମୀ କରିବା ଏବଂ ସକ୍ରିୟ ପରମ ସତ୍ୟକୁ ଏବଂ ପାର୍ଥିବ ପ୍ରକୃତି ଭିତରେ ତାହାର ରୂପାନ୍ତରକାରୀ ଅବତରଣକୁ ଉପଲବ୍ଧି କରିବା ପାଇଁ ନିଜକୁ ଏକ ଯନ୍ତ୍ରରେ ପରିଣତ କରିବା ହେଉଛି ଆମର ଲକ୍ଷ୍ୟ ।

*

ଆମ ଯୋଗର ଲକ୍ଷ୍ୟ ହେଲା ଅତିମାନସ ଚେତନାକୁ ପୃଥିବୀ ଉପରକୁ ଅବତରଣ କରାଇ ଆଣିବା ଏବଂ ତାହାକୁ ଏଠାରେ ପ୍ରତିଷ୍ଠିତ କରିବା, ଅତିମାନସ ତତ୍ତ୍ୱ ଉପରେ ଆଧାରିତ ଏକ ନୂତନ ମାନବଜାତି ସୃଷ୍ଟି କରିବା ଯିଏକି ବ୍ୟକ୍ତି ଓ ସମୂହର ଆନ୍ତର ଜୀବନ ଓ ବାହ୍ୟ ଜୀବନକୁ ପରିଚାଳିତ କରିବ ।

— ଶ୍ରୀଅରବିନ୍ଦ

ଜ୍ଞାନ : ଅନ୍ୱେଷଣ, ଅର୍ଜନ ଓ ଉପଲବ୍ଧି

ମନୋଜ ଦାସ

ଜ୍ଞାନ ପର୍ଯ୍ୟାୟ
କାରିକା - ୧୬୦

"Shun the barren snare of an empty metaphysics and the dry dust of an unfertile intellectuality. Only that knowledge is worth having which can be made use of for a living delight and put out into temperament, action, creation and being."

(Thoughts and Aphorisms)

''ଶୂନ୍ୟଗର୍ଭ ତାତ୍ତ୍ୱିକତାର ନିଷ୍ଫଳ ପ୍ରଲୋଭନ ଏବଂ ମରୁପ୍ରାୟ ତର୍କବୁଦ୍ଧିର ଶୁଷ୍କ ଧୂଳିରାଶିଠୁଁ ଦୂରେଇ ରୁହ । କେବଳ ମାତ୍ର ସେହି ଜ୍ଞାନହିଁ ଶ୍ରେୟଃ ଯାହା ଜୀବନ୍ତ ଆନନ୍ଦ ଲାଭ ପାଇଁ କାମ ଦେଇପାରେ, ଯାହାକୁ ଚିତ୍ତବୃତ୍ତିରେ, କର୍ମରେ, ସୃଜନରେ ଓ ସତ୍ତାରେ (ଆମ ସତ୍ତାର ବିକାଶରେ) ରୂପାୟିତ କରାଯାଇପାରେ ।''

କାରିକା - ୧୬୧

"Become and live the knowledge thou hast; then is thy knowledge the living God within thee." (Thoughts and Aphorisms)

''ତୁମ ଭିତରେହିଁ ରହିଥିବା ଜ୍ଞାନର ପ୍ରତିମୂର୍ତ୍ତି ହୁଅ ଏବଂ ସେହି ଅନୁସାରେ ଜୀବନଯାପନ କର; ତାହାହେଲେ ତୁମ ଜ୍ଞାନହିଁ ହେବ ତୁମ ଭିତରର ଜାଗ୍ରତ୍ ଭଗବାନ୍ ।''

*

ପ୍ରଥମ କାରିକାଟି ପଢ଼ିବା ଅବସରରେ ପୁରୁଣା କଥାଟିଏ ମନେ ପଡ଼ିଲା । ଗୁରୁକୁଳର ସୁଯୋଗ୍ୟ ଅନ୍ତେବାସୀଟିଏ ଯେତେବେଳେ ଗୁରୁଙ୍କୁ କହେ, ''ଗୁରୁଦେବ ! ଆପଣଙ୍କ ଅନୁଗ୍ରହରୁ ବେଦ ବେଦାନ୍ତ ଓ ଷଡ୍ ଦର୍ଶନର ତତ୍ତ୍ୱ ବୁଝି ପାରିଛି; ଅନ୍ୟକୁ ବୁଝାଇ ପାରୁଛି ମଧ୍ୟ । କିନ୍ତୁ ଭିତରେ କାହିଁକି କେଜାଣି ସନ୍ତୋଷ ପାଉ ନାହିଁ ।'' ସେତେବେଳେ ଗୁରୁ କହନ୍ତି, ''ଡୁବନ୍ ଦେ, ବାବା, ଡୁବନ୍ ଦେ !''

ଅନ୍ୟ କେହି କେହି ଶିଷ୍ୟ ଯେତେବେଳେ ନିଜ ନିଜର ସେହି ଏକହିଁ ଅପୂର୍ଣ୍ଣତା କଥା କହନ୍ତି, ଗୁରୁ ମଧ୍ୟ ସେହି ଏକହିଁ ଉପଦେଶ ଦିଅନ୍ତି, ''ଡୁବନ୍ ଦେ, ବାବା, ଡୁବନ୍ ଦେ !''

ଗୁରୁଙ୍କର ଏ ଉପଦେଶର ତାତ୍ପର୍ଯ୍ୟ ଶିଷ୍ୟମାନେ ହୃଦୟଙ୍ଗମ କରନ୍ତି କି ନାହିଁ ଜଣା ନାହିଁ । ତେବେ ଗୁରୁଙ୍କ ଉକ୍ତିରେ ତାତ୍ପର୍ଯ୍ୟ ଯେ ରହିଛି, ସେ ବିଷୟରେ ସେମାନଙ୍କର ସନ୍ଦେହ ନ ଥାଏ ।

ଦିନେ ଗୁରୁ ଏବଂ ଶିଷ୍ୟମାନେ ନଈକୂଳ ତୋଟାରେ ବସିଛନ୍ତି, ଜଣେ ଶିଷ୍ୟକୁ ଶୋଷ ହେବାରୁ ସେ ନଇଁ ପଡ଼ି ନଈରୁ ଆଞ୍ଜୁଳାଏ ପାଣି ପିଇବା ବେଳେ ଦେଖିଲା ସ୍ଫଟିକ ସ୍ୱଚ୍ଛ ଜଳ-ରାଶି ତଳେ ଗୋଟାଏ ବଡ଼ ଧରଣର ସୁପକ୍ୱ ଆମ୍ବ ପଡ଼ିଛି । କିନ୍ତୁ ସେଠାରେ ପାଣି ବେଶ୍ ଗଭୀର ।

ତରୁଣଟି ଅନ୍ୟମାନଙ୍କର ଦୃଷ୍ଟି ଆକର୍ଷଣ କଲା ସେ ଆମ୍ବ ପ୍ରତି । ଜଣେ କହିଲା, ''ଏହାର ଉତ୍ପତ୍ତି ସ୍ଥଳ ଏଠାରୁ ଦୁଇ କ୍ରୋଶ ଦୂରବର୍ତ୍ତୀ ରାଜାଙ୍କ ତୋଟା । ସୁଅରେ ଗଡ଼ି ଗଡ଼ି ଚାଲି ଆସିଛି ।''

ଆଉ ଜଣେ କହିଲା, ''ଏହାର ଆକାର ପ୍ରକାର ଏବଂ ରଙ୍ଗରୁ ଏତକ ବୁଝି ହେବ ଯେ ଏହାର ସ୍ୱାଦ ବଡ଼ ମଧୁର ।''

ତୃତୀୟ ଜଣକ କହିଲା, ''ଏହାର ଉତ୍ପତ୍ତି ସ୍ଥଳ ରାଜାଙ୍କ ତୋଟା ହୋଇପାରେ, କିନ୍ତୁ ମୂଳତଃ ଏହା ହିମାଚଳ ଅଞ୍ଚଳର ଅବଦାନ ।''

''ହିମାଚଳ ମୁଲକରୁ ଆସି ଏଠିକା ମାଟିରେ ଏହାର ସ୍ୱାଦରେ ପରିବର୍ତ୍ତନ ହୋଇଛି କି ନା କିଏ ଜାଣେ !'' କହିଲେ ଚତୁର୍ଥ ଶିଷ୍ୟ ।

ଜଣେ ଗ୍ରାମୀଣ ନଈକୂଳ ରାସ୍ତାରେ ଯାଉ ଯାଉ ତରୁଣମାନଙ୍କ କୌତୂହଳ ଦେଖି ସେମାନଙ୍କ ପାଖକୁ ଆସି ପରିସ୍ଥିତି ବୁଝିଲା । କାଳ ବିଳମ୍ବ ନ କରି ସେ ନଈ ଭିତରକୁ

ଓହ୍ଲାଇଯାଇ ଡୁବ ଦେଲା ଓ ଆମ୍ବଟି ଉଦ୍ଧାର କରି ଉପରକୁ ଆସି ତହିଁରେ ଦାନ୍ତ ବସାଇଲା ।

''ବାଃ !'' କହି ସେ ଆମ୍ବଟି ଖାଉ ଖାଉ ପ୍ରସ୍ଥାନ କଲା ।

ଗୁରୁ ସବୁ ଦେଖୁଥିଲେ ଓ ଶୁଣୁଥିଲେ । ତରୁଣମାନେ ତାଙ୍କ ପାଖକୁ ଲେଉଟି ଆସନ୍ତେ ସେ କହିଲେ, ''ଏଥର ବୁଝିଲ ମୁଁ କାହିଁକି ଡୁବନ୍ ଦେବାକୁ କହେ ? ସେ ଲୋକଟି ଡୁବନ୍ ଦେଲା ବୋଲି ଆମ୍ବଟି ଅଧିକାର କଲା ଓ ତା'ର ସ୍ୱାଦ ଉପଭୋଗ କଲା । ତତ୍ତ୍ୱ ଜାଣିବା ଏବଂ ବୁଝିବା ଉତ୍ତମ କଥା; କିନ୍ତୁ ସେ ତତ୍ତ୍ୱ-ନିହିତ ସତ୍ୟ ଭିତରେ ଡୁବନ୍ ନଦେଲେ ତାକୁ ଉପଲବ୍ଧି କରିପାରିବ ନାହିଁ । ବିନା ଉପଲବ୍ଧିରେ ସନ୍ତୋଷ ମିଳିବ କାହୁଁ ?''

ପୃଥିବୀର ବୌଦ୍ଧିକ ଇତିହାସ କେତେ ପ୍ରକାର ଦର୍ଶନରେ ସମୃଦ୍ଧ । ପ୍ରତି ଦର୍ଶନର ଅନୁରକ୍ତଙ୍କ ସଂଖ୍ୟା ହଜାର ହଜାର, ଲକ୍ଷ ଲକ୍ଷ । ସେମାନଙ୍କ ଭିତରେ ପ୍ରତିଟି ଦର୍ଶନର ପ୍ରବକ୍ତା ଓ ବ୍ୟାଖ୍ୟାକାରଙ୍କ ସଂଖ୍ୟା ଶହ ଶହ । ନିଜ ନିଜ ଦର୍ଶନକୁ ନେଇ ସେମାନେ ଦିନ ଦିନ, ମାସ ମାସ, ବର୍ଷ ବର୍ଷ ଧରି ବାକ୍-ଯୁଦ୍ଧରେ ବ୍ୟାପୃତ ରହିପାରନ୍ତି, ଅନ୍ୟ ଦର୍ଶନକୁ ଖଣ୍ଡନ କରିପାରନ୍ତି; ଆଗ୍ରହୀ ଓ କୌତୂହଳୀ ବ୍ୟକ୍ତିବର୍ଗଙ୍କୁ ଚମତ୍କୃତ କରିପାରନ୍ତି । କିନ୍ତୁ ସେମାନଙ୍କ ବ୍ୟକ୍ତିଗତ ଚେତନାର ଗୁଣଗତ ବିକାଶ ପ୍ରାୟ ହୋଇ ନଥାଏ ।

ସତ୍ୟର ବହୁ ଦିଗ ଏବଂ ବହୁ ସ୍ତର । ଜଣେ ଯଦି ଆନ୍ତରିକ ଅନୁସନ୍ଧିତ୍ସା ଓ ବ୍ୟାକୁଳତା ସହକାରେ ସତ୍ୟର ଯେକୌଣସି ଦିଗ ବା ସ୍ତର ନିଜ ଜୀବନରେ ଅନୁଭବ କରିବାର ସାଧନା କରେ, ତେଣିକି ସେ ତୁଚ୍ଛା ଯୁକ୍ତି-ତର୍କ ଓ ସମର୍ଥନ ଖଣ୍ଡନ ଭଳି ବୁଦ୍ଧି-ସର୍ବସ୍ୱ ନିଶାର ଶିକାର ହୁଏ ନାହିଁ । ସେ ନୀରବରେ ସତ୍ୟକୁ ଉପଲବ୍ଧି କରେ; ଉପଲବ୍ଧି-ସମ୍ଭୂତ ସନ୍ତୋଷରେ ସେ ହୁଏ ଗରୀୟାନ୍ ।

ଆପଣାର ଉପଲବ୍ଧି ମାଧ୍ୟମରେ ଯିଏ ଜ୍ଞାନର ଅଧିକାରୀ ହୋଇଥାଏ, ସେ ପ୍ରୟୋଜନ ହେଲେ ନିଜ ଜ୍ଞାନକୁ ସରଳ, ସୁନ୍ଦର ଭାବରେ ଅଭିବ୍ୟକ୍ତ ମଧ୍ୟ କରିପାରେ । ଭଗବାନ୍ ଏକ ନା ଅନେକ – ଦାର୍ଶନିକ ସ୍ତରରେ ଏ ପ୍ରଶ୍ନ ଉପରେ କେତେ ଆଲୋଚନା ହୋଇଛି । ଥରେ ଯୋଗୀବର ବାମାକ୍ଷେପାଙ୍କୁ ଜଣେ ଜିଜ୍ଞାସୁ ଏ ପ୍ରଶ୍ନଟି କରନ୍ତେ, ସେ ଦେଲେ ଏହିପରି ଉତ୍ତର : ''ଏଥିରେ ଜଟିଳତା କ'ଣ ବାବା ? ଭଗବାନ୍ ତାଙ୍କ ସ୍ୱରୂପରେ ଏକ, କିନ୍ତୁ ତାଙ୍କ ରୂପରେ ବହୁ ।''

ସ୍ୱରୂପ ଓ ରୂପ – ଏ ଦୁଇଟି ମାତ୍ର ଶବ୍ଦ ଦ୍ୱାରା ସେ ଯେଉଁ ତତ୍ତ୍ୱ ବୁଝାଇ ଦେଲେ, ତାହା ଉପଲବ୍ଧି-ରହିତ କୌଣସି ଜ୍ଞାନୀଙ୍କ ଦ୍ୱାରା ସମ୍ଭବ ହୋଇ ନଥା'ନ୍ତା ।

ଅଧ୍ୟାତ୍ମ-ପଥର ପ୍ରାଥମିକ ଯାତ୍ରୀ ମାତ୍ରେ ଏତକ ଜାଣନ୍ତି ଯେ ଭଗବାନଙ୍କ ପାଖରେ କୁହନ୍ତୁ ବା ଦିବ୍ୟଜନନୀଙ୍କ ପାଖରେ କୁହନ୍ତୁ – ଆତ୍ମ-ସମର୍ପଣହିଁ ସର୍ବୋତ୍ତମ ପନ୍ଥା । ଆତ୍ମ-ସମର୍ପଣର ଅର୍ଥ ନିଜ ବ୍ୟକ୍ତିତ୍ୱ ବିସର୍ଜନ ନୁହେଁ । ତା'ର ଅର୍ଥ ଆମ ଅହଂ-ସର୍ବସ୍ୱ ମାମୁଲି ବ୍ୟକ୍ତିତ୍ୱର କ୍ରମାଗତ ବିସର୍ଜନ ଏବଂ ସେ ସ୍ଥାନରେ ଆମ ପ୍ରକୃତ ବ୍ୟକ୍ତିତ୍ୱର କ୍ରମାଗତ ସଂସ୍ଥାପନ । କିନ୍ତୁ ଏ ଜ୍ଞାନ ଥାଇ ମଧ୍ୟ ଆମେ ଏହାକୁ କ୍ୱଚିତ୍ କେବେ କାର୍ଯ୍ୟକାରୀ କରିଥାଉ । ଜ୍ଞାନକୁ ନିଜ ଜୀବନରେ କାର୍ଯ୍ୟକାରୀ ହେବାକୁ ଦେବାହିଁ ଜ୍ଞାନର ପ୍ରକୃତ ଉପଯୋଗ । ବୁଦ୍ଧିକୌଶଳ, ଆଲୋଚନା-ସମାଲୋଚନା, ତର୍କବିତର୍କ ଏବଂ ପ୍ରଦର୍ଶନ ଭଳି ଅଭ୍ୟାସ ଭିତରେ ଜ୍ଞାନକୁ ସୀମାବଦ୍ଧ ରଖିବା ଅର୍ଥହୀନ ।

ଆମ ଚେତନାର ଗଭୀରରେ ରହିଛି ପ୍ରକୃତ ଦିବ୍ୟଜ୍ଞାନ । ନିଜ ଜୀବନକୁ ସେ ଜ୍ଞାନ ଅନୁସାରେ ପୁନର୍ଗଠନ କରିବାହିଁ ଯଦି ସାଧନା ହେବ, ତେବେ ସେ ଜ୍ଞାନହିଁ ହେବ ଆମ ପାଇଁ ଭଗବାନ୍ । ବାହାରେ ତାଙ୍କୁ ଅନ୍ୱେଷଣ କରିବା ଅନାବଶ୍ୟକ ।

ଅନ୍ୱେଷଣ ପ୍ରଥମ ପର୍ଯ୍ୟାୟ, ଜ୍ଞାନାର୍ଜନ ଦ୍ୱିତୀୟ ପର୍ଯ୍ୟାୟ; କିନ୍ତୁ ଉପଲବ୍ଧିହିଁ ମହତ୍ତମ ପର୍ଯ୍ୟାୟ ।

['ପ୍ରଜ୍ଞା-ପ୍ରଦୀପିକା' ପୁସ୍ତକରୁ ସଂଗୃହୀତ,
ପୃଷ୍ଠା : ୨୫୮-୨୬୦]

❑❑❑

(ପୃଷ୍ଠା ୭ର ଅବଶିଷ୍ଟାଂଶ)

ସୂର୍ଯ୍ୟ-ବିଶାଳ ମହାସତ୍ୟ ଉଦ୍ଦେଶ୍ୟରେ ପ୍ରଜ୍ୱଳିତ ମହମବତୀଟିଏ; ମନୁଷ୍ୟର ସଦ୍‌ଗୁଣ, ଏକ ରୂଢ଼-ବୟନଯୁକ୍ତ ଅନୁପଯୋଗୀ ଶିଥିଳ ପରିଧାନ, ଯାହା ପରମ ମଙ୍ଗଳର ଦାରୁମୂର୍ତ୍ତିସକଳକୁ ବସ୍ତ୍ରାବୃତ କରେ; ଆବେଗୋନ୍ମତ୍ତ ଓ ଅନ୍ଧୀଭୂତ, ରକ୍ତାକ୍ତ, କର୍ଦ୍ଦମଲିପ୍ତ ମନୁଷ୍ୟର ଶକ୍ତି ସ୍ଖଳିତ ପଦରେ ଚାଲୁଥାଏ ଏକ ମୃତ୍ୟୁହୀନ ପରାକ୍ରମ ଅଭିମୁଖେ ।

(କ୍ରମଶଃ...)

ଗଦ୍ୟାନୁବାଦ : ରବୀନ୍ଦ୍ରନାଥ ପାଢ଼ୀ ❑

ପୃଥିବୀ-ଚେତନା ପାଇଁ ସାଧନା :

ପଣ୍ଡିଚେରୀରେ ଶ୍ରୀଅରବିନ୍ଦ

(୧୫୭)

ସ୍ୱାଧୀନତା ପ୍ରାପ୍ତି ପରେ :

ପଣ୍ଡିଚେରୀରେ ୧୫ ଅଗଷ୍ଟ, ୧୯୪୭ରେ ଘଟିଥିବା ଗଣ୍ଡଗୋଳ ସମ୍ବନ୍ଧରେ ଏକ ଲିଖିତ ବିବୃତି* :

ସମ୍ପାଦକ,
'ଦି ଷ୍ଟେଟ୍‌ସମ୍ୟାନ୍', କଲିକତା

ପଣ୍ଡିଚେରୀ,
୨୦ ଅଗଷ୍ଟ ୧୯୪୭

ମାନନୀୟ ମହାଶୟ,

ଶ୍ରୀଅରବିନ୍ଦ ଆଶ୍ରମ ସାମନାରେ ସତ୍ୟାଗ୍ରହ କରାଯାଇଥିଲା ବୋଲି ଆପଣଙ୍କର କାଗଜରେ ଖବର ପ୍ରକାଶ ପାଇଛି । ଏହା ଏକ ଗୁଜବ, ଯାହା ଭିତ୍ତିହୀନ ଓ ସତ୍ୟ ନୁହେଁ । ଏଠାରେ କୌଣସି ଧରଣର ସତ୍ୟାଗ୍ରହ କରାଯାଇ ନାହିଁ । ଆଶ୍ରମ ଉପରେ ଆକ୍ରମଣ ହୋଇଥିଲା ଯଦ୍ୱାରା ଜଣେ ଅନ୍ତେବାସୀ ଛୁରିକାଘାତରେ ମୃତ୍ୟୁ ବରଣ କରିଥିଲା ଏବଂ ଅନ୍ୟ କେତେଜଣ ଅନ୍ତେବାସୀ ଆହତ ହୋଇଥିଲେ, ତଦୁପରି ଆଶ୍ରମର ଏକାଧିକ ବାସଭବନ ଉପରେ ଢେଲା ଫୋପଡ଼ା-ଫୋପଡ଼ି ହୋଇଥିଲା । ଏହା ନିଶ୍ଚିତ ରୂପେ ହୋଇପାରେ ଯେ ଏହା ହେଉଛି ସତ୍ୟାଗ୍ରହର କୌଣସି ଏକ ଅଦ୍ଭୁତ ଓ ଅଭୂତପୂର୍ବ ରୂପରେଖ । ଆଶ୍ରମରେ '୧୫ ଅଗଷ୍ଟ ଦର୍ଶନ' ଶେଷ ହେବାର କେତେ ଘଣ୍ଟା ପରେହିଁ ଆକ୍ରମଣଟି ଘଟିଥିଲା । 'ଦର୍ଶନ' ଖୁବ୍ ଭଲଭାବରେ ପାଳିତ ହୋଇଥିଲା ଏବଂ ବେଶ୍ କେତେ ହଜାର ଦର୍ଶନାର୍ଥୀ ଏଥିରେ ଯୋଗ ଦେଇଥିଲେ । ଆକ୍ରମଣକାରୀଙ୍କ ମଧ୍ୟରେ ଅଧିକାଂଶ ଥିଲେ ସହରର ପେସାଦାର ଗୁଣ୍ଡା ଯେଉଁମାନଙ୍କୁ ଏହି କାର୍ଯ୍ୟ ତୁଲାଇବା ସକାଶେ ଭଡ଼ାରେ ଅଣାଯାଇ ନିୟୋଜିତ କରାଯାଇଥିଲା । ଆମ ବିବେଚନାରେ ଏହା ହେଉଛି ଏକ ନିର୍ଦ୍ଦିଷ୍ଟ ରାଜନୈତିକ ଦଳର ଦୀର୍ଘକାଳ ବ୍ୟାପୀ ବ୍ୟାପକ ପ୍ରଚାରର ଫଳାଫଳ ବା ଅନ୍ତିମ ପରିଣତି, ଯେଉଁମାନେ ଗତ ଦୁଇ ବର୍ଷ ଧରି ପାରୁପର୍ଯ୍ୟନ୍ତ ଯାବତୀୟ ସମ୍ଭାବ୍ୟ ରୀତିରେ ଜନସାଧାରଣଙ୍କ ଭାବଧାରାରେ ଆଶ୍ରମର ଅନିଷ୍ଟ କରିବା ଉଦ୍ଦେଶ୍ୟରେ ବକ୍ତୃତା, ପ୍ରବନ୍ଧ ପ୍ରକାଶ ଏବଂ ପ୍ରଚାର-ପତ୍ର ବିତରଣ କରି ଆସୁଛନ୍ତି । ଏହି ଆକ୍ରମଣର କୌଣସି ରାଜନୈତିକ କାରଣ ନାହିଁ । ଏହା ସହିତ କୌଣସି ରାଜନୈତିକ ପ୍ରଶ୍ନ ମଧ୍ୟ ଜଡ଼ିତ ନୁହେଁ । ଆଶ୍ରମ ହେଉଛି ଏକ ଅରାଜନୈତିକ (non-political) ପ୍ରତିଷ୍ଠାନ । କିନ୍ତୁ ପଣ୍ଡିଚେରୀର ତିନି ଶ୍ରେଣୀର ଲୋକ ପ୍ରଚଣ୍ଡ ଭାବରେ ଆଶ୍ରମର ଅସ୍ତିତ୍ୱର ବିରୋଧୀ; ଯଥା : ଦ୍ରାବିଡ଼ସ୍ଥାନର ସମର୍ଥକବୃନ୍ଦ, ଚରମପନ୍ଥୀ ଭାରତୀୟ କ୍ୟାଥ୍‌ଲିକ୍‌ଗଣ ତଥା କମ୍ୟୁନିଷ୍ଟ୍‌ଗଣ । କୌଣସି ବ୍ୟତିକ୍ରମ ବିନା ପଣ୍ଡିଚେରୀର ସକଳ ବ୍ୟକ୍ତି ଫରାସୀ-ଭାରତର ଅଧିବାସୀମାନଙ୍କ ସକାଶେ ସ୍ୱ-ନିଷ୍ପତ୍ତି ନେବାର ଅଧିକାର ସମର୍ଥନ କରନ୍ତି ଏବଂ ଶ୍ରୀଅରବିନ୍ଦ ସର୍ବଦା ସେଇ ନିଷ୍ପତ୍ତି ନେବାର ଅଧିକାରକୁ ଦୃଢ଼ ସମର୍ଥନ କରି ଆସିଛନ୍ତି ଏବଂ ଏହା ସର୍ବତ୍ର ଓ ସକଳଙ୍କ ସକାଶେ । ଏଠାରେ କୌଣସି ବ୍ୟକ୍ତି 'ଫରାସୀ ଶାସନର ସ୍ଥାୟିତ୍ୱ'ର ସପକ୍ଷରେ ନୁହଁନ୍ତି; ତେବେ ସେମାନେ ସ୍ୱୟଂ-ଶାସିତ ଫରାସୀ-ଭାରତ ବିଷୟରେ ଫରାସୀ ସରକାରଙ୍କର ପ୍ରସ୍ତାବ ସ୍ୱୀକାର କରିବାକୁ ପ୍ରସ୍ତୁତ ଥିଲେ । କିନ୍ତୁ ଯେତେବେଳେ ଦେଖାଗଲା ଫରାସୀ ସରକାରଙ୍କର ପ୍ରସ୍ତାବିତ ସଂସ୍କାର ଯାହା ପ୍ରତିଶ୍ରୁତ ହୋଇଥିଲା; ତା'ଠାରୁ ନ୍ୟୂନ, ସେତେବେଳେହିଁ କେବଳ ଅବିଳମ୍ବେ କ୍ଷମତା ହସ୍ତାନ୍ତରର ଓ ଫରାସୀ-ଭାରତକୁ ଭାରତୀୟ ରାଷ୍ଟ୍ରରେ ଅନ୍ତର୍ଭୁକ୍ତ ହୋଇ ଉଠିବାର ଦାବି ଉଠିଲା । ଶ୍ରୀଅରବିନ୍ଦ ଯେହେତୁ ଫରାସୀ-ଭାରତର ନାଗରିକ ନୁହଁନ୍ତି, ସେଥିପାଇଁ ପ୍ରକାଶ୍ୟରେ ତାଙ୍କର ଅଭିମତ ଘୋଷଣା କରି ନାହାନ୍ତି, ତେବେ ବ୍ୟକ୍ତିଗତ ଭାବରେ ସମର୍ଥନ କରନ୍ତି ଫରାସୀ-ଭାରତର ସମାଜତନ୍ତ୍ରୀ ଦଳର

---

* ଏହି ପତ୍ରଟି ଶ୍ରୀଅରବିନ୍ଦଙ୍କର ମୌଖିକ ନିର୍ଦ୍ଦେଶମତେ ନୀରଦବରଣ କର୍ତ୍ତୃକ ଲିଖିତ ଏବଂ ଆଶ୍ରମ ସେକ୍ରେଟାରିଙ୍କର ସ୍ୱାକ୍ଷରରେ ପ୍ରେରିତ ।

ମୁଖପତ୍ରରେ ପ୍ରକାଶିତ ଅଭିମତ, ଯାହା ଦାବି କରେ ଔପନିବେଶିକ ଶାସନର ସମାପ୍ତି, ଫରାସୀ ରାଷ୍ଟ୍ର ମଧ୍ୟରେ ନିରଙ୍କୁଶ ସ୍ୱ-ଶାସନର ଅଧିକାର ଓ ତତ୍ ସହିତ ଦ୍ୱୈତ ନାଗରିକତ୍ୱ ଏବଂ ଭାରତୀୟ ରାଷ୍ଟ୍ର ସହିତ ଘନିଷ୍ଠ ସଂଯୋଗ, ତେବେ ବହିଃଶୁଳ୍କ ଓ ଯୋଗାଯୋଗ ବ୍ୟବସ୍ଥା ନିୟନ୍ତ୍ରଣ କରିବ ଭାରତ ସରକାର ଏବଂ ଶିଳ୍ପ ଓ ବାଣିଜ୍ୟ ବିଷୟରେ ଉଭୟଙ୍କର ନୀତି ହେବ ଅଭିନ୍ନ ।* ତେଣୁ କୌଣସି ସତ୍ୟାଗ୍ରହର ଆଦୌ ଅଭିପ୍ରାୟ ବା କାରଣ ବି ନଥିଲା । । ଶ୍ରୀଅରବିନ୍ଦଙ୍କର ନିର୍ଦ୍ଦେଶାନୁସାରେ ଏବଂ ତାଙ୍କର ପୂର୍ଣ୍ଣ ଅନୁମୋଦନ ସହ ମୁଁ ଶ୍ରୀଅରବିନ୍ଦ ଆଶ୍ରମ ପକ୍ଷରୁ ଔପଚାରିକ ଭାବରେ ଏହି ପ୍ରତିବାଦ ପତ୍ର ଲେଖି ପଠାଇଲି ।

ଶ୍ରୀଅରବିନ୍ଦ ଆଶ୍ରମ ପୂର୍ଣ୍ଣ ଆନ୍ତରିକତାର ସହିତ
ପଣ୍ଡିଚେରୀ ଆଶ୍ରମ ସେକ୍ରେଟାରୀ

('Autobiographical Notes', pp. 491-492)

*

ଶ୍ରୀନିବାସ ଆୟେଙ୍ଗାରଙ୍କର ବର୍ଣ୍ଣନାର ସଂକ୍ଷିପ୍ତ ସାରରୁ ଉଦ୍ଧୃତି : ''ଅଗଷ୍ଟ ୧୯୪୭ରେ କଂଗ୍ରେସ ନେତୃବୃନ୍ଦ – କେତେକ ମାତ୍ରାରେ ଲର୍ଡ଼ ମାଉଣ୍ଟବ୍ୟାଟନ୍‌ଙ୍କ ଦ୍ୱାରା ଆତଙ୍କ ସୃଷ୍ଟିରୁ ଭାରତ ବିଭାଜନରେ ରାଜି ହୋଇଥିଲେ; ଏହି ଆଶାପୋଷଣ କରି ଯେ ଅଧିକତର ସାମ୍ପ୍ରଦାୟିକ କଳହ ଏବଂ ଏହାର ପରିଣାମ ସ୍ୱରୂପ ରକ୍ତପାତକୁ ରୋକି ଦିଆଯାଇ ପାରିବ । ପ୍ରକୃତରେ ଏହା ଥିଲା 'ଭାରତର ଅଦୃଷ୍ଟ ନିୟତି ସହିତ ପୁନର୍ମିଳନ' – ୧୫ ଅଗଷ୍ଟ ଉଷାର ଆଗମନ ପୂର୍ବରୁ ସେହି କାଳରାତ୍ରିର ମଧ୍ୟକ୍ଷଣରେ ପଞ୍ଜାବରେ ରକ୍ତନଦୀ ପ୍ରବହମାନ ହେବାର ସଙ୍କେତ । ବିଜୟୋଲ୍ଲାସ ଓ ସିଦ୍ଧିଲାଭର ପୂର୍ବାଭାସର ଅନୁମାନ କରିବାର ମୁହୂର୍ତ୍ତଟି ହୋଇ ଉଠିଥିଲା ଲଜ୍ଜାକର ଭାବେ ବିଭ୍ରାନ୍ତ ଅବସ୍ଥା । ଅନୁଭବଶକ୍ତିଶୂନ୍ୟ ମାରାତ୍ମକ ଭାବରେ ମୃତ୍ୟୁକାଣ୍ଡ ଅକଳ୍ପନୀୟ ଭାବେ ବୃଦ୍ଧି ପାଇଲା । ବ୍ୟବଚ୍ଛେଦ ଉଦ୍ଦେଶ୍ୟରେ ନୃଶଂସ ଭାବରେ ହତ୍ୟାକାରୀର ଛୁରି କଳ୍ପନାତୀତ ଆତଙ୍କ ସୃଷ୍ଟି କରିବା ଉଦ୍ଦେଶ୍ୟରେ ବନ୍ଧନମୁକ୍ତ ହୋଇଉଠିଲା । ... ଲାହୋର, ମୁଲ୍‌ତାନ, ରାଓଲ୍‌ପିଣ୍ଡି, ଅମୃତସର, ଗୁଜରାନ୍‌ୱାଲା, ଶେଖପୁରା, ... କହିବାକୁ ଗଲେ ସର୍ବତ୍ର, ସ୍ୱାଧୀନତାର ଆଗମନ ଅର୍ଥ ଅଗଣିତ ଜନତାଙ୍କ ସକାଶେ ମହାକାଳର କ୍ରୁର ପ୍ରବୃତ୍ତି ଦ୍ୱାରା ମୃତ୍ୟୁ-ଫାନ୍ଦରେ ପକାଇବାର ଏକ ଦୁର୍ବୋଧ୍ୟ ପ୍ରକ୍ରିୟାର ସୂତ୍ରପାତ; ସର୍ବତ୍ର ହିଂସାକାଣ୍ଡ ଏବଂ ଅବମାନନା, ପଶୁତ୍ୱ ଓ ମସ୍ତିଷ୍କ ବିକୃତି, ଆତଙ୍କ ଏବଂ ଏଥିନିମିତ୍ତ ଅନୁଶୋଚନା କରିବାର ଅନ୍ତ ନଥିଲା । ... ୧୫ ଅଗଷ୍ଟ ଏବଂ ପରବର୍ତ୍ତୀ ଦିନଗୁଡ଼ିକରେ ଜଣେ ହେଲେ ବି ପୁରୁଷ, ନାରୀ କିଂବା ଶିଶୁ ନିରାପଦରେ ନଥିଲେ ଏବଂ ପ୍ରତ୍ୟେକ ମଣିଷର ହସ୍ତ ଉତ୍ତୋଳିତ ହୋଇଉଠିଥିଲା ତା'ର ଭ୍ରାତୃବତ୍ ବନ୍ଧୁ ବା ସହଚର ଏବଂ ପଡ଼ୋଶୀର ବିରୋଧରେ । ପୁନଶ୍ଚ ଏହାର ଅର୍ଥ ଥିଲା ହଠାତ୍ ସ୍ଥାନାନ୍ତରିତ ହୋଇଉଠିଥିବା ବିଶାଳ ଜନସମୁଦ୍ରର ଦୁଇ ବିପରୀତ-ମୁଖୀ ଗମନାଗମନର ପଥ – ଯାତ୍ରାପଥରେ ଅକଥନୀୟ ଘୃଣାଭାବକୁ ଅବଜ୍ଞା କରି ବା ସାହସର ସହିତ ବିପଦର ସମ୍ମୁଖୀନ ହୋଇ ହିନ୍ଦୁ ଓ ଶିଖ ଭାରତ ଆଡ଼କୁ ଏବଂ ମୁସଲମାନ ପାକିସ୍ତାନ ଆଡ଼କୁ ଯାତ୍ରା ।

''... ସଂକ୍ଷେପରେ କହିବାକୁ ଗଲେ, ସର୍ବତ୍ର ନରକ-ଲୋକର ମର୍ମନ୍ତୁଦ ଶାସ୍ତି ସଦୃଶ ଆବାଳବୃଦ୍ଧବନିତାଙ୍କର ସୀମାହୀନ ଦୁଃଖଯନ୍ତ୍ରଣା ଓ ଆର୍ତ୍ତନାଦର ପରିବେଶ । ବେସାମରିକ ସଂସ୍ଥାସବୁ ଅଚଳ ହୋଇଗଲା ଏବଂ ସାମରିକ ବାହିନୀସବୁ କୌଣସି କୌଣସି କ୍ଷେତ୍ରରେ ପକ୍ଷପାତୀ ଥିଲେ ଏବଂ ଅନେକ କ୍ଷେତ୍ରରେ ଅପାରଗ ମଧ୍ୟ ଥିଲେ । ତେଣୁ ଭାରତମାତାର କ୍ଷତବିକ୍ଷତ ଓ ବିକଳାଙ୍ଗ ସନ୍ତାନସନ୍ତତିଙ୍କର ଦୁଃସହ, ଅସ୍ୱାଚ୍ଛନ୍ଦ୍ୟ ଅବସ୍ଥାର ଅନ୍ତ ନଥିଲା । ...

''ଉତ୍ତର ଭାରତରେ ଅକଥନୀୟ ଭାବରେ କ୍ଷତିଗ୍ରସ୍ତ ହୋଇଥିବା ନିରୀହ ଜନସମାଜର ମର୍ମସ୍ପର୍ଶୀ ତୀବ୍ରପ୍ରଭାବ ଆଶ୍ରମର ପବିତ୍ର ଓ ଶାନ୍ତ ପରିବେଶରେ ମଧ୍ୟ ଅନୁଭୂତ ହେଉଥିଲା ।

''ଶ୍ରୀମା ୧୯୪୮ର ନବବର୍ଷ ବାଣୀ ଦେଲେ :

---

* ଭାରତରେ ଅବସ୍ଥିତ ଫରାସୀ ଉପନିବେଶସବୁ ଭାରତର ଅଙ୍ଗୀଭୂତ ହୋଇଉଠିବା ସମ୍ପର୍କରେ ଏହି କର୍ମସୂଚୀ 'ଭବିଷ୍ୟତ୍ ସଂଯୁକ୍ତି : ଏକ କାର୍ଯ୍ୟକ୍ରମ' ('The Future Union : A programme') ଶ୍ରୀଅରବିନ୍ଦଙ୍କ ଦ୍ୱାରା ଶ୍ରୁତଲିଖିତ । ... ଏହି ପ୍ରବନ୍ଧଟି ଜୁନ୍ ୧୯୪୭ରେ 'ଫ୍ରେଞ୍ଚ୍ ଇଣ୍ଡିଆ ସୋସିଆଲିଷ୍ଟ୍ ପାର୍ଟି' ତରଫରୁ ତା'ର ଘୋଷଣାପତ୍ରରେ ପ୍ରକାଶିତ ହୋଇଥିଲା ।

('Autobiographical Notes', pp. 481 - 491 ଦ୍ରଷ୍ଟବ୍ୟ)

‘ଆଗେଇ ଚାଲ, ଆଗେଇ ଚାଲ ନିରନ୍ତର !
ସୁଡ଼ଙ୍ଗର ଶେଷରେ ରହିଛି ଆଲୋକ ...
ଯୁଦ୍ଧର ଶେଷରେହିଁ ବିଜୟ !’

(‘ଧ୍ୟାନ ଓ ପ୍ରାର୍ଥନା’, ପୃ. ୨୩୬)

‘‘ଭାରତ ଉପମହାଦେଶରେ ଏହି ବିଭାଜନ ଆଦୌ ଶାନ୍ତି ଆଣିପାରି ନଥିଲା ଅଥବା ନବସୃଷ୍ଟ ଭାରତ ଓ ପାକିସ୍ତାନ ଗଭର୍ଣ୍ଣମେଣ୍ଟଙ୍କ ମଧ୍ୟରେ ବନ୍ଧୁତା ସ୍ଥାପନ ହୋଇପାରି ନଥିଲା । ସ୍ୱାଧୀନତା ପ୍ରାପ୍ତିର କେତେକ ସପ୍ତାହ ମଧ୍ୟରେ ଯେତେବେଳେ ସମଗ୍ର ପଞ୍ଜାବ ମାତ୍ରାଧିକ୍ୟ ଉତ୍ତେଜନାର କ୍ରୀଡ଼ନକ ହୋଇ ଉଠିଥିଲା ସେତେବେଳେ ମହାତ୍ମା ଗାନ୍ଧି କଲିକତା ଓ ବେଙ୍ଗଲରେ ହିନ୍ଦୁ-ମୁସଲମାନଙ୍କ ମଧ୍ୟରେ ଉପୁଜିଥିବା ହାଙ୍ଗାମାକୁ କେତେକ ମାତ୍ରାରେ କରାୟତ୍ତରେ ଆଣିବାରେ ସକ୍ଷମ ହୋଇ ଉଠିଥିଲେ ମଧ୍ୟ ସ୍ଥାୟୀ ବାସିନ୍ଦାମାନଙ୍କର ପ୍ରସ୍ଥାନ ଲାଗି ରହିଥିଲା । ଏବଂ ଅପର ଦିଗରେ କାଶ୍ମୀର ଉପରେ ପାକିସ୍ତାନର ଆକ୍ରମଣର ତୀବ୍ରତା ଅଧିକରୁ ଅଧିକ ବୃଦ୍ଧି ପାଇବାକୁ ଲାଗିଲା । କାରଣ ୧୯୪୭ ଅକ୍‌ଟୋବରରେ କାଶ୍ମୀର ଭାରତରେ ଅଧିଷ୍ଠିତ ହେବା ଅର୍ଥ ଭାରତ ଓ ପାକିସ୍ତାନ ମଧ୍ୟରେ ଦ୍ୱନ୍ଦ୍ୱ ଓ ଶତ୍ରୁତାର ବୀଜବପନ ଏବଂ ପରସ୍ପର ପ୍ରତି ପ୍ରଚଣ୍ଡ ଅପବାଦର ସୃଷ୍ଟି ଏବଂ ପରିଣାମରେ ଦେଶବାସୀ ଗାନ୍ଧିଜିଙ୍କୁ ବି ଭୁଲ୍ ବୁଝିବାକୁ ଆରମ୍ଭ କଲେ, ତିରସ୍କାର କରିବାକୁ ଲାଗିଲେ । ଫଳତଃ, ୩୦ ଜାନୁଆରୀ ୧୯୪୮ରେ ଗାନ୍ଧିଜି ପ୍ରାର୍ଥନା ସଭାକୁ ଯାଉଥିବା ବେଳେ ଆତତାୟୀର ଗୁଳିରେ ମୃତ୍ୟୁବରଣ କଲେ । ଏହା ଥିଲା ଭାରତବାସୀ ଓ ସମଗ୍ର ମାନବଜାତି ସକାଶେ ଅତ୍ୟନ୍ତ ଦୁଃଖପୂର୍ଣ୍ଣ ଦିବସ । ...’’

(‘On The Mother’, pp. 457 - 458 ଦ୍ରଷ୍ଟବ୍ୟ)

*

ଉପରୋକ୍ତ ଘଟଣାରେ ବିବ୍ରତ ହୋଇ କର୍ଣ୍ଣାଟକର ଗଦଗ ସହରରେ ବାସ କରୁଥିବା ଶ୍ରୀଅରବିନ୍ଦଙ୍କର ଜଣେ ନୈଷ୍ଠିକ ଭକ୍ତ (ମି. କାମ୍ପି) ଗୁରୁଦେବଙ୍କୁ ତାରବାର୍ତ୍ତା କରିଥିଲେ : ‘Darkness sorrow spreads fast India Bapuji death children pray message.’ (ମର୍ମାର୍ଥ : ‘‘ବାପୁଜୀଙ୍କ ମୃତ୍ୟୁ ମୁହୂର୍ତ୍ତରେ ସର୍ବଭାରତୀୟ ସ୍ତରରେ ଦୁଃଖରେ ମର୍ମାହତ ଦେଶବାସୀ ଆପଣଙ୍କର ବାର୍ତ୍ତାପ୍ରାର୍ଥୀ ।’’)

ଶ୍ରୀଅରବିନ୍ଦ ୪ ଫେବ୍ରୁଆରୀ, ୧୯୪୮ରେ ନିମ୍ନୋକ୍ତ ବାର୍ତ୍ତା ଟେଲିଗ୍ରାମ କରିଥିଲେ । (ପରେ ବିଭିନ୍ନ ଖବର କାଗଜରେ ଏହା ପ୍ରକାଶ ପାଇଥିଲା ।) :

‘Remain firm through the darkness the light is there and will conquer.’

(ମର୍ମାର୍ଥ : ‘ଅନ୍ଧକାର ସ୍ଥିତିରେ ଅଟଳ ରୁହ, ଆଲୋକ ବିଦ୍ୟମାନ ଏବଂ ବିଜୟ ନିଶ୍ଚିତ ।’)

ଏହି ସମାନ ଦିନ ଗାନ୍ଧିଜିଙ୍କ ମୃତ୍ୟୁରେ ଅଲ୍ ଇଣ୍ଡିଆ ରେଡ଼ିଓ, ତିରୁଚିରାପଲ୍ଲୀର କର୍ତ୍ତୃପକ୍ଷଙ୍କ ଅନୁରୋଧରେ ଶ୍ରୀଅରବିନ୍ଦ ନିମ୍ନୋକ୍ତ ବାଣୀ ପଠାଇଥିଲେ । ପୁନଶ୍ଚ ଏହି ବାଣୀଟି ମଧ୍ୟ ଆଶ୍ରମରେ ଛପାଯାଇ ଅନ୍ତେବାସୀଙ୍କୁ ବିତରଣ କରାଯାଇଥିଲା । ଏହାର ମର୍ମାନୁବାଦ :

‘‘ଆମମାନଙ୍କର ଆବହାଉଆରେ ଘୋଟି ରହିଥିବା ଏହି ଧରଣର ପରିସ୍ଥିତିରେ ମୁଁ ନୀରବ ରହିବାକୁ ପସନ୍ଦ କରିଥାଏ । କାରଣ ଏହିପରି ଘଟଣା ଘଟିବାର ମୁହୂର୍ତ୍ତରେ କିଛି କହିବା ନିରର୍ଥକ । ମୁଁ କେବଳ ଏତିକି କହିବି ଯେ ଯେଉଁ ଦିବ୍ୟ ଆଲୋକ ଆମମାନଙ୍କୁ ସ୍ୱାଧୀନତା ପ୍ରାପ୍ତି ଦିଗରେ ପରିଚାଳିତ କରି ଆସିଛି, ଯଦିଓ ଏବେ ବି ଐକ୍ୟ ପ୍ରାପ୍ତ ହୋଇ ନାହିଁ, ତଥାପି ଅଦ୍ୟାବଧି ଏହା ପ୍ରଦୀପ୍ତ ରହିଛି ଏବଂ ଏମିତି ପ୍ରଦୀପ୍ତ ରହିଥିବ ଯେତେଦିନ ପର୍ଯ୍ୟନ୍ତ ସମ୍ପୂର୍ଣ୍ଣ ବିଜୟ ଲାଭ ହୋଇ ନାହିଁ । ମୋର ଦୃଢ଼ ବିଶ୍ୱାସ ଯେ ଏକ ମହାନ୍ ଓ ଐକ୍ୟବଦ୍ଧ ଭବିଷ୍ୟତ୍ ହେଉଛି ଆମ ଦେଶର ଓ ଦେଶବାସୀଙ୍କର ନିୟତି । ଯେଉଁ ଦିବ୍ୟ ଶକ୍ତି ଏତେ ସଂଘର୍ଷ ଓ ଯନ୍ତ୍ରଣାଭୋଗ ମଧ୍ୟଦେଇ ଆମମାନଙ୍କୁ ସ୍ୱାଧୀନତା ଆଣି ଦେଇଛି, ସେହି ଶକ୍ତି ସକଳ ବିବାଦ ବା ବାଧାବିପତ୍ତି ଭିତର ଦେଇ ମଧ୍ୟ ଗତପ୍ରାଣ ନେତାଙ୍କର ସେହି ନିର୍ଦ୍ଦିଷ୍ଟ ଲକ୍ଷ୍ୟ ପୂରଣ କରିବ ଯାହାକି ତାଙ୍କର ଦୁଃଖଦପୂର୍ଣ୍ଣ ଅନ୍ତିମ ମୁହୂର୍ତ୍ତରେ ଗଭୀର ଚିନ୍ତାର ବିଷୟ ଥିଲା । ଏହା ସେହି ମହାଶକ୍ତି, ଆମମାନଙ୍କୁ ଯେମିତି ସ୍ୱାଧୀନତା ଆଣି ଦେଇଛି, ସେମିତି ଆମମାନଙ୍କୁ ମଧ୍ୟ ଐକ୍ୟ ଆଣିଦେବ । ସ୍ୱାଧୀନ ଭାରତ ହୋଇଉଠିବ ଐକ୍ୟବଦ୍ଧ ଏବଂ ଭାରତମାତା ତାଙ୍କର ସନ୍ତାନଗଣଙ୍କୁ ଏକତ୍ରିତ ଓ ଶୃଙ୍ଖଳାବଦ୍ଧ କରି ସେମାନଙ୍କୁ ଏକ ମହାନ୍ ଓ ଐକ୍ୟବଦ୍ଧ ଜାତିର ଜୀବନଧାରାରେ ଉଦ୍ଦୀପିତ ଅନନ୍ୟ ଜାତୀୟ ଶକ୍ତିସାମର୍ଥ୍ୟରେ ଗଢ଼ିତୋଳିବ ।

ଫେବ୍ରୁଆରୀ ୫, ୧୯୪୮ — ଶ୍ରୀଅରବିନ୍ଦ

(‘Autobiographical Notes’, p. 497)

*

ଏପ୍ରିଲ ୧୯୫୦ରେ ଶ୍ରୀଅରବିନ୍ଦଙ୍କ ସହିତ କେ. ଏମ୍. ମୁନ୍‌ସୀଙ୍କର ଏକ ସାକ୍ଷାତ୍କାର ସମ୍ପର୍କରେ ନିଜେ ମୁନ୍‌ସୀ ବର୍ଣ୍ଣନା କରିଛନ୍ତି :

''... ତା'ପରେ ଆମେ ଭାରତୀୟ ସଂସ୍କୃତି ସମ୍ବନ୍ଧରେ ଆଲୋଚନା କଲୁ । ମୁଁ କହିଲି, 'ଯୁବ ପିଢ଼ିର ମସ୍ତିଷ୍କରେ ତାତ୍ତ୍ୱିକ ସିଦ୍ଧାନ୍ତ ବା ମତବାଦ ଏବଂ ଧାର୍ମିକ ବିଶ୍ୱାସ ଆଦି ସମୃଦ୍ଧ କରିଦେବା ଫଳରେ ଭାରତର ଉଚ୍ଚତର ଜୀବନଧାରାର ଭିତ୍ତି ଦୁର୍ବଳ ହୋଇଉଠିଛି ।' ଗୁରୁଦେବ ଉତ୍ତର ଦେଲେ, 'ତୁମେ ନିଶ୍ଚିତ ରୂପେ ଏହି ଧରଣର ଅବାଞ୍ଛନୀୟ ଅବିଶ୍ୱାସକୁ ଅତିକ୍ରମ କର । ଏ ବିଷୟରେ ଦୃଢ଼ନିଶ୍ଚିତ ରୁହ ଯେ ଆମ ସଂସ୍କୃତିର ଭିତ୍ତିକୁ ଆଦୌ ଦୁର୍ବଳ କରାଯାଇ ପାରିବ ନାହିଁ । ବର୍ତ୍ତମାନର ଅବସ୍ଥା ହେଉଛି ଏକ ସାମୟିକ ପର୍ଯ୍ୟାୟ ।' ତା'ପରେ ମହାଯୋଗୀ ମୋତେ ଅପ୍ରତ୍ୟାଶିତ ଭାବରେ ଆଶ୍ଚର୍ଯ୍ୟ କରି ପ୍ରଶ୍ନ କଲେ, 'ଭାରତ କେବେ ଐକ୍ୟବଦ୍ଧ ହୋଇଉଠିବ ବୋଲି ତୁମେ ଆଶା କରୁଛ ?' ମୁଁ ବିସ୍ମୟାଭୂତ ତଥା କିଞ୍ଚିତ୍ ବିଚଳିତ ହୋଇ ଏହି ମର୍ମରେ ତାଙ୍କୁ ବୁଝାଇଲି କିପରି ଆମର ନେତୃବୃନ୍ଦ ବିଭାଜନକୁ ସ୍ୱୀକାର କରିନେଲେ; ଯେତେବେଳ ପର୍ଯ୍ୟନ୍ତ ଆଜିର ନେତୃବୃନ୍ଦ କ୍ଷମତାରେ ରହିଥିବେ, ମୁଁ ଠିକ୍ ଭାବରେ କହିପାରିବି ନାହିଁ ଯେ କେବେ ଭାରତ ଓ ପାକିସ୍ତାନ ଏକ ହେବେ ।' ଶ୍ରୀଅରବିନ୍ଦ ସ୍ମିତହାସ୍ୟ ସହ ଦୃଢ଼ୋକ୍ତିରେ କହିଲେ, 'ଭାରତ ନିଶ୍ଚିତ ରୂପେ ଐକ୍ୟବଦ୍ଧ ହେବ । ମୁଁ ସ୍ପଷ୍ଟ ଭାବେ ଏହା ଦେଖିଛି ।'

''ଏହା କ'ଣ ଏକ ଧାରଣା ? ଏହା କ'ଣ ଏକ ସ୍ପଷ୍ଟ ବୋଧଗମ୍ୟତା ? ମୁଁ ସନ୍ଦେହରେ ମଥା ହଲାଇଲି ଏବଂ ତାଙ୍କୁ ପଚାରି ବସିଲି, 'କିପରି ଏହି ପୁନର୍ମିଳନ ଘଟିବ ।' ଗୁରୁଦେବ ଦୁଇଟି ଛୋଟ ବାକ୍ୟରେ ବର୍ଣ୍ଣନା କଲେ ଯେ ପାକିସ୍ତାନ କ'ଣ ପ୍ରତିନିଧିତ୍ୱ କରୁଛି ଏବଂ ସୂଚାଇ ଦେଲେ ଯେ କିପରି ଦୁଇ ଦେଶ ଏକତ୍ର ହେବେ ।'' ('Bhavan's Journal', Dec. 26, 1971ରେ ପ୍ରଥମ ପ୍ରକାଶିତ ଉପରୋକ୍ତ ବିଷୟରେ ଶ୍ରୀଅରବିନ୍ଦଙ୍କର ଦୁଇଟି ଛୋଟ ବାକ୍ୟ ମୁନ୍‌ସୀ ପ୍ରକାଶ କରି ନାହାନ୍ତି ।)

('Twelve Years with Sri Aurobindo', pp. 243 - 244)

*

ପରିଶେଷରେ ଭାରତର ଗତାନୁଗତିକ ରାଜନୈତିକ ଧାରା ସମ୍ବନ୍ଧେ ପଦେଅଧେ । — ଶ୍ରୀଅରବିନ୍ଦ ୧୩ ଜୁଲାଇ ୧୯୧୧ରେ ଜନୈକ ରାଜନୈତିକ ଭକ୍ତ ପାର୍ଥସାରଥି ଆୟେଙ୍ଗାରଙ୍କୁ ଏହି ମର୍ମରେ ଲେଖିଥିଲେ : ''... (ଭାରତର) ପୁରାତନ ଧାରାର ରାଜନୀତିକୁ ପରିହାର କରିବା ସକାଶେ ମୋର ନିର୍ଦ୍ଦେଶକୁ ଖୁବ୍ ମନୋଯୋଗପୂର୍ବକ ପାଳନ କର । ଆଧ୍ୟାତ୍ମିକତା ହେଉଛି ଭାରତର ଏକମାତ୍ର ରାଜନୀତି ଏବଂ ସନାତନ ଧର୍ମର ସାର୍ଥକ ପାଳନ ଏକମାତ୍ର ସ୍ୱରାଜ । ପାଶ୍ଚାତ୍ୟ ଧାରାର ଗଣତନ୍ତ୍ରରୁ ମୁକ୍ତ ହେବା ସକାଶେ ନିଃସନ୍ଦେହରେ ଆମମାନଙ୍କୁ ସଂସଦୀୟ ପ୍ରଥା ଅନୁସରଣ କରି ଅଗ୍ରସର ହେବାକୁ ହେବ ଯଦ୍ଦ୍ୱାରା କାର୍ଯ୍ୟତଃ ଦେଖାଯିବ ଯେ ଏହି ଧାରା ଭାରତକୁ ମହମାନ୍ୱିତ କରିବାରେ କେତେ ଅସମର୍ଥ । ... (ଭବିଷ୍ୟତରେ) ଦେଶରେ ସାତ୍ତ୍ୱିକ ସ୍ୱଭାବର ଦେଶପ୍ରେମୀମାନଙ୍କର ଆବିର୍ଭାବ ଘଟିବ ଏବଂ ଏହାହିଁ ସୂଚାଇ ଦେବ ଭାରତର ପୁନର୍ଜାଗରଣର ପୂର୍ବାଭାସ । ଯଥାର୍ଥରେ ଏକ ବଳିଷ୍ଠ କର୍ମଧାରାର ସୂତ୍ରପାତ ହେବ । ନିଃସନ୍ଦେହରେ ଅଧୁନା ମଧ୍ୟ ପ୍ରଭୂତ ସମସ୍ୟା ଓ ଭୁଲ୍‌ଭ୍ରାନ୍ତିର ସମ୍ମୁଖୀନ ହେବାକୁ ହେବ, କିନ୍ତୁ ପରିଶେଷରେ ଆମେ ଠିକ୍ ପଥରେ ଅଗ୍ରସର ହେବାର ଏକ ସୁଯୋଗ ଲାଭ କରିବୁ । ସର୍ବୋପରି ମୁଁ ବିଶ୍ୱାସ କରେ ଯେ ପରମେଶ୍ୱର ସର୍ବଦା ଆମମାନଙ୍କୁ ପରିଚାଳନା କରୁଛନ୍ତି, ପ୍ରୟୋଜନୀୟ ଅଭିଜ୍ଞତାସବୁରେ ଆମମାନଙ୍କୁ ପରିପୁଷ୍ଟ କରି ଗଢ଼ି ତୋଳୁଛନ୍ତି, ଏବଂ ଆବଶ୍ୟକୀୟ ମୁହୂର୍ତ୍ତ ନିମିତ୍ତ ଉପଯୋଗୀ ବ୍ୟବସ୍ଥା ବା ପରିବେଶ ପ୍ରସ୍ତୁତ କରୁଛନ୍ତି ।''

("Autobiographical Notes", pp. 170 - 171)

*

ଦ୍ୱିତୀୟ ବିଶ୍ୱଯୁଦ୍ଧର ଆରମ୍ଭକାଳୀନ ସମୟରେ ଶ୍ରୀମା ଦିନେ କଥାପ୍ରସଙ୍ଗରେ ଅପ୍ରକାଶ୍ୟ ଭାବରେ ନିଜର କର୍ମଧାରା ସମ୍ବନ୍ଧରେ ଉଦାରଙ୍କୁ ଏହି ମର୍ମରେ କହିଥିଲେ : ''... ନିଶ୍ଚିତ ରୂପେ ଭାରତରେ ଏକ ଅଭିନବ ରାଜନୈତିକ ଗୋଷ୍ଠୀ ଗଢ଼ିଉଠିବ, ଏକ ଆଧ୍ୟାତ୍ମିକ ଗୋଷ୍ଠୀ, ଯାହାର ଥିବ ଗୋଟିଏ ମାତ୍ର ଲକ୍ଷ୍ୟ — 'ଭଗବାନଙ୍କ ସେବା' ('Service to the Divine') । ଏପରିକି ଲୋକସେବା ବା ସମାଜର ସେବା ନିମିତ୍ତ ନୁହେଁ, କିନ୍ତୁ କେବଳ ଭଗବାନଙ୍କ ସେବା । ... ମୁଁ ଅପ୍ରକାଶ୍ୟ ଭାବରେ ଉପରୋକ୍ତ ଆଧ୍ୟାତ୍ମିକ ଗୋଷ୍ଠୀ ଗଠନରେ କର୍ମରତ ରହିଛି । ମୁଁ ଯଦି ଏହି କର୍ମ ଅନ୍ୟ କୌଣସି ଦେଶରେ, ନିର୍ଦ୍ଦିଷ୍ଟ ରୂପେ ପାଶ୍ଚାତ୍ୟରେ (ପ୍ରକାଶ୍ୟ ଭାବରେ) ଚେଷ୍ଟା କରିଥା'ନ୍ତି, ତେବେ ଦେଶବାସୀ ମୋତେ ପରିହାସ କରିବେ, ମୋତେ ପାଗଳ ବୋଲି କହିବେ । ଏପରି କି ଭାରତବର୍ଷରେ

ମଧ୍ୟ ତଥାକଥିତ ଧୀଶକ୍ତି ସମ୍ପନ୍ନ ଏବଂ ପାଶ୍ଚାତ୍ୟ ଧାରାରେ ଅନୁପ୍ରାଣିତ ବରେଣ୍ୟ ବ୍ୟକ୍ତିଗଣ ମୋତେ ପରିହାସ କରିବେ । କିନ୍ତୁ ଜନସାଧାରଣ (ଅର୍ଥାତ୍ ସାଧାରଣ ସରଳ ଦେଶବାସୀ) ଏହି ପ୍ରକ୍ରିୟାକୁ ଆଗ୍ରହର ସହିତ ଗ୍ରହଣ କରିବେ ଏବଂ ଆନନ୍ଦୋଲ୍ଲାସରେ ଚିତ୍କାର କରି କହିବେ, 'ପରିଶେଷରେ, ପରିଶେଷରେ ଏହା ଆସିଛି !' ଜନସାଧାରଣ ଏହି ସ୍ଥିତି ନିମିତ୍ତ ପ୍ରକୃତରେ ତୃଷାର୍ତ୍ତ ହୋଇ ରହିଛନ୍ତି, ଯଦିଓ ଅଦ୍ୟାପି ସେମାନେ ଏ ସମ୍ବନ୍ଧେ ସମ୍ପୂର୍ଣ୍ଣ ଅଜ୍ଞ । କିନ୍ତୁ ଏହି ସ୍ଥିତିର ଆଗମନ ହେବାର ସୂଚନା ଲାଭ କରିବା ମାତ୍ରେ ସେମାନେ ଆନନ୍ଦରେ ନାଚିଉଠିବେ । ଏହି ଅବସ୍ଥା ସମଗ୍ର ଭୂଖଣ୍ଡକୁ କ୍ଷିପ୍ରଗତିରେ ଅଭିଭୂତ କରିପକାଇବ । କିନ୍ତୁ ଏହି ନୂତନ ଗୋଷ୍ଠୀଟି ସୃଷ୍ଟ ହୋଇ କ୍ରିୟାଶୀଳ ହୋଇଉଠିବାର ଯଥାର୍ଥ ମୁହୂର୍ତ୍ତଟି ଆସିବା ପର୍ଯ୍ୟନ୍ତ ଆମମାନଙ୍କୁ ଅପେକ୍ଷା କରିବାକୁ ପଡ଼ିବ । ...''

('Mother India', 'Udar Remembers', Oct. 1978, p. 684)

(କ୍ରମଶଃ)

ସଂକଳନ ଓ ଭାଷାନ୍ତର : ଗୋପାଳଚନ୍ଦ୍ର ମାହାନା

❑❑❑

ରାଧାଙ୍କ ପ୍ରାର୍ଥନା

ହେ ପ୍ରଭୁ, ପ୍ରଥମ ଦର୍ଶନରେହିଁ ଯାହାଙ୍କୁ ମୁଁ ମୋ ସତ୍ତାର ପ୍ରଭୁ ଓ ମୋର ଈଶ୍ୱର ବୋଲି ଜାଣିଲି, ଗ୍ରହଣ କର ମୋର ଅର୍ଘ୍ୟ ।

ମୋର ସମସ୍ତ ଭାବନା, ମୋର ସବୁକିଛି ଆବେଗ, ମୋ ହୃଦୟର ସମସ୍ତ ଭାବାନୁଭବ, ମୋର ଯାବତୀୟ ସଂବେଦ, ମୋ ଜୀବନର ଯାବତୀୟ ଗତିବିଧି, ମୋ ଶରୀରର ପ୍ରତ୍ୟେକ କୋଷ, ରକ୍ତର ପ୍ରତି ବିନ୍ଦୁହିଁ ତୁମର । ମୁଁ ବୃତ୍ତାନ୍ତ ଏବଂ ସମଗ୍ରଭାବେ ତୁମର, ନିଃଶେଷ ଭାବେ ତୁମର । ତୁମେ ମୋତେ ଯାହା ହେବାକୁ ଚାହିଁବ, ମୁଁ ତାହାହିଁ ହେବି । ତୁମେ ମୋ' ପାଇଁ ଜୀବନ ବା ମୃତ୍ୟୁ, ସୁଖ ବା ଦୁଃଖ, ଆମୋଦ ବା ବେଦନା, ତୁମେ ମୋ ପାଇଁ ଯାହା ବାଛିବ, ତୁମ ପାଖରୁ ଯାହା ଆସିବ, ତାହା ହେବ ସ୍ୱାଗତ । ତୁମର ପ୍ରତ୍ୟେକ ଉପହାର ସର୍ବଦା ମୋ ପାଇଁ ହେବ ଦିବ୍ୟ ଉପହାର – ଯାହା ନିଜ ସାଥିରେ ଆଣିଦେବ ପରମ ସୁଖାନୁଭବ ।

୧୩ ଜାନୁଆରୀ, ୧୯୩୨ ଶ୍ରୀମା



ଅବତାରଙ୍କ ଉଦ୍ଦେଶ୍ୟ

ରାମକୃଷ୍ଣ ଦାସ

''ୟଦା ୟଦା ହି ଧର୍ମସ୍ୟ ଗ୍ଲାନିର୍ଭବତି ଭାରତ ।
ଅଭ୍ୟୁତ୍ଥାନମଧର୍ମସ୍ୟ ତଦାତ୍ମାନଂ ସୃଜାମ୍ୟହମ୍ ॥
ପରିତ୍ରାଣାୟ ସାଧୂନାଂ ବିନାଶାୟ ଚ ଦୁଷ୍କୃତାମ୍ ।
ଧର୍ମ ସଂସ୍ଥାପନାର୍ଥାୟ ସମ୍ଭବାମି ୟୁଗେ ୟୁଗେ ॥''
(ଗୀତା)

ଠିକ୍ ଏହାରି ଅନୁବାଦ ସ୍ୱରୂପ ତୁଳସୀ ଦାସଜି 'ରାମଚରିତମାନସ'ରେ କହିଅଛନ୍ତି :

''ଯବ ଯବ ହେଇ ଧରକେ ହାନି ।
ବାଢ଼ଇ ଅସୁର ଅଧମ ଅଭିମାନି ॥
ତବ ତବ ଧରି ହରି ମନୁଜ ଶରୀରା ।
ହରହି କୃପାନିଧି ସଜ୍ଜନ ଗିରା ॥''

ଯେବେ ଯେବେ ଧର୍ମର ହାନି ହୁଏ, ଅସୁର, ଅଧମ, ଅଭିମାନୀ ବୃଦ୍ଧି ହୁଅନ୍ତି ତେବେ ତେବେ କୃପାର ନିଧି ଭଗବାନ୍ ମନୁଷ୍ୟ ଶରୀରରେ ଅବତୀର୍ଣ୍ଣ ହୋଇ ଦୁଷ୍କୃତ ନାଶ କରି ସଜ୍ଜନ, ସାଧୁ, ସଚ୍ଚରିତ୍ର ବ୍ୟକ୍ତିଙ୍କୁ ଉଦ୍ଧାର କରି ଧର୍ମ ସ୍ଥାପନା କରନ୍ତି । ଗୀତା, ରାମାୟଣ ଏବଂ ଅନ୍ୟାନ୍ୟ ଶାସ୍ତ୍ରପୁରାଣରେ ଭଗବାନଙ୍କ ଅବତାର ହେବାର ବହୁତ ଉଦ୍ଦେଶ୍ୟ ବର୍ଣ୍ଣନା କରା ହୋଇଅଛି । ସେଥିରେ ଦୁଇଟି ଉଦ୍ଦେଶ୍ୟ ପ୍ରଧାନ । ପ୍ରଥମ ହେଉଛି 'ପରିତ୍ରାଣାୟ ସାଧୂନାଂ', ଦ୍ୱିତୀୟ ହେଉଛି 'ବିନାଶାୟ ଚ ଦୁଷ୍କୃତାମ୍' ଏବଂ 'ଧର୍ମସଂସ୍ଥାପନ' ।

ଭଗବାନ୍ ସର୍ବସମର୍ଥ । ତାଙ୍କ ସଂକଳ୍ପ ମାତ୍ରେ ସଜ୍ଜନ ଉଦ୍ଧାର ହୋଇ ପାରନ୍ତେ ଓ ଦୁଷ୍କୃତ ବିନାଶ ହୋଇ ପାରନ୍ତେ । କିନ୍ତୁ ଭଗବାନଙ୍କର ଯେଉଁ ଗୁଣ କୃପାର ସମୁଦ୍ର ତାହା ଚରିତାର୍ଥ ହୋଇ ପାରନ୍ତା ନାହିଁ । କାରଣ ସେ ଭକ୍ତଙ୍କ ସହିତ ଜାଗତିକ ସମ୍ବନ୍ଧ ସ୍ଥାପନ କରି ପାରନ୍ତେ ନାହିଁ । ସେ ଭକ୍ତଙ୍କ ସହିତ ଅଭିନ୍ନ, ଏକ । ଭକ୍ତର ହୃଦୟ ଛଡ଼ା ସେ ବୈକୁଣ୍ଠରେ ମଧ୍ୟ ରହିବାକୁ ପସନ୍ଦ କରନ୍ତି ନାହିଁ । ସଜ୍ଜନ ଭକ୍ତ ଦୁଃଖରେ ପ୍ରପୀଡ଼ିତ ହେଲେ ସେ ସହି ପାରନ୍ତି ନାହିଁ । ଭକ୍ତର ଦୁଃଖ ଦୂର କରିବାକୁ ଭକ୍ତ ଯେଉଁ ଶରୀର ଧାରଣ କରିଥାଏ, ଯେଉଁ ଚେତନାରେ ବାସ କରେ, ଭଗବାନ୍ ସେହି ଶରୀର ଧାରଣ କରନ୍ତି, ସେହି ଚେତନା ଗ୍ରହଣ କରନ୍ତି । ଭକ୍ତ ପାଖରେ ସେ ଗୁରୁ, ପିତା, ମାତା, ଭ୍ରାତା, ସଖା, ପୁତ୍ର ରୂପେ ପ୍ରାପ୍ତ ହୁଅନ୍ତି । ସେମାନଙ୍କ ସଙ୍ଗେ ରହି, ସେମାନଙ୍କ ପରି ଆଚରଣ କରି, ସେମାନଙ୍କ ଦୁଃଖ ଦୂର କରି ସେମାନଙ୍କୁ ପରମାନନ୍ଦ ପ୍ରଦାନ କରନ୍ତି । ଏହି ସମ୍ବନ୍ଧ ଐଶ୍ୱରିକ ଶକ୍ତିରେ ହୁଏ ନାହିଁ, ହୁଏ ଭଗବାନ୍ ମନୁଷ୍ୟ ଶରୀରରେ ଅବତାର ନେଲେ । କୌଣସି ମା'ର ସନ୍ତାନଟି ଜଳରେ ବୁଡ଼ିଗଲେ, ଅଗ୍ନିରେ ପୋଡ଼ିଗଲେ, ସାପକୁ ଧରିବାକୁ ଗଲେ ମା ଅନ୍ୟ ବ୍ୟକ୍ତିକୁ ଆଦେଶ ଦେବାକୁ ଅପେକ୍ଷା କରେ ନାହିଁ, ଶିଶୁକୁ ଉଦ୍ଧାର କରିବା ସକାଶେ ସ୍ୱୟଂ ଜଳରେ ଡେଇଁପଡ଼େ, ଅଗ୍ନିରେ ପ୍ରବେଶ କରେ, ସର୍ପମୁଖରୁ ଶିଶୁକୁ ରକ୍ଷା କରେ । ସେହିପରି ଭଗବାନ୍ ନିଜ ଭକ୍ତକୁ ଉଦ୍ଧାର କରିବାର ଭାର ଅନ୍ୟକୁ ନଦେଇ ସ୍ୱୟଂ ସେମାନଙ୍କ ମଧ୍ୟରେ ମନୁଷ୍ୟ ଶରୀରରେ ଆସନ୍ତି । ଐଶ୍ୱର୍ଯ୍ୟ ଛାଡ଼ି ମାଧୁର୍ଯ୍ୟରେ ନିଜକୁ ଏପରି ଢାଳି ଦିଅନ୍ତି, ଏପରି ବ୍ୟବହାର କରନ୍ତି ଯେ ପିତାମହ ବ୍ରହ୍ମା, ଦେବରାଜ ଇନ୍ଦ୍ର ବି ମୋହିତ ହୁଅନ୍ତି । ଶ୍ରୀକୃଷ୍ଣ ଗୋପରେ ଗୋରୁ ଚରାଇ ଗୋପବାଳକମାନଙ୍କ ସଙ୍ଗେ ବଣଭୋଜି ଏବଂ ଖେଳକୌତୁକ କରିବା ସମୟରେ ବ୍ରହ୍ମା ଚକିତ ହୋଇଗଲେ । ସେ ଗୋପବାଳକମାନଙ୍କ ସଙ୍ଗେ ଖେଳନ୍ତି, କୁସ୍ତି ଲଢ଼ନ୍ତି, ହାର-ଜିତରେ କେଉଁ ବାଳକକୁ ନିଜ କାନ୍ଧରେ ବସାଇ ଚାଲନ୍ତି, କେଉଁ ବାଳକର କାନ୍ଧରେ ବସି ଆନନ୍ଦ ପାଆନ୍ତି, କେଉଁ ବାଳକର ଭୋଜନ ପତ୍ରରୁ ଉଚ୍ଛିଷ୍ଟ ଛଡ଼ାଇ ଖାଆନ୍ତି, କେଉଁ ବାଳକ ତାଙ୍କ ହାତ ଧରି ତାଙ୍କ ଖାଇବା ବନ୍ଦ କରି ତାଙ୍କ ପତ୍ରର ଉଚ୍ଛିଷ୍ଟ ନିଜ ଉଚ୍ଛିଷ୍ଟ ହାତରେ ଗପାଗପ ନିଜ ମୁଖରେ ଭର୍ତ୍ତି କରିବାକୁ ଲାଗନ୍ତି । ଏହିସବୁ ଦେଖି ବ୍ରହ୍ମା ହେଲେ ବିସ୍ମିତ । ଭାବିଲେ, ''ଯେଉଁ ବ୍ରହ୍ମର ଅନ୍ତ ମଧ୍ୟ ନାହିଁ, ବେଦ ଯାହାକୁ ପ୍ରତିପାଦନ କରିବାରେ ଅସମର୍ଥ, ଋଷିମୁନି ଯାହାର ଟେର୍ ପାଆନ୍ତି ନାହିଁ, ସୃଷ୍ଟି ସର୍ଜନା କରିବା ବ୍ୟକ୍ତି ମୁଁ ବ୍ରହ୍ମା ଯାହାଙ୍କୁ ଜାଣିପାରେ ନାହିଁ, ସେହି ବ୍ରହ୍ମ ଅଜ୍ଞାନ ଶିଶୁ ସଦୃଶ ଖେଳ-କୌତୁକରେ ରତ ।'' ଭଗବାନଙ୍କ ଅବତାର ଲୀଳାରେ ବ୍ରହ୍ମାଙ୍କୁ ହେଲା ମୋହ । ସେ ଭଗବାନଙ୍କୁ

ଚିହ୍ନି ପାରିଲେ ନାହିଁ । ଶେଷରେ ପରୀକ୍ଷା କରିବାକୁ ଠିକ୍ କଲେ । ଗୋପବାଳକ ଏବଂ ଗୋରୁଙ୍କୁ ନିଜ ମାୟାରେ ହରଣ କରି ନେଇଗଲେ । ରଖିଲେ ବହୁତ ଗୁପ୍ତ ସ୍ଥାନରେ । ବର୍ଷକ ପରେ ଆସି ଦେଖିଲେ ସେହି ଲୀଳା । ଯୋଗବଳରେ ଦେଖିଲେ ହରିଥିବା ଗୋପବାଳକ ଓ ଗୋରୁମାନେ ସେହିଠାରେ ସୁରକ୍ଷିତ ଅଛନ୍ତି । ଏସବୁ ସେହି ରୂପରେ ଆସିଲେ କେଉଁଠୁ ? ସ୍ୱୟଂ ଶ୍ରୀକୃଷ୍ଣ ଗୋପବାଳକ ଏବଂ ଗୋରୁ ରୂପରେ ପ୍ରକଟ ହୋଇଥିଲେ । ଏହି ରହସ୍ୟ ବ୍ରହ୍ମା ବୁଝି ନପାରି ଭଗବାନଙ୍କୁ ସ୍ତୁତି କଲେ । ଭଗବାନଙ୍କ କୃପାରୁ ସେ ମାୟାରୁ ମୁକ୍ତ ହେଲେ ଏବଂ ସମସ୍ତ ଗୋରୁ, ବାଛୁରୀ, ଗୋପବାଳକଙ୍କୁ ଆଣି ଶ୍ରୀଚରଣରେ ସମର୍ପଣ କଲେ । ସମସ୍ତ ଐଶ୍ୱର୍ଯ୍ୟର ସ୍ୱରୂପ ପ୍ରଭୁ କେବଳ କୃପାପରବଶ ହୋଇ ସଜ୍ଜନଙ୍କୁ ଉଦ୍ଧାର କରିବା ସକାଶେ ଏହି ସଂସାରରେ ମନୁଷ୍ୟ ଶରୀରରେ ଅବତାର ନିଅନ୍ତି ।

ଅନ୍ୟ କାରଣ ହେଉଛି 'ବିନାଶାୟ ଚ ଦୁଷ୍କୃତାମ୍' । ଦୁଷ୍କୃତ ବିନାଶ ହେଲେ ଧର୍ମ ସ୍ଥାପନ ହୁଏ । ବ୍ୟକ୍ତି ନିଜ ପରିସ୍ଥିତି, ଦେଶ, ଜାତି, କାଳ ଅନୁସାରେ ଧର୍ମ ଶବ୍ଦର ଭିନ୍ନ ଭିନ୍ନ ଅର୍ଥ କରେ । ଏପରିକି କୁଳ ପରମ୍ପରା ପଦ୍ଧତି ତଥା ନୈତିକତାକୁ ବି ଧର୍ମ ନାମ ଦେଇଥାଏ । ଉତ୍ତର ଭାରତରେ ପ୍ରତ୍ୟେକ ବ୍ୟକ୍ତି ତଥା ମାନ୍ଦ୍ରାଜ ପ୍ରାନ୍ତରେ ବ୍ରାହ୍ମଣଙ୍କର ଶିଖା ରଖିବା ପରମ୍ପରାଗତ ପ୍ରଥା । ଶିଖାବିହୀନ ବ୍ୟକ୍ତି ପତିତ ମାନ୍ୟ ହୁଏ । କିନ୍ତୁ ବଙ୍ଗଳା ଓ ଓଡ଼ିଶାରେ ଶିଖାର ପ୍ରଚଳନ ନାହିଁ । ଶିଖା ବିନା ବ୍ୟକ୍ତି ଯଦି ପତିତ ହୁଅନ୍ତେ ତେବେ ଓଡ଼ିଶା ଓ ବଙ୍ଗଳାର ସମସ୍ତ ବ୍ୟକ୍ତି କ'ଣ ପତିତ ?

ଏହିସବୁ ନୀତିନିୟମ ଦେଶ-କାଳ-ପାତ୍ର ଅନୁସାରେ ସମାଜ ବ୍ୟବସ୍ଥିତ ଏବଂ ଶୃଙ୍ଖଳିତ ହେବା ସକାଶେ ଶ୍ରେଷ୍ଠ ବ୍ୟକ୍ତିଙ୍କ ଦ୍ୱାରା ନିର୍ଦ୍ଧାରିତ ପନ୍ଥାକୁ ମାନି ନିଆ ହୋଇଥାଏ । ଭ୍ରମବଶତଃ ବ୍ୟକ୍ତି ଏହି ନୈତିକତାକୁ ଧର୍ମ ଆଖ୍ୟା ଦେଇଥାଏ । କିନ୍ତୁ ଅଧ୍ୟାତ୍ମ ଧର୍ମ ସମସ୍ତ ଦେଶ, ସମସ୍ତ କାଳ, ସମସ୍ତ ବ୍ୟକ୍ତି ସକାଶେ ସତ୍ୟ, ଅପରିବର୍ତ୍ତନୀୟ, ଏକ । ତାହା ହେଉଛି ଆତ୍ମାର ଧର୍ମ । ଏହି ଆତ୍ମ-ଧର୍ମକୁ ଗୀତାରେ ଅର୍ଜୁନଙ୍କୁ ଶ୍ରୀକୃଷ୍ଣ କହିଅଛନ୍ତି – ''ସ୍ୱଧର୍ମେ ନିଧନଂ ଶ୍ରେୟଃ'' । ଧର୍ମ ଅର୍ଥ କୁଳାଚାର ପନ୍ଥା ନୁହେଁ । ସମସ୍ତ ସନ୍ନ୍ୟାସୀ, ଋଷିମୁନି କୁଳପନ୍ଥାକୁ ଛାଡ଼ି ଅଧ୍ୟାତ୍ମ ଧର୍ମ ଅବଲମ୍ବନ କରନ୍ତି । ସେହିମାନେ ହୁଅନ୍ତି ସମାଜରେ ପୂଜିତ । ଯଦି ପୁରୋହିତ ପୁତ୍ରର ଶ୍ରାଦ୍ଧ କରିବା, ବାରିକ ପୁତ୍ରର କ୍ଷୌର କରିବା, ଚଷା ପୁତ୍ରର ଚାଷ କରିବା କର୍ମକୁ ଯଥାକ୍ରମେ ସେମାନଙ୍କର ଧର୍ମ ବୋଲି ମାନି ନିଆ ହୁଏ, ତେବେ ବ୍ୟକ୍ତିର ଉନ୍ନତି ହୁଅନ୍ତା ନାହିଁ କିଂବା କେହି ଅଧ୍ୟାତ୍ମ ମାର୍ଗରେ ଯାଇ ପାରନ୍ତେ ନାହିଁ । ସମସ୍ତେ ସେହି ଧର୍ମରେ ପଡ଼ି ଶଢୁ ଥାଆନ୍ତେ । କିନ୍ତୁ ଏହି ନୈତିକତା ହେୟ ନୁହେଁ । ଧର୍ମର ସତ୍ୟ ଆତ୍ମାର ସହାୟକ ଏବଂ ଆତ୍ମଜ୍ଞାନ ପ୍ରାପ୍ତ ହେବା ପର୍ଯ୍ୟନ୍ତ ଧର୍ମ ଅବଶ୍ୟ ପାଳନୀୟ । ଆତ୍ମାର ଧର୍ମ ହେଉଛି ପରମ ଶାନ୍ତି, ପରମ ଆନନ୍ଦ, ପରମ ଜ୍ଞାନ ସ୍ୱରୂପ ଭଗବତ୍ ପ୍ରାପ୍ତି । ଭଗବାନଙ୍କ ଯନ୍ତ୍ର ରୂପେ ଭଗବାନଙ୍କ କାର୍ଯ୍ୟରେ ଭଗବତ୍ ଶକ୍ତି ଦ୍ୱାରା ପରିଚାଳିତ ହେବା, ରୂପାନ୍ତରିତ ମନ, ପ୍ରାଣ, ଶରୀରରେ ଭଗବାନଙ୍କ ସହିତ ଏକତ୍ୱ ପ୍ରାପ୍ତ ହେବା, ଅଜ୍ଞାନ ଶକ୍ତି, ରୋଗ, ଜରା, ମୃତ୍ୟୁ କବଳରୁ ପୂର୍ଣ୍ଣ ମୁକ୍ତି ଲାଭ କରିବା, ବ୍ୟକ୍ତି ଏହି ଲକ୍ଷ୍ୟ ଆଡ଼କୁ ଅଜ୍ଞାତ ରୂପେ ପ୍ରକୃତି ଦ୍ୱାରା ପରିଚାଳିତ ହୋଇ ଅଗ୍ରସର ହେଉଅଛି । ସେ ନିଜ ଧର୍ମରେ ସଚେତନ ନ ହୋଇ ମଧ୍ୟ ଅଜ୍ଞାତରେ ମୃତ୍ୟୁ, ରୋଗ, ଜରା, ଦୁଃଖ, କଷ୍ଟ, ଦ୍ୱନ୍ଦ୍ୱ ଚାହୁଁ ନାହିଁ; ଚାହୁଁଛି ଦୁଃଖ ଅମିଶ୍ରିତ ଆନନ୍ଦ – ମୃତ୍ୟୁ, ରୋଗ, ଜରାରୁ ମୁକ୍ତ ଭଗବାନଙ୍କ ସହିତ ଯୁକ୍ତ ଜୀବନ । ମନୁଷ୍ୟର ଏହି ବିକାଶ ପ୍ରକୃତି ଦ୍ୱାରା ପରିଚାଳିତ ହୋଇ ବିଶେଷ ମନ୍ଥର ଗତିରେ ଚାଲେ ଏବଂ ଅସୁର ଶକ୍ତି ଦ୍ୱାରା ବହୁତ ସମୟରେ ଅନ୍ୟାୟ, ଅତ୍ୟାଚାର ବୃଦ୍ଧିରେ ବ୍ୟାହତ ହୁଏ, କେବେ କେବେ ପ୍ରଳୟରେ ନଷ୍ଟ ବି ହୁଏ । ପ୍ରଳୟ ଏବଂ ମନୁଷ୍ୟର ଅଗ୍ରଗତି ବ୍ୟାହତ ହେବା ସମୟରେ ଭଗବାନ୍ ଅବତାର ନେଇ ଅସୁର ଶକ୍ତିର ଅନ୍ୟାୟ, ଅତ୍ୟାଚାର ନଷ୍ଟ କରି ମନୁଷ୍ୟଜାତିକୁ ଗୋଟିଏ ନୂତନ ଚେତନା ସ୍ତରରେ ଉପନୀତ କରାଇ ଦିଅନ୍ତି । ଏହି କାର୍ଯ୍ୟ କରିବା ସକାଶେ ଭଗବାନ୍ ଯୁଗେ ଯୁଗେ ଅବତାର ନିଅନ୍ତି ।

ଦଶ ଅବତାର

ପ୍ରଥମେ ସଂସାର ଥିଲା ଜଳମଗ୍ନ, ଅନ୍ଧକାରାଚ୍ଛନ୍ନ । ତାହାରି ମଧ୍ୟରେ ଭଗବାନ୍ ଥିଲେ ଲୁକ୍‌କାୟିତ । ଜଳ ମଧ୍ୟରେ ଜୀବ ସୃଷ୍ଟି କରିବା ସକାଶେ ଭଗବାନ୍ ମତ୍ସ୍ୟ ଅବତାର ନେଲେ ଏବଂ ଶଙ୍ଖାସୁରକୁ ବଧ କରି ବେଦ ଉଦ୍ଧାର କଲେ । ସଂସାରରେ ହେଲା ଜଳଜନ୍ତୁଙ୍କର ସୃଷ୍ଟି ।

ଭଗବାନ୍ କଚ୍ଛପ ଅବତାର ନେଇ ଜୀବକୁ ଆଉ ଗୋଟିଏ ଚେତନାକୁ ଅଗ୍ରଗାମୀ କରାଇଲେ । ମତ୍ସ୍ୟ ସଦୃଶ

କଚ୍ଛପ କେବଳ ଜଳଜନ୍ତୁ ନୁହେଁ, ସେ ଜଳ ତଥା ସ୍ଥଳରେ ରହିପାରେ ।

ଦୈତ୍ୟ ହିରଣ୍ୟାକ୍ଷ ପୃଥିବୀକୁ ରସାତଳକୁ ନେଇଯିବା ସମୟରେ ଭଗବାନ୍ ବରାହ ଅବତାର ନେଇ ହିରଣ୍ୟାକ୍ଷକୁ ବଧ କରି ପୃଥିବୀକୁ ରକ୍ଷା କଲେ । ପୃଥିବୀରେ ସ୍ଥାପିତ ହେଲା ପଶୁ-ଚେତନା ।

ଭକ୍ତ ପ୍ରହ୍ଲାଦ ପିତା ହିରଣ୍ୟକଶିପୁ ଦ୍ୱାରା ପ୍ରପୀଡ଼ିତ ହେବାରୁ ଭଗବାନ୍ ନରସିଂହ ରୂପେ ଅବତାର ନେଇ ହିରଣ୍ୟକଶିପୁକୁ ବଧ କଲେ ଏବଂ ଭକ୍ତ ପ୍ରହ୍ଲାଦକୁ ଉଦ୍ଧାର କଲେ । ନରସିଂହ ଶରୀରରେ ଥିଲା ଗୋଡ଼ରୁ ଛାତି ପର୍ଯ୍ୟନ୍ତ ମନୁଷ୍ୟ ରୂପ ଏବଂ ବେକରୁ ମସ୍ତକ ପର୍ଯ୍ୟନ୍ତ ସିଂହ ରୂପ । ନରସିଂହ ଅବତାରରେ ପ୍ରାଣୀ ଯଦ୍ୟପି ଶରୀର ପ୍ରାପ୍ତ କରିଥିଲା ମନୁଷ୍ୟର, କିନ୍ତୁ ତା'ର ଚେତନା ଥିଲା ପଶୁର । ସେ ସେହି ପଶୁ-ଚେତନାରେ ମନୁଷ୍ୟ-ଚେତନା ପ୍ରତିଷ୍ଠା କଲେ ।

କଶ୍ୟପ ଋଷିଙ୍କ ଧର୍ମପତ୍ନୀ ଦିତିଙ୍କ ଗର୍ଭରୁ ଦୈତ୍ୟ ଓ ଅଦିତିଙ୍କ ଗର୍ଭରୁ ଦେବତା ଉତ୍ପନ୍ନ ହୋଇଥିଲେ । ଅସୁରମାନେ ବଳବାନ୍ ହୋଇ ସ୍ୱର୍ଗରାଜ୍ୟ ଅଧିକାର କରି ଦେବତାମାନଙ୍କୁ ତଡ଼ି ଦେଲେ । ସେମାନଙ୍କୁ ରକ୍ଷା କରିବା ସକାଶେ ଭଗବାନ୍ ବାମନ ଅବତାର ନେଇ ଅସୁରରାଜା ବଳିଠାରୁ ତ୍ରିପାଦ ଭୂମି ଦାନ ନେଲେ । ଗୋଟିଏ ପାଦରେ ସ୍ୱର୍ଗ, ଅନ୍ୟ ଗୋଟିଏ ପାଦରେ ମର୍ତ୍ତ୍ୟକୁ ନେଲେ । ତୃତୀୟ ପାଦ ଭୂମି ସକାଶେ ବଳି ନିଜ ଶରୀରକୁ ଭଗବାନଙ୍କ ଚରଣରେ ସମର୍ପଣ କରିଦେଲେ । ଭଗବାନ୍ ତାଙ୍କ ସମର୍ପଣ ଏବଂ ଭକ୍ତିରେ ବଶୀଭୂତ ହୋଇ ତାଙ୍କୁ ପାତାଳରେ ସ୍ଥାନ ଦେଲେ ଏବଂ ତାଙ୍କ ପ୍ରାର୍ଥନାରେ ତାଙ୍କୁ ପ୍ରତିଦିନ ଦର୍ଶନ ଦେବା ସକାଶେ ବରଦାନ ଦେଲେ । ତାଙ୍କର ରକ୍ଷା ସକାଶେ ସୁଦର୍ଶନ ଚକ୍ରକୁ ମଧ୍ୟ ନିଯୁକ୍ତ କରିଦେଲେ । ଏହି ଅବତାରରେ ଭଗବାନ୍ ସ୍ଥାପନ କଲେ ଅପୂର୍ଣ୍ଣ ମନୁଷ୍ୟ ଚେତନା ।

ଏହାପରେ ଭଗବାନ୍ ହେଲେ ପର୍ଶୁରାମ ଅବତାର । ସେ ସମୟରେ ମନୁଷ୍ୟ-ଚେତନା ବିକଶିତ ହୋଇଥିଲା, କିନ୍ତୁ ପ୍ରାଣଶକ୍ତି ଦ୍ୱାରା ପରିଚାଳିତ ହେଉ ଥିଲା । ସେହି କାରଣରୁ ସଂସାରରେ ଥିଲା ଦୁଷ୍ଟ ରାଜାଙ୍କର ରାଜତ୍ୱ, କର୍ମ ଥିଲା ବର୍ବରତା; ପର୍ଶୁରାମ ଅବତାରରେ ସେ ପୃଥିବୀକୁ ଏକୋଇଶ ଥର ଯୋଦ୍ଧାଶୂନ୍ୟ କରିଥିଲେ । ମନୁଷ୍ୟ-ଚେତନାରେ ଯେଉଁ ପ୍ରାଣର ବର୍ବରତା ଥିଲା ତାହା ସେ ନଷ୍ଟ କରିଥିଲେ ।

ମନବିଶିଷ୍ଟ ମନୁଷ୍ୟଜାତିର ଯଥାର୍ଥ ମାନବ-ଚେତନା ପ୍ରସ୍ଥାପିତ କରିବା ସକାଶେ ଭଗବାନ୍ ଅବତାର ନେଲେ ମର୍ଯ୍ୟାଦାସମ୍ପନ୍ନ ପୁରୁଷୋତ୍ତମ ଶ୍ରୀରାମ ରୂପେ । ଶ୍ରୀରାମ ଥିଲେ ଆଦର୍ଶ ପୁତ୍ର, ଆଦର୍ଶ ଭ୍ରାତା, ଆଦର୍ଶ ପତି, ଆଦର୍ଶ ପିତା, ଆଦର୍ଶ ରାଜା, ଅତୁଳନୀୟ, ଅଦ୍ୱିତୀୟ ବୀରଶିରୋମଣି ଧାର୍ମିକ ଯୋଦ୍ଧା । ଧର୍ମ, ନ୍ୟାୟ, ଦୟା, କରୁଣା ଇତ୍ୟାଦି ଦିବ୍ୟଗୁଣର ସମୁଦ୍ର । ଶ୍ରୀରାମଚନ୍ଦ୍ର ଥିଲେ ଆଦର୍ଶ ଗୃହସ୍ଥ । ପୃଥିବୀରେ ସେ ପୂର୍ଣ୍ଣ ମାନସ ଚେତନା ସ୍ଥାପନ କରିଥିଲେ ।

ଲୀଳାମୟ ପୁରୁଷୋତ୍ତମ ଶ୍ରୀକୃଷ୍ଣ ଅବତାର ନେଇ ପୃଥିବୀରେ ଅଧିମାନସ ଚେତନା ସ୍ଥାପନ କଲେ । ଯୋଗଯୁକ୍ତ ହୋଇ ଭଗବତ୍ କର୍ମ ସ୍ୱୟଂ ଆଚରଣ କଲେ ଏବଂ ଶିଷ୍ୟ ଅର୍ଜୁନଙ୍କ ଦ୍ୱାରା ତାହା ଆଚରଣ କରାଇଲେ । ଯୋଗଯୁକ୍ତ କର୍ମର ଆଦର୍ଶ ହେଲା ଶ୍ରୀକୃଷ୍ଣଙ୍କ ଶିକ୍ଷା ।

ମନୁଷ୍ୟର ଲକ୍ଷ୍ୟ ପ୍ରାପ୍ତିରେ ତିନୋଟି ଆଧ୍ୟାତ୍ମିକ ସ୍ତର ବା ତିନୋଟି ସିଦ୍ଧି ପ୍ରାପ୍ତ ହୁଏ । ଆତ୍ମିକ ସିଦ୍ଧି, ଆଧ୍ୟାତ୍ମିକ ସିଦ୍ଧି ଓ ଅତିମାନସିକ ସିଦ୍ଧି । ବୁଦ୍ଧଦେବ ଅବତାର ହୋଇ ଯେଉଁ ନିର୍ବାଣ ଶିକ୍ଷା ଦେଲେ ତାହା ଆଧ୍ୟାତ୍ମିକ ସିଦ୍ଧିର ଅନ୍ତର୍ଭୁକ୍ତ । ମନୁଷ୍ୟର ଲକ୍ଷ୍ୟ ପ୍ରାପ୍ତିରେ ଏହା ଏକ ଅନିବାର୍ଯ୍ୟ ସିଦ୍ଧି ।

ଶେଷ ଅବତାରଙ୍କର କାର୍ଯ୍ୟ ମନୁଷ୍ୟକୁ ମାନସ ଚେତନାରୁ ଅତିମାନସ ଚେତନା ସ୍ତରକୁ ନେଇଯିବା । ବର୍ତ୍ତମାନ ପୃଥିବୀରେ ଅତିମାନସ ସ୍ଥାପିତ ହେବାର ସମୟ । ଆଉ ଅତିମାନସର ସ୍ୱାଭାବିକ ଧର୍ମ ହେଲା ଅଜ୍ଞାନ ଅନ୍ଧକାର ଶକ୍ତି – ଜରା, ରୋଗ, ମୃତ୍ୟୁ, ଅଧୀନରୁ ମନୁଷ୍ୟ ପୂର୍ଣ୍ଣ ରୂପେ ମୁକ୍ତ ହୋଇ ଦିବ୍ୟ ମାନବତ୍ୱକୁ ପ୍ରାପ୍ତ ହେବ । ତାହାଫଳରେ ସଂସାରରୁ ଦୁଃଖ, ଦ୍ୱନ୍ଦ୍ୱ, ହିଂସା, ଦ୍ୱେଷାଦି ପ୍ରତିକୂଳ ପ୍ରକୃତି ଦୂର ହେବ । ସଂସାର ସ୍ୱର୍ଗରେ ପରିଣତ ହେବ ।

(ଶ୍ରୀ ରାମକୃଷ୍ଣ ଦାସଙ୍କ ରଚନା ସଂଗ୍ରହ,
ପ୍ରଥମ ଖଣ୍ଡ, ପୃ. ୭୬୪ - ୭୬୭) ❑



ବିକାଶର ଶାଶ୍ୱତ କ୍ରମରେ ପ୍ରତ୍ୟେକ ଅବତାର ହେଉଛିନ୍ତ କେବଳ ଜଣେ ପୂର୍ଣ୍ଣତର ଭବିଷ୍ୟତ୍ ଉପଲବ୍ଧିର ଦିଗ୍‌ଦର୍ଶକ ।

– ଶ୍ରୀମା

ଦିବ୍ୟ ସତ୍ୟର ସନ୍ଧାନ

ସୁନାମଣି ରାଉତ

"To come closer to the Truth, you must often accept not to understand."
(MCW, Vol. 14, p. 197) – The Mother

''ଦିବ୍ୟ ସତ୍ୟର ନିକଟବର୍ତ୍ତୀ ହେବାକୁ ହେଲେ, ତୁମକୁ ଅନେକଥର ଏହା ନ ବୁଝିବାକୁହିଁ ସମ୍ମତ ହେବାକୁ ହେବ ।''

– ଶ୍ରୀମା

[ଶ୍ରୀମା'ଙ୍କର ଉପରୋକ୍ତ ଉକ୍ତିକୁ ଆଧାର କରି **'ଦିବ୍ୟ ସତ୍ୟର ସନ୍ଧାନ'** କବିତାଟିର ପରିକଳ୍ପନା ଓ ରୂପାୟନ ।]

ସତ୍ୟ-ମିଥ୍ୟାର ଦୋଛକି-ଦ୍ୱନ୍ଦ୍ୱରେ
ମଣିଷ ହୋଇଛି ଠିଆ,
ଏପାଖେ ଆଲୋକ ସେପାଖେ ଅନ୍ଧାର
ମଝିରେ ସନ୍ଦେହ-ନିଆଁ ।
ବାଦଲ ଯେମିତି ସୂର୍ଯ୍ୟ ମୁହଁକୁ
ଘଡ଼ିଏ ଘୋଡ଼ାଇ ଦିଏ,
ମିଥ୍ୟା ସେମିତି ସତ୍ୟର ପଥ
ନିମିଷେ ଓଗାଳି ଥାଏ ।

ସତ୍ୟ ସର୍ବଦା ନିତ୍ୟ ଶାଶ୍ୱତ
ଦିବ୍ୟ ପରମାନନ୍ଦ,
ସତ୍ୟ ଅଟଇ ଶୁଦ୍ଧ ସୁବର୍ଣ୍ଣ
ନଥାଏ ସନ୍ଦେହ ଦ୍ୱନ୍ଦ୍ୱ ।
ଦିବ୍ୟ ସତ୍ୟର ସନ୍ଧାନ ଲାଗି
ଚେତନାର ଚଇତାଳି,
'ଅତିମାନସ'ର ଆରୋହଣ ପାଇଁ
ନିତ୍ୟ ହେଉଛି ଭାଳି ।

ରାତ୍ରି ପାହିବ ବିହଗ ଗାଇବ
ଉଜ୍ଜ୍ୱଳ ହେବ ଧରା,
ତମସା ହଟିବ ପ୍ରଭା ଚହଟିବ
ଆସୁଛି ସେଦିନ ପରା ।

ଦିବ୍ୟ ସତ୍ୟର ସନ୍ଧାନ ଲାଗି
ଉନ୍ମୁଖ ରଖ ପ୍ରାଣ,
ଅବୋଧ ହେଲେ ବି ସେହି ଦିବ୍ୟ ସତ୍ୟ
ଦେବ ନିଶ୍ଚେ ପରିତ୍ରାଣ ।
ଜରା ବ୍ୟାଧି ମୃତ୍ୟୁ ନରକରୁ ଦିନେ
ମୁକ୍ତି ଲଭିବ ନର,
ସ୍ୱର୍ଗ-ସୁଖରେ ଉଲ୍ଲସିତ ହେବ
ନଗର, ପଲ୍ଲୀ ପୁର ।

ଜାତି ଧର୍ମ ବର୍ଣ୍ଣ ଊର୍ଦ୍ଧ୍ୱରେ ହେବ
ମଣିଷ ଗୋଟିଏ ଜାତି,
ସୁଖ ଶାନ୍ତି ମୈତ୍ରୀ ଭ୍ରାତୃତ୍ୱେ ଭରିବ
ସବୁଦିନ ସବୁରାତି ।
ଅମୃତର ଶିଶୁ ଦିବ୍ୟ ସତ୍ୟରେ
ପଖାଳିବ ତା'ର ମୁଖ,
ଜୀବନର ଜ୍ୱାଳା ରୂପାନ୍ତର ଲଭି
ଆଣିବ ପରମ ସୁଖ ।

ହେ ମଣିଷ ଭାଇ ଅନ୍ତରେ ଧାୟୀ
ଓଁକାର ପରମ ନାଦ,
ନିନାଦିତ କର ସସାଗରା ଧରା
ଘୁଞ୍ଚୁ ଦୁଃଖ ଅବସାଦ ! ❑

ମା' ଆପଣ ଏମିତି କହିଛନ୍ତି ...

(୧୪)

ହୁତା ହିନ୍ଦୋଚା

[ଶ୍ରୀମା ଓ ଶ୍ରୀଅରବିନ୍ଦଙ୍କ ପ୍ରତି ପୂର୍ଣ୍ଣ ସମର୍ପିତା ହୁତା ହିନ୍ଦୋଚାଙ୍କ ଦ୍ୱାରା ଇଂରାଜୀ ଭାଷାରେ ଲିଖିତ "Mother You said so ..." ପୁସ୍ତକର ଓଡ଼ିଆ ଭାଷାରେ ଅନୁବାଦ : ''ମା' ଆପଣ ଏମିତି କହିଛନ୍ତି ...''। ୧୯୫୫ ମସିହାରୁ ୧୯୭୩ ମସିହା ପର୍ଯ୍ୟନ୍ତ ମା' ବିଭିନ୍ନ ସମୟରେ ହୁତାଙ୍କୁ ଯେଉଁ କଥାସବୁ କହିଥିଲେ ସେସବୁ ଉକ୍ତ ପୁସ୍ତକରେ ସନ୍ନିବେଶିତ ହୋଇଛି। ଶ୍ରୀମା ସ୍ୱହସ୍ତରେ ହୁତାଙ୍କ ପାଣ୍ଡୁଲିପି (ନୋଟ୍ ଖାତା) ସଂଶୋଧନ କରିଥିଲେ ଏବଂ ପୁସ୍ତକର ନାମକରଣ କରିଥିଲେ "Mother You said so ..."

ପରମା ଦିବ୍ୟଜନନୀ ଶ୍ରୀମା'ଙ୍କ କୃପାରୁ ଧାରାବାହିକ ଭାବେ ଏହାର ଅନୁବାଦ 'ନବପ୍ରକାଶ' ମାସିକ ପତ୍ରିକାରେ ପ୍ରକାଶ କରିବାର ଏକ ପ୍ରୟାସ କରାଯାଇଛି। – ସମ୍ପାଦନା]

ତୁମର ମନକୁ ସମ୍ପୂର୍ଣ୍ଣ ଶୂନ୍ୟ କରି ରଖ ଏବଂ ଦିବ୍ୟ ଶକ୍ତିଙ୍କୁ ଗ୍ରହଣ କର। କେବଳ ଭଗବାନଙ୍କୁ ଜାବୁଡ଼ି ଧର, ଅତୀତକୁ ନୁହେଁ। ଭଗବାନହିଁ ସତ୍ୟ, ଭଗବାନହିଁ ପ୍ରେମ, ଭଗବାନହିଁ ଆନନ୍ଦ। ...

୨୯.୬.୬୪

ମଣିଷର ଜୀବନ ଜଟିଳ। ନିଜକୁ ବିଶୁଦ୍ଧ କରିବା ପାଇଁ ଆତ୍ମାଟିଏ ପୃଥିବୀରେ ଜନ୍ମନିଏ। ଏହା ବିଭିନ୍ନ ପଦାର୍ଥ ଦ୍ୱାରା ପରିବେଷ୍ଟିତ ହୋଇଥାଏ : ଅଭ୍ୟାସ, ପ୍ରକୃତି ଏବଂ ଏହିପରି ... ସମଗ୍ର ସତ୍ତାଟି ଦୋଷଯୁକ୍ତ ଏବଂ ବିକ୍ଷିପ୍ତ ହୋଇଥାଏ।

ପ୍ରକୃତ କଥା ହେଉଛି, ଭଲ ଏବଂ ମନ୍ଦ କଥା ମାତାପିତାଙ୍କ ପାଖରୁ ଆସେ। ଲୋକମାନେ ସେମାନଙ୍କର ଦୋଷତ୍ରୁଟିକୁ ପଛକୁ ଠେଲିଦେବା ନୁହେଁ କିଂବା ଲୁଚାଇବା ଉଚିତ ନୁହେଁ। ଏହିସବୁ ଅଭ୍ୟାସ ଏବଂ ଦୋଷତ୍ରୁଟି – ଯେତେବେଳେ ସେସବୁ ଉପରକୁ ଉଠନ୍ତି, ସେତେବେଳେ ଲୋକମାନେ ସଙ୍ଗେ ସଙ୍ଗେ ସେଗୁଡ଼ିକର ମୌଳିକ ଉତ୍ସକୁ ଧରିବା ଉଚିତ ଏବଂ ସେସବୁକୁ ଭଗବାନଙ୍କୁ ଅର୍ପଣ କରି ପ୍ରାର୍ଥନା କରିବା ଉଚିତ, – 'ହେ ପ୍ରଭୁ, ସମସ୍ତ ଦୋଷତ୍ରୁଟିକୁ ନେଇଯାଅ। ଆମେ ସେଗୁଡ଼ିକୁ ଆବଶ୍ୟକ କରୁ ନାହୁଁ – ସବୁକିଛି **ତୁମର** – ଏହାର ଦାୟିତ୍ୱ ନିଅ। ...'

ଆତ୍ମାର ଲକ୍ଷ୍ୟ ହେଉଛି ସଚେତନ ଭାବେ ସମଗ୍ର ସତ୍ତାକୁ ସଂଗଠିତ କରିବା ଯଦ୍ୱାରା ସମସ୍ତ ସତ୍ତାକୁ ପବିତ୍ର କରିହେବ ଏବଂ ପରିଶେଷରେ ଆତ୍ମା ଏବଂ ସତ୍ତାକୁ ଭଗବାନଙ୍କ ସହିତ ଏକୀଭୂତ କରିହେବ। ଏହା ହେଉଛି ସମଗ୍ର ସତ୍ତାର ରୂପାନ୍ତର।

ନିଶ୍ଚିତ ରୂପେ ଏହାହିଁ ଲକ୍ଷ୍ୟ ହେବା ଉଚିତ; ଅନ୍ୟଥା ଏହା ବ୍ୟର୍ଥ ହେବ ଯଦି ଆତ୍ମା ଏକାକୀ ନିଜକୁ ସତ୍ତାଠାରୁ ବନ୍ଧନମୁକ୍ତ କରି ତାହାକୁ (ସତ୍ତାକୁ) ଯେପରି ଅଛି ସେପରି ବିକ୍ଷିପ୍ତ ଅବସ୍ଥାରେ ଛାଡ଼ି ଚାଲିଯାଏ।

ହଁ, ପରିଶେଷରେ ଆତ୍ମାର ମଧ୍ୟ ବାଛିବାର ସ୍ୱାଧୀନତା ଅଛି – ସେ ବିଲୟ ହେବ ଅବା ଅଭିବ୍ୟକ୍ତ ହେବ। କିନ୍ତୁ ଏହା ସତ୍ତ୍ୱେ କେବଳ ଭଗବାନହିଁ ନିଷ୍ପତ୍ତି ନିଅନ୍ତି ଏବଂ ପ୍ରତ୍ୟେକ ଆତ୍ମା ପାଇଁ ସର୍ବୋତ୍ତମ କାର୍ଯ୍ୟ କରନ୍ତି।

୯.୭.୬୪

ତୁମର ଯେତେବେଳେ କିଛି କରିବାକୁ ନଥାଏ, କେବଳ ସମାଧିସ୍ଥ ହୋଇଯାଅ – ଯେକୌଣସି ମନ୍ତ୍ର ''ଓଁ'' କିଂବା ''ପରମ ପ୍ରଭୁ'' କିଂବା ''ମା'' ଏହି ମନ୍ତ୍ରକୁ ଆବୃତ୍ତି କର ଏବଂ ତୁମ ହୃଦୟ ମଧ୍ୟକୁ ପ୍ରବେଶ କର ଏବଂ ସେଠାରେ **ଭଗବାନଙ୍କ ହୃଦୟ** ମଧ୍ୟରେ ଆଶ୍ରୟ ନିଅ, ଯେହେତୁ **ତାଙ୍କର ହୃଦୟ** ଅତ୍ୟନ୍ତ କୋମଳ, ଅତ୍ୟନ୍ତ ମଧୁର, ଅତ୍ୟନ୍ତ ସୁନ୍ଦର ...

ତୁମେ ଯେତେବେଳେ ବିଚଳିତ ହୋଇଥାଅ ଏବଂ ଯାହା ତୁମକୁ ବିବ୍ରତ କରୁଛି ତାହା ବ୍ୟତୀତ ତୁମେ ଅନ୍ୟ କିଛି ଭାବି ପାରୁ ନଥାଅ, ଠିକ୍ ସେତିକିବେଳେ ଅନ୍ତର୍ମୁଖୀ ହୁଅ ଏବଂ ଭଗବାନଙ୍କୁ ଆବାହନ କର। ଅବଶ୍ୟ, ଏଥିରେ ତୁମେ ଶୀଘ୍ର ସଫଳ ହୋଇ ନପାର। କିନ୍ତୁ କ୍ରମଶଃ ତୁମେ ସଫଳ ହେବ।

ଏହି ପାର୍ଥିବ ଚକ୍ଷୁରେ ଭଗବାନଙ୍କୁ ଦର୍ଶନ କରାଯାଇ ପାରିବ ନାହିଁ । ତୁମେ ପ୍ରଥମେ ଭଗବାନଙ୍କୁ ଅନୁଭବ କର – ଯେପରିକି ତୁମେ **ତାଙ୍କ ଦିବ୍ୟ ହୃଦୟ** ମଧ୍ୟରେ ରହିଛ । ଏପରି ଅନୁଭବ କରିବା ପାଇଁ ସ୍ୱାଭାବିକ ଭାବେ ସମୟ ଲାଗିବ । ଏପରିକି ଏହି ଅବସ୍ଥାକୁ ଲୋକମାନେ ଦୀର୍ଘ ବର୍ଷ ପରେ ମଧ୍ୟ ପ୍ରାପ୍ତ କରି ପାରନ୍ତି ନାହିଁ । ...

କେବେ ବି ଭୁଲିଯାଅ ନାହିଁ ଯେ ଭଗବାନହିଁ ଆରମ୍ଭ ଏବଂ ଭଗବାନହିଁ ଶେଷ ଅଟନ୍ତି । ଏ ପୃଥିବୀ ଭଗବାନଙ୍କୁ ଭୁଲି ଯାଇଛି – ଲୋକମାନେ ନିର୍ବୋଧ, ସେମାନେ ଭଗବାନଙ୍କୁ ଭୁଲିଯାଉଛନ୍ତି – ଏବଂ ସେଥିପାଇଁ ସବୁ ଦୁର୍ଦଶା ଏବଂ ସମସ୍ୟା ସର୍ବଦା ସେମାନଙ୍କ ସହିତ ରହିଛି ।

ଭଗବାନଙ୍କ ଦିବ୍ୟ ସଂକଳ୍ପ ଏବଂ ସିଦ୍ଧାନ୍ତ ବ୍ୟତୀତ ମୁଁ କିଛି କରିପାରିବି ନାହିଁ ।

ଊର୍ଦ୍ଧ୍ୱରୁ ଭଗବାନଙ୍କ ଜ୍ୟୋତିର ଝଲକ ତଥା ନିମ୍ନରେ ମଣିଷମାନଙ୍କ ଆସ୍ପୃହା – ଏବଂ ମଧ୍ୟଭାଗରେ ମୁଁ ଅଛି ମଣିଷମାନଙ୍କୁ ଭଗବାନଙ୍କ ସହିତ ଯୁକ୍ତ କରିବା ପାଇଁ – ମୋର କାର୍ଯ୍ୟ ହେଉଛି ମନୁଷ୍ୟମାନଙ୍କୁ ଭଗବାନଙ୍କ ହସ୍ତରେ ତୋଳି ଦେବା ।

ନିରନ୍ତର ମୁଁ ଭଗବାନଙ୍କୁ ପ୍ରାର୍ଥନା କରେ, ଏ ପୃଥିବୀକୁ କେବଳ ତାଙ୍କ (ଭଗବାନଙ୍କ) ବିଷୟରେ ସଚେତନ କରିବା ପାଇଁ ।

୧୭.୭.୬୪

ଦୁର୍ଗା ସର୍ବଦା ହଜାର ହଜାର ସଂଖ୍ୟାରେ ଥିବା ସଇତାନମାନଙ୍କୁ ତଡ଼ି ଚାଲିଛନ୍ତି । ସେ ସେମାନଙ୍କୁ ହତ୍ୟା କରନ୍ତି ନାହିଁ, କାରଣ ସେମାନଙ୍କୁ ବଧ କରାଯାଇ ପାରିବ ନାହିଁ ।

ଦୁର୍ଗା ଯେତେବେଳେ ସେମାନଙ୍କ ସହିତ ଯୁଦ୍ଧ କରନ୍ତି ସେମାନେ ଲୁଚିବା ସ୍ଥାନ ଖୋଜିବା ପାଇଁ ଏଆଡ଼େ ସେଆଡ଼େ ଦୌଡ଼ି ପଳାନ୍ତି । ଯେତେବେଳେ ମଣିଷମାନେ ସେମାନଙ୍କ ଚେତନାର ଦ୍ୱାର ଖୋଲି ରଖିଥା'ନ୍ତି ସଇତାନମାନେ ଟିକିଏ ବି ସମୟ ନଷ୍ଟ ନକରି ତନ୍ମଧ୍ୟରେ ପ୍ରବେଶ କରନ୍ତି ଏବଂ ଦୁଷ୍ଟାମି ଆରମ୍ଭ କରି ଦିଅନ୍ତି । ମୁଁ ତୁମକୁ କହୁଛି : କେବେ ବି ଦ୍ୱାର ଖୋଲା ରଖ ନାହିଁ, କାରଣ ସେହି ଦୁଷ୍ଟଶକ୍ତିମାନଙ୍କୁ ସ୍ୱାଗତ କରିବା ବିପଦପୂର୍ଣ୍ଣ ।

ତୁମର ସ୍ମରଣ ରଖିବା ଉଚିତ ଯେ ମାନବଜାତି ଏବଂ ପୃଥିବୀ **ଏକ** । ଏହି ସମଗ୍ର **ଏକକ** ରୂପାନ୍ତରିତ ହୋଇ ପାରିବ; ମାତ୍ର ଏହା ସମୟ ନେବ । ତଥାପି ଜଣେ ବ୍ୟକ୍ତି ଅଗ୍ରଗତି କରିପାରେ ଏବଂ ମୁକ୍ତ ହୋଇପାରେ ଯଦି ତୁମେ ପ୍ରତିକୂଳ ଶକ୍ତିଗୁଡ଼ିକର କଥାକୁ ନ ଶୁଣ ଏବଂ ଚେତନା ଭିତରକୁ ପ୍ରତିକୂଳ ଶକ୍ତିକୁ ପ୍ରବେଶ କରିବାକୁ ନଦିଅ ।

ମିଥ୍ୟା ପାଇଁ ତୁମେ ଯଦି ତୁମ ସତ୍ତାର ଦ୍ୱାର ବନ୍ଦ କରିଦିଅ ଏବଂ କେବଳ ସତ୍ୟକୁ ଜାବୁଡ଼ି ଧର ତେବେ ତୁମେ ମୁକ୍ତ ହେବ ଏବଂ ଆନନ୍ଦ ପାଇବ ।

ଭଗବାନ୍ ଏହି ଶକ୍ତିଗୁଡ଼ିକଠାରୁ ଅଧିକ ଶକ୍ତିଶାଳୀ ଅଟନ୍ତି । ...

୨୭.୭.୬୪

ଲୋକମାନେ ସର୍ବଦା ନିଜ ବ୍ୟାପାରରେ ମନ ଲଗାଇବା ଉଚିତ । କାହିଁକି ସେମାନେ ଏତେ ତେଣେ ଯାଆନ୍ତି ଏବଂ ଉପଦେଶ ଦିଅନ୍ତି ? ତୁମକୁ ଯେତେବେଳେ ସେମାନେ ଉପଦେଶ ଦେବାକୁ ଆରମ୍ଭ କରିବେ, ସେମାନଙ୍କୁ କୁହ, ''ମା' ଅଛନ୍ତି ମୋତେ ଉପଦେଶ ଦେବାକୁ; ତୁମ ନିଜ କାମରେ ମନ ଦିଅ ।''

ଲୋକମାନେ ସେମାନଙ୍କର ନିଜର ଭୁଲ୍‌କୁ ନିଜେ ଦେଖିବା ଉଚିତ ଏବଂ ସଂଶୋଧନ କରିବା ଉଚିତ । ସେମାନେହିଁ ନିଜକୁ ନିଜେ ନିରୀକ୍ଷଣ ଓ ସଂଯତ କରି ପାରନ୍ତି, ସେମାନେ ଅନ୍ୟ କାହାରି ତ୍ରୁଟିକୁ ସଂଶୋଧନ କରି ପାରିବେ ନାହିଁ ।

ତୁମେ ଯେତେବେଳେ ପୂର୍ଣ୍ଣ ନିରୀକ୍ଷଣପୂର୍ବକ ତୁମର ନିଜ ତ୍ରୁଟିକୁ ସଂଶୋଧନ କରିବ, ତୁମେ ସୁଖ ଓ ଶାନ୍ତି ଅନୁଭବ କରିପାରିବ । ତୁମେ ମଧ୍ୟ ମୋର **ଉପସ୍ଥିତି** ଅନୁଭବ କରିବ ଯାହାକି ତୁମ ଭିତରୁ ତୁମକୁ ମାର୍ଗଦର୍ଶନ କରୁଛି । ଉଚିତ କଥାଟି ହେଲା କାହାରି ଉପଦେଶ ନ ନେଇ ସତ୍ୟ ପ୍ରତି ତୁମ ଅନ୍ତର ଭିତରୁ ତୁମ ନିଜର ମାର୍ଗ ପ୍ରାପ୍ତ ହେବା । ତୁମର ଲକ୍ଷ୍ୟ ଦିଗରେ ନିରନ୍ତର ମୁଁ ତୁମକୁ ସାହାଯ୍ୟ କରି ଚାଲିଛି ...

୪.୮.୬୪

ସର୍ବୋତ୍ତମ ପାଇଁ ସର୍ବଦା ଆସ୍ପୃହା କର । ଏବଂ ଭଗବାନ୍ ଯାହା ସର୍ବୋତ୍ତମ ତାହାହିଁ କରିବେ । ସର୍ବଦା ସଙ୍ଗତି, ସୌନ୍ଦର୍ଯ୍ୟ, ପ୍ରେମ ଓ ସତ୍ୟ ପାଇଁ ଆସ୍ପୃହା କର ଏବଂ ସେ (ଭଗବାନ୍) ନିଶ୍ଚୟ ସେସବୁକୁ ତୁମକୁ ଦେବେ, କାରଣ ସେ ସର୍ବଶକ୍ତିମାନ୍ ... ସେହିଁ ସବୁକିଛି ଏବଂ ସବୁରି ଭିତରେ ଅଛନ୍ତି ।

୧୧.୧୧.୬୪

ମୋର ସନ୍ତାନ, ଭଗବାନ୍ ଜାଣନ୍ତି ଏବଂ ଆମଠାରୁ

ଯଥେଷ୍ଟ ଭଲ ଭାବରେ କର୍ମ ସମ୍ପାଦନ କରନ୍ତି । ସେ ଜଣ ଜଣ କରି ସମସ୍ତଙ୍କୁ ଭଲଭାବେ ଜାଣନ୍ତି । ସେ ଲୋକମାନଙ୍କର ହୃଦୟକୁ ପରିବର୍ତ୍ତନ କରି ପାରନ୍ତି – ଏପରିକି ପରିବେଶକୁ ମଧ୍ୟ – କାରଣ ସେ ସବୁକିଛି କରିବାକୁ ସମର୍ଥ ।

ମୁଁ ଜାଣେ ଭଗବାନହିଁ ଯାହା ସର୍ବୋତ୍କୃଷ୍ଟ ତାହା କରିବେ ଏବଂ ସବୁକିଛି ଠିକ୍ ହେବା ଠାରୁ ଆହୁରି ଉତ୍ତମ ହେବ । ତୁମେ ଦେଖିବ ! ୨୮.୧୨.୬୪

(କ୍ରମଶଃ)

ଅନୁବାଦକ : ଇନ୍ଦୁମାଧବ ମହାନ୍ତି

❑❑❑

ଗନ୍ତବ୍ୟ ଓ ଘୋଡ଼ା ଦୌଡ଼

ଗୋଟିଏ ରାଜ୍ୟର ଲୋକମାନଙ୍କ ଭିତରେ ଥିଲା ଘୋଡ଼ା ଚଢ଼ିବାର ପ୍ରବଳ ଆଗ୍ରହ । ସେକଥା ଜାଣି ଜଣେ ଆରବ ବଣିକ ସୁନ୍ଦର ଏବଂ ହୃଷ୍ଟପୁଷ୍ଟ ଘୋଡ଼ାଟିଏ ଧରି ଆସି ପହଞ୍ଚିଲେ ସେ ରାଜ୍ୟରେ । ଘୋଡ଼ାଟିକୁ ଦେଖିଲା ମାତ୍ରକେ ସମସ୍ତେ ଚାହିଁଲେ ଘୋଡ଼ା ଉପରେ ବସିବା ସକାଶେ । ବଣିକ ଜଣକ କିନ୍ତୁ ସ୍ପଷ୍ଟ କରିଦେଲେ ଯେ ଘୋଡ଼ାଟି ସିନା ଦେଖିବାକୁ ସୁନ୍ଦର, ହେଲେ ତା' ଉପରେ କେହି ସବାର ହେଲେ ସେ ଉନ୍ମତ୍ତ ହୋଇଯାଏ । ସେତିକି ବେଳେ ତାକୁ ସମ୍ଭାଳିବା ମୁସ୍କିଲ ହୋଇପଡ଼େ । କେବଳ ଜଣେ ଭଲ ସଇସ ହିଁ ତାକୁ ସମ୍ଭାଳି ପାରିବ । କିନ୍ତୁ ବଣିକଙ୍କ କଥାକୁ ଶୁଣୁଛି କିଏ ? ସେଇ ବଜାର ଛକରେ ହିଁ ତାର ନିଲାମ ହୋଇଗଲା । ଜଣେ ଧନୀ ବ୍ୟକ୍ତି ଘୋଡ଼ାକୁ କିଣିଲେ ଏବଂ ସ୍ୱାଭାବିକ ଭାବେ ସେଠାରେ ଥିବା ସମସ୍ତଙ୍କ ପାଇଁ ଈର୍ଷାର ପାତ୍ର ହେଲେ ।

ଘୋଡ଼ାକୁ କିଣିବା ପରେ ସମସ୍ତଙ୍କ ଉପରେ ଦର୍ପଭରା ଦୃଷ୍ଟି ଦେଇ ଯେମିତି ଧନୀକଙ୍କ ଯୁବକ ପୁତ୍ର ଘୋଡ଼ା ଉପରେ ବସିଲେ ଘୋଡ଼ାଟି ତରକି ଗଲା ଏବଂ ତା'ର ବନ୍ଧନ ଛିଣ୍ଡାଇ ପବନ ବେଗରେ ଦୌଡ଼ିବାକୁ ଲାଗିଲା । ଆଖି ପିଛୁଳାକେ ସେ ସେଠାରୁ ଅନ୍ତର୍ଦ୍ଧାନ ହୋଇଗଲା । ଧନୀକ ପୁତ୍ରଟି ପ୍ରାଣବିକଳରେ ଘୋଡ଼ାର ବେକକୁ ଜାବୁଡ଼ି ଧରି ବସି ଈଶ୍ୱରଙ୍କୁ ଡାକିବାକୁ ଲାଗିଲେ । ତେଣେ ଧନୀକ ପରିବାରରେ କାନ୍ଦ ବୋବାଳି ପଡ଼ିଗଲା । ଘୋଡ଼ାଟି କେଉଁଠି ବି ନ ଅଟକି ପବନ ଭଳି ଦୌଡ଼ିବାରେ ଲାଗିଥାଏ । ରାସ୍ତାକଡ଼ରେ ଯାଉଥିବା ଲୋକ ସେ ଘୋଡ଼ା ଏବଂ ତା' ଉପରେ ସବାର ସଇସଙ୍କୁ ଦେଖି ଉଭୟଙ୍କୁ ତାରିଫ କରି କହୁଥାନ୍ତି, ବାଃ, ବାଃ କି ଘୋଡ଼ା ? କି ସଇସ ? ଏଇ ସମୟରେ ହଠାତ୍ ବାଟରେ ପଡ଼ିଲା ଗୋଟିଏ ବଡ଼ ନାଳ । ଘୋଡ଼ାଟି ସେଇଠାରେ ନିଜ ଆଗ ଦୁଇ ଗୋଡ଼କୁ ଟେକି ହ୍ରେସା ରବ କରି ଅଟକି ଗଲା । ଏଇ ସମୟରେ ସେଠାରେ ଛିଡ଼ା ହୋଇଥିବା ଲୋକଟିଏ ଭୀତତ୍ରସ୍ତ ଧନୀକ ପୁତ୍ରଙ୍କୁ ପଚାରିଲା, ବାବୁ କୁଆଡ଼େ ଯାଉଛ ? ତତ୍କ୍ଷଣାତ୍ ଘୋଡ଼ାରୁ ଓହ୍ଲାଇ ପଡ଼ି ସେ ଉତ୍ତର ଦେଲେ, ସେ ପ୍ରଶ୍ନଟି ଘୋଡ଼ାକୁ ପଚାର ।

କାହାଣୀଟି ଏଠାରେ ସରିଲା । ତେବେ ଏହା କ'ଣ ଶିଖାଇଲା ? ଆମମାନଙ୍କ ଭିତରୁ ଅଧିକାଂଶ ସବଳ ଏବଂ ସୁନ୍ଦର ଘୋଡ଼ା ଆରୋହଣ କରି ଘୋଡ଼ା ଦଉଡ଼ରେ ସାମିଲ ହେବାକୁ ଆଗ୍ରହୀ । କିନ୍ତୁ ଆମେ ବା ଆମର ଘୋଡ଼ା କାହାକୁ ବି ମାଲୁମ ନାହିଁ ଗନ୍ତବ୍ୟ କେଉଁଆଡ଼େ ? ଆମମାନଙ୍କର ସଂକଳ୍ପ ତେବେ ଏଇଆ ହେଉ । ପ୍ରଥମେ ଆମେ ନିଜ ଗନ୍ତବ୍ୟ ବିଷୟରେ ନିଶ୍ଚିତ ହେବା ଓ ତା'ପରେ ଘୋଡ଼ା ଚଢ଼ିବାର ପ୍ରୟାସ କରିବା ।

ଆମର ଜୀବନର ଲକ୍ଷ୍ୟ ସ୍ଥିର ହୋଇଗଲେ, ପଥ ନିର୍ଣ୍ଣୟରେ ଅସୁବିଧା ହେବନି ନିଶ୍ଚୟ । ❑

ଆଧୁନିକ ଭାରତ ଓ ଯୁବ-ସମାଜ

(୧)

ପ୍ରପତ୍ତି

ବର୍ତ୍ତମାନ ଦେଶ ଓ ଜାତି ଗୋଟିଏ ଅବ୍ୟବସ୍ଥା ଓ ବିଶୃଙ୍ଖଳା ମଧ୍ୟଦେଇ ଗତି କରୁଛି । କିପରି ଭାବରେ ଏବଂ କି ଉପାୟରେ ଜାତିର ଯଥାର୍ଥ ହିତ ସାଧିତ ହେବ, ଏ ସମ୍ବନ୍ଧରେ ବହୁ ଚିନ୍ତା ଓ ତତ୍ପରତା ପ୍ରକାଶ ପାଉଛି । କେବଳ ଭାରତବର୍ଷରେ ଯେ ଏପରି ଅବ୍ୟବସ୍ଥା ଓ ଅସ୍ଥିରତା ଦେଖା ଦେଇଛି ତାହା ନୁହେଁ, ବରଂ ସମଗ୍ର ପୃଥିବୀରେ ଏପରି ଗୋଟାଏ ପରିସ୍ଥିତି ଦେଖା ଦେଇଛି । ପୁରୋଦୃଷ୍ଟି, ଶ୍ରେୟଃ-ଦୃଷ୍ଟି ଓ ଯଥାର୍ଥ ଦୃଷ୍ଟି ଯେପରି କେଉଁଆଡ଼େ ଲୁପ୍ତ ହୋଇ ଯାଇଛି । ବିଜ୍ଞାନର ବିଜୟ ଓ ମନୁଷ୍ୟର ବିକାଶ ଓ ଉନ୍ନତି ନାମରେ ମନୁଷ୍ୟ ନିଜକୁ ବହିର୍ଜୀବନ ମଧ୍ୟରେ ଏପରି ବ୍ୟାପୃତ ରଖୁଛି ଯେ ତା'ର ଆନ୍ତର ଜୀବନ ବିଷୟ ସେ ସମ୍ପୂର୍ଣ୍ଣ ରୂପେ ଭୁଲି ଯାଇଛି । ନିଜ ପାଖରେ ସେ ନିଜେ ଅଜ୍ଞାତ — ଆଉ ଅଜ୍ଞାତ ସମଗ୍ର ଜଗତ୍ ନିକଟରେ । ଯାହାକୁ ଜାଣିଲେ ସବୁକିଛି ଜଣାଯାଏ, ''ଯସ୍ମିନ୍ ବିଜ୍ଞାତେ ସର୍ବମିଦଂ ବିଜ୍ଞାତମ୍'' — ତାଙ୍କୁ ଛାଡ଼ି ଯାହାକୁ ଜାଣିଲେ କିଛି ବି ଜଣାଯାଏ ନାହିଁ, ମନୁଷ୍ୟ ଏହିପରି ଏକ ପ୍ରଚେଷ୍ଟାରେ ଉନ୍ମତ୍ତ ହୋଇଛି । ବହିର୍ଜୀବନ, ବହିର୍ଜଗତ୍, ଦୃଶ୍ୟମାନ ଓ ପ୍ରତ୍ୟକ୍ଷ ସକଳ କିଛିହିଁ ଯେ ସତ୍ୟ ଏବଂ ଏହାର ଗଠନ, ନିର୍ମାଣ ଓ ପରିଚାଳନା ଦ୍ୱାରା ମନୁଷ୍ୟ ସୁଖୀ, ତୃପ୍ତ ଓ ବିଭବଶାଳୀ ହୋଇପାରେ — ଏହିପରି ଏକ ଧାରଣାରେ ମନୁଷ୍ୟ ବ୍ୟସ୍ତ ରହିଛି । ଯୁଗେ ଯୁଗେ ଯେଉଁ ଭୌତିକତା, ଜାଗତିକତା ଏବଂ ବସ୍ତୁବାଦକୁ ସମାଜର ମୋକ୍ଷକାମୀ ଓ ଜ୍ଞାନୀମାନେ ଘୃଣା ଚକ୍ଷୁରେ ଦେଖି ଆସିଥିଲେ ଏବଂ ତାକୁ ବର୍ଜନ କରିଥିଲେ, ଆଜି ତାହା ଯେପରି ଗୋଟାଏ ପ୍ରତିଶୋଧ ନେଉଛି ! ସବୁକିଛି ଯେପରି ଭୌତିକତା ଓ ବସ୍ତୁତାନ୍ତ୍ରିକତା ମଧ୍ୟରେ ଡୁବି ଯାଇଛି ।

ଏହିପରି ସମୟ ଯେ ଆଜିକୁ ଦଶ, ପନ୍ଦର ବର୍ଷ ହେଲା ଦେଖା ଦେଇଛି ତାହା ନୁହେଁ, ଅନେକ ହୁଏତ ଏହା ବହୁ ପୂର୍ବରୁ ଲକ୍ଷ୍ୟ କରି ପାରିଥିଲେ, ଏପରିକି ଅର୍ଦ୍ଧଶତାବ୍ଦୀ ପୂର୍ବରୁ । ଗୋଟାକ ପରେ ଗୋଟାଏ ମହାଯୁଦ୍ଧ ଘଟି ଏହି ଗଭୀର ଅନ୍ଧକାରକୁ ଆହୁରି ଘନୀଭୂତ କରି ଦେଇଛି । ତେବେ ଏପରି ଏକ ଦୁର୍ଦ୍ଦଶା ଓ ଦୁର୍ଦିନ ମଧ୍ୟରେ ସ୍ୱତଃ ମନକୁ ପ୍ରଶ୍ନ ଆସେ — ଆଧୁନିକ ଭାରତର ଏଥିପ୍ରତି କୌଣସି ବିଶେଷ ଅବଦାନ ଅଛି କି ? ଭାରତର କୌଣସି ସ୍ୱତନ୍ତ୍ର କର୍ତ୍ତବ୍ୟ ରହିଛି କି ? ସମଗ୍ର ମାନବ ସମାଜ ପ୍ରତି ଭାରତବର୍ଷର ଏପରି କିଛି ଆଦର୍ଶ ବା ଆଲୋକ ଦାନ କରିବାର ଅଛି କି ଯାହା ଦ୍ୱାରା ପଥହରା ମାନବ ସମାଜ ଯଥାର୍ଥ ପଥର ସନ୍ଧାନ ପାଇପାରିବ ? ଭାରତର ଉତ୍ଥାନର ପ୍ରକୃତ ରହସ୍ୟ କ'ଣ ?

ଯୁଗ ପରିବର୍ତ୍ତନର ସନ୍ଧିକ୍ଷଣରେ ମନୁଷ୍ୟ ମୁହ୍ୟମାନ ହୋଇପଡ଼େ । ଏତିକିବେଳେ ଯୁବ-ସମାଜ ମଧ୍ୟ ଆଦର୍ଶ ଓ ଲକ୍ଷ୍ୟଚ୍ୟୁତ ହୋଇଥାଏ । ଯେଉଁମାନେ କୌଣସି ନୂତନ ଆଦର୍ଶର ପଥିକ ହୁଅନ୍ତି ସେମାନେହିଁ ଯୁବକ ଏବଂ ଦେଶର ତରୁଣ ଦଳ । ପ୍ରତ୍ୟେକ ଦେଶରେ ଜାତୀୟ ସଙ୍କଟ କାଳରେ, ଜାତୀୟ ଉତ୍ଥାନ ଓ ପୁନର୍ଗଠନ କାର୍ଯ୍ୟରେ ଯେଉଁମାନେ ଅସାଧ୍ୟ ସାଧନ କରନ୍ତି, ସେମାନେ ମଧ୍ୟ ଏହି ତରୁଣ ଯୁବକ ଗୋଷ୍ଠୀ । ଆଧୁନିକ ଭାରତରେ ଏହି ଯୁବକ ଗୋଷ୍ଠୀର କର୍ତ୍ତବ୍ୟ କ'ଣ ? ଏହି ତରୁଣ ଦଳ କି ଆଦର୍ଶରେ ଅନୁପ୍ରାଣିତ ହେବେ ? ଆମ୍ଭେମାନେ ଏହି ପ୍ରବନ୍ଧରେ ଆଧୁନିକ ଭାରତରେ ଯୁବ-ସମାଜର କର୍ତ୍ତବ୍ୟ ସମ୍ବନ୍ଧରେ କେତେକ ଦିଗର ସୂଚନା ଦେବା ।

ଭାରତୀୟ ସଂସ୍କୃତିର ମୂଳତତ୍ତ୍ୱ

ପ୍ରତ୍ୟେକ ଦେଶର ଗୋଟାଏ ନିଜସ୍ୱ ବିଭବ, ନିଜସ୍ୱ ଶକ୍ତି, ସାମର୍ଥ୍ୟ ବା ମୂଳତତ୍ତ୍ୱ ରହିଛି । ଇତିହାସର ବହୁ ଉତ୍ଥାନ ଓ ପତନ ମଧ୍ୟରେ, ବହୁ ସାମ୍ରାଜ୍ୟର ଅଭ୍ୟୁଦୟ ଓ ବିଲୟ ମଧ୍ୟରେ ଭାରତବର୍ଷର ପରମ୍ପରା ଓ ଐତିହ୍ୟ ଅତି ଆଶ୍ଚର୍ଯ୍ୟ ରୂପେ ଜୀବନ୍ତ ଓ ଜାଗ୍ରତ୍ ରହିଛି । ଭାରତର ପାରମ୍ପରିକ ବିଚାରଧାରା ଓ ସଂସ୍କୃତି ବହୁ ପ୍ରାଚୀନ ଏବଂ ଏହି ପ୍ରାଚୀନ ଓ ମହାନ୍ ସଂସ୍କୃତି ଓ ଜୀବନଧାରା ପଶ୍ଚାତରେ ଏକ ଦୃଷ୍ଟିଭଙ୍ଗୀ ଓ ଗୋଟାଏ ସୂକ୍ଷ୍ମ ବିଚାର ଅବ୍ୟାହତ ରହିଛି । ଭାରତୀୟ

ସଂସ୍କୃତିର ଏହି ଅନ୍ତର୍ନିହିତ ଶକ୍ତି ବା ସାମର୍ଥ୍ୟକୁ ଆମ୍ଭେମାନେ କହୁ 'ଆଧ୍ୟାତ୍ମିକତା' । ଭାରତର ଶିଳ୍ପ, କଳା, ସାହିତ୍ୟ, ସଙ୍ଗୀତ, ଭାସ୍କର୍ଯ୍ୟ, ଆଚାର, ରୀତି, ନୀତି, ବିଧି, ବିଧାନ, ଅନୁଷ୍ଠାନ, ସାମାଜିକ ଶୃଙ୍ଖଳା – ସବୁକିଛିହିଁ ଏହି ଆଧ୍ୟାତ୍ମିକ ଦୃଷ୍ଟିରେ ନିର୍ଣ୍ଣିତ ଓ ନିର୍ଦ୍ଧାରିତ ହୋଇଅଛି । ସମଗ୍ର ଜୀବନ ଓ କର୍ମକୁ ମଧ୍ୟ ଆତ୍ମାଭିମୁଖୀ ଓ ଭଗବତ୍ ଅଭିମୁଖୀ କରିବା ନିମିତ୍ତ ଉଦ୍ୟମ ହୋଇଛି । ଏଠାରେ 'ଆଧ୍ୟାତ୍ମିକତା'ର ଅର୍ଥ କ'ଣ ତାହା ସ୍ପଷ୍ଟ କରିଦେବା ଉଚିତ । 'ଆଧ୍ୟାତ୍ମିକତା'ର ଅର୍ଥ :

୧. ଏହି ପରିଦୃଶ୍ୟମାନ ଜଗତର ପଶ୍ଚାତରେ ଏକ ଅଖଣ୍ଡ ସଦ୍‌ବସ୍ତୁ, ପରମ ସତ୍ତା, ଉପନିଷଦୋକ୍ତ 'ସଚ୍ଚିଦାନନ୍ଦ' ଅବସ୍ଥିତ । ଏହାହିଁ ସୃଷ୍ଟିର ମୂଳତତ୍ତ୍ୱ ଓ ପରମ ନିଦାନ । ଏହି ସଚ୍ଚିଦାନନ୍ଦ ହେଲେ ଏକାଧାରରେ ପୂର୍ଣ୍ଣ ଜ୍ଞାନ, ପୂର୍ଣ୍ଣ ଶକ୍ତି ଓ ପୂର୍ଣ୍ଣ ଆନନ୍ଦ ।

୨. ଏହି ସଦ୍‌ବସ୍ତୁ ଏକହିଁ ସଙ୍ଗେ ବିଶ୍ୱାତୀତ, ବିଶ୍ୱଗତ ଓ ବ୍ୟଷ୍ଟିଗତ । ସେ ସମଗ୍ର ବିଶ୍ୱର ଊର୍ଦ୍ଧ୍ୱରେ ଥାଇ ମଧ୍ୟ ସକଳ ବସ୍ତୁ ମଧ୍ୟରେ ନିହିତ, ବ୍ୟଷ୍ଟି ଅନ୍ତରରେ ସତ୍ୟ, ଶକ୍ତି, ଆନନ୍ଦ, ଜ୍ୟୋତିଃ ଓ ଶାନ୍ତି ରୂପେ ପ୍ରତିଷ୍ଠିତ ।

୩. ଏହି ସଦ୍‌ବସ୍ତୁର ସନ୍ଧାନ, ସିଦ୍ଧି ଓ ପ୍ରାପ୍ତିହିଁ ବ୍ୟକ୍ତି ଜୀବନର ପରମ କଲ୍ୟାଣ, ଶ୍ରେଷ୍ଠ ଲକ୍ଷ୍ୟ । ଏହାହିଁ ମୁକ୍ତି, ପରମ ଗତି, ପରମ ସାର୍ଥକତା ଓ ପୁରୁଷାର୍ଥ ।

୪. ଏହିପରି ଏକ ଶୁଦ୍ଧ ଭାଗବତ ଚୈତନ୍ୟରେ ଅଧିଷ୍ଠିତ ହୋଇ ଜୀବନ ଓ କର୍ମକୁ ଜ୍ଞାନ ଓ ଶକ୍ତି ଦ୍ୱାରା ପରିପ୍ଲୁତ କରିବା ଏବଂ ସମାଜ ଓ ଗୋଷ୍ଠୀକୁ ଭାବୀ ଅଗ୍ରଗତି ନିମିତ୍ତ ପ୍ରସ୍ତୁତ କରିବା ପୂର୍ଣ୍ଣାଙ୍ଗ ଆଧ୍ୟାତ୍ମିକତାର ରୂପ ।

ଭାରତୀୟ ସଂସ୍କୃତିର ଏହି ବିଚାରଧାରା ଓ ଜୀବନଦର୍ଶନ ଖୁବ୍ ବ୍ୟାପକ ଭାବେ ଭାରତୀୟ ଜୀବନକୁ ଆପ୍ଲୁତ କରିଛି ।

ଶ୍ରୀଅରବିନ୍ଦ କହୁଅଛନ୍ତି :

"No step could be taken in the Indian's inner or outer life without his being reminded of a spiritual existence."

(CWSA, Vol. 20, p. 219) – Sri Aurobindo

ଅର୍ଥାତ୍, ''ଭାରତୀୟମାନେ ବାହ୍ୟ ବା ଆନ୍ତର ଜୀବନରେ ଏପରି କିଛି କାର୍ଯ୍ୟ କରନ୍ତି ନାହିଁ ଯେତେବେଳେ ଗୋଟାଏ ଆଧ୍ୟାତ୍ମିକ ଅଧିଷ୍ଠାନ ସମ୍ବନ୍ଧରେ ସଚେତନ ନୁହନ୍ତି ।''

*

"Poetry, the drama, song, dance, music, the greater and lesser arts were placed under the sanction of the Rishis and were made instruments of the spirit's culture."

(CWSA, Vol. 20, p. 227) – Sri Aurobindo

ଅର୍ଥାତ୍, ''କବିତା, ନାଟକ, ସଙ୍ଗୀତ, ନୃତ୍ୟ, ସ୍ୱରଚର୍ଚ୍ଚା, କ୍ଷୁଦ୍ର, ବୃହତ୍ ସକଳ ଶିଳ୍ପ ଓ କଳା ଇତ୍ୟାଦି ସବୁକିଛି ଋଷିମାନଙ୍କର ଅନୁମତିରେ ପରିଚାଳିତ ହେଉଥିଲା ଏବଂ ଏସବୁ ଆଧ୍ୟାତ୍ମିକ ସଂସ୍କୃତିର ଯନ୍ତ୍ର ମାତ୍ର ଥିଲା ।''

*

"A perception of the divinity hidden in man has been its crowning force. ... Its index vision is pointed to a truth that exceeds the human mind and, if at all realised in his members, would turn human life into a divine superlife. And not until this third largest sweep of the spiritual evolution has come into its own, can Indian civilisation be said to have discharged its mission, to have spoken its last word ..."

(CWSA, Vol. 20, p. 215-216) – Sri Aurobindo

ଅର୍ଥାତ୍, ''ମନୁଷ୍ୟ ଅନ୍ତରରେ ଏକ ଗୋପନ ଦିବ୍ୟତ୍ୱର ଉପଲବ୍ଧି ଏହି ସଂସ୍କୃତିର ଚରମ ସାମର୍ଥ୍ୟ । ... ଏହା ଏପରି ଏକ ସତ୍ୟର ସୂଚନା କରୁଛି ଯାହା ମନର ଅତୀତ ଏବଂ, ଯଦିବା ତାହା ସତ୍ତାର ବିଭିନ୍ନ ଅଙ୍ଗରେ ପ୍ରକାଶିତ ହୁଏ ତେବେ ତାହା କ'ଣ ମାନବ ଜୀବନକୁ ଅତିମାନବ ବା ଦିବ୍ୟ ଜୀବନରେ ପରିଣତ କରିପାରିବ । ଏବଂ ଯେପର୍ଯ୍ୟନ୍ତ ଆଧ୍ୟାତ୍ମିକ ବିବର୍ତ୍ତନର ଏହି ତୃତୀୟ ବୃହତ୍ ପଦକ୍ଷେପ ତା'ର ନିଜସ୍ୱ ଧାରାରେ ପ୍ରକାଶିତ ନ ହୋଇଛି, ଅର୍ଥାତ୍ ପୃଥିବୀରେ ଦିବ୍ୟଜୀବନ ସ୍ଥାପିତ ନ ହୋଇଛି, ସେତେଦିନ ପର୍ଯ୍ୟନ୍ତ ଭାରତୀୟ ସଭ୍ୟତା ତା'ର ଲକ୍ଷ୍ୟସାଧନ କରିପାରିବ ନାହିଁ ବା ଶେଷ ବାଣୀ ଶୁଣାଇ ପାରିବ ନାହିଁ । ...''

ଏହାହିଁ ଭାରତୀୟ ସଂସ୍କୃତି, ସଭ୍ୟତା ଓ ବିଚାରଧାରାର ମର୍ମ ଓ ମୂଳ ରହସ୍ୟ । ଏହି ଦୃଷ୍ଟିଭଙ୍ଗିରେହିଁ ଆମ୍ଭମାନଙ୍କୁ ବିଚାର କରିବାକୁ ହେବ ଭାରତରେ ଜାତୀୟତା ଓ ରାଷ୍ଟ୍ରୀୟ-ଜୀବନର

ମୂଳତତ୍ତ୍ୱ କ'ଣ । ଯଦି ଭାରତବର୍ଷ ଜାତି ହିସାବରେ ବଞ୍ଚି ରହେ ତେବେ ତାହାର ପ୍ରଧାନ କର୍ତ୍ତବ୍ୟ ହେବ ଏହି ମହାନ୍ ତତ୍ତ୍ୱକୁ ତୋଳି ଧରିବା । ଶ୍ରୀଅରବିନ୍ଦ ଉଦାତ୍ତ ଭାଷାରେ ଭାରତୀୟ ଜାତୀୟତାର ମୂଳ ସ୍ୱରୂପ ସମ୍ବନ୍ଧେ କହୁଛନ୍ତି :

''ପ୍ରତ୍ୟେକ ଜାତି ହେଲା ବୃହତ୍ତର ମାନବ ସମାଜର ବିବର୍ତ୍ତମାନ ଆତ୍ମାର ଏକ ଶକ୍ତି ବା ସାମର୍ଥ୍ୟ ଏବଂ ତାହା ଯେଉଁ ତତ୍ତ୍ୱକୁ ମୂର୍ତ୍ତ କରିଥାଏ, ତାହାରି ଦ୍ୱାରାହିଁ ବଞ୍ଚି ରହେ । ଭାରତହିଁ ହେଲା ଭାରତ ଶକ୍ତି, ଏକ ମହାନ୍ ଅଧ୍ୟାତ୍ମ-ତତ୍ତ୍ୱର ଏକ ଜୀବନ୍ତ ଦେବୀ ଏବଂ ତାହାଙ୍କ ପ୍ରତି ବିଶ୍ୱସ୍ତ ହେବାହିଁ ଭାରତ-ଅସ୍ତିତ୍ୱର ପ୍ରଧାନ କର୍ମ । କାରଣ ଏହାରି ପୁଣ୍ୟବଳରେ ଭାରତ ଏକ ଅମର ଜାତିରେ ପରିଣତ ହୋଇଛି ଏବଂ ତାହାର ପୁନଃ ପୁନଃ ଜାଗରଣ, ଉତ୍ଥାନ ଓ ଆଶ୍ଚର୍ଯ୍ୟଜନକ ରୂପେ ଆଜି ପର୍ଯ୍ୟନ୍ତ ବଞ୍ଚି ରହିବା ପଶ୍ଚାତରେ ଏହି ରହସ୍ୟହିଁ ନିହିତ ଅଛି ।''

ଏହି ସମ୍ବନ୍ଧରେ ଶ୍ରୀମା କହିଛନ୍ତି :

''ଯେପରି ପ୍ରତ୍ୟେକ ବ୍ୟକ୍ତିର ଅନ୍ତରାତ୍ମା ଅଛି ଯାହା ତାହାର ଯଥାର୍ଥ ସତ୍ତା ଏବଂ ଯାହା ତାହାର ଭାଗ୍ୟକୁ କମ୍ ବେଶୀ ଭାବରେ ସ୍ପଷ୍ଟ ରୂପେ ଚାଳିତ କରେ ସେହିପରି ପ୍ରତ୍ୟେକ ରାଷ୍ଟ୍ରର ମଧ୍ୟ ଅନ୍ତରାତ୍ମା ଅଛି । ତାହାହିଁ ତାହାର ସତ୍ୟସତ୍ତା ଆଉ ତାହାହିଁ ତାହାର ଭାଗ୍ୟକୁ ଆବରଣର ପଶ୍ଚାତରୁ ନିର୍ଦ୍ଧାରିତ କରେ । ଏହି ସତ୍ତାହିଁ ଦେଶର ଆତ୍ମା, ରାଷ୍ଟ୍ରର ପ୍ରତିଭା, ଜାତିର ଶକ୍ତି, ରାଷ୍ଟ୍ରୀୟ ଅଭୀପ୍ସାର କେନ୍ଦ୍ର ଏବଂ ଜାତୀୟ ଜୀବନରେ ଯାହାକିଛି ସୁନ୍ଦର, ମହାନ୍, ଉନ୍ନତ ଓ ଉଦାରତା ଆଦିର ଉତ୍ସ । ଯଥାର୍ଥ ଦେଶଭକ୍ତ ଏହାର ଉପସ୍ଥିତିକୁ ପ୍ରତ୍ୟକ୍ଷ ରୂପେ ଉପଲବ୍ଧି କରନ୍ତି । ଏହାକୁ ଭାରତବର୍ଷରେ ପ୍ରାୟ ଗୋଟିଏ ଦିବ୍ୟରୂପ ଦିଆ ହୋଇଅଛି । ଯେଉଁମାନେ ନିଜ ଦେଶକୁ ଯଥାର୍ଥ ପ୍ରେମ କରନ୍ତି, ସେମାନେ ଏହାକୁ 'ଭାରତମାତା' ନାମ ଦେଇ ଅଛନ୍ତି ଏବଂ ଦେଶର କଲ୍ୟାଣ ସାଧନ ନିମିତ୍ତ ପ୍ରତ୍ୟହ ତାଙ୍କୁ ପ୍ରାର୍ଥନା କରନ୍ତି । ଏହି ଭାରତମାତା ଦେଶର ଯଥାର୍ଥ ଆଦର୍ଶ ଏବଂ ବିଶ୍ୱରେ ସ୍ୱୀୟ ଯଥାର୍ଥ ଉଦ୍ଦେଶ୍ୟର ପ୍ରତୀକ ଏବଂ ମୂର୍ତ୍ତିମାନ ରୂପ ।''

ସୁତରାଂ ମାନବଗୋଷ୍ଠୀ ମଧ୍ୟରେ ବି ବିଶ୍ୱବିଧାତାଙ୍କ ଦ୍ୱାରା ଭାରତ ନିମିତ୍ତ ନିୟତି ନିର୍ଦ୍ଦିଷ୍ଟ ହୋଇଛି ଏକ ଅଧ୍ୟାତ୍ମ-ସିଦ୍ଧି ଯେଉଁଥିରେ ଜୀବନ ଓ ସଂସାର ପୂର୍ଣ୍ଣାଙ୍ଗ ପୂର୍ଣ୍ଣତା ଲାଭ କରିବ । ମାନବଜାତି ମଧ୍ୟରେ ସେଥିପାଇଁ ଭାରତ ଏକ ଅଧ୍ୟାତ୍ମ-ବାଣୀ, ଆଲୋକ, ଐଶ୍ୱର୍ଯ୍ୟର ପ୍ରତୀକ ବା ବାହକ । ଭାରତବର୍ଷ ଯଥାର୍ଥରେ ଶ୍ରୀମା'ଙ୍କ ଭାଷାରେ ଜଗତର ଗୁରୁ, ଆଚାର୍ଯ୍ୟ, ଦିଶାରୀ, ପଥଦ୍ରଷ୍ଟା । ଜାତିମାନଙ୍କ ମଧ୍ୟରେ ଭାରତ ବ୍ରାହ୍ମଣ ବା ଆର୍ଯ୍ୟପଦବୀ ଯୋଗ୍ୟ । ଭାରତ ସମ୍ବନ୍ଧରେ ଏହାହିଁ ହେବ ଆତ୍ମମାନଙ୍କର ଯଥାର୍ଥ ଦୃଷ୍ଟି, ଯଥାର୍ଥ ବିଚାର ଏବଂ ଯଥାର୍ଥ ସିଦ୍ଧାନ୍ତ । ଯଦି ଭାରତବର୍ଷ ଓ ଭାରତଜାତି ସମ୍ବନ୍ଧରେ ଆତ୍ମେମାନେ ଏହି ଦୃଷ୍ଟିକୋଣ ନରଖୁ ବା ଏହି ଆଦର୍ଶ ଦ୍ୱାରା ଅନୁପ୍ରାଣିତ ନହେଉ ତେବେ ଭାରତ ମୃତ, ତା'ର ଅନ୍ତରାତ୍ମା ଅନ୍ତର୍ହିତ ବା ଲୁପ୍ତ ବା ଧ୍ୱସ୍ତ । ଗ୍ରୀସ୍, ରୋମ୍, ବାବିଲୋନ୍, ଚୀନ, ଇଜିପ୍ଟ୍ ଆଦି ପୁରାତନ ରାଷ୍ଟ୍ର ଓ ସଭ୍ୟତାଗୁଡ଼ିକ ମୃତ ଏବଂ ସେସବୁର ଆତ୍ମା ଅମରଲୋକକୁ ପ୍ରତ୍ୟାବର୍ତ୍ତନ କରିଛି । ଆଶ୍ଚର୍ଯ୍ୟର ବିଷୟ ଯେ ଜାତି ହିସାବରେ ଭାରତର ଆତ୍ମା ଏବେ ବି ଜାଗ୍ରତ୍ ଓ ଜୀବନ୍ତ, କାରଣ ଏହାକୁ ହୁଏତ ଭବିଷ୍ୟତ୍ ମାନବଗୋଷ୍ଠୀ ନିମିତ୍ତ ଗୋଟାଏ ସିଦ୍ଧି ଅର୍ଜନ କରିବାକୁ ହେବ । ବର୍ତ୍ତମାନ ଆତ୍ମେମାନେ ଆଲୋଚନା କରିବା କିପରି ଏହି ଦୃଷ୍ଟିଭଙ୍ଗୀ ଓ ଆଦର୍ଶ ଆଧୁନିକ ଭାରତର ଉତ୍ଥାନ ପଶ୍ଚାତରେ କାର୍ଯ୍ୟ କରିଛି ଏବଂ କିପରି ଏହାହିଁ ଭାରତର ନବଜନ୍ମର ଚରମ ରହସ୍ୟ ।

ଆଧୁନିକ ଭାରତର ଉତ୍ଥାନ :

ଆଧୁନିକ ଭାରତର ଉତ୍ଥାନ ଓ ଅଗ୍ରଗତିରେ ଆତ୍ମେମାନେ ସାଧାରଣତଃ ତିନୋଟି ସ୍ତର ଦେଖୁ । ପ୍ରଥମଟି ଆଧ୍ୟାତ୍ମିକ, ଦ୍ୱିତୀୟଟି ନୈତିକ, ତୃତୀୟଟି ଅର୍ଥନୈତିକ । ଊନବିଂଶ ଶତାବ୍ଦୀର ଶେଷ ଭାଗରେ ଏକ ନୂତନ ଭାରତର ଜାଗରଣ ସମ୍ଭବ ହେଲା । ସେତେବେଳେ ସମଗ୍ର ଦେଶ ଯେ କେବଳ ବିଦେଶୀମାନଙ୍କର କବଳିତ ତାହା ନୁହେଁ ବରଂ ଦେଶର ଆଭ୍ୟନ୍ତରୀଣ ଆଲୋକ ସ୍ତିମିତ ପ୍ରାୟ । ବିଦେଶୀ ଶାସନ ସଙ୍ଗେ ସଙ୍ଗେ ବିଦେଶୀ ଧର୍ମ ଓ ବିଦେଶାଗତ ନାସ୍ତିକତା ଦେଶରେ କ୍ରମଶଃ ପ୍ରଚାରିତ ହୋଇ ଚାଲିଥିଲା । ଭାରତ, ଭାରତ ହୋଇ ରହିବ କି ନାହିଁ ଏକଥାରେ ବି ସନ୍ଦେହ ଦେଖା ଦେଇଥିଲା । ଏହି ସମୟରେ ପରମପୁରୁଷ ଶ୍ରୀରାମକୃଷ୍ଣଙ୍କ ଆବିର୍ଭାବ ଏବଂ ଭାରତର ଶୁଦ୍ଧ ଅଧ୍ୟାତ୍ମଶକ୍ତି, ଐଶ୍ୱର୍ଯ୍ୟ ଓ ସିଦ୍ଧିର ପୁନଃପ୍ରକାଶ ଓ ପ୍ରତିଷ୍ଠା । ଶ୍ରୀରାମକୃଷ୍ଣହିଁ ଜୀବନ୍ତ ଆଧ୍ୟାତ୍ମିକତାର ବିଶୁଦ୍ଧ ମୂର୍ତ୍ତି ଏବଂ ସେହିଁ ହେଲେ ଭାରତର ନବ ଜାଗରଣର ସୂତ୍ରଧର । ସେ ଥିଲେ ଲେଖାପଢ଼ାହୀନ ସାଧାରଣ ପୂଜକ ବ୍ରାହ୍ମଣ, କିନ୍ତୁ

ଭାଗବତ ସିଦ୍ଧିର ଉଚ୍ଚତମ ସୋପାନରେ ସେ ଆରୋହଣ କଲେ ଓ ସେହି ସିଦ୍ଧିକୁ ମୂର୍ତ୍ତ କଲେ । ବିବେକାନନ୍ଦ ଯେତେବେଳେ ପାଶ୍ଚାତ୍ୟ ତର୍କ-ବିଚାର, ଦର୍ଶନର ଅଜ୍ଞେୟବାଦ ଓ ସନ୍ଦେହବାଦର ଉତ୍ତାଳ ତରଙ୍ଗରେ ପଡ଼ି କୂଳ-କିନାରା ପାଉ ନଥିଲେ, ସେତେବେଳେ ସେ ପରମହଂସ ଦେବଙ୍କୁ ଯେଉଁ ଐତିହାସିକ ପ୍ରଶ୍ନ ପଚାରିଥିଲେ, ''ଆପଣ ଈଶ୍ୱରଙ୍କୁ ପ୍ରତ୍ୟକ୍ଷରେ ଦେଖିଛନ୍ତି କି ?'' ଆଉ ପରମହଂସଦେବ ଯେଉଁ ଉତ୍ତର ଦେଇଥିଲେ, ''ହଁ, ଠିକ୍ ତୋତେ ଯେପରି ଦେଖୁଛି ।'' ତାହାହିଁ ହେଲା ଭାରତର ଅନ୍ତରାତ୍ମିକ ସତ୍ୟର ଓ ଆଧ୍ୟାତ୍ମିକ ଐଶ୍ୱର୍ଯ୍ୟର ଏକ ବିରାଟ ବିସ୍ଫୋରଣ ଯାହା ଫଳରେ ପୁନର୍ବାର ଭାରତର ଅନ୍ତଃସତ୍ତା ଜାଗ୍ରତ୍ ହୋଇ ଉଠିଲା ଏବଂ ପୁନର୍ବାର ତା'ର ଜ୍ଞାନ, ଆଲୋକ ଓ ଶକ୍ତି ଦ୍ୱାରା ସମଗ୍ର ପୃଥିବୀକୁ ଚମତ୍କୃତ କରିବ ବୋଲି ବଦ୍ଧପରିକର ହେଲା । ଭାରତର ନବଜନ୍ମର ଏହି ପରମ ରହସ୍ୟ ଉପଲବ୍ଧି କରିବା ଆତ୍ମମାନଙ୍କ ପକ୍ଷରେ କଷ୍ଟକର ହୋଇପାରେ କିନ୍ତୁ ସୁଦୂର ଅତୀତର ବିଲୁପ୍ତ ପରମ୍ପରା ଓ ଐତିହ୍ୟ ମଧ୍ୟରେ ସଂଯୋଗ ସ୍ଥାପନ କରି ଶ୍ରୀରାମକୃଷ୍ଣ ଓ ତଦୀୟ ଶିଷ୍ୟ ଆଧ୍ୟାତ୍ମିକତାର ଶୁଭ୍ର ବରାହମୂର୍ତ୍ତି ବିବେକାନନ୍ଦ ଯେଉଁ କାର୍ଯ୍ୟ କଲେ ତାହା ଅକଳ୍ପନୀୟ । ବିବେକାନନ୍ଦଙ୍କର ପ୍ରଶ୍ନ ଥିଲା ସମଗ୍ର ମାନବ ସମାଜର, ବିଶେଷତଃ ସନ୍ଦେହସଙ୍କୁଳ, ସନ୍ଦିଗ୍ଧମନା ତରୁଣ ଭାରତବାସୀଙ୍କର ପ୍ରଶ୍ନ । ସେ ଥିଲେ ଗୋଟାଏ ସମଗ୍ର ମାନବ ଗୋଷ୍ଠୀର ପ୍ରତିନିଧି, ଭାରତର ବିରାଟ ଯୁବ-ପ୍ରାଣ ଓ ଛାତ୍ରସମାଜର ପ୍ରତୀକ । ତାଙ୍କ ପ୍ରଶ୍ନରେ ରହିଛି ଭାରତର ଅନ୍ତର୍ନିହିତ ପରମ ସତ୍ୟର ଅସ୍ତିତ୍ୱର ପ୍ରଶ୍ନ – ସେ ପ୍ରଶ୍ନର ସମାଧାନ ପରମହଂସଦେବ କରିଛନ୍ତି – ଭାରତ ବଞ୍ଚି ରହିଛି – ସ୍ୱୟଂ ନାରାୟଣହିଁ ଜାତିଗର୍ଭରେ ବିଦ୍ୟମାନ – ଜାତୀୟ ଉତ୍ଥାନର ପଶ୍ଚାତରେ ତାଙ୍କର ଇଙ୍ଗିତ ରହିଛି । ନବୀନ ଉତ୍ଥାନର ପଶ୍ଚାତରେ ତାଙ୍କର ଇଙ୍ଗିତ ରହିଛି; ନବୀନ ଭାରତର ଏହି ଆଧ୍ୟାତ୍ମିକ ଐଶ୍ୱର୍ଯ୍ୟକୁ ମସ୍ତକରେ ଧାରଣ କରି ବିବେକାନନ୍ଦ ଦିଗ୍‌ବିଜୟୀ ହୋଇଛନ୍ତି । ତନ୍ଦ୍ରାଗ୍ରସ୍ତ ଭାରତବାସୀଙ୍କ କର୍ଣ୍ଣକୁହରରେ ବାରଂବାର ଘୋଷଣା କଲେ, ''ଉତିଷ୍ଠତ ଜାଗ୍ରତ ପ୍ରାପ୍ୟ ବରାନ୍ନିବୋଧତ ।'' ଏହା ସଙ୍ଗେ ସଙ୍ଗେ ସେ ଭାରତ-ଉତ୍ଥାନର ବୈଶିଷ୍ଟ୍ୟ ଓ ବିଶେଷତ୍ୱ ଘୋଷଣା କରିବାକୁ ଲାଗିଲେ :

''ଆମର ପ୍ରକୃତି ଅନୁରୂପ ଆମେ ଗଢ଼ି ଉଠିବୁ । ଆମ ଦେଶରେ ବିଦେଶୀ ସମାଜ ଦ୍ୱାରା ପ୍ରବର୍ତ୍ତିତ କର୍ମପନ୍ଥା ଅନୁସରଣ କରିବା ନିଷ୍ଫଳ, ବସ୍ତୁତଃ ତାହା ଅସମ୍ଭବ । ଅନ୍ୟ କୌଣସି ଜାତିର ଛାଞ୍ଚରେ ପକାଇ ଆମକୁ ପୁନର୍ଗଠିତ କରିବା ପନ୍ଥା ଭଗବାନଙ୍କ କୃପାରୁ ସମ୍ପୂର୍ଣ୍ଣ ଅସମ୍ଭବ । ଅନ୍ୟାନ୍ୟ ମାନବ ଗୋଷ୍ଠୀର ପ୍ରଥାସମୂହ ନିନ୍ଦନୀୟ ନୁହେଁ । ସେସବୁ ସେମାନଙ୍କ ପକ୍ଷରେ ଆଦରଣୀୟ, କିନ୍ତୁ ଆତ୍ମମାନଙ୍କ ନିକଟରେ ତାହା କାର୍ଯ୍ୟକାରୀ ହେବ ନାହିଁ । ସେମାନଙ୍କ ଜୀବନଯାପନ ପ୍ରଣାଳୀ ଭିନ୍ନ, ବିଜ୍ଞାନ ଭିନ୍ନ ଓ ସଂସ୍ଥା ବିଭିନ୍ନ ଐତିହ୍ୟ ଉପରେ ଗଢ଼ି ଉଠିଛି । ସେହିପରି ହଜାର ହଜାର ବର୍ଷର ଐତିହ୍ୟ ଓ ସଂସ୍କାର-ପ୍ରସୂତ ଆମ ଜୀବନଧାରା ସ୍ୱତନ୍ତ୍ର ଗତିରେ ପ୍ରବାହିତ ହେବା ସ୍ୱାଭାବିକ । ଏହି ମୂଳ ଲକ୍ଷ୍ୟ ପ୍ରତି ସଚେତ ରହି ଆମକୁ ଅଗ୍ରସର ହେବାକୁ ପଡ଼ିବ ।''

ବିବେକାନନ୍ଦ ଦୃଢ଼ ଭାବରେ ପାଶ୍ଚାତ୍ୟାନୁରାଗୀ ହେବାକୁ ବାରଣ କରିଛନ୍ତି – ତଦ୍ଦ୍ୱାରା ହେବ ଭାରତର ଅସ୍ତିତ୍ୱ ଲୋପ, ବିନାଶ ଓ ଧ୍ୱଂସ :

''ଆମେ ପାଶ୍ଚାତ୍ୟାନୁରାଗୀ ହୋଇ ପାରିବୁ ନାହିଁ । କାର୍ଯ୍ୟତଃ ପାଶ୍ଚାତ୍ୟ ଜାତିର ଅନୁକରଣ କରିବା ଆମ ପକ୍ଷରେ ନିର୍ବୋଧତା । ତୁମେ ଯଦି ଏପରି ଅନୁକରଣରେ ଯଥାର୍ଥରେ ସକ୍ଷମ ହୁଅ, ତାହାହେଲେ ସେହି ମୁହୂର୍ତ୍ତରେ ତୁମ ବ୍ୟକ୍ତିତ୍ୱର ଲୋପ ଅବଶ୍ୟମ୍ଭାବୀ ।

''... ପାଶ୍ଚାତ୍ୟ ଆଦର୍ଶ ହେଲା ପାନାହାର ଓ ଭୋଗବିଳାସ । ଏହି ରୀତିନୀତି ଯଦି କେହି ଭାରତରେ ପ୍ରଚାର କରେ ଆଉ ଜଡ଼ଜଗତକୁ ଦେବତା ଆସନରେ ବସାଇବାକୁ ଚାହେଁ ତାହାହେଲେ ସେ ବ୍ୟକ୍ତି ମିଥ୍ୟାଶ୍ରୟୀ । ପାଶ୍ଚାତ୍ୟ ସଭ୍ୟତାର ଯାବତୀୟ ଚାକଚକ୍ୟ, ଆଡ଼ମ୍ବର ଓ ବିସ୍ମୟକର କ୍ଷମତା ପ୍ରକାଶ ସତ୍ତ୍ୱେ ମୁଁ ସେମାନଙ୍କୁ ସ୍ପଷ୍ଟଭାବେ କହୁଛି ଯେ ଏସବୁ ନିରର୍ଥକ – ଏକାନ୍ତ ଅସାର । ଏକମାତ୍ର ଈଶ୍ୱରହିଁ ସାର – ଏକମାତ୍ର ଆତ୍ମାହିଁ ଶାଶ୍ୱତ । ତେଣୁ କେବଳ ଆଧ୍ୟାତ୍ମିକତାହିଁ ସାର୍ଥକତା ।''

ସ୍ୱାମିଜୀ ଏହିସବୁ ଉକ୍ତିରେ ଆଧ୍ୟାତ୍ମିକତା ଯେ ଭାରତୀୟ ସଂସ୍କୃତି ଓ ଚିନ୍ତାଧାରାର ବୈଶିଷ୍ଟ୍ୟ ଓ ମୂଳପିଣ୍ଡ, ଏକଥା ସ୍ପଷ୍ଟ କରିଛନ୍ତି । ଗୁରୁଗମ୍ଭୀର ଭାବେ ଅତି ଦୃଢ଼ କଣ୍ଠରେ ସ୍ୱାମିଜୀ ପୁନଶ୍ଚ କହୁଛନ୍ତି, ''ଆଧ୍ୟାତ୍ମିକତାକୁ ବର୍ଜନ କରି ଜଡ଼ାଶ୍ରୟୀ ପାଶ୍ଚାତ୍ୟ ସଭ୍ୟତା ପ୍ରତି ଆସକ୍ତ ହେଲେ ତିନି ପୁରୁଷରେ ଏହି ଜାତିର ବିନାଶ ଅନିବାର୍ଯ୍ୟ । ଜାତିର ମେରୁଦଣ୍ଡ ଭାଙ୍ଗି ପଡ଼ିବ, ଜାତୀୟ ସୌଧ ଭୁଶୁଡ଼ି ପଡ଼ିବ, ପରିଣାମରେ ସାମଗ୍ରିକ ଧ୍ୱଂସ

ଅନିବାର୍ଯ୍ୟ । ... ଭାରତବର୍ଷ ଜଗତକୁ ଦେଇଛି ପରମାର୍ଥର ସନ୍ଧାନ, ଆଉ ଶିଖାଇଛି ଅଜ୍ଞାନ ଅନ୍ଧକାର ଭେଦ କରି ମାନବାତ୍ମାର ଗୂଢ଼ ରହସ୍ୟ ଉଦ୍‌ଘାଟନ କରିବାର ଉପାୟ ।''

ସୁତରାଂ ଭାରତର ଅସ୍ତିତ୍ୱ ଯଦି ବଜାୟ ରଖିବାକୁ ହୁଏ ଏବଂ ତା'ର ପରମ୍ପରା ଏବଂ ବିଧି-ନିର୍ଦ୍ଦିଷ୍ଟ ସାଧନା ପ୍ରତି ଦୃଷ୍ଟି ଦେବାକୁ ହୁଏ ତେବେ ଏହି ଅଧ୍ୟାତ୍ମ ପ୍ରେରଣା ତା'ର ଜୀବନ-ଦର୍ଶନ, ରାଷ୍ଟ୍ରୀୟ-ଦର୍ଶନ ଓ ରାଷ୍ଟ୍ରୀୟ ଲକ୍ଷ୍ୟରେ ପର୍ଯ୍ୟବସିତ ହେବା ଉଚିତ । ବିବେକାନନ୍ଦ ତତ୍କାଳୀନ ଭାରତୀୟ ରାଷ୍ଟ୍ରୀୟ ବ୍ୟାପାରରେ ନିଜକୁ ସଂପୃକ୍ତ କରି ନ ଥିଲେ ବା ଏହି ଶୁଦ୍ଧ ଆଧ୍ୟାତ୍ମିକତାକୁ ରାଜନୈତିକ କାର୍ଯ୍ୟରେ ଉପଯୋଗ କରି ନ ଥିଲେ । କିନ୍ତୁ ଠିକ୍ ତା'ର ପରେ ପରେ ଅଧ୍ୟାତ୍ମ-ଭାବଧାରା ରାଷ୍ଟ୍ରୀୟ ବିଚାରଧାରାରେ ସ୍ପଷ୍ଟରୂପେ ଆତ୍ମ-ପ୍ରକାଶ କରିଛି । ଲୋକମାନ୍ୟ ତିଳକ, ବିପିନ ପାଲ, ଲାଲା ଲାଜପତ୍ ରାୟ ପ୍ରଭୃତି ସ୍ୱନାମଧନ୍ୟ ଜାତୀୟ ବୀରମାନେ ଆଧ୍ୟାତ୍ମିକତାକୁ ଜାତୀୟତାର ମୂଳଭିତ୍ତି କରି 'ଭାରତ'କୁ ଏକ ମହତୀ ଦିବ୍ୟଶକ୍ତି ରୂପେ ଆବାହନ କଲେ । ଏହି ଶୁଦ୍ଧଚିତ୍ତ ଭଗବତ୍-ପ୍ରେମୀ ମହାପୁରୁଷମାନଙ୍କର ଅଶେଷ ଚେଷ୍ଟା ଓ ଉଦ୍ୟମ ବଳରେ ଆଧୁନିକ ଭାରତର ଏକ ନବଜନ୍ମ ସଂଘଟିତ ହେଲା — ଭାରତର ଯଥାର୍ଥ ସ୍ୱରୂପ, ସ୍ୱଧର୍ମ ଓ ସାଧନା ଜଗତ୍ ସମ୍ମୁଖରେ ରଖାଗଲା । ଶ୍ରୀଅରବିନ୍ଦ ଏହି ସମୟରେ ବାରଂବାର ଘୋଷଣା କଲେ ଯେ ଜାତୀୟତାହିଁ ଭଗବାନଙ୍କର ଦାନ । ଏହି ଜାତୀୟତାର କର୍ଣ୍ଣଧାର ସ୍ୱୟଂ ନାରାୟଣ, ସ୍ୱୟଂ ବାସୁଦେବ । ଅଥବା ''ଯେଉଁ ଶକ୍ତିକୁ ଆମ୍ଭେମାନେ କହୁ ଭାରତ, ଭବାନୀ, ଭାରତୀ ତାହା ତ୍ରିଂଶକୋଟି ଲୋକଙ୍କର ଏକତ୍ରୀବଦ୍ଧ ଜୀବନ୍ତ ଶକ୍ତି ।'' ଆଧୁନିକ ଭାରତର ଅଭ୍ୟୁତ୍ଥାନ ପଶ୍ଚାତରେ ଏହି ଯେଉଁ ଶାଶ୍ୱତ ଜ୍ୟୋତିର୍ମୟ ସତ୍ୟ ନିହିତ ଅଛି ତାହାକୁ ଭାରତୀୟ ଯୁବକ ପ୍ରାଣରେ ପ୍ରତିଷ୍ଠା କରିବାକୁ ହେବ । କେବଳ ଦେଶକୁ ଗୋଟାଏ ଭୌଗୋଳିକ ବସ୍ତୁ ବୋଲି ଧରି ନେଲେ ଠିକ୍ ହେବ ନାହିଁ । ଆଧ୍ୟାତ୍ମିକତାହିଁ ଭାରତୀୟତାର ମୂଳସୂତ୍ର ।

ଆଧୁନିକ ଭାରତର ଜାଗରଣର ଦ୍ୱିତୀୟ ପାବଚ୍ଛ ହେଲା ଏକ ନୈତିକ ଆଦର୍ଶ ଏବଂ ତୃତୀୟ ପାବଚ୍ଛ ପୂର୍ଣ୍ଣ ରୂପେ ଅର୍ଥନୈତିକ । ଏ ବିଷୟ ଆମ୍ଭେମାନେ ପରବର୍ତ୍ତୀ ପ୍ରବନ୍ଧରେ ଆଲୋଚନା କରିବୁ ।

(କ୍ରମଶଃ)

('ଶ୍ରୀ ପ୍ରପତ୍ତିଙ୍କ ରଚନା ସଂଗ୍ରହ', ଦ୍ୱିତୀୟ ଖଣ୍ଡ,
ପୃ. ୩୯୫-୪୦୧)

❑❑❑

ବିଶେଷ ସୂଚନା

ଯେଉଁମାନେ ଶ୍ରୀଅରବିନ୍ଦ ଆଶ୍ରମକୁ Online (Bank or Mobile) ମାଧ୍ୟମରେ ପ୍ରଣାମୀ ପଠାଉଛନ୍ତି, ଏବେଠାରୁ ନୂଆ Income Tax Guidelines ଅନୁସାରେ ସେମାନେ **କେବଳ** website:

donations.sriaurobindoashram.org

Donations to Sri Aurobindo Ashram Trust

ସହାୟତାରେ ପ୍ରଣାମୀ ଦାଖଲ କରି ପାରିବେ । ଏହା ସହଜ ଏବଂ ସରଳ ଭାବେ ଉପଲବ୍ଧ ।

ଯଦି ଆପଣ Cheque କିଂବା Draft ମାଧ୍ୟମରେ ପ୍ରଣାମୀ ଦେଉଥା'ନ୍ତି ତାହା **Sri Aurobindo Ashram Trust** ନାମରେ ହେବା ବିଧେୟ । ଏଥି ସହିତ ଆପଣଙ୍କର PAN କିଂବା Aadhar Card Number ସବୁଥିରେ ଦେବା ଜରୁରୀ ଅଟେ ।

ଏ ସମ୍ପର୍କରେ ଅଧିକ କିଛି ଜାଣିବାକୁ ଚାହୁଁଥିଲେ ନବଜ୍ୟୋତି କାର୍ଯ୍ୟାଳୟ ସହ ଫୋନ୍ (୦୪୧୩ -୨୨୩୩୬୩୩) ଯୋଗେ ଯୋଗାଯୋଗ କରିପାରନ୍ତି ।

— ନବଜ୍ୟୋତି କାର୍ଯ୍ୟାଳୟ

ଧ୍ୟାନ ଓ ପ୍ରାର୍ଥନା – ଏକ ଆତ୍ମଲିପିର ଗୀତିକଥା

(୧୧୨)

ମହେନ୍ଦ୍ରନାଥ ସ୍ୱାଇଁ

ସୁବର୍ଣ୍ଣ-ଦୁର୍ଗା

ମାର୍ଚ୍ଚ ୨୨, ୧୯୧୪ ପ୍ରାର୍ଥନାରେ ଦିବ୍ୟଜନନୀ ଶ୍ରୀମା ଲେଖନ୍ତି –

''O LORD, divine Master of Love, enlighten their consciousness and their hearts. They have made an effort to reach out towards Thee but because of their ignorance their prayers probably did not rise to Thee, and their false conceptions have barred the way to their aspiration. Yet in Thy mercy Thou dost turn all goodwill to account and a flash of sincerity is enough for Thy divine light to use it to illumine the intelligence, for Thy sublime love to penetrate into all hearts and fill them with that pure and lofty benevolence which is one of the best expressions of Thy law. What I willed for them, with Thy will, in moments when I could be in true communion with Thee – grant that they may have received it on the day when, striving to forget all outer contingencies, they turned to their noblest thought, their best feelings.

"May the supreme serenity of Thy sublime Presence awake in them."

''ହେ ପ୍ରଭୁ, ପ୍ରେମମୟ ଦିବ୍ୟ ଗୁରୁ, ସେମାନଙ୍କର ଚେତନା ଓ ହୃଦୟକୁ ଆଲୋକିତ କର । ସେମାନେ ଏକ ପ୍ରଚେଷ୍ଟା ଆରମ୍ଭ କରିଛନ୍ତି ତୁମ ପାଖରେ ପହଞ୍ଚିବା ପାଇଁ, କିନ୍ତୁ ସେମାନଙ୍କର ଅଜ୍ଞାନତା ଯୋଗୁଁ ସମ୍ଭବତଃ ତାଙ୍କର ପ୍ରାର୍ଥନା ତୁମ ଆଡ଼କୁ ଉଠିଯାଇ ପାରୁ ନାହିଁ; ଏବଂ ସେମାନଙ୍କର ଭ୍ରମାତ୍ମକ ଧାରଣାସବୁ ସେମାନଙ୍କ ଅଭୀପ୍ସାର ପଥରୋଧ କରୁଅଛି । ତଥାପି ତୁମର କରୁଣାବଶତଃ ତୁମେ ସକଳ ମଙ୍ଗଳକର ଇଚ୍ଛାକୁ ହିସାବକୁ ନେଉଛ ଏବଂ ଏକାଗ୍ରତା ରୂପକ ଆଲୋକର ଝଲକଟିଏ ବି ପ୍ରକୃତରେ ସବୁକିଛି ତୁମର ଦିବ୍ୟ-ଜ୍ୟୋତି ଓ ଜ୍ଞାନକୁ ଜ୍ୟୋତିର୍ମୟ କରିବା ନିମନ୍ତେ ପର୍ଯ୍ୟାପ୍ତ ଅଟେ; କାରଣ ତୁମର ଦିବ୍ୟପ୍ରେମ ଏହାକୁ କାର୍ଯ୍ୟରେ ଲଗାଇ ସକଳଙ୍କ ହୃଦୟ ଭିତରକୁ ପ୍ରବେଶ କରୁଛି । ଏବଂ ସେହି ବିଶୁଦ୍ଧ ଓ କୋମଳ ଦୟାଭାବ ଦ୍ୱାରା ସମସ୍ତଙ୍କ ହୃଦୟକୁ ପରିପୂର୍ଣ୍ଣ କରି ଦେବାକୁ ଇଚ୍ଛା କରୁଛି । ଯାହା ହେଉଛି ତୁମର ଦିବ୍ୟ-ବିଧାନକୁ ପ୍ରକାଶ କରିବାର ଉପାୟମାନଙ୍କ ମଧ୍ୟରେ ସର୍ବୋତ୍ତମ । ଯେଉଁ ମୁହୂର୍ତ୍ତରେ ଯଥାର୍ଥଭାବେ ତୁମ ସଙ୍ଗେ ଯୋଗଯୁକ୍ତ ହେଲି, ସେଇ ମୁହୂର୍ତ୍ତରେ ତୁମର ଇଚ୍ଛାକୁ ଆଶ୍ରୟ କରି ସେମାନଙ୍କ ସକାଶେ ଯାହା ମୁଁ ସଂକଳ୍ପ କଲି ତାହା ହେଲା – ହେ ପ୍ରଭୁ, ସେମାନଙ୍କୁ ଏହି ବର ପ୍ରଦାନ କରନ୍ତୁ ଯେଉଁଦିନ ସେମାନେ ସମସ୍ତ ବାହ୍ୟ ଛୋଟ ଛୋଟ ଆକସ୍ମିକ ଘଟଣା ଓ ଦୁର୍ଘଟଣାମାନଙ୍କୁ ଭୁଲି ଯାଇଥିବେ, ସେମାନେ ସେମାନଙ୍କର ସବୁଠାରୁ ମହତ୍ତମ ଚିନ୍ତା ଓ ସର୍ବୋତ୍ତମ ଅନୁଭବ ଆଡ଼କୁ ମୁଖ ଫେରାଇ ନେବେ ।

''ହେ ପ୍ରଭୁ, ତୁମର ଅନୁପମ ସାନ୍ନିଧ୍ୟର ପରମ ପ୍ରଶାନ୍ତି ସେମାନଙ୍କ ହୃଦୟରେ ଜାଗ୍ରତ୍ ହେଉ ।''

ମା'ଙ୍କର ଜାହାଜ 'କାଗାମାରୁ' ଭାରତ ଅଭିମୁଖେ ଯାତ୍ରା କରି ଚାଲିଛି । ମାର୍ଚ୍ଚ ୨୨, ୧୯୧୪ର ଦିନଟି ହେଉଛି ରବିବାର । ପ୍ରଭୁ ଶ୍ରୀଅରବିନ୍ଦଙ୍କ ସହ ସାକ୍ଷାତ୍କାର ନିମନ୍ତେ ମାତ୍ର ଆଉ ଗୋଟିଏ ସପ୍ତାହ ବାକି ।

ରବିବାର ହୋଇଥିବାରୁ ଜାହାଜର 'ସାଲୁନ୍'ରେ ଗୋଟିଏ ପ୍ରାର୍ଥନାସଭା ବା 'Service'ର ଆୟୋଜନ କରାଗଲା । ପରବର୍ତ୍ତୀ କାଳରେ ସେହି ସଭାରେ ଯୋଗଦାନ କରିଥିବା ବ୍ୟକ୍ତିମାନେ କିପରି ଅଦ୍ଭୁତ, ବିଚିତ୍ର ପ୍ରକାରର ପୋଷାକ ପରିଧାନ କରିଥିଲେ, ମା' ସେ ବିଷୟରେ ବର୍ଣ୍ଣନା କରିଛନ୍ତି । ସେମାନେ 'ସୁଟ୍' ପିନ୍ଧିଥିଲେ, 'ଟାଇ' ବାନ୍ଧିଥିଲେ, ଏପରିକି ହାତରେ ଗୋଟିଏ ଗୋଟିଏ ଛତା ଧରିଥିଲେ । ଏହା

ଏକ ଧାର୍ମିକ ଅନୁଷ୍ଠାନ, କିନ୍ତୁ ପ୍ରତ୍ୟେକେ ଅନ୍ୟମାନଙ୍କ ପୋଷାକକୁ ନିରେଖି ଦେଖୁଥିଲେ; ମନ୍ତବ୍ୟମାନ ପ୍ରକାଶ କରୁଥିଲେ । ପ୍ରାର୍ଥନା ବା ଭକ୍ତିଭାବ ସହିତ ସେମାନଙ୍କର କୌଣସି ସମ୍ପର୍କ ନଥିଲା । ଏହି ରବିବାସରୀୟ ପ୍ରାର୍ଥନାସଭା ଭଗବାନଙ୍କ ଉଦ୍ଦେଶ୍ୟରେ କରାଯାଉଥିଲା କେବଳ ମାତ୍ର ଚିରାଚରିତ ପ୍ରଥା ଅନୁସାରେ; ଏଥିରେ ଭାବ, ଭକ୍ତି କିଛି ନଥିଲା, ଏହାକୁ ଏକ କର୍ତ୍ତବ୍ୟ ମନେ କରି କରାଯାଉଥିଲା, କର୍ତ୍ତବ୍ୟ ସରିଗଲା ପରେ ପୁନର୍ବାର ସେମାନେ ସବୁଦିନ ପରି ଆନନ୍ଦ-ଉତ୍ସବରେ ମାତି ଯାଉଥିଲେ ।

କିନ୍ତୁ ଭଗବାନଙ୍କୁ ଏହି ଭାବରେ ଡାକିବା, ଏତାଦୃଶ ପ୍ରହସନ କରିବା ସତ୍ତ୍ୱେ ଏକ ଜ୍ୟୋତିର୍ମୟ ଆଲୋକ ସମସ୍ତଙ୍କ ଅଜାଣତରେ ସେମାନଙ୍କ ଚେତନା ଭିତରକୁ ପଶି ଆସିଥାଏ । ସେମାନଙ୍କ ଭିତରେ ପ୍ରଭୁଙ୍କ ସହିତ ଭାବର ଆଦାନପ୍ରଦାନ କରିବା ନିମନ୍ତେ ଏକ ପ୍ରକାର ଅନୁକୂଳ ପରିବେଶ ସୃଷ୍ଟି ହୋଇଥାଏ । ମନ ପୂର୍ବରୁ ଅଭ୍ୟାସ କରି ଆସୁଥିବା ପୂଜାପଦ୍ଧତି, ପ୍ରଥା ଇତ୍ୟାଦିକୁ ଭୁଲି ଯାଇଥାଏ । ସାଧାରଣ ଭାବରେ ବଞ୍ଚୁଥିବା (banal) ଜୀବନ କବଳରୁ ମୁକ୍ତି ପାଇଯାଇ ଥାଏ । ବ୍ୟକ୍ତି ସମ୍ମୁଖରେ ଗୋଟିଏ ରାସ୍ତା ଖୋଲିଯାଏ ଏବଂ କିଛି ବାସ୍ତବ, ଅର୍ଥପୂର୍ଣ୍ଣ ପ୍ରାର୍ଥନା ହୃଦୟ ଭିତରୁ ଉଠି ପ୍ରଭୁଙ୍କ ଆଡ଼କୁ ପ୍ରଖର ବେଗରେ ଅଗ୍ରସର ହୋଇଥାଏ ।

ଭଗବାନ୍ ଆମର ସକଳ ପ୍ରକାରର ନିମ୍ନ-ଯାଚନାଗୁଡ଼ିକୁ ଗ୍ରହଣ କରନ୍ତି ନାହିଁ । ସେହି ପ୍ରାର୍ଥନାଗୁଡ଼ିକ ହେଲେ : "O Lord, how cruel you are to allow this misfortune to happen to me." ଅର୍ଥାତ୍, ''ହେ ପ୍ରଭୁ, ତୁମେ ମୋ ପାଇଁ ଏତେ ନିଷ୍ଠୁର କାହିଁକି ହେଲ, ମୋ ପାଖକୁ ଏହି ପ୍ରକାର ଦୁର୍ଭାଗ୍ୟ ଆସିବାକୁ କାହିଁକି ଅନୁମତି ଦେଲ ।'' ଅଥବା ଆମେ ଭଗବାନଙ୍କ ସହିତ ମୂଲଚାଲ ମଧ୍ୟ ଆରମ୍ଭ କରି ଦେଇଥାଉ, ''ହେ ପ୍ରଭୁ, ମୁଁ ଯଦି ଏହି 'ପୋକର' (pocker) ତାସଖେଳରେ ଜିତିଯାଏ, ତାହାହେଲେ ଲବ୍ଧ ଅର୍ଥର ଏକ ଦଶମାଂଶ ଚର୍ଚ୍ଚ ବା ମନ୍ଦିରକୁ ଦାନ କରିଦେବି ।'' ଅଥବା, ''ହେ ପ୍ରଭୁ, ମୁଁ ତୁମକୁ ଏକ ସୁବର୍ଣ୍ଣ ନିର୍ମିତ ପାନପାତ୍ର, ଏକ ହୀରକଖଚିତ ଅଳଙ୍କାର, ଗୋଟିଏ ରୁପା-ପାତ୍ର ପ୍ରଦାନ କରିବି, ଯାହାସବୁ ତୁମର ପୂଜା, ଆରାଧନା କାର୍ଯ୍ୟରେ ଲାଗିବ ।''

ପ୍ରାର୍ଥନାରେ ଯଦି ଭଗବାନଙ୍କ ପ୍ରତି ଭଲପାଇବା ନଥାଏ, ଭକ୍ତି ନଥାଏ ତାହା ପ୍ରାର୍ଥନା ପଦବାଚ୍ୟ ନୁହେଁ; ତାହା ଆବୃତ୍ତି ହୋଇପାରେ, ଭଜନ ହୋଇପାରେ । କିନ୍ତୁ ପ୍ରଭୁଙ୍କୁ ଆମେ ଯାହାକିଛି ଅର୍ପଣ କରୁ ସେ ହସି ହସି ତାହା ଗ୍ରହଣ କରିଥା'ନ୍ତି; ତାହା ନଡ଼ିଆଟିଏ ହୋଇଥାଉ ବା ଗୋଟିଏ ଟଙ୍କା ହୋଇଥାଉ । ଆମେ ତାଙ୍କ ସହିତ ଯେତେ ନିମ୍ନ ଧରଣର ମୂଲଚାଲ କଲେ ମଧ୍ୟ ପ୍ରଭୁ ଆମ କଥା ଶୁଣନ୍ତି ଏବଂ ଅନନ୍ତ ଧୈର୍ଯ୍ୟ ଓ ଆନନ୍ଦ ସହକାରେ ଆମକୁ ଗ୍ରହଣ କରିଥା'ନ୍ତି, ଆଶୀର୍ବାଦ ପ୍ରଦାନ କରିଥା'ନ୍ତି । 'କାଗାମାରୁ' ଜାହାଜରେ ଯାତ୍ରା କରୁଥିବା ଯାତ୍ରୀମାନଙ୍କ ପ୍ରାର୍ଥନା-ସଭାରେ ଯୋଗ ଦେଲାପରେ ମା' ଏହି ପ୍ରାର୍ଥନାଟି ଲେଖିଛନ୍ତି । ପ୍ରାର୍ଥନାରେ ମା' ସେମାନଙ୍କ ଅଜ୍ଞାନତା, ମିଥ୍ୟା ଧାରଣା କିପରି ତାଙ୍କ ଅଭୀପ୍ସାକୁ ପ୍ରଭୁଙ୍କ ପାଖରେ ପହଞ୍ଚିବାରେ ବାଧା ସୃଷ୍ଟି କରୁଛି ତାହା ମଧ୍ୟ ଜଣାଇଛନ୍ତି । ଏସବୁ ସତ୍ତ୍ୱେ ଦିବ୍ୟ ଜନନୀ ଶ୍ରୀମା ପ୍ରଭୁଙ୍କୁ ସେମାନଙ୍କ ନିମନ୍ତେ ପ୍ରାର୍ଥନା କରି କହୁଛନ୍ତି, "What I willed for them, with Thy will, in moments when I could be in true communion with Thee ..."

ଅର୍ଥାତ୍, ''ଯେଉଁ ମୁହୂର୍ତ୍ତରେ ଯଥାର୍ଥଭାବେ ତୁମ ସଙ୍ଗେ ଯୋଗଯୁକ୍ତ ହେଲି, ସେଇ ମୁହୂର୍ତ୍ତରେ ତୁମର ଇଚ୍ଛାକୁ ଆଶ୍ରୟ କରି ସେମାନଙ୍କ ସକାଶେ ଯାହା ମୁଁ ସଂକଳ୍ପ କଲି ତାହା ହେଲା ...''

ପରମପ୍ରଭୁ ସେହି ମୁହୂର୍ତ୍ତକୁ ଏକଲୟରେ ଅପେକ୍ଷା କରି ରହିଥା'ନ୍ତି, ଯେତେବେଳେ ଆମେ ଆମର ସକଳପ୍ରକାର ସୀମିତତା, ପୁରାତନ ଅଭ୍ୟାସ ଏବଂ ଜଞ୍ଜାଳ ଭିତରୁ ମୁକ୍ତ ହୋଇ ତାଙ୍କ ଦିବ୍ୟ ବାହୁବନ୍ଧନ ଭିତରକୁ ଅବଲୀଳାକ୍ରମେ ଟାଣି ହୋଇ ଯାଇ ତାଙ୍କ ଶ୍ରୀଚରଣରେ ଆମର ସବୁ ଦୁର୍ବଳତାକୁ ସମର୍ପଣ କରିଦେବା ଏବଂ ତାଙ୍କର ଉଚ୍ଚତର ଚେତନା ସହିତ ସମ୍ପୂର୍ଣ୍ଣ ଭାବରେ ମିଶିଯିବା । ଫଳରେ ଆମର ସକଳ ପ୍ରକାର ଅଜ୍ଞାନତା ଏକ ବିଦ୍ୟୁତ୍ ଝଲକର ଉଜ୍ଜ୍ୱଳ ଆଲୋକରେ ପ୍ରଭୁଙ୍କର କୃପା ଦ୍ୱାରା ଦିବ୍ୟ ଜ୍ଞାନରେ ରୂପାନ୍ତରିତ ହୋଇଯାଇ ପାରିବ । ଏହାକୁ ମା' ଆଲୋଚ୍ୟ ପ୍ରାର୍ଥନାରେ କହିଛନ୍ତି, "a flash of sincerity", ଆମର ମନ-ପ୍ରାଣ-ଶରୀର ପ୍ରଭୁଙ୍କ ପାଖରୁ ଆସୁଥିବା ''ସେହି ବିଶୁଦ୍ଧ ଓ କୋମଳ ଦୟାଭାବ'' ଦ୍ୱାରା ପୂର୍ଣ୍ଣ ହୋଇଯିବ ବୋଲି ଦିବ୍ୟ ଜନନୀ କହୁଛନ୍ତି ।

ଏହି ପରିପ୍ରେକ୍ଷୀରେ ନିମ୍ନୋକ୍ତ ବିଷୟଟିକୁ ଆଲୋଚନା କଲେ ଏହା ସ୍ପଷ୍ଟ ହୋଇଯିବ –

ଦକ୍ଷିଣ ଭାରତ ଭ୍ରମଣରେ ଆସିଥିବା 'ଏଫ୍'ଙ୍କର

ସାନଭାଇ ୧୯୪୯ ମସିହାରେ ପଣ୍ଡିଚେରୀ ଆସିଥିଲେ ଏବଂ ଶ୍ରୀଅରବିନ୍ଦ ଆଶ୍ରମରେ ଅଳ୍ପ କିଛିଦିନ ଅବସ୍ଥାନ କରିଥିଲେ । ଦିବ୍ୟ ଜନନୀ ଶ୍ରୀମାଙ୍କୁ ଦର୍ଶନ କଲା ପରେ ସେ ସମ୍ପୂର୍ଣ୍ଣ ରୂପେ ନିଜକୁ ତାଙ୍କ ଚରଣତଳେ ସମର୍ପିତ କରି ଦେଇଥିଲେ । କିନ୍ତୁ ଏହି ଅଳ୍ପଦିନ ରହଣି ଭିତରେ ସେ ପ୍ରଭୁ ଶ୍ରୀଅରବିନ୍ଦଙ୍କ ଦର୍ଶନ ଲାଭ କରି ପାରି ନଥିଲେ । ସେ ଫେରିଲା ବେଳେ କେତେ ଖଣ୍ଡ ପୁସ୍ତକ ଏବଂ ମା'ଶ୍ରୀଅରବିନ୍ଦଙ୍କ ଏକ ସୁନ୍ଦର ଭବ୍ୟ ଫଟୋଟିଏ ନେଇ ଯାଇଥିଲେ । ଫଟୋଟିକୁ ତାଙ୍କ ଘରେ ସ୍ଥାପନ କରିଥିଲେ ଏବଂ ପ୍ରତ୍ୟେକ ଦିନ ଫୁଲ ଓ ପତ୍ରରେ ସୁସଜ୍ଜିତ କରୁଥିଲେ । 'ଏଫ୍' କିନ୍ତୁ ସେସବୁ ପୁସ୍ତକ ପାଠ କରୁ ନଥିଲେ କି ମା'ଙ୍କ ଫଟୋ ପାଖରେ ପ୍ରଣାମ ମଧ୍ୟ କରୁ ନଥିଲେ । ''ଜଣେ ଫରାସୀ ଭଦ୍ରମହିଳା କିପରି ଅବତାର ହୋଇ ପାରିବେ ?'' – ଏହି କଥାକୁ ସେ ସହଜରେ ଗ୍ରହଣ କରି ପାରୁ ନଥିଲେ ।

'ଏଫ୍'ଙ୍କର ସାନଭାଇ ୧୯୫୦ ମସିହାରେ ପୁଣିଥରେ ପଣ୍ଡିଚେରୀ ଆସିଲେ, ଏହିଥରକ ସବୁଦିନ ପାଇଁ – ଏକଥା ସେ କାହାରିକୁ କହି ନଥିଲେ । 'ଏଫ୍' ତାଙ୍କ ସାନଭାଇକୁ ଆଶ୍ରମରୁ ଫେରାଇ ନେବା ନିମନ୍ତେ ଚିଠି ପରେ ଚିଠି ଲେଖିବାକୁ ଲାଗିଲେ, ଟେଲିଗ୍ରାମ୍ ମଧ୍ୟ ପଠାଇଲେ, କିନ୍ତୁ କିଛି ଫଳ ହେଲା ନାହିଁ । ସାନଭାଇ ଆଶ୍ରମ ବିଷୟରେ ତଥା ମା' ଶ୍ରୀଅରବିନ୍ଦଙ୍କ ବିଷୟରେ ସବୁକଥା ଟିକିନିଖି ଭାବରେ ଲେଖି ଖଣ୍ଡିଏ ଚିଠି ତାଙ୍କ ପାଖକୁ ପଠାଇ ଥିଲେ । କ୍ରୋଧ ଏବଂ ହତାଶାରେ ଜର୍ଜରିତ 'ଏଫ୍' ଚିଠିଟିକୁ ପଢ଼ିବା ତ ଦୂରର କଥା, ଟେବୁଲର ଗୋଟିଏ କୋଣରେ ରଖିଦେଲେ । ଏହିପରି ଭାବରେ ଛଅ ମାସ ବିତିଗଲା, 'ଏଫ୍'ଙ୍କର କ୍ରୋଧ ମଧ୍ୟ ଶାନ୍ତ ହୋଇଗଲା । ଶେଷରେ ଦିନେ ସନ୍ଧ୍ୟାରେ ସେ ସେହି ଚିଠିଟିକୁ ଖୋଲିଲେ ଏବଂ ପଢ଼ିଲେ । ସେ ଯାହା ପଢ଼ିଲେ ସେଥିରେ ଅଭିଭୂତ ହୋଇ ପଡ଼ିଲେ ଏବଂ ୧୯୫୨ ମସିହାରେ ତାଙ୍କ ସାନଭାଇ କିପରି ଅଛି ଦେଖିବା ପାଇଁ ଆଶ୍ରମକୁ ଆସିଲେ ।

'ଏଫ୍'ଙ୍କର ସାନଭାଇ ସକାଳର ''ବାଲକୋନି'' ଦର୍ଶନ ନିମନ୍ତେ ତାଙ୍କୁ ନେଇଗଲେ । ଦିବ୍ୟ ଜନନୀ ଶ୍ରୀମା ଯେତେ ସମୟ ବାଲକୋନିରେ ଦଣ୍ଡାୟମାନ ହୋଇଥିଲେ ସେହି ସମୟରେ ତାଙ୍କ ସାନଭାଇ କେବଳ ମା'ଙ୍କ ଦିବ୍ୟ ଉପସ୍ଥିତି ଉପରେ ଚକ୍ଷୁ ନିବଦ୍ଧ କରି ରହିଥିଲେ । ମା' ଚାଲିଗଲା ପରେ ସେ ତାଙ୍କ ବଡ଼ଭାଇଙ୍କ ପାଖକୁ ଗଲେ ଏବଂ ତାଙ୍କ ଅବସ୍ଥା ଦେଖି ଆଶ୍ଚର୍ଯ୍ୟଚକିତ ହୋଇଗଲେ । ତାଙ୍କର ସମଗ୍ର ଶରୀର ଝାଳରେ ଜୁଡୁବୁଡୁ, ମୁହଁ ଲାଲ ପଡ଼ିଯାଇଛି, ଦେଖିଲେ ଭୟ ଜାତ ହେବ । ସାନଭାଇ ଭୟଭୀତ ହୋଇଗଲେ ଏବଂ କହିଲେ, ''ଭାଇ, ଡାକ୍ତରଙ୍କୁ ଡାକିବା କି ?'' 'ଏଫ୍' ହାତ ହଲାଇ ମନା କଲେଏବଂ କହିଲେ, ''କିଛି ଆବଶ୍ୟକ ନାହିଁ, ମୋତେ ପାଞ୍ଚ ମିନିଟ ବସିବାକୁ ଦିଅ, ମୁଁ ଭଲ ହୋଇଯିବି ।''

ବାସ୍ତବିକ ପାଞ୍ଚ ମିନିଟ ପରେ 'ଏଫ୍'ଙ୍କର ଅବସ୍ଥା ଠିକ୍ ହୋଇଗଲା । ସେ ତାଙ୍କ ସାନଭାଇଙ୍କୁ କହିଲେ, "During the whole of the 'Balcony Darshan' Mother Durga in a glorious golden form stood with her lion before me, gazing at me intently. He could not bear the Presence and Force, hence this shaken condition. He was on the verge of collapsing, when the Mother withdrew and the golden Durga vanished." ଅର୍ଥାତ୍, ''ବାଲକୋନି ଦର୍ଶନର ଆରମ୍ଭରୁ ଶେଷ ପର୍ଯ୍ୟନ୍ତ ମୁଁ ଦେଖିଲି ଜ୍ୟୋତିର୍ମୟୀ ମା' ସୁବର୍ଣ୍ଣ-ଦୁର୍ଗା ବା କନକ ଦୁର୍ଗା ରୂପରେ ସିଂହବାହନ ସହିତ ଦଣ୍ଡାୟମାନା ଏବଂ ମୋ ଆଡ଼କୁ ତୀକ୍ଷ୍ଣ ଦୃଷ୍ଟିରେ ଚାହିଁ ରହିଛନ୍ତି । ମୁଁ ତାଙ୍କର ତେଜଃ, ଉପସ୍ଥିତି ଏବଂ ଶକ୍ତିକୁ ସହ୍ୟ କରି ପାରିଲି ନାହିଁ, ସେଥିପାଇଁ ମୋର ଏହି ପ୍ରକାର ଅବସ୍ଥା । ମୁଁ ମୂର୍ଚ୍ଛିତ ଅବସ୍ଥାକୁ ଆସି ଯାଇଥିଲି, ଠିକ୍ ସେତିକି ବେଳେ ମା' ବାଲ୍‌କୋନି ଦର୍ଶନ ପ୍ରଦାନ କରିସାରି ଫେରି ଯାଉଥିଲେ ଏବଂ ତାଙ୍କ ସହିତ 'ସୁବର୍ଣ୍ଣ-ଦୁର୍ଗା' ମଧ୍ୟ କ୍ରମଶଃ ଅନ୍ତର୍ହିତ ହୋଇ ଯାଉଥିଲେ ।''

ସେହି ଦିନଠାରୁ ଏକ ରକ୍ଷଣଶୀଳ ହିନ୍ଦୁ ପରିବାରରେ ଜନ୍ମ ନେଇଥିବା ଏହି ସ୍କୁଲ ଶିକ୍ଷକ 'ଏଫ୍' କେବଳ ଦିବ୍ୟ ଜନନୀ ଶ୍ରୀମାଙ୍କ ଶରଣାପନ୍ନ ହୋଇ ତାଙ୍କୁ ପୂଜା କରିବାରେ ଲାଗିଲେ । ପ୍ରତ୍ୟେକ ବର୍ଷ ଆଶ୍ରମକୁ ଆସନ୍ତି ଏବଂ ଦିବ୍ୟ ଜନନୀଙ୍କୁ ପୂଜା କରନ୍ତି, ବିପଦ-ଆପଦରେ ମା'ଙ୍କୁ ଡାକନ୍ତି, ଆନନ୍ଦ-ମୁହୂର୍ତ୍ତରେ ମଧ୍ୟ ସ୍ମରଣ କରୁଥା'ନ୍ତି । ସେ ମଧ୍ୟ ପ୍ରଭୁ ଶ୍ରୀଅରବିନ୍ଦଙ୍କ ରଚିତ ''ଦିବ୍ୟ ଜୀବନ'' ଗ୍ରନ୍ଥ ସହିତ ଅନ୍ୟାନ୍ୟ ପୁସ୍ତକ ଅଧ୍ୟୟନରେ ସମୟ ଅତିବାହତ କରୁଥା'ନ୍ତି । ମା' ତାଙ୍କୁ ଏକ ରୁଦ୍ଧିମନ୍ତ ଆଧ୍ୟାତ୍ମିକ ଆନ୍ତର ଜୀବନ ପ୍ରଦାନ କରି ଦେଇଥା'ନ୍ତି । ଆଶ୍ରମ ପରିଦର୍ଶନକୁ ଆସୁଥିବା ସମୟରେ ସେ ତାଙ୍କ ଅନ୍ତରର ଅନୁଭୂତି କଥା ନଳୀନୀ-ଦା'ଙ୍କ ସମ୍ମୁଖରେ ଆଗ୍ରହରେ ପ୍ରକାଶ କରୁଥା'ନ୍ତି । ଥରେ 'ଏଫ୍'ଙ୍କର ସାନଭାଇଙ୍କୁ

ନଳିନୀ-ଦା' ଏହି କଥାସବୁ କହିଥିଲେ ଏବଂ ପ୍ରକାଶ କରିଥିଲେ ଯେ ତୁମ ବଡ଼ ଭାଇଙ୍କର ଆତ୍ମା ଅତ୍ୟନ୍ତ ସୁନ୍ଦର ଏବଂ ଚମତ୍କାର । ସେ ଜଣେ ଅତ୍ୟାଶ୍ଚର୍ଯ୍ୟ ବ୍ୟକ୍ତିତ୍ୱ ସମ୍ପନ୍ନ ବ୍ୟକ୍ତି ।''

'ଏଫ୍' ୧୯୫୨ ମସିହା ବାଲକୋନି ଦର୍ଶନ ଦିନଠାରୁ ଆରମ୍ଭ କରି ଦଶ ବର୍ଷ ପର୍ଯ୍ୟନ୍ତ ନିରବଚ୍ଛିନ୍ନ ଭାବରେ ପ୍ରତ୍ୟହ 'ଦୁର୍ଗାଷ୍ତୋତ୍ର', 'ମା' ପୁସ୍ତକ ଏବଂ 'ଧ୍ୟାନ ଓ ପ୍ରାର୍ଥନା' ପାଠ କରି ଦିବ୍ୟ ଜନନୀଙ୍କ ଆରାଧନା କରୁଥିଲେ । ଏକଦା ସେ ତାଙ୍କ ପରିବାରର ସଦସ୍ୟମାନଙ୍କୁ ଏକାଠି କରି କହିଲେ, ''ଆଜିଠାରୁ ଚାରି ଦିନ ପରେ ଚତୁର୍ଥ ଦିବସର ମଧ୍ୟରାତ୍ରରେ ମୁଁ ଶରୀର-ତ୍ୟାଗ କରିବାକୁ ଯାଉଛି ।'' ତାଙ୍କ କଥାକୁ କେହି ଗୁରୁତ୍ୱ ଦେଲେ ନାହିଁ ।

ଚତୁର୍ଥ ଦିବସଟି ଉପସ୍ଥିତ ହେଲା । 'ଏଫ୍' ପ୍ରତିଦିନ ପନ୍ଦର ମିନିଟ ପ୍ରାତଃ ଭ୍ରମଣରେ ଯାଉଥିଲେ, କିନ୍ତୁ ସେଦିନ ସେ ଦୁଇ ଘଣ୍ଟା ପରେ ଘରକୁ ଫେରିଲେ । ପରିବାରର ସଦସ୍ୟମାନେ ବିଳମ୍ବର କାରଣ ଜାଣିବାକୁ ଇଚ୍ଛା ପ୍ରକାଶ କରିବାରୁ ସେ କହିଲେ, ''ମୁଁ ଆଜି ବଗିଚାର ବୃକ୍ଷ, ଲତା, ଫୁଲ, ଫଳ ଓ ଶସ୍ୟକ୍ଷେତ୍ରମାନଙ୍କୁ ଦେଖା କରି ବିଦାୟ ନେଇ ଆସିଲି, ସେଥିପାଇଁ ଫେରିବାକୁ ଡେରି ହେଲା ।'' ତାଙ୍କ କଥାକୁ କେହି ବିଶ୍ୱାସ କଲେ ନାହିଁ । ସନ୍ଧ୍ୟା ଚାରିଟା ବେଳକୁ ତାଙ୍କର ମୃଦୁ ହୃଦ୍‌ଘାତ ହେଲା । ଡାକ୍ତରଙ୍କୁ ଡକା ହେଲା, କିନ୍ତୁ 'ଏଫ୍' ସମ୍ପୂର୍ଣ୍ଣ ଧୀରସ୍ଥିର ନୀରବ ନିଶ୍ଚଳ ଭାବରେ କହିଲେ, ''ଡାକ୍ତର ଡାକିଲେ କିଛି ଫଳ ହେବ ନାହିଁ, କାହିଁକି ଡାକୁଛ ? ଆଜି ମଧ୍ୟରାତ୍ରରେ ମୁଁ ମା'ଙ୍କ ପାଖକୁ ଚାଲିଯିବି ।'' ଡାକ୍ତର ଆସିଲେ, କିନ୍ତୁ ତାଙ୍କର ପ୍ରଚେଷ୍ଟା ଫଳବତୀ ହେଲା ନାହିଁ । ମଧ୍ୟରାତ୍ର ପୂର୍ବରୁ ଘୋଷଣା କରିଥିବା ସମୟରେ 'ଏଫ୍' ଶରୀର ତ୍ୟାଗ କଲେ ।

'ଏଫ୍'ଙ୍କର ଅନ୍ତରାତ୍ମା ଦିବ୍ୟ-ଜନନୀ ସୁବର୍ଣ୍ଣ-ଦୁର୍ଗାଙ୍କର ପାଦପଦ୍ମରେ ଦିବ୍ୟ ପ୍ରଶାନ୍ତି ଓ ଆଲୋକର ବଳୟ ଭିତରେ ବାସ କରିବାକୁ ସିଦ୍ଧାନ୍ତ ନେଇ ସାରିଥିଲା ।

('How they came to Sri Aurobindo and The Mother', Vol. 2, p. 66-67)

(କ୍ରମଶଃ)

❑❑❑

ତଥ୍ୟ ନିର୍ଦ୍ଦେଶିକା :

(୧) Prayers and Meditations – The Mother

(୨) How they came to Sri Aurobindo and the Mother – Vol. II by Shyam Kumari

ଯେତେବେଳେ ତୁମେ ନିଦ୍ରାତ୍ୟାଗ କରୁଛ ସେତେବେଳେ ଅଳ୍ପକିଛି ସମୟ ନୀରବ ରୁହ ଏବଂ ଆଗାମୀ ଦିନଟିକୁ ଭଗବାନଙ୍କୁ ଏହି ପ୍ରାର୍ଥନା ସହ ଉତ୍ସର୍ଗକର ଯେ ସବୁ ସମୟରେ ଓ ସବୁ ପରିସ୍ଥିତିରେ ଯେପରି ତାଙ୍କୁ ସ୍ମରଣ ରଖିବ ।

ନିଦ୍ରାଯିବା ପୂର୍ବରୁ ଅଳ୍ପକିଛି ସମୟ ଏକାଗ୍ର ହୁଅ, ବିତିଯାଇଥିବା ଦିନଟି ଉପରେ ଦୃଷ୍ଟିପାତ କର, କେତେବେଳେ ଓ କେଉଁ କ୍ଷେତ୍ରରେ ତୁମେ ଭଗବାନଙ୍କୁ ଭୁଲିଯାଇଛ ମନେପକାଅ ଓ ପ୍ରାର୍ଥନା କର ଯେ ଯେପରି ଏହିପରି ଭୁଲିଯିବା ଆଉ ନଘଟେ ।

— ଶ୍ରୀମା

କାରା-ଜୀବନୀ

(୧୭)

ଉଲ୍ଲାସକର ଦତ୍ତ

(ପୂର୍ବ ପ୍ରକାଶିତ ଉତ୍ତାରୁ ...)

କଥାଟା କିଛି ପରିମାଣରେ ଆଦମ୍ ଓ ଇଭ୍ ଗଳ୍ପ ପରି ଶୁଣାଇଲେ । ଆଦମ୍ ଏବଂ ଇଭ୍‌ଙ୍କ ଭାଗବତ ନିର୍ଦ୍ଦେଶ ଅମାନ୍ୟ କରି ଜ୍ଞାନ-ବୃକ୍ଷର ଫଳ ଭକ୍ଷଣ ପାଇଁ ଯେତେବେଳେ ଜ୍ଞାନୋଦୟ ହେଲା, ସେତେବେଳେ ଭଗବାନ୍ ତାଙ୍କର ଏହି ପରିବର୍ତ୍ତନ ଲକ୍ଷ୍ୟ କରି କ୍ରୁଦ୍ଧ ହୋଇ ସେମାନଙ୍କୁ ପଚାରିଲେ, ''ତୁମେମାନେ ଏ କ'ଣ କରୁଛ ?'' ସେତେବେଳେ ଆଦମ୍ ନିଜର ଅପରାଧ ମାର୍ଜନା ପାଇଁ କହି ପକାଇଲେ, ''ମୁଁ କିଛି ବି ଜାଣେ ନାହିଁ, ଇଭ୍ ମୋତେ ପରାମର୍ଶ ଦେଇ ନିଷିଦ୍ଧ-ବୃକ୍ଷର ଫଳ ଖୁଆଇଛି ।''

ତା'ପରେ ହଠାତ୍ ଯେମିତି ଚମକି ଉଠି ସେ କହିଲେ, ''ଦେଖ ଦେଖ ! ଖଣ୍ଡେ ଉଲ୍‌କାପିଣ୍ଡ ମୋର ଶରୀରର ମଧ୍ୟ ଦେଇ ଚାଲି ଯାଉଛି !'' ମୁଁ ଲକ୍ଷ୍ୟ କରି ସେମିତି କିଛି ଦେଖିବାକୁ ପାଇନି, ତେବେ ଦେଖିଲି ଯେପରି ଗୋଟିଏ ଶ୍ୱେତ ବିନ୍ଦୁ ତାଙ୍କ ଶରୀରର ଗୋଟିଏ ପାଖରୁ ଅନ୍ୟ ପାଖକୁ ଚାଲିଗଲା । ଶରୀର ଭିତର ଦେଇ ଗୋଟିଏ ଉଲ୍‌କାପିଣ୍ଡ ଚାଲି ଯାଉଛି ଶୁଣି ତ ଭାବିଲି, ଏ ପୁଣି କି ତାମସା ? ଏଇ ସାଢ଼େ ତିନି ହାତ ଦେହର ଭିତର ଦେଇ ପୁଣି ଖଣ୍ଡେ ଉଲ୍‌କାପିଣ୍ଡ ଚାଲିଯିବ କିପରି ? କଥାଟି ଶୁଣି ପ୍ରଥମେ ହସ ଲାଗିଲା; କିନ୍ତୁ ସେ କହିଲେ, ''ତୁମର ବିଶ୍ୱାସ ହେଉନି ? ଆଚ୍ଛା ଏହାର ଅର୍ଥ ପରେ ବୁଝିବ ।''

ଏହାର ଠିକ୍ ଦିନେ କି ଦୁଇଦିନ ପରେ ମୁଁ ଦିନେ ରାତିରେ ମୋ କୋଠରି ମଧ୍ୟରେ ଅଛି, ଏପରି ସମୟରେ ଦେଖିଲି ହଠାତ୍ ମୋର କୋଠରି ସାମନା ଦେଇ ଗୋଟିଏ ଉଜ୍ଜ୍ୱଳ ଉଲ୍‌କାପିଣ୍ଡ ଉତ୍ତର ଦିଗରୁ ଦକ୍ଷିଣ ଦିଗକୁ ସିଧା ସରଳ ରେଖାରେ ଚାଲିଗଲା । ପୂର୍ବରୁ ଆମର ଦେବଦେହୀ ରାଜା ମୋତେ କହିଥିଲେ, "I shall take some one, but not you. You are an educated man, and I could talk to you, it must be some one else." ଅର୍ଥାତ୍, ''ମୁଁ ଜଣକୁ ସାଙ୍ଗରେ ନେଇଯିବି, କିନ୍ତୁ ତୁମକୁ ନୁହେଁ । ତୁମେ ଜଣେ ଶିକ୍ଷିତ ବ୍ୟକ୍ତି, ମୁଁ ତୁମ ସଙ୍ଗେ କଥାବାର୍ତ୍ତା କରିପାରେ, ଅନ୍ୟ ଜଣଙ୍କୁ ମୁଁ ନେଇପାରେ ।'' ସତକୁ ସତ ଦେଖାଗଲା ଯେ ଯେଉଁଦିନ ଏଇ ଉଲ୍‌କାପିଣ୍ଡଟି ମୋର କୋଠରି ଆଗ ଦେଇ ଚାଲିଯାଏ ସେହି ଦିନହିଁ ଆମର Criminal enclosureରୁ ହାସପାତାଳରେ ଭର୍ତ୍ତି ଗୋଟିଏ ଲୋକର ମୃତ୍ୟୁ ହେଲା । ଦୁଇ ଦିନ ପୂର୍ବରୁ ଲୋକଟିକୁ ଦେଖି ସେ ମରିଯିବ ବୋଲି ଏମିତି ଆଶଙ୍କା ବୋଧହୁଏ କେହି ବି କରି ନାହାନ୍ତି । ତା'ପରେ ମୋ ସହ ଏତେ କଥାବାର୍ତ୍ତା ପରେ ବି ଯେପରି ସେ ସନ୍ତୋଷ ଲାଭ କରି ପାରିଲେନି ଏବଂ କହିଲେ, ''ତୁମ ସହ କଥାବାର୍ତ୍ତା କରି ମୋର ତୃପ୍ତି ବୋଧ ହେଉ ନାହିଁ, କାରଣ ତୁମେ ମୋର ସମବୟସ୍କ ନୁହଁ, ସମପଦସ୍ଥ ବି ନୁହଁ । ଛାଡ ! ମୁଁ ତୁମର ସମବୟସ୍କ ଓ ସମପଦସ୍ଥ ମୋର ଜଣେ ପ୍ରତିନିଧି ପଠାଇବି ।'' ଏହା କହି ସେଦିନର କଥାବାର୍ତ୍ତା ଶେଷ ହେଲା ଏବଂ ମୁଁ ବହି ନେଇ ପୁଣି ସ୍ୱସ୍ଥାନକୁ ପ୍ରତ୍ୟାବର୍ତ୍ତନ କଲି ।

ପାଠକେ ନିଶ୍ଚୟହିଁ ଅବଗତ ଅଛନ୍ତି ଯେ ଏପର୍ଯ୍ୟନ୍ତ ଯାହା କିଛି ଅତିଲୌକିକ ଘଟଣା ଲିପିବଦ୍ଧ କରି ଆସିଛି, ତା'ର ପ୍ରତ୍ୟେକଟି ଘଟଣାକାଳରେ ବାସ୍ତବ ବୋଲି ମୋର ପ୍ରତୀତି ଜନ୍ମିଛି; କିନ୍ତୁ ଉପର୍ଯ୍ୟୁକ୍ତ ଘଟଣାର କେତେଦିନ ପରେ ଏପରି ଏକ ଆଶ୍ଚର୍ଯ୍ୟ ଘଟଣା ସଂଘଟିତ ହେଲା ଯେ, ସେଥିରେ ମୋର ଭ୍ରାନ୍ତି ସମ୍ପୂର୍ଣ୍ଣ ରୂପେ ଦୂର ହୋଇଗଲା, ଦ୍ୱିଧାର ଆଉ କୌଣସି ସ୍ଥାନ ରହିଲା ନାହିଁ । ସେଦିନ ସମୟ ପ୍ରାୟ ସାଢ଼େ ନଅଟା କି ଦଶଟା ହେବ । Criminal enclosure ରେ ଆମେ ସମସ୍ତେ ଭୋଜନ ପାଇଁ ସମବେତ ହୋଇଥାଉ । ଅନୁମାନ ପ୍ରାୟ ପଚାଶ ଜଣ ହେବେ – ଧାଡ଼ି କରି ଗୋଟିଏ ସମଚତୁଷ୍କୋଣ ଭୂମିର ତିନି ଦିଗକୁ ଘେରି ସମସ୍ତେ ବସିଛନ୍ତି, ମଝିରେ ଗୋଟିଏ ଟେବୁଲ ଓ ଚୌକି । ଚୌକିରେ ପ୍ରଧାନ ସାହେବ ସର୍ଜେଣ୍ଟ ଉପବିଷ୍ଟ, ଦ୍ୱିତୀୟ ସର୍ଜେଣ୍ଟ ଧାଡ଼ି ବା ଫାଇଲ ପରିଦର୍ଶନ କରୁଛନ୍ତି । ମୁଁ ଠିକ୍ ବଡ଼ ଗେଟ୍ ନିକଟରେ କାନ୍ଥକୁ ଆଉଜି ବସିଛି । ଏମିତି ସମୟରେ ଦେଖିଲି ଅବିକଳ ଦ୍ୱିତୀୟ ସର୍ଜେଣ୍ଟ ପରି ଆଉ ଜଣେ

ବ୍ୟକ୍ତି ବଡ଼ ଫାଟକ ଦେଇ ଭିତରକୁ ପ୍ରବେଶ କଲେ । ତାଙ୍କର ପରିଧାନ-ବସ୍ତ୍ର, ଏପରିକି ମୁଣ୍ଡର ଟୋପିରୁ ଆରମ୍ଭ କରି ପାଦର ଜୋତା ପର୍ଯ୍ୟନ୍ତ ସବୁକିଛି ଅବିକଳ ଆମର ଦ୍ୱିତୀୟ ସର୍ଜେଣ୍ଟଙ୍କ ପରି । ଆମେ ଏହାକୁ ଦେଖି ସମସ୍ତେହିଁ ଅବାକ୍ । ଏପର୍ଯ୍ୟନ୍ତ ଯେତେଗୁଡ଼ିଏ ଆଶ୍ଚର୍ଯ୍ୟ ଘଟଣା ଦେଖିଛି ସେଥିମଧ୍ୟରୁ କୌଣସିଟା ଏପରି ନୁହେଁ । ପ୍ରତ୍ୟେକ ଘଟଣା ବେଳକୁ ଲୌକିକର ଅବର୍ତ୍ତମାନରେ ଅଥବା ଦୃଷ୍ଟିର ଅନ୍ତରାଳର ଅବସ୍ଥାନ କାଳରେ ଅଲୌକିକ ବସ୍ତୁ ଆବିର୍ଭୂତ ହୋଇଛି, ସୁତରାଂ ଅଲୌକିକକୁ ଅଲୌକିକ ବୋଲି ଚିହ୍ନିବାର ଆଉ ସୁଯୋଗ ହୋଇ ନାହିଁ, ତେଣୁ ପ୍ରତ୍ୟେକ ଥରହିଁ ଭ୍ରମରେ ପଡ଼ିଛି ଏବଂ ମନେ କରିଛି ଯେ ଏହା ସାଧାରଣ ଲୌକିକ ଘଟଣା ବ୍ୟତୀତ ଆଉ କିଛି ନୁହେଁ । ଏଥରକ କିନ୍ତୁ ଆଉ ସେପରି ଭ୍ରାନ୍ତିର କୌଣସି ସ୍ଥାନ ରହିଲା ନାହିଁ, ଚକ୍ଷୁ କର୍ଣ୍ଣର ବିବାଦ ସମ୍ପୂର୍ଣ୍ଣ ରୂପେ ମେଣ୍ଟିଗଲା ।

ଉପର୍ଯ୍ୟୁକ୍ତ ଆଗନ୍ତୁକ ଆସି ପ୍ରଥମ ସର୍ଜେଣ୍ଟର ଟେବୁଲ ସାମନାରେ ଉପସ୍ଥିତ ହେଲା ପରେ ପ୍ରଥମେ ଘଟଣା ବୁଝିପାରି ଦେବଦେହୀର ସମ୍ମାନ ନିମନ୍ତେ ଚୌକି ଛାଡ଼ି ଦଣ୍ଡାୟମାନ ହେଲେ ଓ ନିଜର ଟୋପି ଉତ୍ତୋଳନ କଲେ । ତା'ପରେ ଯେତେବେଳେ ସେ ଦେବଦେହୀ ଜେଲ ପରିଦର୍ଶନ କରିବାକୁ ଆସିଲେ, ସେ ଜିଜ୍ଞାସା କଲେ, "All correct, ସବୁ ଠିକ୍ ଅଛି ?'' ପ୍ରଥମ ସର୍ଜେଣ୍ଟ ଉତ୍ତରରେ କହିଲେ, "all correct, Sir, ସବୁ ଠିକ୍ ଅଛି ।'' ତା'ପରେ ପ୍ରଥମ ସର୍ଜେଣ୍ଟ ତାଙ୍କୁ ପ୍ରଶ୍ନ କଲେ, ''ଆପଣ କାହିଁକି ଏଠାକୁ ଆସିଛନ୍ତି ?'' ସେ କହିଲେ, ''ନିଶ୍ଚୟ କିଛି ଗୋଳମାଳ ଅଛି ।'' ତତ୍ପରେ ପ୍ରଥମ ସର୍ଜେଣ୍ଟ ପ୍ରଶ୍ନ କରିଲେ, ''ଆପଣ କେଉଁଠାରୁ ଆସିଛନ୍ତି ? ଏହାର ଉତ୍ତରରେ ସେ କହିଲେ "I come from the other world, I come from planet Mars; you see, my world is dream to you and so is yours, a dream to me. I move in a world exactyly similar to yours. I am also second sergent in Lunatic Assylum Madras of my planet."

ଅର୍ଥାତ୍, ''ମୁଁ ଅନ୍ୟ ଲୋକରୁ ଆସିଛି, ମଙ୍ଗଳ ଗ୍ରହରୁ ଆସିଛି । ମୋ ଜଗତ୍ ତୁମ ପାଖରେ ଯେପରି ସ୍ୱପ୍ନ-ଲୋକ, ତୁମର ଏ ମର୍ତ୍ତ୍ୟଲୋକ ସେମିତି ମୋ ପାଖରେ ସ୍ୱପ୍ନ-ଲୋକ ବୋଲି ମନେ ହୁଏ । ମୁଁ ବି ତୁମ ପରି ମୋ ଜଗତର ମାନ୍ଦ୍ରାଜ ପାଗଳ-ଗାରଦରେ ଦ୍ୱିତୀୟ ସର୍ଜେଣ୍ଟର କାମ କରେ ।'' ଏଇ କଥା କହୁଥିବା ବେଳେ ଆମର ଦ୍ୱିତୀୟ ସର୍ଜେଣ୍ଟ ଉପରେ ତାଙ୍କର ନଜର ପଡ଼ିଲାରୁ ସେ କହି ଉଠିଲେ, ''ତୁମେ ଏଠାରେ ?'' "How is it that you are here while I am here ?" ଅର୍ଥାତ୍, ''ମୁଁ ଯେତେବେଳେ ଏଠାରେ ଅଛି, ସେତେବେଳେ ତୁମେ କେମିତି ଏଠାରେ ଅଛ ?'' ଏହା କହି ତାଙ୍କ ଆଡ଼କୁ ତୀବ୍ର ଦୃଷ୍ଟିପାତ କରିବାକୁ ଲାଗିଲେ ଏବଂ ଆମର ମନେ ହେଲା ଯେପରି ସେ ଏଇ ଦେହରେ ପ୍ରବେଶ କରିବାକୁ ଚାହୁଁଛନ୍ତି । ତାଙ୍କର ଏଇ ପ୍ରଚେଷ୍ଟା ଫଳରେ ଆମେ ଲକ୍ଷ୍ୟ କରି ଦେଖିଲୁ ଆମର ମାନବଦେହୀ ଦ୍ୱିତୀୟ ସର୍ଜେଣ୍ଟ ଯେପରି ଏକେବାରେ ସଙ୍କୁଚିତ ଓ ତତ୍ସ୍ଥ ହୋଇ ପଡ଼ିଛନ୍ତି, ଏଇ ଦେବଦେହୀର ତୀବ୍ର ଦୃଷ୍ଟି ଓ ତାଙ୍କର ସ୍ୱଦେହ-ନିର୍ଗତ ତେଜଃପୁଞ୍ଜ ଯେପରି ଆମର ମାନବଦେହୀକୁ ଏକେବାରେ ଅଭିଭୂତ କରି ପକାଇଲା । ଯଦିଓ ସେ ସେତେବେଳଯାଏ ଦଣ୍ଡାୟମାନ ଅବସ୍ଥାରେ ରହିଥିଲେ ତଥାପି ମନେ ହୁଏ ଆଉ କିଛି କ୍ଷଣ ରହିଥିଲେ ସେ ମୂର୍ଚ୍ଛା ହୋଇ ଯାଇ ଥାଆନ୍ତେ । ତା'ପରେ ଦେବଦେହୀ କହିଲେ, "Have you got your scale ready ? You can weigh me, you shall find that I weigh as much as that other man." ଅର୍ଥାତ୍, ''ଆପଣମାନେ କ'ଣ ଆପଣଙ୍କର ଭାରମାନ ଯନ୍ତ୍ର ପ୍ରସ୍ତୁତ କରି ରଖିଛନ୍ତି ? ମୋତେ ଓଜନ କରି ଦେଖି ପାରନ୍ତି, ମୁଁ ବି ଠିକ୍ ଆପଣମାନଙ୍କର ମାନବଦେହୀର ସମାନ ଓଜନ ହେବି ।'' ତା'ପରେ କହିଲେ, ''ଆପଣମାନେ କ'ଣ ଆପଣମାନଙ୍କର କ୍ୟାମେରା ପ୍ରସ୍ତୁତ ରଖିଛନ୍ତି ? କ୍ୟାମେରା ପ୍ରସ୍ତୁତ ଥିଲେ ଆପଣମାନେ ମୋର ଫଟୋ ନେଇ ପାରନ୍ତି ।'' ଦୁଃଖର ବିଷୟ ଆମେ ଏଇ ସମସ୍ତ ଯନ୍ତ୍ରପାତି ନେଇ ଆଗରୁ ପ୍ରସ୍ତୁତ ହୋଇ ନଥିଲୁ, ତେଣୁ ତାଙ୍କର ଓଜନ ଅବା ଫଟୋ କିଛି ବି ନିଆଯାଇ ପାରିଲାନି । ଏଥିରେ ସେ ଯେପରି କିଞ୍ଚିତ୍ କ୍ଷୁଣ୍ଣ ହୋଇ କହିଲେ, ''କାହିଁକି ତୁମେମାନେ ଏଇ ସମସ୍ତ ଜିନିଷ ପ୍ରସ୍ତୁତ ରଖି ନାହଁ ?'' ତାଙ୍କର ଏଇ କଥାରେ ମୋର ପୂର୍ବ ଘଟଣା ସ୍ମରଣରେ ଆସିଗଲା ଏବଂ ଦେଖିଲି ସତକୁ ସତ ଆମର ଦେବଦେହୀ ରାଜା ପୂର୍ବ ଘଟଣାରେ ମୋତେ ଏଇ ଆଗମନ ସମ୍ବନ୍ଧରେ କହିଥିଲେ କିନ୍ତୁ କେବେ ଅଥବା କେଉଁ ସମୟରେ ଏଇ ଆବିର୍ଭାବ ହେବ ତାହା ଯଥାଯଥ ନିର୍ଦ୍ଦେଶ କରା ହୋଇ ନାହିଁ ଏବଂ ନିର୍ଦ୍ଦେଶ କରିଥିଲେ ବି କାର୍ଯ୍ୟକ୍ଷେତ୍ରରେ ସେକଥା ମୋର ସ୍ମରଣରେ ରହି ଥାଆନ୍ତା କି ନାହିଁ କିଏ କହି ପାରେ ?

ଯା' ହେଉ, ଏଇ ସମସ୍ତ ବନ୍ଦୋବସ୍ତ ସମ୍ବନ୍ଧରେ ନିଜର ତ୍ରୁଟି ସ୍ୱୀକାର କରି ତାଙ୍କୁ ଜଣାଇ ଦିଆଗଲା ଯେ, ସମୟ ଯଥାଯଥ ରୂପେ ନିର୍ଦ୍ଦିଷ୍ଟ ନଥିବାରୁ ପୂର୍ବରୁ ଆମକୁ ପ୍ରସ୍ତୁତ ରହିବାଟା ସମ୍ଭବପର ହୋଇ ନାହିଁ । ଏଇସବୁ କଥାବାର୍ତ୍ତା ହେଉ ଥିବାବେଳେ ଯେପରି ତାଙ୍କର ମର୍ତ୍ତ୍ୟଲୋକରେ ଅବସ୍ଥାନ କାଳ ଶେଷ ହୋଇ ଆସିଲା, ଆଉ ଯେପରି ସେଠାରେ ସେ ତିଷ୍ଠି ପାରୁ ନାହାନ୍ତି, ତାଙ୍କ ଶରୀରର ସମସ୍ତ ଅଣୁ ପରମାଣୁ ଯେପରି ଏପର୍ଯ୍ୟନ୍ତ ଏଇ ସାଢ଼େ ତିନି ହାତର ଗଣ୍ଡି ମଧ୍ୟରେ ଆବଦ୍ଧ ରହିବାର ଦୌରାତ୍ମ୍ୟରେ ଏକେବାରେ ବିଦ୍ରୋହୀ ହୋଇ ଉଠିଛି; ଅବଶେଷରେ ତାଙ୍କର ଆଗମନ ଉପସ୍ଥିତ ଥିବା ସମସ୍ତଙ୍କର ପ୍ରତ୍ୟକ୍ଷ ବୋଧ ହୋଇଛି । ଏହା ନିଶ୍ଚିତ ରୂପେ ପ୍ରମାଣ କରିବା ପାଇଁ ସମସ୍ତଙ୍କୁ ଡାକି ପଚରାଗଲା ସେମାନେ ତାଙ୍କୁ ଦେଖି ପାରିଛନ୍ତି କି ନାହିଁ । ଉତ୍ତରରେ ସମସ୍ତେହିଁ ସ୍ୱୀକାର କଲେ ଯେ ସେମାନେ ତାଙ୍କୁ ଦେଖି ପାରିଛନ୍ତି । ତା'ପରେ ସେଠାକାର କାର୍ଯ୍ୟ ସମାପ୍ତ କରି ସେ ଧୀର ପଦକ୍ଷେପରେ ଫାଟକ ଦେଇ ବାହାରି ଆସିଲେ ଏବଂ ଗୋଟିଏ ପାଖକୁ ଯାଇ ଅନେକ ଥର ହାତପାଦ ଛଟାଛଟି କରି ଝଡ଼ ପରି ଶୂନ୍ୟରେ ବିଲୀନ ହୋଇ ଗଲେ । ତାଙ୍କର ଏଇ ଅନ୍ତର୍ଦ୍ଧାନ ଆଉ କେହି ଦେଖି ପାରିଲେନି, ତେବେ ମୁଁ ଫାଟକକୁ ଲାଗି ରହିଥିବା ଯୋଗୁଁ ସବୁକିଛି ମୋର ନଜରରେ ପଡ଼ିଥିଲା ।

(କ୍ରମଶଃ)

ଅନୁବାଦ : ଶୁଭ୍ରା ଦାସ ❑

At last a pimple / acne treatment that *REALLY* works !!

People from more than 16 countries have said that Tarika Pimple Remover has worked for their stubborn pimples and acne.

Now eliminate your stubborn pimples / acne completely and safely. Results visible in 10 days!!

Tarika Ayurvedic Pimple Remover has been tested by doctors in Gopabandhu Ayurved Mahavidyalaya, Puri who have found the product to be extremely effective and very safe. The clinical trial report can be seen on www.ayurlabsindia.com.

tarika

Ayurvedic Pimple / Acne Remover

100% Herbal - Chemical Free
No side effects
Exported to over 16 countries

Available in Bhubaneswar *(wholesale/retail)*:
Adarsh Food Processing Industry
Flat no. 309. Madhaba Nilayam Complex, Near Rabi Talkies, Lewis Road,

Mfr: Ayurlabs India, Pondicherry-1, Phone: 9442249355 / 0413-2224935, Email: sales@ayurlabsindia.com

ଏକ ସାହସିକ ଉଦ୍ୟମ ପାଇଁ ଉତ୍ସାହ

ବିଶ୍ୱମ୍ଭର ସାମନ୍ତ

ବର୍ତ୍ତମାନ ସାଧାରଣ ଭାବେ ମଣିଷର ଚେତନା ଯେଉଁ ସ୍ତରରେ ଅଛି, ସେହି ଚେତନା ଯେଉଁ ସାମାଜିକ ବ୍ୟବସ୍ଥା, ଯେଉଁ ଅର୍ଥନୈତିକ ବ୍ୟବସ୍ଥାକୁ ରୂପ ଦେଇଛି, ବ୍ୟକ୍ତି-ଜୀବନ ଓ ସାମୂହିକ ଜୀବନ ଆଗରେ ତାହା ଯେଉଁସବୁ ଆଦର୍ଶ, ଲକ୍ଷ୍ୟ, ଆଶା, ଆକାଂକ୍ଷା ଓ ଅଭିଳାଷ ଆଦିକୁ ତୋଳି ଧରିଛି, ତହିଁରେ ପୂର୍ଣ୍ଣାଙ୍ଗ ଶିକ୍ଷାର ପ୍ରବର୍ତ୍ତନ ଓ ପ୍ରଚଳନ ପାଇଁ କେଉଁଠି ଏତେ ଟିକେ ପରିସର ବା ଅବକାଶ ଅଛି ବୋଲି ମନେ ହୁଏ ନାହିଁ । କେଡ଼େ କେଡ଼େ ମହାନ୍ ଦେଶନେତା, ଜ୍ଞାନୀ, ପଣ୍ଡିତ, ବିଦ୍ୱାନ୍ ଓ ଶକ୍ତିଧର ବ୍ୟକ୍ତିମାନେ ଆସି ସେମାନଙ୍କ ସମୟରେ ପ୍ରଚଳିତ ଶିକ୍ଷା-ବ୍ୟବସ୍ଥାର ଦୋଷତ୍ରୁଟିସବୁ ପ୍ରାଞ୍ଜଳ ଭାବରେ ଚିକିନିଖି କରି ଦେଖାଇ ବୁଝାଇ ଦେଇଗଲେ, କେଡ଼େ ଆବେଗ ଓ ଉତ୍ସାହ ନେଇ ସେଇ କୃତିସବୁକୁ ଦୂର କରିବାକୁ ଚାହିଁଲେ, ନୂଆ ଶିକ୍ଷାର ପ୍ରଚଳନ ପାଇଁ ନାନା ଭାବରେ ଉଦ୍ୟମ ମଧ୍ୟ କରିଗଲେ, କିନ୍ତୁ ଶିକ୍ଷା କ୍ଷେତ୍ରଟି ରହିଗଲା ଯେଉଁ ତିମିରେ, ସେଇ ତିମିରେ ।

ଆଜକୁ ପ୍ରାୟ ଶହେ ବର୍ଷ ତଳେ ବ୍ରହ୍ମବିଦ୍ୟା ସମିତିର ବିଶ୍ୱବିଖ୍ୟାତ ନେତ୍ରୀ ଶ୍ରୀଯୁକ୍ତା ବ୍ଲାଭାସ୍କି ତତ୍କାଳୀନ ଶିକ୍ଷାବ୍ୟବସ୍ଥା ସମ୍ପର୍କରେ କହିଥିଲେ : “The present system is only to generate and breed jealousy, envy, hatred and thus train them for a life of ferocious selfishness and struggle and emoluments instead of kindly feeling. Selfishness is the course of humanity and the prolific parents of all evils and crimes in this life; and it is your schools which are the hotbeds of such selfishness.”

ଅର୍ଥାତ୍, ‘‘ବର୍ତ୍ତମାନର ବ୍ୟବସ୍ଥାର ଏକମାତ୍ର କାମ ହେଲା ଈର୍ଷା, ପରଶ୍ରୀକାତରତା, ବିଦ୍ୱେଷ ଆଦିକୁ ଜନ୍ମ ଦେଇ ସେଗୁଡ଼ିକୁ ଲାଳନପାଳନ କରିବା ଏବଂ ଏହି ଭାବରେ ସୌଜନ୍ୟ ଓ ସହାନୁଭୂତିର ଭାବ ପରିବର୍ତ୍ତେ ପଦପଦବୀ ଓ ବେତନ ଆଦି ପାଇଁ ପରସ୍ପର ଭିତରେ ଭୟଙ୍କର ସ୍ୱାର୍ଥପରତା ଓ ସଂଘର୍ଷର ଏକ ଜୀବନ ପାଇଁ ଏହା ଲୋକମାନଙ୍କୁ ତାଲିମ କରିଥାଏ । ଏହି ଜୀବନରେ ସ୍ୱାର୍ଥପରତା ହେଉଛି ମାନବ ସମାଜ ପାଇଁ ଏକ ଅଭିଶାପ ଓ ଜୀବନର ସମସ୍ତ ଅମଙ୍ଗଳ ଓ ଅପରାଧର ପ୍ରଧାନ ଜନ୍ମଦାତା; ଏବଂ ତୁମ ସ୍କୁଲଗୁଡ଼ିକ ହେଉଛି ଏହି ସ୍ୱାର୍ଥପରତାର ଉର୍ବର କ୍ଷେତ୍ର ।’’

ଶ୍ରୀଯୁକ୍ତା ବ୍ଲାଭାସ୍କିଙ୍କ ପରେ ଗାନ୍ଧିଜିଙ୍କଠାରୁ ଆରମ୍ଭ କରି ରବୀନ୍ଦ୍ରନାଥଙ୍କ ପର୍ଯ୍ୟନ୍ତ, ବିବେକାନନ୍ଦଙ୍କଠାରୁ ଆରମ୍ଭ କରି ଶ୍ରୀଅରବିନ୍ଦ, ଶ୍ରୀମା’ଙ୍କ ପର୍ଯ୍ୟନ୍ତ ସମସ୍ତେ ଶିକ୍ଷାକ୍ଷେତ୍ରରେ ଥିବା ଶୋଚନୀୟ ଦୁରବସ୍ଥାକୁ ଦେଖାଇ ତହିଁରେ ଆମୂଳଚୂଳ ପରିବର୍ତ୍ତନ ଆଣିବାର ଆବଶ୍ୟକତା ଉପରେ ଜୋର୍ ଦେଇ ଯାଇଛନ୍ତି । ଆଜି ମଧ୍ୟ ଦେଶର ବିଶିଷ୍ଟ ନେତା ଓ ଶିକ୍ଷାବିତ୍‌ମାନେ, ମନ୍ତ୍ରୀ ଓ କୁଳପତିମାନେ, ଖୋଦ୍ ଶିକ୍ଷା ବିଭାଗର କର୍ତ୍ତୃପକ୍ଷ ଓ କର୍ମକର୍ତ୍ତାମାନେ ସମସ୍ୱରରେ କହୁଛନ୍ତି ପ୍ରଚଳିତ ଶିକ୍ଷାବ୍ୟବସ୍ଥାକୁ ସମ୍ପୂର୍ଣ୍ଣ ବଦଳାଇ ନଦେଲେ ତାହା ଦେଶ ଓ ଜାତିର କଲ୍ୟାଣ ଏବଂ ବିକାଶରେ କୌଣସି ସଫଳ ଭୂମିକା ଗ୍ରହଣ କରି ପାରିବ ନାହିଁ । ଏଥିରେ ବହୁତ କିଛି ରହିଛି ଯାହା ଅଚଳନ୍ତି, ଅବାଞ୍ଛିତ ଓ ଅପ୍ରୟୋଜନୀୟ ।

କିନ୍ତୁ ଶିକ୍ଷା-ବ୍ୟବସ୍ଥାରେ ମୌଳିକ ପରିବର୍ତ୍ତନ ଆଣିବାକୁ କୌଣସି ଗଭୀର ଚିନ୍ତା, ସକ୍ରିୟ ପ୍ରଚେଷ୍ଟା ଆଦି ହେବା ତ ଦୂରର କଥା, ଏହି ବିଭାଗଟି ସବୁଠୁ ଅବହେଳିତ ବିଭାଗ । କେତେଗୁଡ଼ିଏ କମିଟି ବସାଇ ଦେଇ ସରକାର ଏ ଦିଗରେ ନିଜର ଦାୟିତ୍ୱ ଶେଷ କରିଦିଅନ୍ତି, ସେ କମିଟିର ରିପୋର୍ଟଗୁଡ଼ିକୁ ପଢ଼ିବାକୁ ମଧ୍ୟ ଦେଶନେତା ଓ ମନ୍ତ୍ରୀମାନଙ୍କର ଅବସର ନଥାଏ । ସରକାରୀ ବା ବିରୋଧୀ ଦଳର କାର୍ଯ୍ୟକ୍ରମ ବା ନିର୍ବାଚନ ଇସ୍ତାହାରରେ ଶିକ୍ଷା ସମ୍ପର୍କରେ କୌଣସି ଲକ୍ଷ୍ୟ ଗ୍ରହଣ ନେଇ କୌଣସି ଆଲୋଚନା କେବେ ଦେଖିବାକୁ ମିଳେ ନାହିଁ । ଦେଶର ପ୍ରତିଷ୍ଠିତ ଯୋଗ୍ୟ ବ୍ୟକ୍ତି ବା ପ୍ରଭାବଶାଳୀ, କ୍ଷମତାସମ୍ପନ୍ନ କୌଣସି ଲୋକଙ୍କୁ ଶିକ୍ଷା ବିଭାଗର ମନ୍ତ୍ରୀ କରିବା କ୍ୱଚିତ୍ ଦେଖାଯାଏ ।

ସରକାର ବା ଶାସନସଂସ୍ଥା ଏ ଦିଗରେ ଯେତିକି ଶିଥିଳ, ଜନସାଧାରଣ ମଧ୍ୟ ତତୋଽଧିକ ଉଦାସୀନ । ନାନା ରାଜନୈତିକ ଓ ଅର୍ଥନୈତିକ ପ୍ରଶ୍ନ ଉପରେ ଏପରିକି ଅତି ସଂକୀର୍ଣ୍ଣ

ପ୍ରାଦେଶିକତା ବା ଧର୍ମ ଆଦିର ପ୍ରଶ୍ନ ଉପରେ ଜନସାଧାରଣ ଯେପରି ଆଗ୍ରହ ଓ ଉତ୍ସାହ ନେଇ ଅଂଶ ଗ୍ରହଣ କରନ୍ତି, ନିଜ ନିଜ ଭିତରେ ଆଲୋଚନା ଓ ମତ ବିନିମୟ କରନ୍ତି, ଶାସନ ଓ ସରକାରଙ୍କ ଗତିବିଧି ଲକ୍ଷ୍ୟ କରନ୍ତି, ଦରକାର ହେଲେ ସକ୍ରିୟ ଆନ୍ଦୋଳନ ଆଦି ଜରିଆରେ କର୍ତ୍ତୃପକ୍ଷଙ୍କୁ ଅବାଞ୍ଛନୀୟ ନୀତି ଓ ଆଚରଣ ବଦଳାଇବାକୁ ବାଧ କରନ୍ତି; କାହିଁ ଶିକ୍ଷାର କୌଣସି ପ୍ରଶ୍ନ ଉପରେ ତ ସେପରି ଆଲୋଡ଼ନ ଦେଖାଯାଏ ନାହିଁ। ଶିକ୍ଷାୟତନଗୁଡ଼ିକୁ କେନ୍ଦ୍ର କରି ଯେଉଁସବୁ ଆନ୍ଦୋଳନ ହୁଏ ତାହା ଦରମାବୃଦ୍ଧି ଦାବୀ କରି ଶିକ୍ଷକଙ୍କ ଆନ୍ଦୋଳନ ବା ନାନା ରାଜନୈତିକ ଦଳ ଓ ସାଂପ୍ରଦାୟିକତା ବା ପ୍ରାଦେଶିକତା ଆଦି ସଂକୀର୍ଣ୍ଣତା ପ୍ରଚାର କରୁଥିବା ଶକ୍ତିମାନଙ୍କ ହାତବାରିସି ହୋଇ ଛାତ୍ରମାନଙ୍କର ନାନା ଭଙ୍ଗାରୁଜା, ପୋଡ଼ାଜଳା କାଣ୍ଡ ବା ଛାତ୍ରମାନଙ୍କର ନାନା ଅଶୋଭନୀୟ ଆଚରଣରକୁ ନେଇ କେହି ପ୍ରତିବାଦ କଲେ ତାହାକୁ କେନ୍ଦ୍ର କରି ନାନା ଉତ୍ତେଜନା ଓ ହିଂସାତ୍ମକ କାଣ୍ଡ। ଶିକ୍ଷାର କୌଣସି ଲକ୍ଷ୍ୟ ବା ଆଦର୍ଶର ପ୍ରଶ୍ନ ଉପରେ ଜନସାଧାରଣଙ୍କ ଭିତରେ, ଏପରିକି ବୁଦ୍ଧିଜୀବୀମାନଙ୍କ ଭିତରେ କୌଣସି ଚର୍ଚ୍ଚା, ଆଲୋଚନା, କୌଣସି ଆଲୋଡ଼ନ ଦେଖିବାକୁ ମିଳେ ନାହିଁ।

ଏହାଛଡ଼ା ସାଧାରଣ ଭାବରେ ଆମର ଜାତୀୟ ଜୀବନ ଓ ସାମାଜିକ ଜୀବନର ଯାହା ଅବସ୍ଥା, ତହିଁରେ ଅନ୍ୟାୟ, ମିଥ୍ୟା, ଦୁର୍ନୀତି, ହିଂସା, ବିଦ୍ୱେଷ, ପରଶ୍ରୀକାତରତା ଆଦି ଦୋଷଗୁଡ଼ିକ ପ୍ରତି ଖାଲି ଆଖି ବୁଜି ଦିଆଯାଏ ନାହିଁ, ନିଜର ସ୍ୱାର୍ଥ ସିଦ୍ଧି ଓ ଲକ୍ଷ୍ୟ ସାଧନ ପାଇଁ ସମାଜର ଉଚ୍ଚ ଆସନରେ ଥିବା ଲୋକମାନଙ୍କ ଦ୍ୱାରା ଏଗୁଡ଼ିକୁ ଉତ୍ସାହିତ ମଧ୍ୟ କରାଯାଏ। ଜନସାଧାରଣଙ୍କର ଏକ ଅତି ବ୍ୟାପକ ଅଂଶ ଛାତ୍ର, ଶିକ୍ଷକ, ଅଭିଭାବକ ସମସ୍ତେ ନିଜର ଓ ନିଜ ପରିବାରର ନାନା ଅଭାବ, ଅସୁବିଧା, ଦୁଃଖ ଦୁର୍ଭୋଗ ଭିତରେ ଶଢ଼ି ଦେଖନ୍ତି ଜୀବନରେ ସମୃଦ୍ଧି ଓ ଜାଗତିକ ଉନ୍ନତିର ପ୍ରଧାନ ବାଟ ହେଲା ଅସତ୍ୟ, ଅନ୍ୟାୟ ଓ ଦୁର୍ନୀତିର ବାଟ। ଏହିପରି ଏକ ସମାଜରେ ଜୀବନର ନୂତନ ମୂଲ୍ୟବୋଧ ଆଣୁଥିବା ଏକ ନୂତନ ଶିକ୍ଷା-ବ୍ୟବସ୍ଥା ବିଷୟରେ ଚିନ୍ତା କରିବାକୁ ଆଗ୍ରହ ଓ ଉତ୍ସାହ ମିଳିବ କେଉଁଠୁ ? ପିଲାର ଶିକ୍ଷା-ଦୀକ୍ଷା କ'ଣ ହେଲା, ତାହା ତାକୁ ଏକ ଭଲ ମଣିଷ କରିବା ଦିଗରେ କିପରି ସାହାଯ୍ୟ କରୁଛି କି ନାହିଁ, ସେହି ଶିକ୍ଷା ଦ୍ୱାରା ତା' ଭିତରର ଅନ୍ତର୍ନିହିତ ଶକ୍ତିଗୁଡ଼ିକର ଯଥାର୍ଥ ବିକାଶ ହେଉଛି କି ନାହିଁ — ଏସବୁ ଉପରେ ଚିନ୍ତା କରିବାକୁ ଆଜିର ଅଭିଭାବକ ବା ଶିକ୍ଷକ ବା ଦେଶନେତାମାନଙ୍କର କୌଣସି ଆଗ୍ରହ ନାହିଁ ବା ସମୟ ନାହିଁ। ଅର୍ଥ ଉପାର୍ଜନ ବା ଚାକିରି ଓ ପଦପଦବୀ ଲାଭର ପ୍ରତିଯୋଗିତାରେ ଅନ୍ୟକୁ ପଛରେ ପକାଇ ଦେଇ କିଏ କେତେ ଆଗେଇ ଗଲା ଏହାହିଁ ହେଲା ଆଜିର ଶିକ୍ଷାଗତ ସାଫଲ୍ୟର ଏକମାତ୍ର ମାପକାଠି। ଏଥିପାଇଁ କୌଣସି ଅସାଧୁ ବା ଅସତ୍ ଉପାୟ ଗ୍ରହଣ କଲେ ବି ତାହାକୁ କେହି ଖରାପ ଦୃଷ୍ଟିରେ ଦେଖୁ ନାହିଁ। ଯେକୌଣସି ଉପାୟରେ ସ୍ୱାର୍ଥ ହାସଲହିଁ ହେଲା ଆଜିର ଶିକ୍ଷାର ମୂଳ ଲକ୍ଷ୍ୟ।

ବ୍ୟକ୍ତି ଓ ସମାଜ — ଚେତନାର ଏହିପରି ଏକ ବିପର୍ଯ୍ୟୟ ଅବସ୍ଥାରେ ଯେଉଁମାନେ ପୂର୍ଣ୍ଣାଙ୍ଗ ଶିକ୍ଷାର ପ୍ରବର୍ତ୍ତନ ଓ ପ୍ରଚଳନର ସ୍ୱପ୍ନ ଦେଖୁଛନ୍ତି ତାହାକୁ ଏକ ଦୁଃସାହସିକ ସ୍ୱପ୍ନ ବୋଲିହିଁ କହିବାକୁ ହେବ। କାରଣ ପୂର୍ଣ୍ଣାଙ୍ଗ ଶିକ୍ଷାର ଲକ୍ଷ୍ୟ ହେଲା ଚେତନାର ଏକ ସମ୍ପୂର୍ଣ୍ଣ ନୂତନ ଦିବ୍ୟ ବିନ୍ୟାସ। ଏହାର ଲକ୍ଷ୍ୟ ହେଲା ଶିକ୍ଷାକ୍ଷେତ୍ରରେ ଏପରି ଏକ ବାତାବରଣ ସୃଷ୍ଟି କରିବା ଯାହା ମଣିଷ ଭିତରେ ଅନ୍ତର୍ନିହିତ ହୋଇ ରହିଥିବା ସତ୍ୟ-ଚେତନା ଓ ଦିବ୍ୟ ଚେତନାର ଉନ୍ମେଷ ଏବଂ ଜାଗରଣ ଦିଗରେ ସହାୟକ ହେବ। ଏହାର ଲକ୍ଷ୍ୟ ହେଲା ଚେତନାର ଏପରି ଏକ ନୂତନ ଭିତ୍ତି ସୃଷ୍ଟି କରିବା ଯେତେବେଳେ ମଣିଷ ଏକ ସହଜ ଓ ସ୍ୱାଭାବିକ ବୋଧ ନେଇ ବୁଝି ପାରିବ ଯେ ଅହଂ, ସ୍ୱାର୍ଥସିଦ୍ଧି ଓ କାମନା-ବାସନାର ଆବର୍ତ୍ତରେ ପଡ଼ି ଭଉଁରି ଖାଉଥିବା ଜୀବନ ଏକ ଅର୍ଥହୀନ, ବିକଳ, ବିଭ୍ରାନ୍ତ ଜୀବନ। ସେ ଖୋଜିବ ନିଜ ପାଇଁ, ଦେଶ ପାଇଁ, ପୃଥିବୀ ଓ ମାନବ ସମାଜ ପାଇଁ ଏକ ମହତ୍ତର ଦିବ୍ୟ ଜୀବନର ପ୍ରତିଷ୍ଠା। ଯୁକ୍ତିବୁଦ୍ଧି ମନର ସୀମା ପାର ହୋଇ ସେ ଉଠିଯିବାକୁ ଚାହିଁବ ଏକ ଊର୍ଦ୍ଧ୍ୱତର ଅଭ୍ରାନ୍ତ ସତ୍ୟ-ଚେତନାର ସ୍ତରକୁ। ଗୋଟିଏ କଥାରେ କହିଲେ ଆଉ ପଶୁମାନବ ହୋଇ ରହିବାକୁ ସ୍ୱୀକାର ନକରି ଦେବମାନବ ହୋଇଉଠିବା ପାଇଁ ସେ ରଖିବ ଏକ ଜ୍ୱଳନ୍ତ ଅଭୀପ୍ସା। ସେ ଲକ୍ଷ୍ୟ ରଖିବ ଯେପରି ତା'ର ସମସ୍ତ ଚିନ୍ତା, ସମସ୍ତ ଭାବ ଓ ସମସ୍ତ କର୍ମ ଉତ୍ସାରିତ ହେଉ ଏହି ଦିବ୍ୟ ଅଭୀପ୍ସାରୁ। ଏହାହିଁ ହେଲା ଶ୍ରୀମା ଶ୍ରୀଅରବିନ୍ଦଙ୍କ ପୂର୍ଣ୍ଣାଙ୍ଗ ଶିକ୍ଷାର ଲକ୍ଷ୍ୟ।

କିନ୍ତୁ ଶିକ୍ଷାକ୍ଷେତ୍ରରେ ଏହି ଲକ୍ଷ୍ୟକୁ ରୂପ ଦେବାକୁ ସାରା ଦେଶରେ ସମ୍ବଳ ବା ସାମର୍ଥ୍ୟ କେଉଁଠି ଅଛି ? ଦେବମାନବ ତ ଦୂରର କଥା, ଭଲ ମଣିଷଟିଏ, ଉତ୍ତମ ନାଗରିକଟିଏ ଗଢ଼ିବାକୁ

ଯେପରି ଶିକ୍ଷାର ପ୍ରଚଳନ ଉପରେ ଆମ ଦେଶର ବରେଣ୍ୟ ବ୍ୟକ୍ତିମାନେ ଜୋର୍ ଦେଇଗଲେ, ତାହା ସମ୍ଭବ ହେଲା କେଉଁଠି ? ବିବେକାନନ୍ଦ, ଗାନ୍ଧି, ରବୀନ୍ଦ୍ରନାଥଙ୍କ ନାମରେ କେତେକ ଶିକ୍ଷାନୁଷ୍ଠାନ ନାମିତ ହେବା ଛଡ଼ା କେଉଁ ଶିକ୍ଷା ପ୍ରତିଷ୍ଠାନରେ ସେମାନେ ଚାହିଁଥିବା ଶିକ୍ଷା ପ୍ରବର୍ତ୍ତିତ ହେଲା ? ସେହିପରି ମା'ଶ୍ରୀଅରବିନ୍ଦଙ୍କ ନାମରେ ବା ପୂର୍ଣ୍ଣାଙ୍ଗ ଶିକ୍ଷାକେନ୍ଦ୍ର ନାମରେ କେତୋଟି ଶିକ୍ଷା-ପ୍ରତିଷ୍ଠାନକୁ ନାମିତ କରିଦେଲେ ତ ସେଠାରେ ପୂର୍ଣ୍ଣାଙ୍ଗ ଶିକ୍ଷା ପ୍ରଚଳିତ ହେବ ନାହିଁ । ତେବେ ସମସ୍ତ ସାହସିକ ଉଦ୍ୟମରେ ଉତ୍ସାହର ସହିତ ଅଂଶଗ୍ରହଣ ଓ ସହଯୋଗ ଏକ ମହନୀୟ ଜିନିଷ । ଏକଥା ମଧ୍ୟ ମନେ ରଖିବାକୁ ହେବ ଯେ ବର୍ତ୍ତମାନ ପାଇଁ ଯେଡ଼େ ଅସମ୍ଭବ ମନେ ହେଲେ ବି ଏହି ପୂର୍ଣ୍ଣାଙ୍ଗ ଶିକ୍ଷା ଏକ ଅବାସ୍ତବ ନିଚ୍ଛକ କଳ୍ପନା ବିଳାସ ନୁହେଁ । ଶ୍ରୀଅରବିନ୍ଦ ଶ୍ରୀମା'ଙ୍କ ଦିବ୍ୟ ଦୃଷ୍ଟିରେ ଯେଉଁ ସତ୍ୟ ଧରା ଦେଇଛି ତାହାର ଏକ ଦିବ୍ୟ ବାସ୍ତବତା ରହିଛି । ସମସ୍ତ ଆପାତ ବାସ୍ତବତାଠାରୁ ତାହା ଅଧିକ ସତ୍ୟ, ଅଧିକ ବାସ୍ତବ । ସେହି ସତ୍ୟ ଏଠାରେ ବାସ୍ତବ ରୂପ ନେଇ କାର୍ଯ୍ୟକାରୀ ହେବା ପାଇଁ ତାଙ୍କର ଦିବ୍ୟ ଶକ୍ତି ମଧ୍ୟ କ୍ରିୟାଶୀଳ । ଆମେ ଯଦି ପ୍ରକୃତରେ ଏକ ସମର୍ପିତ ଭାବ ନେଇ ସେହି ଶକ୍ତି ପ୍ରତି ଗ୍ରହଣଶୀଳ ହେଉ ତେବେ ସର୍ବସମର୍ଥ ସେହି ଦିବ୍ୟ ଶକ୍ତି ଅସମ୍ଭବକୁ ମଧ୍ୟ ସମ୍ଭବ କରିଦେଇ ପାରିବ । ତେଣୁ ସର୍ବତୋଭାବରେ ସେହି ଶକ୍ତି ଓ କୃପା ଉପରେ ନିର୍ଭରଶୀଳ ହୋଇ, ସମସ୍ତ ସାହସ, ଉତ୍ସାହ ଓ ଆନ୍ତରିକତା ନେଇ ଯଦି ଆମେ ଲାଗିପଡୁ ତେବେ ଶିକ୍ଷା କ୍ଷେତ୍ରରେ ଏକ ନୂତନ ଯୁଗର ସୃଷ୍ଟି ହୋଇ ପାରିବ ଏହି ପୂର୍ଣ୍ଣାଙ୍ଗ ଶିକ୍ଷାର ମାଧ୍ୟମରେ ।

('ପୂର୍ଣ୍ଣଯୋଗ ପ୍ରବାହ', ପୃ. ୬୪୮-୬୫୦)

❑❑❑

Purity is perfect sincerity and one cannot have it unless the being is entirely consecrated to the Divine.

(CWM, Vol. 14, p. 149) *- The Mother*

Complete works of the Mother (Till stocks last) **– Rs. 2300**

The Great Adventure - A Diary for all times: (New Revised Edition) – Rs. 395

Ideal Child, Ideal Parent, Ideal Teacher (3in1) Booklet – Rs. 75

The Mother by Sri Aurobindo *with the Mother's comments* (*Sri Aurobindo's handwriting*) **– Rs. 50**

125 Drops of Nectar – Daily Quotations by the Divine Mother and Lord Sri Aurobindo – Rs. 150

VAK - ***The Spiritual Book Shop***, Pondicherry - 605 001

E-mail: vakbooks@gmail.com, Contact No. : 0413 - 2334542, 2336673, website: www.vakbooks.in

ସୁବର୍ଣ୍ଣ ଜୟନ୍ତୀ

ପ୍ରସାଦ ତ୍ରିପାଠୀ

ଓଡ଼ିଶାରେ ଶ୍ରୀଅରବିନ୍ଦ ପାଠଚକ୍ର ପ୍ରଥମେ ୧୯୪୮ରେ ରାଇରଙ୍ଗପୁରଠାରେ ଅନୁଷ୍ଠିତ ହୋଇଥିଲା । ସେଠାରେ ପରେ ପୁଣି ସ୍କୁଲ ହେଲା । ଉମାପଦ ସେନ୍ ଯିଏ ପାଠଚକ୍ର ଆରମ୍ଭ କରିଥିଲେ ସେ ପରେ ତାଙ୍କ ଘରକୁ ଆଉ କାହାକୁ ବିକ୍ରୟ କରିଦେଲେ ଏବଂ ସେ ଘରର ମଧ୍ୟ ଆଉ ପ୍ରାୟ ଅସ୍ତିତ୍ୱ ନାହିଁ । ମାତ୍ର ପାଠଚକ୍ର ଆରମ୍ଭ ହୋଇଥିବା ଘରେ ପରେ ସ୍କୁଲ ହେଲା ଏବଂ ଶ୍ରୀମତୀ ଦ୍ରୌପଦୀ ମୁର୍ମୁ ସେଇ ସ୍କୁଲରେ ୪ବର୍ଷ ଅବୈତନିକ ଶିକ୍ଷୟିତ୍ରୀ ଥିଲେ । ଏବେ ସେଇ ଘରକୁ ସମ୍ପୂର୍ଣ୍ଣ ଭାବରେ ଭଙ୍ଗାଯାଇ ଏକ ଦୁଇ ମହଲା ସ୍କୁଲ ଘର ତିଆରି ଚାଲିଛି ।

୧୯୫୦ରେ ଆରମ୍ଭ ହୋଇଥିବା ଶ୍ରୀଯୁକ୍ତ ଲଳିତ ମୋହନ ଘୋଷଙ୍କ ଘରେ ପାଠଚକ୍ର ମଧ୍ୟ ନିଜର ପୂର୍ବ ରୂପରେ ନାହିଁ । ମାତ୍ର ସ୍ଥାନୀୟ ପିଲାମାନେ ସେଠାରେ ଏବେ ବି ପ୍ରତି ରବିବାର ଦିନ ପାଠଚକ୍ର କରୁଛନ୍ତି ।

ଏହା ପରର ନିର୍ଦ୍ଦିଷ୍ଟ ହିସାବ ନାହିଁ । ମାତ୍ର ୧୯୫୭, ୧୯୫୮, ୧୯୬୦ ଇତ୍ୟାଦିରେ କିଛି କିଛି ପାଠଚକ୍ର ଆରମ୍ଭ ହୋଇଥିଲା । ଆମେ କିନ୍ତୁ କଟକ ସହରର ଖଟବିନ୍ ସାହିରେ ୧୯୬୧ ମସିହା ଜୁଲାଇ ୧୩ରେ ପ୍ରଥମ ତରୁଣ ପାଠଚକ୍ର ଆରମ୍ଭ କରିଥିଲୁ । ବର୍ତ୍ତମାନ ଆଉ ସେ ଘର ନାହିଁ । ତାହା ସମ୍ପୂର୍ଣ୍ଣ ଭାବରେ ମାତୃଭବନକୁ ଉଠିଆସିଛି । ସେ ଘର ମଧ୍ୟ ଭଡ଼ାଘର ଥିଲା କିନ୍ତୁ ଏବେ ତାହା ପାରିବାରିକ କନ୍ଦଳରେ ପଡ଼ି ଅରମା ହୋଇଗଲାଣି ।

ପରେ ପରେ ଆରମ୍ଭ ହୋଇଛି ଅନେକ ପାଠଚକ୍ର । ସେମାନଙ୍କ ନିକଟରେ ସେମାନଙ୍କର ହିସାବ ଥିବ । ୧୯୬୨ରେ ଜଗତ୍‌ସିଂହପୁର, ୧୯୬୪ରେ ହୀରାକୁଦ, ୧୯୭୪ରେ ଗୋପୀନାଥପୁର ଇତ୍ୟାଦି । ତା'ରି ମଧ୍ୟରେ ୧୯୭୦ରେ ପବିତ୍ର ଦେହାଂଶ ଜଗତ୍‌ସିଂହପୁର ଏବଂ ଜୟପୁରଠାରେ, ୧୯୭୨ରେ ଗୋପୀନାଥପୁର, କଟକ ଏବଂ ଭୁବନେଶ୍ୱରଠାରେ ପ୍ରତିଷ୍ଠା ହୋଇଛନ୍ତି । ୧୯୭୧ରେ ମାତୃଭବନର ଶୁଭ ନିର୍ମାଣ, ୧୯୭୨ରେ ମା'ଙ୍କ ମହାସମାଧି, ୧୯୭୫ରେ ମାତୃଭବନରେ ପୂର୍ଣ୍ଣାଙ୍ଗ ଶିକ୍ଷାକେନ୍ଦ୍ର ପ୍ରତିଷ୍ଠା ହୋଇଛି । ୧୯୭୦ରେ ଭୁବନେଶ୍ୱରରେ ପୂର୍ଣ୍ଣାଙ୍ଗ ଶିକ୍ଷାକେନ୍ଦ୍ର ଇତ୍ୟାଦି ଇତ୍ୟାଦି ।

ଅର୍ଥାତ୍, ସେଇସବୁ ସମୟରେ ଯାହାସବୁ ଆରମ୍ଭ ହୋଇଥିଲା, ସେସବୁର ସୁବର୍ଣ୍ଣ ଜୟନ୍ତୀ ଏହା ମଧ୍ୟରେ ପଡ଼ିଛି, ପଡୁଛି ବା ପଡ଼ିବ । ଅର୍ଥାତ୍, ଏବେ ସୁବର୍ଣ୍ଣ ଜୟନ୍ତୀ ମାଳ ମାଳ । ୨୦/୨୫ ବର୍ଷତଳେ ରୌପ୍ୟଜୟନ୍ତୀ ମଧ୍ୟ ଏହିପରି ଭାବରେ ଚାଲିଥିଲା । ଏବେ ବି ରୌପ୍ୟଜୟନ୍ତୀ ସବୁ ବିଭିନ୍ନ ସ୍ଥାନରେ ପାଳିତ ହେଉଅଛି । ଯେହେତୁ ସେ ସମୟରେ ଅନେକ ଅନୁଷ୍ଠାନ ଆରମ୍ଭ ହୋଇଅଛି ତେଣୁ ଜୟନ୍ତୀ ସବୁ ପଡ଼ିବା ସ୍ୱାଭାବିକ ।

ଏବେ ପ୍ରଶ୍ନ ଉଠେ ରୌପ୍ୟ ଜୟନ୍ତୀ କିଂବା ସୁବର୍ଣ୍ଣ ଜୟନ୍ତୀର ଆବଶ୍ୟକତା କ'ଣ ଅଛି ଏବଂ ଏହି ପାଳନର ଧାରା କିପରି ହେବା ଆବଶ୍ୟକ ।

କହିବା ବାହୁଲ୍ୟ, ଯେଉଁମାନେ ରୌପ୍ୟ ବା ସୁବର୍ଣ୍ଣ ଜୟନ୍ତୀ ପାଳନ କରୁଛନ୍ତି, ସେମାନେ ଅବଶ୍ୟ ପ୍ରତ୍ୟେକ ବର୍ଷ ନିଶ୍ଚୟ ସେହି ଅନୁଷ୍ଠାନଗୁଡ଼ିକରେ ବାର୍ଷିକ ଉତ୍ସବ ପାଳନ କରୁଥିବେ । ତେବେ ରୌପ୍ୟ ହେଉ ବା ସୁବର୍ଣ୍ଣ ହେଉ ସେସବୁ ତ ସେହିପରି କିଛି ଜୟନ୍ତୀ, ତେଣୁ ଏଥିରେ ଅସ୍ୱାଭାବିକତା ଆଉ କ'ଣ ଅଛି ଯେ ସ୍ୱତନ୍ତ୍ର ଭାବରେ ୨୫ତମ ବା ୫୦ତମ ବାର୍ଷିକୋତ୍ସବ ପାଳନ ହେବା ଦରକାର ? ବାସ୍ତବରେ ଜୟନ୍ତୀଟି କ'ଣ ? ଏହା ହେଲା ଜନ୍ମଦିନ । ଏହିଦିନ ଆମର ଅନୁଷ୍ଠାନଟି ଜନ୍ମଗ୍ରହଣ କରିଥିଲା । ସେହି ଦୃଷ୍ଟିରୁ ଏହି ଦିବସର ଗୁରୁତ୍ୱ ଅଛି । ଆମେ ସେ ଦିନ ଏକ ମହାନ୍ କାର୍ଯ୍ୟର ଶୁଭାରମ୍ଭ କରିଥିଲୁ । ତେଣୁ ସେହି ଦିନଟି ସେହି ଅନୁଷ୍ଠାନଟି ପାଇଁ ଅତ୍ୟନ୍ତ ଗୁରୁତ୍ୱପୂର୍ଣ୍ଣ ।

ବାସ୍ତବରେ ଆମ ପାଇଁ ଏହିପରି କୌଣସି ଜୟନ୍ତୀ ପାଳନ କେବେହେଲେ ଏକ ଉତ୍ସବ (Celebration) ନୁହେଁ, ଏହା ଏକ ସଙ୍କଳ୍ପ (Resolution)ର ଦିବସ । ଆମେ ୫୦ବର୍ଷ କାର୍ଯ୍ୟର ଏକ ମନସ୍ତାତ୍ତ୍ୱିକ ସମୀକ୍ଷା କରୁ । ଏହା ସାଧାରଣ ଭାବରେ ସରକାରୀ ସମୀକ୍ଷା ନୁହେଁ, କାରଣ ଆମେ ଯାହା ଆଗରୁ କରିଥିଲୁ ତାହା ବାସ୍ତବିକ କ'ଣ, କେତେ ପ୍ରଭାବ ପକାଇ ପାରିଛି । ଆମର କାର୍ଯ୍ୟ ପ୍ରକୃତରେ ଆମର ଲକ୍ଷ୍ୟ ମୁତାବକ ହୋଇପାରିଛି କି କିଂବା ହୋଇପାରୁଛି କି ନାହିଁ ତା'

ପର୍ଯ୍ୟାଲୋଚନା କରିବା । ଆମର ପ୍ରସ୍ତୁତିର ଆଉ କ'ଣ କ'ଣ ଆବଶ୍ୟକତା ଅଛି । ଏହିପରି ସାଧନା ସଂକ୍ରାନ୍ତୀୟ ଯାବତ୍ ପ୍ରକାରର ବିଷୟ ସମ୍ବନ୍ଧରେ ଆଲୋଚନା କରାଯିବା ଆବଶ୍ୟକ । ଆମେ ଜାଣୁ ଯାହା ବି ଅନୁଷ୍ଠାନ ଆମେ ଗଢୁ ପଛକେ, କେବେହେଲେ ଅନୁଷ୍ଠାନ ମୁଖ୍ୟ ନୁହେଁ । ମୁଖ୍ୟ ହେଲା ଅନୁଷ୍ଠାନ ପଶ୍ଚାତରେ ଥିବା ଲକ୍ଷ୍ୟ ।

ଭାଇଭଉଣୀମାନେ, ଆମେ ଯେତେ ଚେଷ୍ଟା କଲେ ବି ମା'ଶ୍ରୀଅରବିନ୍ଦଙ୍କ ନାମରେ ଉଦ୍ଦେଶ୍ୟବିହୀନ ଏକ ଅନୁଷ୍ଠାନ ଗଢ଼ିବା କେବେହେଲେ ସମ୍ଭବ ନୁହେଁ । ଯଦି ମା'ଶ୍ରୀଅରବିନ୍ଦଙ୍କ ନାମରେ ପଚାଶ ବର୍ଷ ଧରି ଗୋଟିଏ ଅନୁଷ୍ଠାନ କାର୍ଯ୍ୟ କରୁଥିବ ତେବେ ତାହା ନିଶ୍ଚୟ କିଛି ନା କିଛି ପ୍ରଭାବ ପକାଇଥିବ । ତା'ର ସମୀକ୍ଷା ହେବା ଆବଶ୍ୟକ ।

ମାତ୍ର ସାଧାରଣତଃ କ'ଣ ହେଉଛି ? ପୁରାତନ ଛାତ୍ରଛାତ୍ରୀ, ପୁରାତନ ଅପାଭାଇ, ଆମ ଅନୁଷ୍ଠାନରୁ ଉତ୍ତୀର୍ଣ୍ଣ ସମାଜରେ ପ୍ରତିଷ୍ଠିତ ହୋଇଥିବା ଛାତ୍ରଛାତ୍ରୀ, ବିଦେଶରେ ଥିବା ଛାତ୍ରଛାତ୍ରୀ ପ୍ରଭୃତିଙ୍କୁ ସମ୍ବର୍ଦ୍ଧିତ କରିବା, ସେମାନଙ୍କୁ ବିଭିନ୍ନ ପ୍ରକାରର ଉପଢ଼ୌକନ ଦେବା, ରାଜନୈତିକ ବ୍ୟକ୍ତି ବିଶେଷଙ୍କୁ ଡାକି ସମ୍ବର୍ଦ୍ଧିତ କରିବା ପ୍ରଭୃତିକୁ ଜୟନ୍ତୀ ପାଳନର ମୁଖ୍ୟ ଅଙ୍ଗ ବୋଲି ଭାବୁଛୁ । ସେଦିନ କୌଣସି ଏକ ପୂର୍ଣ୍ଣାଙ୍ଗ ଶିକ୍ଷାକେନ୍ଦ୍ରର ପଚାଶତମ ସୁବର୍ଣ୍ଣ ଜୟନ୍ତୀ ପାଳନ ବେଳେ ନିମନ୍ତ୍ରିତ ମନ୍ତ୍ରୀ ମହୋଦୟଙ୍କର ଆସିବାରେ ଅସ୍ୱାଭାବିକ ବିଳମ୍ବ ହେଲା । ଏହା ସ୍ୱାଭାବିକ । ମନ୍ତ୍ରୀ ମହୋଦୟ ହେଲେ ଜନ ପ୍ରତିନିଧି । ସେମାନଙ୍କୁ ଜନସାଧାରଣ ବାଟରେ ଭେଟିବାକୁ ଚାହିଁବା ସ୍ୱାଭାବିକ । ସେମାନଙ୍କୁ ଆମ ଅନୁଷ୍ଠାନକୁ ଡାକି ଆମେ କେବେହେଲେ ସେତିକି ସମ୍ମାନିତ କରି ପାରିବୁନି ଯେତିକି ସେମାନେ ସାମାଜିକ, ସାଂସ୍କୃତିକ ଅନୁଷ୍ଠାନମାନଙ୍କରେ ପାଇପାରିବେ । ବରଂ ତାଙ୍କର ଏବଂ ଆମ ସମସ୍ତଙ୍କର ଏଥିରେ ସମୟ ନଷ୍ଟହିଁ ହେବ । ଦ୍ୱିତୀୟରେ ସେମାନେ କେବେହେଲେ ଏକୁଟିଆ ଆସିବେ ନାହିଁ । ନିଶ୍ଚୟ ସ୍ଥାନୀୟ ବିଧାୟକ ତଥା ଅନ୍ୟମାନେ ମଧ୍ୟ ତାଙ୍କ ସାଙ୍ଗରେ ରହିବା ସ୍ୱାଭାବିକ । ତା' ବ୍ୟତୀତ ଅନ୍ୟାନ୍ୟ ରାଜନୈତିକ ବ୍ୟକ୍ତିଗଣ ଏବଂ ବିଭିନ୍ନ ସମସ୍ୟା ଜଣାଇବାକୁ ଚାହୁଁଥିବା ବ୍ୟକ୍ତି ବିଶେଷ ମଧ୍ୟ ସୁଯୋଗ ଖୋଜୁଥିବେ କିପରି ହେଉ ଟିକେ ମନ୍ତ୍ରୀଙ୍କୁ ଭେଟି ତାଙ୍କ କଥା କହିବାକୁ । ଏସବୁ କିଛି ଅସ୍ୱାଭାବିକ ନୁହେଁ । କେବଳ ଅସ୍ୱାଭାବିକ ହେଲା ଆମ କାର୍ଯ୍ୟକ୍ରମମାନଙ୍କରେ ସେମାନଙ୍କୁ ଡାକି ସେମାନଙ୍କର ତଥା ଆମର ସମୟ ନଷ୍ଟ କରିବା । ଏସବୁ ଦୃଷ୍ଟିରୁ ଯଦି ଆମେ ଏକ ରୌପ୍ୟଜୟନ୍ତୀ କିଂବା ସୁବର୍ଣ୍ଣ ଜୟନ୍ତୀ ପାଳନ କରୁଛୁ ତେବେ କେତେଗୁଡ଼ିଏ କଥାକୁ ଦୃଷ୍ଟି ଦେଇପାରିବା । ସେଗୁଡ଼ିକ ହେଲା –

୧. ସେଦିନଟିରେ ସର୍ବନିମ୍ନ କୋଳାହଳ କରିବାକୁ ଚେଷ୍ଟା କରିବା । କାରଣ ନିଜ ଅନ୍ତରରେ ମା'ଙ୍କୁ ସନ୍ଧାନ କରି ତାଙ୍କ ନିକଟରେ ଅନୁଷ୍ଠାନଟିକୁ ସମର୍ପଣ କରିବାହିଁ ଆମର ମୁଖ୍ୟ ଆବଶ୍ୟକତା ।
୨. ନୀରବରେ ଅନୁଷ୍ଠାନର ପୂର୍ଣ୍ଣାଙ୍ଗ ଉନ୍ନତି ପାଇଁ ନିରନ୍ତର ପ୍ରାର୍ଥନା କରିପାରିବା ।
୩. ଅନୁଷ୍ଠାନ ସହିତ ସମ୍ପୃକ୍ତ ସମସ୍ତ ପୁରାତନ ଛାତ୍ରଛାତ୍ରୀ, ପୁରାତନ ଅପାଭାଇ, ପୁରାତନ ଅଭିଭାବକ ଏବଂ ଅତୀତରେ ଅନୁଷ୍ଠାନଟି ସହିତ ସମ୍ପୃକ୍ତ ଥିବା ବ୍ୟକ୍ତିବିଶେଷଙ୍କୁ ନିମନ୍ତ୍ରଣ କରି ଏକ ଆଲୋଚନା ମାଧ୍ୟମରେ ମା'ଙ୍କ ନିକଟବର୍ତ୍ତୀ ହେବା ପାଇଁ ଉପାୟର ସନ୍ଧାନ କରିବା ।
୪. ଯେଉଁମାନେ ତଥାପି ମା'ଶ୍ରୀଅରବିନ୍ଦଙ୍କ ଆଦର୍ଶ ସହିତ ସମ୍ପୃକ୍ତ ଅଛନ୍ତି, ସେମାନଙ୍କୁ ତାଙ୍କ ଜୀବନରେ ଏହି ଆଦର୍ଶର ପ୍ରଭାବ ସମ୍ପର୍କରେ କିଛି ଆଲୋଚନା କରାଯାଇ ପାରିବ ।
୫. ଅନୁଷ୍ଠାନଟିକୁ ବାସ୍ତବରେ ଏକ ଆଧ୍ୟାତ୍ମିକ ଅନୁଷ୍ଠାନର ରୂପ ଦେବା ପାଇଁ ସମସ୍ତଙ୍କର ଦାୟିତ୍ୱ ସମ୍ପର୍କରେ ଆଲୋଚନା କରାଯାଇ ପାରିବ ।
୬. ପଚାଶ ବର୍ଷର କାର୍ଯ୍ୟକ୍ରମ ମଧ୍ୟରେ ଅନୁଷ୍ଠାନରେ ଶାରୀରିକ, ପ୍ରାଣିକ, ମାନସିକ ଏବଂ ଚୈତ୍ୟ ଶିକ୍ଷାର କ'ଣ ପ୍ରଭାବ ପଡ଼ିଛି, ସେସବୁକୁ ନିର୍ଦ୍ଦିଷ୍ଟ ଭାବରେ ଆଲୋଚନା କରାଯାଇ ପାରିବ ।
୭. ପଚାଶ ବର୍ଷ ମାନେ ପଚାଶ ବର୍ଷର ତରୁଣ, ପ୍ରୌଢ଼ ନୁହେଁ । ଯେଉଁମାନେ ଅନୁଷ୍ଠାନ ସହ ସମ୍ପୃକ୍ତ ସେମାନେ ସମସ୍ତେ ନିଜକୁ କେବେହେଲେ ବୟସ୍କ ଭାବିବେ ନାହିଁ ।
୮. ଏତଦ୍ ବ୍ୟତୀତ ବର୍ତ୍ତମାନ ଅଧ୍ୟୟନ କରୁଥିବା ଛାତ୍ରଛାତ୍ରୀମାନଙ୍କୁ ଏକ ନୂତନ ଭବିଷ୍ୟତ୍ ସମ୍ପର୍କରେ ସୂଚନା ଦେବା, ଅଭିଜ୍ଞତା ଦେବା ଇତ୍ୟାଦି ।

କୌଣସି ଗୋଟିଏ ଅନୁଷ୍ଠାନରେ ସୁବର୍ଣ୍ଣ ଜୟନ୍ତୀ ପାଳନ ଅବସରରେ ମୋତେ ନିମନ୍ତ୍ରଣ କରିଥା'ନ୍ତି । ମୁଁ ସଭାରେ

ବସିଥିବା ବେଳେ ହିସାବ କରି ଦେଖିଲି ଯେ ତିନିବର୍ଷ ଆଗରୁ ଆମର ସୁବର୍ଣ୍ଣ ଜୟନ୍ତୀ ଗଲାଣି । ମୁଁ ସାଙ୍ଗେ ସାଙ୍ଗେ ସଚେତନ ହୋଇଗଲି । ମୋତେ ଲାଗିଲା ଆମ ଅନୁଷ୍ଠାନମାନେ କେବେ ବି ମୁଁ ଯେଉଁ ଅନୁଷ୍ଠାନରେ ରହିଛି କେବଳ ସେଇ ଅନୁଷ୍ଠାନ ନୁହେଁ । ମୋତେ ପୂରା ଅନୁଭବ ହେଲା, ଓଡ଼ିଶାର ଯେଉଁ ଅନୁଷ୍ଠାନ ହେଉ ପଛେ ସବୁ ଅନୁଷ୍ଠାନ ଆମର । ଆମେ ଯେ ସୁବର୍ଣ୍ଣ ଜୟନ୍ତୀ ପାଳନ କରି ନାହୁଁ ସେଥିପାଇଁ କୌଣସି ଗ୍ଲାନିବୋଧ ଆସିଲା ନାହିଁ ।

ବନ୍ଧୁଗଣ, ପୁଣି ଥରେ କହୁଛି ସୁବର୍ଣ୍ଣଜୟନ୍ତୀ ଏକ ସଙ୍କଳ୍ପର ଦିବସ । ଭିତରେ ଥିବା ସଙ୍କଳ୍ପକୁ ଦୋହରାଇବା, ସ୍ମରଣ କରିବା । ତାକୁ ଆହୁରି ତ୍ୱରାନ୍ୱିତ କରିବା ପାଇଁ ଉଦ୍ୟମ କରିବା ।

ବାକି ଯାହାସବୁ କରିବା ସେସବୁ ଏତେ ବେଶୀ ଗୁରୁତ୍ୱପୂର୍ଣ୍ଣ ନୁହେଁ – କରାଯାଇପାରେ ।

❑❑❑

ଇଷ୍ଟନାମ ଜପର ମହିମା

ଥରେ ଜଣେ ପ୍ରସିଦ୍ଧ ସାଧୁ ଏବଂ ତାଙ୍କ ଚେଲା କୌଣସି ଏକ ଦୂର ସ୍ଥାନକୁ ଯାଉଥିଲେ । ସେଦିନ ଭୀଷଣ ଖରା ହେଉଥାଏ ଏବଂ ପାଦରେ ଚାଲି ଚାଲି ଉଭୟେ ଥକି ପଡ଼ିଥା'ନ୍ତି । ଶେଷକୁ ଦୁହେଁ ଗୋଟିଏ ବିରାଟ ବରଗଛ ମୂଳରେ ବିଶ୍ରାମ ନେଲେ । କିଛି ସମୟ ପରେ ସାଧୁଙ୍କୁ ପ୍ରବଳ ଭୋକ ଲାଗିଲା । ସେ ଚେଲାକୁ ଡାକି କହିଲେ, ବାପା ଶୁଣ, ଖାଦ୍ୟ ଯୋଗାଡ଼ କରିବାକୁ ଯିବାକୁ ହେବ । ଚେଲାଟି ସେତିକି ବେଳକୁ ଚୁପ୍‌ଚାପ୍ ଆଖି ବୁଜି ବସିଥାଏ । ସେ ଗୁରୁଙ୍କୁ ସିଧାସଳଖ ମନା କରିଦେଇ କହିଲା, ଆଜ୍ଞା, ମୁଁ ରାମ ନାମ ଜପ କରିବାରେ ବ୍ୟସ୍ତ ଅଛି । ଏଣୁ ଆପଣଙ୍କ ସହିତ ଯାଇ ପାରିବି ନାହିଁ । ଏହା ଶୁଣି ଗୁରୁ କିଞ୍ଚିତ୍ ରାଗି ଯାଇ ତାକୁ ଭର୍ତ୍ସନା କରି କହିଲେ, ତୁ କ'ଣ ଭାବୁଛୁ କିଛି ଉଦ୍ୟମ ନ କରି କେବଳ ରାମ ନାମ ଜପିଲେ ସବୁ କିଛି ମିଳିଯିବ ? ଖାଇବା ଯୋଗାଡ଼ କରିବା ସକାଶେ ଆମକୁ ଉଦ୍ୟମ କରିବାକୁ ପଡ଼ିବ । ଚେଲାଟି କିନ୍ତୁ କିଛି ନ ଶୁଣି ରାମ ନାମ ଜପିବାକୁ ଲାଗିଲା । ତା'ପରେ ଗୁରୁ କିଛି ନକହି ମନେ ମନେ ଗରଗର ହୋଇ ଏକୁଟିଆ ଖାଦ୍ୟ ସନ୍ଧାନରେ ଚାଲିଲେ । ଅଳ୍ପ ଦୂରରେ ଗାଁଟିଏ ଥିଲା । ସାଧୁ ସେଠାରେ ପହଞ୍ଚିବା ମାତ୍ରକେ ତାଙ୍କୁ ଲୋକେ ପାଛୋଟି ନେଲେ । କାରଣ ସାଧୁ ଜଣକ ଥିଲେ ସେ ରାଜ୍ୟର ଜଣେ ପ୍ରସିଦ୍ଧ ବ୍ୟକ୍ତି । ତାଙ୍କ ଆଶୀର୍ବାଦ ପାଇବାର ସୁଯୋଗକୁ କେହି ହାତଛଡ଼ା କରିବାକୁ ଚାହୁଁ ନଥିଲେ । ତେଣୁ ସାଧୁଙ୍କ ପାଇଁ ଅପୂର୍ବ ମଣୋହିର ଆୟୋଜନ ତତ୍‌କ୍ଷଣାତ୍ କରାଗଲା । ସାଧୁ ପେଟ ପୂରାଇ ଖାଇଲେ ଏବଂ ତାଙ୍କୁ ଆତିଥ୍ୟ ଦେଇଥିବା ଗ୍ରାମବାସୀମାନଙ୍କୁ ଧନ୍ୟବାଦ ଜଣାଇ କହିଲେ, ଅଦୂରରେ ଗୋଟିଏ ଗଛ ମୂଳରେ ମୋର ଚେଲାଟିଏ ବସିଛି । ସେ ବି ଭୋକିଲା ଅଛି । ତା' ପାଇଁ କିଛି ଖାଦ୍ୟର ବନ୍ଦୋବସ୍ତ ହୋଇ ପାରିଲେ ଭଲ ହୁଅନ୍ତା । ତତ୍‌କ୍ଷଣାତ୍ ଗ୍ରାମବାସୀ ବଡ଼ ବଡ଼ ପାତ୍ରରେ ଖାଦ୍ୟ ଭରି ଜଣେ ବ୍ୟକ୍ତିଙ୍କ ହାତରେ ସାଧୁଙ୍କ ସହିତ ପଠାଇଲେ ।

ଗୁରୁ ଗଛମୂଳରେ ପହଞ୍ଚି କହିଲେ, ଦେଖିଲୁ ତ ଉଦ୍ୟମର ଫଳ । ଉଦ୍ୟମ କଲି ବୋଲି ମୁଁ ଖାଇବାକୁ ପାଇଲି ଓ ତୋ' ପାଇଁ ବି ଆଣିଲି । କିନ୍ତୁ ତୁ ଏଠି ବସି ଖାଲି ରାମ ନାମ ଜପୁଥା । ଚେଲାଟି କିଛି ନକହି ଚୁପ୍‌ଚାପ୍ ସୁସ୍ୱାଦୁ ଖାଦ୍ୟତକ ଖାଇଲା ଏବଂ ଶେଷରେ ରାମଙ୍କ ଉଦ୍ଦେଶ୍ୟରେ ପ୍ରଣାମ ଜଣାଇ କହିଲା, ପ୍ରଭୁ ଆଜି ତୁମ ନାମର ମହିମା ମୁଁ ପ୍ରତ୍ୟକ୍ଷ କଲି । ତା' ନ ହେଲେ ମୋ ପାଇଁ ଖାଦ୍ୟ ବୁହା ହୋଇ ଆସି ନଥା'ନ୍ତା । ଗୁରୁ କ'ଣ କହିବେ ବୁଝି ପାରିଲେ ନାହିଁ । ❑

ଆଶାବାଦର ଆଲୋକ ବର୍ତ୍ତିକା

କାହ୍ନୁଚରଣ ମହାକୁର

ବିଶ୍ୱକବି ରବୀନ୍ଦ୍ରନାଥ ଠାକୁରଙ୍କ ପ୍ରତିଷ୍ଠିତ ବିଶ୍ୱଭାରତୀ ବିଶ୍ୱବିଦ୍ୟାଳୟ ଶାନ୍ତିନିକେତନ ନିକଟସ୍ଥ ଲାଭପୁରର ଶୀତଳଗ୍ରାମ । ଏହା ପଶ୍ଚିମବଙ୍ଗର ବୀରଭୂମ୍ ଜିଲ୍ଲା ଅନ୍ତର୍ଗତ । ଗାଁରେ ଏକ ପ୍ରାଥମିକ ବିଦ୍ୟାଳୟ । ଏଇ ବିଦ୍ୟାଳୟର ଶିକ୍ଷକ ହେଉଛନ୍ତି ରିପନକାନ୍ତି । ସ୍ୱାଭାବିକ ଭାବରେ ଶିକ୍ଷକ, ଅଭିଭାବକ ଓ ଆମେ ବଡ଼ମାନେ ସାନପିଲାମାନଙ୍କୁ ଦେଖିଲେ ଏକ ସାଧାରଣ ପ୍ରଶ୍ନ ପଚାରିଥାଉ – ''ବଡ଼ ହେଲେ ତୁମେ କ'ଣ ହେବ ?'' ଆଉ ଏ ସାଧାରଣ ପ୍ରଶ୍ନର ଏକ ସାଧାରଣ ଉତ୍ତର ମଧ୍ୟ ଆମେ ଶୁଣି ଆସିଥାଉ । ଏଇ ପ୍ରଶ୍ନର ଉତ୍ତରରେ ଅଧିକାଂଶ ପିଲା ଡାକ୍ତର, ଇଞ୍ଜିନିୟର, କଲେକ୍ଟର ଆଦି ହେବାର କଥା କହିଥା'ନ୍ତି । ଆଉ ଆମେ ବଡ଼ମାନେ ସାନମାନଙ୍କ ମୁହଁରୁ ଏଭଳି ଉତ୍ତରଟିଏ ସମ୍ଭବତଃ ଶୁଣିବା ପାଇଁ ଆତୁର ହୋଇ ରହିଥାଉ । ସାନ ପିଲାମାନେ ବଡ଼ମାନଙ୍କ ପ୍ରଶ୍ନର ଉତ୍ତର ଦେଲାବେଳେ ସମ୍ଭବତଃ ସେମାନେ ଏକଥା ବି ଜାଣି ନ ଥାଆନ୍ତି ଯେ ସେମାନେ ତାଙ୍କର ଏଇ ଈପ୍ସିତ ଲକ୍ଷ୍ୟ ନିକଟରେ କିପରି ପହଞ୍ଚିବେ । ସେଦିନ ଶିକ୍ଷକ ରିପନକାନ୍ତି ମଧ୍ୟ ସ୍ୱଭାବସୁଲଭ ଢଙ୍ଗରେ ତୃତୀୟ ଶ୍ରେଣୀର ପିଲାମାନଙ୍କୁ ଏଇ ପ୍ରଶ୍ନଟି ପଚାରିଥିଲେ ଯେ, ''ତୁମ ଜୀବନର ଲକ୍ଷ୍ୟ କ'ଣ, ଅର୍ଥାତ୍ ଭବିଷ୍ୟତରେ ତୁମେ କ'ଣ ହେବାକୁ ଚାହଁ ?'' ଏତିକି କହି ସେ ତାଙ୍କ ମୋବାଇଲ୍ ଫୋନ୍‌ର ଭିଡ଼ିଓ କ୍ୟାମେରା ଅନ୍ କରି କିଏ କ'ଣ କହିବାକୁ ଚାହୁଁଛନ୍ତି ସେକଥା ଜାଣିବା ପାଇଁ ରେକର୍ଡ଼ିଂ କରିବାକୁ ଲାଗିଲେ । ପିଲାମାନେ ମଧ୍ୟ ଶିକ୍ଷକଙ୍କ ଦ୍ୱାରା ନିଜର ବକ୍ତବ୍ୟ ରେକର୍ଡ଼ିଂ ହେଉଥିବାର ଦେଖି ଦ୍ୱିଗୁଣିତ ଉତ୍ସାହରେ ଉତ୍ତର ଦେବାରେ ଲାଗିଲେ । କିଏ କହିଲା ଭବିଷ୍ୟତରେ ସେ ଡାକ୍ତର ହେବ ତ କିଏ କହିଲା ଇଞ୍ଜିନିୟର ହେବ । କିଏ କହିଲା ପୁଲିସ ହେବ ତ କିଏ କହିଲା ଶିକ୍ଷକ ହେବ ।

ଏଇ କ୍ରମରେ ରିକ୍ ବାଗ୍‌ଦି ନାମକ ପିଲାଟିର ପାଳି ପଡ଼ିଲା । ଶିକ୍ଷକ ରିପନକାନ୍ତି ତାଙ୍କୁ ମଧ୍ୟ ସେଇ ସମାନ ପ୍ରଶ୍ନଟି ପଚାରି ଥିଲେ । ଆଉ ରିକ୍ ବାଗ୍‌ଦି ଯାହା ଉତ୍ତର ଦେଲା କେବଳ ଶିକ୍ଷକ ନୁହଁନ୍ତି ପିଲାମାନେ ମଧ୍ୟ ଅବାକ୍ ହୋଇ ରହିଗଲେ । ରିକ୍ ଶିକ୍ଷକଙ୍କ ପ୍ରଶ୍ନର ଉତ୍ତରରେ କହିଲା, ''କାଓକେ ଠକାତେ ପାର୍‌ବ ନା, ରିକ୍ ଡାଇ ଚାୟ ବୋକା ହତେ ।'' ଅର୍ଥାତ୍, ''କାହାକୁ ଠକାଇ ପାରିବି ନାହିଁ, ତେଣୁ ରିକ୍ ଚାହେଁ ବୋକା ହେବାକୁ । ...''

ଶିକ୍ଷକ ପୁଣି ପଚାରିଲେ – ''ବୋକା ହେଲେ ତ ତୋତେ ସମସ୍ତେ ଠକିବେ ।'' ଆଉ ଏ ପ୍ରଶ୍ନର ଉତ୍ତର ଦେବାକୁ ଯାଇ ରିକ୍ ହସି ହସି କହିଲା – ''ସେମାନେ ଯଦି ଠକାଇବାକୁ ଚାହୁଁଛନ୍ତି, ଠକାନ୍ତୁ । କିନ୍ତୁ ମୁଁ ତ କାହାକୁ ଠକି ପାରିବି ନାହିଁ ।''

ରିକ୍‌କୁ ପୁଣି ପଚରାଗଲା – ''ତୁମେ ଭବିଷ୍ୟତରେ ବୋକା ହେବାକୁ କାହିଁକି ଚାହୁଁଛ ?'' ଲାଜୁରା ମୁହଁରେ ରିକ୍ ଉତ୍ତର ଦେଲା –''ମୁଁ ଅନେକ ସମୟରେ ବାପାଙ୍କ ମୁହଁରୁ ଶୁଣିଛି ସେ ବୋକା ବୋଲି ସମସ୍ତେ ତାଙ୍କୁ ଠକି ଦିଅନ୍ତି । କିନ୍ତୁ ମୋର ବାପା କେବେ କାହାକୁ ଠକିଥିବାର ମୁଁ ଶୁଣି ନାହିଁ । ମୁଁ ମୋ ବାପାଙ୍କ ଭଳି କେବେ କାହାକୁ ଠକିବାକୁ ଚାହେଁ ନାହିଁ । ସେଇଥିପାଇଁ ଭବିଷ୍ୟତରେ ମୁଁ ବୋକା ହେବାକୁ ଚାହେଁ ।''

ବିସ୍ମିତ ରିପନକାନ୍ତି ଭିଡ଼ିଓଟିକୁ ସୋସିଆଲ ମିଡ଼ିଆରେ ପୋଷ୍ଟ କରି ଦେଲେ । ଦେଖୁ ଦେଖୁ ଭିଡ଼ିଓଟି ଭାଇରାଲ୍ ହେବାରେ ଲାଗିଲା । ଭିଡ଼ିଓଟି ଯିଏ ବି ଦେଖିଲା ସେ ବିସ୍ମିତ ହେଲା, ବିହ୍ୱଳ ହେଲା ।

କୋଲକାତାରୁ ପ୍ରକାଶିତ ବହୁଳ ପ୍ରସାରିତ ବଙ୍ଗଳା ସମ୍ବାଦ ପତ୍ର ''ଆନନ୍ଦବଜାର ପତ୍ରିକା।''ର ଜନୈକ ସମ୍ବାଦଦାତାଙ୍କ ଜରିଆରେ ଏ ଖବର ପହଞ୍ଚିଲା ସ୍ୱୟଂ ପତ୍ରିକାର ସମ୍ପାଦକଙ୍କ ନିକଟରେ । ସମ୍ପାଦକ ବି ବିସ୍ମିତ ହେଲେ ଏବଂ ସେ ତାଙ୍କର ଜଣେ ପ୍ରତିନିଧିଙ୍କୁ ଘଟଣାର ସତ୍ୟାସତ୍ୟ ସହ ସବିଶେଷ ବିବରଣୀ ସଂଗ୍ରହ ନିମନ୍ତେ ଶୀତଳଗ୍ରାମ ପଠାଇଲେ । ସବିଶେଷ ବିବରଣୀ ସଂଗୃହୀତ ହେଲା ପରେ ରିକ୍ ବାଗ୍‌ଦିର ଏ କାହାଣୀଟି ୧ ଏପ୍ରିଲ ୨୦୨୪ରେ 'ଆନନ୍ଦ ବଜାର ପତ୍ରିକା'ର ପ୍ରଥମ ପୃଷ୍ଠାରେ ''କାଓକେ ଠକାତେ ପାର୍‌ବ ନା, ରିକ୍ ଡାଇ ଚାୟ ବୋକା ହତେ'' ଶୀର୍ଷକରେ ରିକ୍ ବାଗ୍‌ଦିର ଫଟୋ ସହ ପ୍ରକାଶିତ ହୋଇ ବିପୁଳ ପାଠକୀୟତା ଲାଭ କରିଥିଲା ।

ଅର୍ଘ୍ୟ ଘୋଷଙ୍କ ଦ୍ୱାରା ପ୍ରସ୍ତୁତ ଉପରୋକ୍ତ ବିବରଣୀ ଅନୁଯାୟୀ, ରିକ୍ ବାଗ୍‌ଦିର ଘର ଶୀତଳଗ୍ରାମରେ । ତା'ର ବାପା

ଅଭିଜିତ୍ ବାଗ୍‌ଦି ଜଣେ ଦିନ ମଜୁରିଆ । ମାଆ ପରଘରେ କାମ କରନ୍ତି । କଷ୍ଟେ ମଷ୍ଟେ ପରିବାରଟି ଚଳି ଯାଏ । ପାଖ ପଡ଼ୋଶୀର ଲୋକେ କହନ୍ତି, ରିକ୍‌ର ବାପା ଅଭିଜିତ୍ ଜଣେ ବୋକା ଲୋକ । ଲୋକେ ତା' ଦ୍ୱାରା କାମ ଆଦାୟ କରି ନିଅନ୍ତି । କିନ୍ତୁ ପାରିଶ୍ରମିକ ଦେଲା ବେଳେ ତାକୁ ଠକି ଦିଅନ୍ତି । ଏକଥା ବେଳେ ବେଳେ ରିକ୍ ବି ଶୁଣେ । କିନ୍ତୁ ସେ ଏଇଥିପାଇଁ ଖୁସି ହୁଏ ଯେ, ଏସବୁ ସତ୍ତ୍ୱେ ତା'ର ବାପା ସର୍ବଦା ଖୁସିରେ ଥାଆନ୍ତି । କାହାରି ପ୍ରତି ତାଙ୍କର କିଛି ଅଭିଯୋଗହିଁ ନଥାଏ । ତେଣୁ ସେ ତା'ର ବାପାଙ୍କୁ ନେଇ ଗର୍ବ ଅନୁଭବ କରେ । ସିଏ ବି ତା' ବାପା ଭଳି ଖୁସିରେ ରହିବାକୁ ଚାହେଁ, କାହାକୁ ଠକିବାକୁ ଚାହେଁ ନା ।

ରିକ୍‌ର ଶିକ୍ଷକ ରିପନକାନ୍ତିଙ୍କ କହିବା ଅନୁସାରେ ''ଭବିଷ୍ୟତରେ ବୋକା ହେବାକୁ ଚାହୁଁଥିବା ରିକ୍ ପାଠରେ ଜମାରୁ ଦୁର୍ବଳ ନୁହେଁ । ସେ କୌଣସି ଝଗଡ଼ାରେ ନଥାଏ କି ପ୍ରତିଯୋଗିତାରେ ବି ନଥାଏ ।''

ସ୍କୁଲର ପ୍ରଧାନ ଶିକ୍ଷକ ଶାନ୍ତନୁ ଘୋଷ କହନ୍ତି – ''ରିକ୍‌ର ବକ୍ତବ୍ୟରେ ରହିଛି ଗଭୀର ଜୀବନ-ବୋଧ । ତୁଳସୀ ଦୁଇ ପତ୍ରରୁ ବାସିଲା ଭଳି ରିକ୍ ଯେ ଭବିଷ୍ୟତରେ ଜଣେ ସୁନାଗରିକ ହେବ ଏକଥା ତା'ର ଆଚରଣରୁ ସ୍ପଷ୍ଟ ହୋଇ ଯାଉଛି ।''

ଲାଭପୁର ସତ୍ୟନାରାୟଣ ଗାର୍ଲସ୍ ହାଇସ୍କୁଲର ପ୍ରଧାନ ଶିକ୍ଷୟିତ୍ରୀ ମନୀଷା ବନ୍ଦ୍ୟୋପାଧ୍ୟାୟ ରିକ୍ ସମ୍ପର୍କରେ ତାଙ୍କର ପ୍ରତିକ୍ରିୟା ଦେଇ କହନ୍ତି – ''ଏଭଳି କଥା ପୁଣି ତୃତୀୟ ଶ୍ରେଣୀର ଏକ ଛାତ୍ର ମୁହଁରୁ ବାହାରିବା ବାସ୍ତବିକ କଳ୍ପନାତୀତ । ଏଭଳି ମନୋଭାବ ସକଳ ମଣିଷଙ୍କ ଭିତରେ ରହିବା ଆବଶ୍ୟକ ।''

ସଂପ୍ରତି ରିକ୍ ବାଗ୍‌ଦି ଏକ ନିଷ୍ପାପ ଶିଶୁ । ଲୋଭ, ମୋହ, ଈର୍ଷା, ଅସୂୟା ଭଳି ମାନବୀୟ ଗୁଣାବଳୀ ତାକୁ ଏ ଯାବତ୍ ସ୍ପର୍ଶ କରି ନାହିଁ । ତେଣୁ ସେ କେଡ଼େ ନିଷ୍କପଟ ଓ ଛଳନାହୀନ ଭାବରେ କହି ଦେଉଛି, ''ଭବିଷ୍ୟତରେ ମୁଁ ବୋକା ହେବି ।'' କାଲି ସେ ବଡ଼ ହେବ । ଜୀବନ ଓ ଜଗତକୁ ନୂଆ କରି ଆବିଷ୍କାର କରିବ । ସବୁ ପ୍ରକାର ମାନବୀୟ ଗୁଣର ସଂସ୍ପର୍ଶରେ ଆସିବ । ସେତେବେଳେ ତା' ଭିତରେ ଆଜିର ଏଇସବୁ ସରଳତା ଥିବ କି ନଥିବ, ସେ ଏକ ବିରାଟ ପ୍ରଶ୍ନବାଚୀ ଆମ ପାଇଁ । କିନ୍ତୁ ତଥାପି ନିଜ ଭବିଷ୍ୟତକୁ ନେଇ ସେ ତା'ର ସରଳ ମନରେ ଯେଉଁ ଉତ୍ତର ଦେଇଛି, ତାହା ଆମ ପାଇଁ ନୈରାଶ୍ୟର ଘନ ଅନ୍ଧକାରରେ ଆଶାବାଦର ଆଲୋକ ବର୍ତ୍ତିକା ତୁଲ୍ୟ ହେଉଛି ।

ଶୈଶବର ସରଳତା ବଞ୍ଚି ରହୁ ଚିରକାଳ
ରିକ୍ ବାଗ୍‌ଦିର ଏବଂ ସଂସାରର ସକଳ ଶିଶୁଙ୍କର ।

('ସୁହୃତ୍' ପତ୍ରିକାର ମଇ - ୨୦୨୬ ସଂଖ୍ୟାରୁ ସଂଗୃହୀତ) ❑



Be simple,
Be happy,
Remain quiet,
Do your work as well as you can,
Keep yourself always open towards me —
This is all that is asked from you.

– The Mother

ସରଳ ହୁଅ,
ଖୁସୀ ରୁହ,
ନୀରବ ହୋଇଯାଅ,
ତୁମର କାର୍ଯ୍ୟଟିକୁ ଯଥାସାଧ୍ୟ ଭଲ ଭାବରେ କର,
ନିଜକୁ ସର୍ବଦା ମୋ' ଆଡ଼କୁ ଉନ୍ମୀଳିତ କରି ରଖିଥାଅ –
ତୁମକୁ କେବଳ ଏତିକି କରିବାକୁହିଁ କୁହାଯାଉଛି ।

– ଶ୍ରୀମା

କାହାଣୀ :

ସ୍ୱଧର୍ମ

ମନୋଜ ଦାସ

ଗୋଗୁଦାସ ବଣକୁ ଯାଇ ଶୁଖିଲା କାଠ ସଂଗ୍ରହ କରେ । ତାକୁ ବଜାରରେ ବିକି ଯେଉଁ ଦୁଇ ଚାରି କଉଡ଼ି ପାଏ, ସେଥିରେ ଚାଉଳ କିଣି ପରିବାର ପୋଷଣ କରେ ।

ଲୋକେ କହନ୍ତି, ବିଚରା ଗୋଗୁ !

ଥରେ କ୍ରମାଗତ ବର୍ଷା ହେଲା ସାତଦିନ ଧରି । ଗୋଗୁର ସାମାନ୍ୟ ସଞ୍ଚୟ ଶେଷ ହେଲା । ସେ ଶୁଖିଲା କାଠ ପାଇବ କାହୁଁ ଯେ ବିକି ଚାଉଳ କିଣିବ ? ତିନି ତିନି ଦିନ ତା' ପରିବାର ପ୍ରାୟ ଅନାହାରରେ ରହିଲେ ।

ରାତି ଅଧରେ ଗୋଗୁ ମୁଣ୍ଡକୁ ଆସିଗଲା ଗୋଟାଏ ଅଭିନବ ଧାରଣା । ଗାଁ ମୁଣ୍ଡରେ ମନ୍ଦିର । ଦିଅଁଙ୍କ ମୂର୍ତ୍ତି ବେଶ୍ ବଡ଼; କାଠରେ ତିଆରି । ତାକୁ କଟାକଟି କଲେ ବେଶ୍ ବୋଝାଏ ଜାଳେଣି କାଠ ହେବ । କେହି ଜାଣିବେ ନାହିଁ ସେ କାଠ ଆସିଲା କାହୁଁ ।

ଗୋଗୁ ତା' କୁରାଢ଼ିଟି ଧରି ବାହାରି ପଡ଼ିଲା । ଝିପି ଝିପି ବର୍ଷା ହେଉଥାଏ । ସେ ଯାଇ ମନ୍ଦିର ଦ୍ୱାର ଠେଲି ଦେଲା । ପୁରୋହିତ ଭଲ ଭାବରେ ବନ୍ଦ କରି ନଥିଲେ । ଭିତରେ ପ୍ରଦୀପଟିଏ ଜଳୁଛି ।

ହଁ — ମୂର୍ତ୍ତିଟି ବେଶ୍ ନିଦା ମନେ ହୁଏ । ତହିଁରୁ ଭଲ ଜାଳେଣି ବାହାରିବ ।

ତେବେ ସେ ଓଜନଦାର ମୂର୍ତ୍ତିକୁ ଦୁଇ ଚାରିଗଡ଼ ନକଲେ ବେଦୀରୁ ତଳକୁ ଆଣିବା ବି ସହଜ ନୁହେଁ । ଗୋଗୁ କୁରାଢ଼ି ଉଞ୍ଚାଇଲା ।

''ରହିଯା', ବାବୁ, ରହିଯା' !'' ସେ ଶୁଣିଲା ଏକ ନିର୍ଦ୍ଦେଶ ।

ସେ ରହିଗଲା; କୁରାଢ଼ି ଅବନତ କଲା ।

''ତୋ'ର ଲୋଡ଼ା ବିତ୍ତ; ନୁହେଁ ? ବେଶ୍ । ସକାଳେ, ସୂର୍ଯ୍ୟୋଦୟ ବେଳେ ନଈରେ ବୁଡ ଦେବୁ ଡାହାଣ ହାତ ମୁଠା କରି । ତା'ପରେ ହାତ ଖୋଲି ଦେଖିବୁ । ଯା' ।''

ସେ ସ୍ୱର ମନ୍ଦିର ଭିତରେ ଯେମିତି ଊର୍ଦ୍ଧ୍ୱକୁ ଉଠି ବିଲୀନ ହୋଇଗଲା !

ଗୋଗୁ ଚୁପ୍‌ଚାପ୍ ଘରକୁ ଲେଉଟି ଆସିଲା । ଭୋର ସମୟରେ ନଈ କୂଳକୁ ଯାଇ ଅପେକ୍ଷା କଲା । ଯେମିତି ସୂର୍ଯ୍ୟୋଦୟର ସମୟ ହେଲା, ସେ ପାଣିରେ ପଶିଲା । ହାତ ମୁଠା କରି ଡୁବ ଦେଲା । ଉଠି ହାତ ଖୋଲି ଦେଖିବା ବେଳକୁ ଚେକାଏ ସୁନା ।

ସେ ଘରକୁ ଫେରି ଲୁଗାପଟା ବଦଳାଇ ତିନି କ୍ରୋଶ ଦୂରବର୍ତ୍ତୀ ସହରକୁ ଗଲା । ଫେରିବା ବେଳକୁ ଆଉ ଚାଲି ଚାଲି ନଆସି ଶଗଡ଼ ଭଡ଼ା କରି ଆସିଲା ।

ପରଦିନ ବି ସେ ସେମିତି ରୀତିରେ ବୁଡ଼ ଦେଲା । ପାଇଲା ଆଉ ଖଣ୍ଡିଏ ସୁନା ।

କେଇଦିନ ଭିତରେ ଗୋଗୁର କୋଠା ତିଆରି ଆରମ୍ଭ ହେଲା । ଘରେ ଚାକର ବାକର ଖଟିଲେ ।

ଲୋକେ ଆଉ ବିଚରା ଗୋଗୁ ନକହି କହନ୍ତି ଗୋଗୁ ବାବୁ କିଂବା ଗୋଗୁଜି ।

ଗୋଗୁ ଘରକୁ ଲାଗି ଜଣେ ଗରିବ ଶିକ୍ଷକଙ୍କ କୁଡ଼ିଆ । ଶିକ୍ଷକ ସଂସ୍କୃତ ପଢ଼ାଉ ଥିଲେ । କିନ୍ତୁ କେତେକ କାରଣରୁ ବିଦ୍ୟାଳୟ ବନ୍ଦ ହୋଇଗଲା । ବେକାର କୁନି ପଣ୍ଡିତଟାଏକୁ ବା ଅନ୍ୟ କେଉଁ ଧନ୍ଦା କରି ଆସିବ — ଧନ୍ଦା ଦେବ ବା କିଏ !

ଦିନେ ଗୋଗୁ ସ୍ତ୍ରୀଠୁଁ ପଣ୍ଡିତଙ୍କ ପତ୍ନୀ ସେମାନଙ୍କ ବିପୁଳ ସମୃଦ୍ଧିର ରହସ୍ୟଟି ଜାଣି ନେଲେ । ଭଦ୍ରମହିଳା ନିଜର ଖଣ୍ଡିଏ ରୁପା ଗହଣା ବନ୍ଧକ ଦେଇ କୁରାଢ଼ିଟିଏ କିଣିଲେ — ଗୋପନରେ ।

''ଧର । ଯାଅ ମନ୍ଦିରକୁ ।'' ନିଶାର୍ଦ୍ଧରେ ସେ ପଣ୍ଡିତ-ପତିଙ୍କୁ ତଟସ୍ଥ କଲା ଭଳି ଏ ନିର୍ଦ୍ଦେଶ ଦେଲେ ।

''ମାନେ ?''

ପତିଙ୍କ ପ୍ରଶ୍ନର ଉତ୍ତରରେ ସବିଶେଷ ବୁଝାଇଲେ ବୁଦ୍ଧିମତୀ ପତ୍ନୀ । ଥରେ ଦିଅଁ ମୃଦୁ ମୃଦୁ ପ୍ରଦୀପ ଆଲୁଅରେ ବିକଟାଳ କୁରାଢ଼ି ଉଦ୍ୟତ ହେବାର ଦେଖିଲେ ଛାନିଆରେ ବର ଦେଇ ପକାଇବେ । ସେମାନେ ବି କୋଠା ବନାଇ ସୁଖରେ କାଳାତିପାତ କରିବେ ।

''ନା, ମୋ ଦେଇ ଏ କାମ ହେବ ନାହିଁ।'' କହିଲେ ପଣ୍ଡିତ।

ପତ୍ନୀଙ୍କ ପ୍ରତିକ୍ରିୟାର ବିବରଣୀ ନଦେବା ଭଲ। ଅଗତ୍ୟା କୁରାଢ଼ି ଧରି ପଣ୍ଡିତେ ପଖ୍‌ଆଟାଏ ଘୋଡ଼େଇ ହୋଇ ମନ୍ଦିର ସାମନାରେ ପହଞ୍ଚିଲେ। ଦ୍ୱାର ସାମାନ୍ୟ ଚାପରେ ଖୋଲିଗଲା। କୁରାଢ଼ି ହସ୍ତେ ସେ ଯାଇ ଦିଅଁଙ୍କ ଆଗରେ ଠିଆ ହେଲେ। ହାତ ଥରୁ ଥାଏ; ତଥାପି ଯେତେବେଳେ ଅଭିଯାନ ଆରମ୍ଭ କରି ଏତେ ଦୂର ଅଗ୍ରସର ହେଲେଣି, କୁରାଢ଼ିଟି ଉପରକୁ ନଉଠାଇବେ ବା କାହିଁକି ? ସେତିକି କଲେହିଁ ତ ଫଳ ମିଳିଯିବା କଥା।

କିନ୍ତୁ କୁରାଢ଼ି ଉଠାଇବାକୁ ଯେ ହାତ ଚଳୁ ନାହିଁ ! ସେ ସବୁ ଶକ୍ତି ଠୁଳ କରି କୁରାଢ଼ି ଉଠାଇବାକୁ ଉଦ୍ୟତ ହେଉଛନ୍ତି, ସତେଅବା ଶୁଣିଲେ ସୁଗମ୍ଭୀର ବିଦ୍ରୂପାତ୍ମକ ସ୍ୱର : ''ଉଠା, କିନ୍ତୁ ଖାଲି ଉଠାଇ ରହିଗଲେ ହେବ ନାହିଁ; କୁରାଢ଼ି ଚୋଟ ବସାଇବାକୁ ହେବ। ବସା !''

ସେ ବସାଇବେ ଠାକୁରଙ୍କ ଉପରେ କୁରାଢ଼ି ଚୋଟ ? ପ୍ରଶ୍ନଟି ମୁଣ୍ଡରେ ମୁହୂର୍ତ୍ତକ ଭିତରେ ଏମିତି ଉତ୍ପାତ କଲା ଯେ ସେ ଚେତା ହରାଇ ତଳେ ପଡ଼ିଗଲେ।

ସେହି ଚେତାଶୂନ୍ୟ ଅବସ୍ଥାରେ ସେ ଶୁଣିଲେ — ଅବଶ୍ୟ ସେ ସ୍ୱରରେ ନଥିଲା କ୍ରୋଧ — ଥିଲା ଖାଲି ଉଦାସ ଗାମ୍ଭୀର୍ଯ୍ୟ — ''ଗୋଗୁ କାମଟି କରି ପାରିଥା'ନ୍ତା। ସେ ସେଡ଼ିକି ମୂଢ଼, ଅଜ୍ଞାନ, ଅଚେତନ। ତୁ କ'ଣ ପାରିଥା'ନ୍ତୁ ? ଦୈବବାଣୀ ଶୁଣି ବି ତା'ର କୌଣସି ଭାବାନ୍ତର ହେଲା ନାହିଁ। ତା' ପାଇଁ ସେଇଟା ଦରଦସ୍ତୁର ଭଳି କଥା ହେଲା। ସେ କୁରାଢ଼ି ଚୋଟ ବସାଇବା ବଦଳରେ ସୁନା ପାଇ ତୃପ୍ତ। ଆପାତତଃ ପରିଣତି କ'ଣ ହେବ ସେଇଟା ଭିନ୍ନ କଥା। କିନ୍ତୁ ତୁ ତୋ' ଚେତନାର ପର୍ଯ୍ୟାୟ କଥା ପାସୋରି ଦେଇ ଖାସ୍ ପ୍ରତିବେଶୀକୁ ଅନୁକରଣ କରିବା ପାଇଁ ଚାଲି ଆସିଲୁ। 'ସ୍ୱଧର୍ମରେ ନିଧନ ଶ୍ରେୟ, ପରଧର୍ମ ଭୟାବହ' ବୋଲି ତୁ ନିଜେ କେତେଥର ଅନ୍ୟମାନଙ୍କୁ ବୁଝାଇଛୁଟି ? ତୋ' ନିଜ ସ୍ୱଧର୍ମ କ'ଣ ଏଇଆ ବୋଲି ତୋ' ଧାରଣା ? ଯା', ଯେମିତି ଗରିବ ଭାବରେ ବଞ୍ଚିଛୁ, ସେମିତି ଥାଇ ସ୍ୱାଭାବିକ ଭାବରେ ପ୍ରତିକାର ପାଇଁ ଚେଷ୍ଟା କରୁଥା'। ସେହି ରାସ୍ତାରେ ହେବ ତୋ'ର ପ୍ରଗତି।''

ଚେତା ଫେରିବା ଅନ୍ତେ ଦିଅଁଙ୍କୁ ପ୍ରଣାମ କରି ଅଶ୍ରୁ ମୋଚନ କରି ଗୃହକୁ ପ୍ରତ୍ୟାବର୍ତ୍ତନ କଲେ ପଣ୍ଡିତେ।

(ମନୋଜ ଦାସ ପରିବେଷିତ 'ଉପକଥା ଶତକ'ରୁ
ସଂଗୃହୀତ, ପୃ.୧୯୩-୧୯୬)

❑❑❑

'ଉପକଥା ଶତକ' କାହାଣୀମାଳା ପରିବେଷଣ ଅବସରରେ ମନୋଜ ଦାସ ପ୍ରତ୍ୟେକ କାହାଣୀର ତାତ୍ପର୍ଯ୍ୟ ଉପରେ କିଛି ଆଲୋକପାତ କରିଛନ୍ତି। ଉପରୋକ୍ତ କାହାଣୀ **'ସ୍ୱଧର୍ମ'** ସମ୍ପର୍କରେ ତାଙ୍କର ଅଭିମତ ଏହିପରି :

''ଗୋଗୁର ଆକସ୍ମିକ ସମୃଦ୍ଧିର ଅର୍ଥ ନୁହେଁ ସେ ପଣ୍ଡିତଙ୍କ ତୁଳନାରେ ଭାଗ୍ୟବାନ୍। ଗୋଗୁର ଚେତନା ଅବିକଶିତ। ସେ ଯେଉଁ ବର ପାଇଲା, ତା' ପାଇଁ ତାହା ଦିଅଁଙ୍କ ସହ ଦର କଷାକଷିର ଫଳ ମାତ୍ର। ତା'ର ଅବିକଶିତ ଚେତନା ଓ ତା'ର କର୍ମ ଭିତରେ କିଛି ବ୍ୟବଧାନ ନଥିଲା। କିନ୍ତୁ ପଣ୍ଡିତଙ୍କ କଥା ଭିନ୍ନ। ସେ ତାଙ୍କ ଚେତନାର ଯେଉଁ ସ୍ତରରେ ଥିଲେ, ସେଠାରୁ ସେଭଳି କର୍ମ ନକଲେ ମଧ୍ୟ କରିବାର ଅଭିନୟ ମଧ୍ୟ ଅସଙ୍ଗତ। ସେଥିପାଇଁ ତାଙ୍କୁ ଦାରୁଣ କର୍ମଫଳ ଭୋଗିବାକୁ ପଡ଼ିଥା'ନ୍ତା। କିନ୍ତୁ ତାଙ୍କ ସୌଭାଗ୍ୟରୁ ସେ ଯଥାର୍ଥ ଚେତାବନୀ ପାଇଲେ। ଏ କାହାଣୀର ଏକ ରୂପ ସାରଳା ମହାଭାରତରେ ରହିଛି।''

(ତତ୍ତ୍ୱେବ : ପୃଷ୍ଠା : ୩୩୫)

ଭାରତ ପୃଥିବୀରେ ତା'ର ଯଥାର୍ଥ ଆସନ ଗ୍ରହଣ କରିବ କେବଳ ସେତିକିବେଳେ ଯେତେବେଳେ ସେ ପୂର୍ଣ୍ଣାଙ୍ଗ ଭାବରେ ହୋଇଉଠିବ ଦିବ୍ୟଜୀବନର ବାର୍ତ୍ତାବହ।

— ଶ୍ରୀମା

ମାନୁଷୀ ପ୍ରହେଳିକା

ସନ୍ତୋଷ ରଥ

ଆତ୍ମା ରୂପେ ଯା'କୁ ମଣିଛି ମଣିଷ,
ପ୍ରହେଳିକାମୟ ତା' ସଂଜ୍ଞା ବିନ୍ୟାସ । (୧)

ସଚେତନ ବୋଲି ବୃଥା ଆସ୍ଫାଳନ,
ନିଶ୍ଚେତନ ଫାଶେ ବାନ୍ଧିଛି ଜୀବନ । (୨)

ସୁଖର ସନ୍ଧାନେ ବିତେ ରାତି ଦିନ,
ଦୁଃଖ ବିଦ୍ୟାଳୟେ ତା'ର ଅଧ୍ୟୟନ । (୩)

ହୃଦୟ କନ୍ଦରେ ଭରା ହଟ୍ଟଗୋଳ,
ମାତ୍ର ସ୍ୱର୍ଗଶିଖା ତା ମଧ୍ୟେ ଉଜ୍ଜ୍ୱଳ । (୪)

ସୂକ୍ଷ୍ମ ଅଜ୍ଞାନତା ସମ୍ପତ୍ତି ଯାହାର,
ଉଧାର ଲୋଡୁଛି ଜ୍ଞାନର ସାଗର । (୫)

ମନ ବୋଲି ଯା'କୁ କରିଛି ଅର୍ଜ୍ଜନ,
ଅନନ୍ତଙ୍କ ତୀକ୍ଷ୍ଣ ସଂକୀର୍ଣ୍ଣ ନିଶାଣ । (୬)

ହେଲେ ବି ପଙ୍କିଳ ଜୀବନର ପଥ,
ପାରି ହେବା ପାଇଁ ଅଛି ତା' ସାମର୍ଥ୍ୟ । (୭)

ଜଡ଼ତାର ସମ ତା' କୃତ ବେଭାର,
ଆୟତ୍ତ କରଇ ଆତ୍ମାର ସମ୍ଭାର । (୮)

ଶକ୍ତିର ଚେର କରିଛି ବିସ୍ତାର,
ମଣୁଛି ନିଜର ଏ ସାରା ସଂସାର । (୯)

ଥାପିବା ସକାଶେ ନିଜ ଅଧିକାର,
ସଂଘର୍ଷ ହିଁ ତା'ର ଜୀବନର ସ୍ୱର । (୧୦)

ଅଜ୍ଞାନ-ସର୍ବସ୍ୱ ତା' କ୍ଷୁଦ୍ର ମାନସ,
ଆଲୋକ ସନ୍ଧାନେ ବଳିଛି ପ୍ରୟାସ । (୧୧)

ଅର୍ଦ୍ଧ-ଦେବ ପଶୁ ଦାନବ ଗୁଣରେ,
ସାଜେ ମୂର୍ଖ ଅବା ଦିବ୍ୟତ୍ୱ ବିତରେ । (୧୨)

ନିଜେ ହିଁ ନିଜର ଭାଗ୍ୟର ନିର୍ମାତା,
କେବେ ଦାସ ପୁଣି କେବେ ତା'ର ଭର୍ତ୍ତା । (୧୩) ❑

[ବି.ଦ୍ର. : '**ମାନୁଷୀ ପ୍ରହେଳିକା**' କବିତାଟି ଶ୍ରୀଅରବିନ୍ଦଙ୍କ ରଚିତ
'**Man the Enigma**' (CWSA, Vol. 2, p - 589) କବିତାକୁ ଭିତ୍ତି କରି ରଚିତ ।]

ଜ୍ଞାନ ବୃକ୍ଷ

ବନମାଳୀ ଆଚାର୍ଯ୍ୟ

ପୁଣ୍ୟତୋୟା ଗଙ୍ଗାନଦୀ ତଟଦେଶରେ ସୁପ୍ରସିଦ୍ଧ ଲକ୍ଷ୍ମୀନାରାୟଣ ମନ୍ଦିର । ପୁରାତନ ହେଲେ ବି ନୂତନ ଧାରାରେ ଏହାର ସୁରକ୍ଷା ଓ ସୌନ୍ଦର୍ଯ୍ୟ ପ୍ରତି ବିଶେଷ ଧ୍ୟାନ ଦିଆଯାଇଥାଏ । ପ୍ରାଚୀନ ସଂସ୍କୃତିର ଉଦ୍‌ଘୋଷଣା କରି ଆସୁଥିବା ଏହି ମନ୍ଦିରର ବର୍ତ୍ତମାନର ରୂପରେଖ ଓ ପୂଜାବିଧି ପର୍ଯ୍ୟଟକମାନଙ୍କୁ ଆକୃଷ୍ଟ କରେ । ମନ୍ଦିରର ମୁକ୍ତ ପ୍ରଶସ୍ତ ପ୍ରାଙ୍ଗଣକୁ ଲାଗି ଉଚ୍ଚ ଓସାରିଆ କଂକ୍ରିଟ୍ ରାସ୍ତା ଯାହା ଏକ ଶକ୍ତିଶାଳୀ ଆଡ଼ିବନ୍ଧ ଭାବେ ବନ୍ୟାକାଳରେ ମନ୍ଦିରକୁ ସୁରକ୍ଷିତ ରଖେ । ବାରାଣସୀ ପରିଭ୍ରମଣରେ ଆସୁଥିବା ବ୍ୟକ୍ତିମାନେ ଏ ସ୍ଥାନକୁ ଆସିବାକୁ ଭୁଲନ୍ତି ନାହିଁ । ବହୁ ଜନସମାଗମ ସତ୍ତ୍ୱେ ମନ୍ଦିର ପ୍ରାଙ୍ଗଣରେ ଅସ୍ୱାଭାବିକ ଓ ଅବିଶ୍ୱସନୀୟ ନୀରବତାର ଅନୁଭବ ମିଳେ ଯାହା କ୍ୱଚିତ୍ ଅନ୍ୟତ୍ର ମିଳିଥାଏ । ମନେହୁଏ କୌଣସି ଅଦୃଶ୍ୟ ଶକ୍ତିର ଉପସ୍ଥିତି ନୀରବତାର ମଧୁର ସ୍ୱାଦକୁ ବିତରଣ କରିଚାଲିଛି । ମନ୍ଦିର ପ୍ରାଙ୍ଗଣର ପ୍ରବେଶ ଦ୍ୱାର ସନ୍ନିକଟରେ ଶାଖାପ୍ରଶାଖା ମେଲାଇ କାହିଁ କେଉଁ କାଳରୁ ଠିଆ ହୋଇ ରହିଛି ଏକ ପ୍ରକାଣ୍ଡ ବରଗଛ । ପହରା ଦେଉଥିବା ଜଣେ ଅନୁଗତ ସେବକ ଭଳି ଏହା ଦର୍ଶନାର୍ଥୀମାନଙ୍କୁ ଅଭ୍ୟର୍ଥନା କରୁଛି ଏବଂ ମନ୍ଦିର ଓ ଗଙ୍ଗାନଦୀର ଦୃଶ୍ୟାବଳୀକୁ ଉପଭୋଗ କରୁଛି । ବରଗଛର ମୂଳକୁ ଲାଗି ଚାରିପାଖରେ ପଥର ନିର୍ମିତ ସୁନ୍ଦର ଚଉତରା । ମନ୍ଦିରରେ ଜୀବନବ୍ୟାପୀ ପୂଜାର୍ଚ୍ଚନା କରି ଆସିଥିବା ଏବଂ ବାର୍ଦ୍ଧକ୍ୟରେ ଉପନୀତ ଜଣେ ପୁରୋହିତ ପ୍ରତିଦିନ ସକାଳବେଳା ଏହି ଚଉତରା ଉପରେ ବସି ରହି ନଦୀ, ବୃକ୍ଷ ଓ ମନ୍ଦିର ଭିତରେ ନିଜ ଅତୀତକୁ ଖୋଜି ଚାଲନ୍ତି । ସତେ ଯେପରି ନିଃସଙ୍ଗ ଜୀବନ, ଅତୀତର ସ୍ମୃତି, ବଟବୃକ୍ଷର ସାନ୍ନିଧ୍ୟ ଓ ଭଗବାନଙ୍କ ଉପରେ ବିଶ୍ୱାସ ଓ ଭରସା ଭିତରଦେଇ ତାଙ୍କର ଅବଶିଷ୍ଟ ଜୀବନ ବିତିଯାଉ ବୋଲି ସେ ଇଚ୍ଛା କରିଛନ୍ତି ।

''ପଣ୍ଡିତଜି, ପ୍ରଣାମ ।''

''ଦୀର୍ଘାୟୁ ଭବ ।'' ପୁରୋହିତ ମହାଶୟ ମୁହଁ ବୁଲାଇ ଚାହିଁଲେ । ''ଆପଣ ତ ଓଡ଼ିଶାର ସେହି ପ୍ରଫେସର ଦାସ ? ଦୀର୍ଘଦିନ ପରେ ଆପଣଙ୍କ ସହ ସାକ୍ଷାତ୍ ବାସ୍ତବିକ ବଡ଼ ଖୁସିର କଥା । ଏଠାରେ ବସନ୍ତୁ । ଚାକିରିରୁ ଅବସର ନେଲେଣି ?''

''ଆଜ୍ଞା, ଅବସର ପରେ ଆପଣଙ୍କ ଅଞ୍ଚଳକୁ ବୁଲି ଆସିଛି । ଭାବିଛି, ଆସନ୍ତାକାଲି ଗଙ୍ଗାନଦୀରେ ସ୍ନାନସାରି ଭଗବାନଙ୍କୁ ଦର୍ଶନ କରିବି ।''

''ଏହା ତ ବହୁତ ଭଲ କଥା । ଆପଣଙ୍କ ପରି ବିଦ୍ୱାନ୍ ବ୍ୟକ୍ତିଙ୍କ ଠାରୁ ଏହା ଆଶା କରାଯାଉଛି ।''

''ଗଙ୍ଗାନଦୀରେ ସ୍ନାନ କଲେ କ'ଣ ପାପ ଧୋଇ ହୋଇଯାଏ ? ଏକଥା ମୁଁ ଲୋକମୁଖରୁ ଶୁଣିଛି । ଏ ପାପ ଆସେ କେଉଁଠୁ ? ଯାଏ କୁଆଡ଼େ ? ନଦୀଜଳ ତ ପୂର୍ବଭଳି ସମାନ ରହିଛି !''

କିଛି ମୁହୂର୍ତ୍ତର ନୀରବତା ପରେ ପୁରୋହିତ ମହାଶୟ କହିଲେ, ''ଏସବୁ ବିଶ୍ୱାସର କଥା । ଭଗବାନ୍ ସବୁଠାରେ ରହିଛନ୍ତି – ଜଳ, ସ୍ଥଳ, ଆକାଶ ଓ ସମଗ୍ର ସୃଷ୍ଟି – ସବୁକିଛିହିଁ ସେ । କାହାର ଅନ୍ୟ କିଛି ପରିଚୟ ନାହିଁ । ସେ ଆମ ଅନ୍ତର ଭିତରେ, ଆମ ଜୀବନ, କର୍ମ ଓ ଭାଗ୍ୟର କେନ୍ଦ୍ର ହୋଇ ରହିଛନ୍ତି । ତାଙ୍କ ଉପରେ ଲୟ ରଖି ଜୀବନ ବଞ୍ଚିବାହିଁ ସାଧନା । ଏହି ସାଧନାର ଅନ୍ୟ ନାମ ଗଙ୍ଗାସ୍ନାନ । ମନ ପାପପୁଣ୍ୟର ବିଚାର କରେ । ମାତ୍ର ସାଧନା ଜୀବନ ଏ ସବୁର ଊର୍ଦ୍ଧ୍ୱରେ । ସାଧନା ଜୀବନରେ ଆନ୍ତରପୁରୁଷ ଜୀବନକୁ ପରିଚାଳନା କରନ୍ତି । ମନୁଷ୍ୟ ଶାନ୍ତି, ଆନନ୍ଦ ଓ ପୂର୍ଣ୍ଣତା ଚାହେଁ ଯାହା କେବଳ ଭଗବାନ୍ ଦେଇଥା'ନ୍ତି । ପାପପୁଣ୍ୟ ସାଧାରଣ ଜୀବନର ଏକ ଆପେକ୍ଷିକ ସତ୍ୟ । ଆନ୍ତର ଶୁଦ୍ଧି ଆସିଲେ ଏପ୍ରକାର ଭାବ ରହେ ନାହିଁ । ଗଙ୍ଗାମାତା ଆତ୍ମଶୁଦ୍ଧିର ପ୍ରତୀକ । ଯେତେବେଳେ ଭଗବାନଙ୍କୁ ଛାଡ଼ି ଜୀବନ ବଞ୍ଚିବା କଷ୍ଟକର ବୋଧହୁଏ, ସେତେବେଳେ ଜୀବନ କେବଳ ତାଙ୍କୁହିଁ ଖୋଜେ । ସେ ଆମ ଜୀବନର ଲକ୍ଷ୍ୟ ହୋଇଯା'ନ୍ତି, କୌଣସି ପାପପୁଣ୍ୟ ନୁହେଁ ।''

ପୁରୋହିତେ ଚଉତରାରୁ ତଳକୁ ଓହ୍ଲାଇଲେ ଏବଂ ପ୍ରଫେସର ଦାସଙ୍କ ଠାରୁ ବିଦାୟ ନେଇ ଏକମୁହାଁ ଆଗକୁ ବଢ଼ିଲେ । ପ୍ରଫେସର ଲକ୍ଷ୍ୟ କଲେ, ପଣ୍ଡିତଜି ଯେପରି ଯନ୍ତ୍ରଚାଳିତ ଭଳି ନିର୍ବିକାର ଭାବରେ ଦୂରକୁ ଚାଲି ଯାଉଥିଲେ । ସେପରି ଜଣେ ମହାତ୍ମାଙ୍କର କିଛି କ୍ଷଣ ସାନ୍ନିଧ୍ୟ ଲାଭ କରିଥିବାରୁ

ସେ ନିଜକୁ ଧନ୍ୟ ମନେକଲେ । ତାଙ୍କ ମନରେ ତଥାପି କିଛି ଅସମାହିତ ପ୍ରଶ୍ନ ଥିଲା ଯାହାର ଉତ୍ତର ପାଇବାକୁ ସେ ବ୍ୟଗ୍ର ଥିଲେ । ଉତ୍ସୁକତାର ସହ ସେ ପରଦିନ ପଣ୍ଡିତଜିଙ୍କୁ ସାକ୍ଷାତ୍ କରିବା ସକାଶେ ପ୍ରତୀକ୍ଷା କଲେ । ଅଦୂରରେ ପ୍ରବହମାନ ଗଙ୍ଗାନଦୀର ଜଳ ଉପରେ ତାଙ୍କ ଦୃଷ୍ଟି ଲାଖିରହିଲା । ତାଙ୍କ ମନରେ ଭାବନାର ତରଙ୍ଗମାନ ସୃଷ୍ଟି ହେଲା । ଭାରତୀୟ ସଂସ୍କୃତି ଗଙ୍ଗାଜଳ ଭଳି ପବିତ୍ର । ଦିନ ଥିଲା ଯେତେବେଳେ ସୂର୍ଯ୍ୟବଂଶୀ ରାଜା ଭଗୀରଥ କଠୋର ତପସ୍ୟା ବଳରେ ପରାଜଗତର ମହାଦେବୀ ଗଙ୍ଗାମାତାଙ୍କୁ ଭଗବାନ୍ ଶିବଙ୍କ କୃପାଲାଭ କରି ଏହି ପାର୍ଥିବ ଜଗତ୍ ମଧ୍ୟକୁ ଅବତରଣ କରାଇ ଆଣିଥିଲେ । ତାଙ୍କ ପୂର୍ବଜମାନେ ଦେବୀଙ୍କର ସ୍ୱର୍ଗଲାଭ କରି ନର୍କ ଯନ୍ତ୍ରଣାରୁ ମୁକ୍ତିଲାଭ କରିଥିଲେ । ଯୁଗ ପରେ ଯୁଗ ବିତିଚାଲିଛି । ମାନବଜାତି ଗଙ୍ଗାଜଳର ଶୁଦ୍ଧତା ଓ ପବିତ୍ରତା ଭିତରେ ନିଜ ଆଧ୍ୟାତ୍ମିକ ଅଗ୍ରଗତିର ଅନୁସନ୍ଧାନ କରୁଛି । ପ୍ରତୀକାତ୍ମକ ଭାବେ ଗଙ୍ଗାଜଳ ଭିତରେ ଛପି ରହିଛି ମନୁଷ୍ୟଜାତିର ଆଧ୍ୟାତ୍ମିକ ମୁକ୍ତି ଓ ପୂର୍ଣ୍ଣତା ଲାଭର ସନ୍ଦେଶ । ଧନ୍ୟ ଏହି ଭାରତୀୟ ସଂସ୍କୃତି ଯାହାର ପ୍ରଭାବରେ ଅନୁପ୍ରାଣିତ ଭାରତୀୟମାନେ ନିଜ ଦେଶକୁ ମା' ଭାବରେ ଆଦର ଓ ଭକ୍ତି କରନ୍ତି, ଦେବୀ ଭାବରେ ପୂଜା କରନ୍ତି; ଏପରିକି ଦେଶମାତୃକା ପାଇଁ ଜୀବନ ଦେବାକୁ ଆଗେଇ ଆସନ୍ତି ଏବଂ ସ୍ରୋତସ୍ୱିନୀ ନଦୀ ରୂପରେ ପରମାଶକ୍ତିଙ୍କୁ ଉପାସନା ଓ ଆବାହନ କରନ୍ତି । ମହାଯୋଗୀ ଶ୍ରୀଅରବିନ୍ଦଙ୍କ ଦୃଷ୍ଟିରେ ଭାରତର ଧର୍ମ ସନାତନ ଧର୍ମ ଯାହା ଦିନେ ବିଶ୍ୱବାସୀଙ୍କୁ ଆଧ୍ୟାତ୍ମିକ ମୁକ୍ତି ଓ ପୂର୍ଣ୍ଣତାର ବାଟ ଦେଖାଇବ ଏବଂ ଭାରତ ସମଗ୍ର ବିଶ୍ୱର ଗୁରୁ ହେବ । ପ୍ରଫେସର ସୂକ୍ଷ୍ମ ଦୃଷ୍ଟିରେ ଦେଖି ପାରୁଥିଲେ ସମଗ୍ର ବିଶ୍ୱବ୍ୟାପୀ ଏକ ବିରାଟ ବଟବୃକ୍ଷ ଯାହାର ଶାଖାପ୍ରଶାଖା ସୁଦୂର ପ୍ରସାରିତ ଏବଂ ତାହାର ମୂଳ ଭାରତ ମାଟିରେ ଥାଇ ପବିତ୍ର ଗଙ୍ଗାନଦୀର ଜଳରୁ ଜୀବନୀଶକ୍ତି ଆହରଣ କରିଚାଲିଛି । ଏ ଦେଶ ଯେତିକି ବିଶାଳ, ଏହାର ମହିମାକୁ ବୁଝିବା ସେତିକି ଜଟିଳ । ପ୍ରଫେସରଙ୍କ ଚକ୍ଷୁରେ ଲୋତକ ଦେଖାଦେଲା ।

ପରଦିନ ପ୍ରଫେସର ପଣ୍ଡିତଜିଙ୍କୁ ଯଥାସ୍ଥାନରେ ଭେଟିଲେ । ପ୍ରଣାମ ଜଣାଇ ତାଙ୍କ ନିକଟରେ ବସିଲେ । ଦୁଇ ଜଣଙ୍କ ଭିତରେ ବାର୍ତ୍ତାଳାପ ଚାଲିଲା । ତାହା ମଧ୍ୟରେ ପଣ୍ଡିତଜି ପ୍ରଫେସର ପଚାରୁଥିବା ପ୍ରଶ୍ନଗୁଡ଼ିକର ଉତ୍ତର ଦେଇ ଚାଲିଥିଲେ । ଯେପରି ଦୁଇଟି ଆତ୍ମା ପରସ୍ପର କଥାବାର୍ତ୍ତା ହେଉଥିଲେ । ସହାସ୍ୟ ବଦନରେ ପୁରୋହିତ ମହାଶୟ ତାଙ୍କ ଅତୀତ ଜୀବନର କିଛି ଅନୁଭୂତି ବର୍ଣ୍ଣନା କଲେ । ''ଶ୍ରାବଣ ମାସର ଶେଷ ସମୟ । ଦିନସାରା ଅବିରାମ ବୃଷ୍ଟିର ତାଣ୍ଡବ । ଅପରାହ୍ଣରେ ବହଳ ଅନ୍ଧକାର ଜମି ଆସୁଥାଏ । ଚାରିଆଡ଼େ ବର୍ଷା ପାଣିର ସୁଅ । ମନ୍ଦିର ପ୍ରାଙ୍ଗଣ ଓ ବାହାର ଇଲାକା ପ୍ରାୟ ଜନଶୂନ୍ୟ । ଆଗରେ ଗଙ୍ଗାନଦୀ ଜଳ ଫୁଲି ଉଠୁଥାଏ । ଧୀରେ ଧୀରେ ଏହା ଭୟଙ୍କର ରୂପ ଧାରଣ କରୁଥାଏ । ଶୂନ୍‌ଶାନ ମନ୍ଦିର ପରିସରରେ ଏକାକୀ ମୁଁ ଏବଂ ମୋର ଜଣେ ସାଥୀ । ବାହାରେ ପାଦ ରଖିବାର କୌଣସି ଉପାୟ ନାହିଁ । ଆମକୁ ଆଶ୍ଚର୍ଯ୍ୟ କରି ବର୍ଷାରେ ଭିଜିଥିବା ଅବସ୍ଥାରେ ଜଣେ ତରୁଣୀ ମନ୍ଦିର ବେଢ଼ାରେ ପହଞ୍ଚିଲେ । ସେ ସମ୍ପୂର୍ଣ୍ଣଭାବେ ଏକାକୀ ଥିଲେ ଏବଂ ଅନ୍ୟମନସ୍କ ଜଣା ପଡୁଥିଲେ । ଭଗବାନଙ୍କ ମୂର୍ତ୍ତି ଆଗରେ ବ୍ୟବଧାନ ରଖି ତଳେ ମଥାଲଗାଇ ପ୍ରଣାମ କଲେ । ତାଙ୍କର ମୁଖମଣ୍ଡଳରେ ବିଶ୍ୱାସ, ଆସ୍ଥା ଓ ସମର୍ପଣ ଭାବ ବାରି ହୋଇ ପଡୁଥିଲା । ସେ ଗମ୍ଭୀର ଥିଲେ । ସେଦିନର ଅଭାବନୀୟ ପରିସ୍ଥିତି ମଧ୍ୟରେ ମନ୍ଦିରରେ ତାଙ୍କର ଅଚାନକ ଉପସ୍ଥିତି ଆମକୁ ଅସ୍ୱାଭାବିକ ଲାଗୁଥିଲା । ଆମେ ଜାଣିବାକୁ ପାଇଲୁ ସେ ଆସନ୍ନପ୍ରସବା ଥିଲେ । ଡାକ୍ତରଙ୍କ କଥା ସେ ଗୁପ୍ତରେ ଶୁଣିଥିଲେ ଯେ ପିଲାଟିଏ ଜନ୍ମ ହେବାପରେ ସେ ଆଉ ବଞ୍ଚିବେ ନାହିଁ । ତାଙ୍କ ସ୍ୱାମୀ ଥିଲେ ଏକାଦିକ୍ରମେ ବେପରୱା ଓ ନିଶାଗ୍ରସ୍ତ । ସେ ନିଜର ଜନ୍ମିତ ସନ୍ତାନକୁ ଭଗବାନଙ୍କ ଚରଣରେ ଅର୍ପଣ କରି ଶାନ୍ତିରେ ମରିବାକୁ ଚାହୁଁଥିଲେ । ନିଜର ଠିକଣାକୁ ସେ ଶେଷ ସମୟ ପର୍ଯ୍ୟନ୍ତ ଗୋପନ ରଖିଥିଲେ । ତାଙ୍କୁ କୌଣସି ଡାକ୍ତରଖାନାକୁ ନ ପଠାଇବା ପାଇଁ ସେ ବାରଂବାର ଅନୁରୋଧ କରିଥିଲେ । ତାଙ୍କର ମୋତେ ପିତା ସମ୍ବୋଧନ କରିବା ଆହୁରି ଅଡୁଆରେ ପକାଇ ଦେଇଥିଲା । ମୁଁ ଭଗବାନଙ୍କୁ ପ୍ରଣାମ କରି ମନେ ମନେ ସବୁକଥା ଜଣାଇଲି । ମୋ ସାଥୀଙ୍କୁ ପଠାଇ ଘରୁ ମୋ ଧର୍ମପତ୍ନୀ ଏବଂ ଜଣେ ଧାଇଙ୍କୁ ଡକାଇ ଆଣିଲି । ସେଦିନ ରାତିରେ ମନ୍ଦିର ପରିସର ମଧ୍ୟରେ ସେ ଶିଶୁପୁତ୍ରଟିଏ ଜନ୍ମଦେଇ ଶେଷ ନିଃଶ୍ୱାସ ତ୍ୟାଗ କଲେ । ପରଦିନ ସ୍ଥାନୀୟ ପୋଲିସର ଉପସ୍ଥିତିରେ ନଦୀପାଖ ଶ୍ମଶାନ ଘାଟରେ ତାଙ୍କର ଶବଦାହ କରାଗଲା । କେହି ବି ଜଣେ ତାଙ୍କର ଖୋଜଖବର ନେଇ ନଥିଲେ । ବୋଧହୁଏ ଭଗବାନଙ୍କ ଇଚ୍ଛା ଥିଲା ସେ ଶିଶୁପୁତ୍ରଟି ମୋ ନିକଟରେ ମଣିଷ ହେଉ । ଆଜି ସେ ଏହି ମନ୍ଦିରରେ ମୁଖ୍ୟ ପୁରୋହିତ ଭାବେ କାର୍ଯ୍ୟ କରୁଛି । ଏ ଘଟଣା ସତ୍ୟ ଓ

ବିସ୍ମୟକର, ମାନବୀୟ ବିଚାରର ଉର୍ଦ୍ଧ୍ୱରେ । ଭଗବାନଙ୍କ ଇଚ୍ଛାକୁ କେହି ଟାଳି ପାରିବ ନାହିଁ । ଦିନେ ଦିନେ ସେ ତରୁଣୀର ହସ ହସ ମୁହଁ ଏହି ନଦୀ ବକ୍ଷରେ ମୋତେ ଦେଖାଯାଏ, ହୁଏତ ମୃତ୍ୟୁ ପରେ ସେ ଶାନ୍ତିରେ ଅଛନ୍ତି ! ତାଙ୍କ ପୁତ୍ର ଭଗବାନଙ୍କ ସେବା କରୁଛି । ଭଗବାନଙ୍କ ସେବା ଅପେକ୍ଷା ଆଉ କ'ଣ ବଡ଼ ହୋଇପାରେ ? ସେ ଯାହା ଚାହିଁଥିଲେ, ଭଗବାନ୍ ସବୁ ପୂରଣ କରିଛନ୍ତି; ଏଥିରେ କୌଣସି ସନ୍ଦେହ ନାହିଁ ।''

ପଣ୍ଡିତଜିଙ୍କ ଠାରୁ ଜୀବନର ବାସ୍ତବ ଘଟଣାଟିକୁ ଶୁଣି ପ୍ରଫେସର ଅବାକ୍ ହୋଇଗଲେ । ତାଙ୍କ କଥା ଭିତରେ ଯେପରି ଯାଦୁ ଥିଲା । ସବୁକିଛି ବୁଝି ହେଉଥିଲା, ବିଶ୍ୱାସ କରି ହେଉଥିଲା, କାରଣ ସେଥିରେ ସତ୍ୟର ସ୍ପନ୍ଦନ ଥିଲା । ଜିଜ୍ଞାସୁ ମନ ନେଇ ସେ ପଣ୍ଡିତଜିଙ୍କୁ ପ୍ରଶ୍ନକଲେ, ''ମୃତ୍ୟୁ ପରେ ସେ ଶାନ୍ତିରେ ଅଛି – ମୃତ୍ୟୁପରେ କେଉଁ ପ୍ରକାର ଅସ୍ତିତ୍ୱର କଥା ଆପଣ କହୁଛନ୍ତି ? ମୃତ୍ୟୁପରେ କ'ଣ ଜୀବନ ଥାଏ ?'' ପଣ୍ଡିତଜି କହିଲେ, ''ତାହା ପ୍ରକୃତିର ଏକ ରହସ୍ୟମୟ କଥା । ଶରୀରର ମୃତ୍ୟୁପରେ ବି ଜୀବସତ୍ତା ପ୍ରାଣ, ମନ ଓ ଆତ୍ମା ବା ଚୈତ୍ୟସତ୍ତାକୁ ନେଇ ବିଚରଣ କରେ । ପ୍ରାଣିକ କାମନା ବାସନା ଓ ମନର ଇଚ୍ଛା ପୂରଣ କରିବା ଦିଗରେ ଲାଗି ରହେ । ସମୟକ୍ରମେ ପ୍ରାଣ ଓ ମନ ସତ୍ତାଟିର ମୃତ୍ୟୁ ହୁଏ । ଦେହ ଜଡ଼ଜଗତକୁ, ପ୍ରାଣ ପ୍ରାଣ-ଜଗତ୍ ଓ ମନ ମନ-ଜଗତକୁ ଲେଉଟି ଯାଏ । କେବଳ ଚୈତ୍ୟସତ୍ତା ଥାଏ । ଜୀବନର ଅଭିଜ୍ଞତାସବୁ ସେଥିରେ ଛାପି ହୋଇ ରହେ । ଜୀବସତ୍ତାଟି ଚୈତ୍ୟସତ୍ତା ସହ ଚୈତ୍ୟ-ଜଗତରେ ପରବର୍ତ୍ତୀ ଜନ୍ମ ପାଇଁ ଅପେକ୍ଷା କରେ । ଅବଶ୍ୟ ତରୁଣୀଟି ମୃତ୍ୟୁ ପରେ ପ୍ରାଣ ଓ ମନୋଭୂମିରେ ଥାଇ ନିଜ ସନ୍ତାନର ସୁରକ୍ଷା ଓ ବିକାଶ ଆଶା କରିଥିବ । ତାହା ହୋଇ ଥିବାର ଦେଖି ଆତ୍ମତୃପ୍ତି ଲାଭ କରି ଚୈତ୍ୟଜଗତକୁ ଚାଲିଯାଇଥିବ । ... ଜୀବନ ଏକ ଅବିରାମ ଗତି । ମୃତ୍ୟୁ ଏହାର ଶେଷ ପରିଣତି ନୁହେଁ । ମୃତ୍ୟୁ ଏକ ଦ୍ୱାର, ଯେଉଁ ବାଟ ଦେଇ ଜୀବନ ଗୋଟିଏ କୋଠରି ଛାଡ଼ି ଅନ୍ୟ କୋଠରିରେ ପ୍ରବେଶ କରେ । ଆପଣ ଉଚ୍ଚ ଶିକ୍ଷିତ ଓ ଅଭିଜ୍ଞ । ଆପଣଙ୍କ ବ୍ୟକ୍ତିତ୍ୱକୁ ମୁଁ ସମ୍ମାନ କରେ । ମହାଯୋଗୀ ଶ୍ରୀଅରବିନ୍ଦଙ୍କ ଦର୍ଶନ ପାଠ କରନ୍ତୁ । ସମସ୍ତ କିଛି ଜୀବନ ସମ୍ପର୍କୀୟ ରହସ୍ୟ ଆପଣଙ୍କ ଆଗରେ ଉନ୍ମୋଚିତ ହୋଇଯିବ ଏବଂ ସେସବୁ ଆପଣ ଭଲ ଭାବରେ ବୁଝିପାରିବେ । ସେଥିରେ ଜୀବନ-ସମସ୍ୟାର ସମାଧାନମାନ ରହିଛି । ଯାହାକିଛି ଆମେ ଦେଖୁଛନ୍ତି, ସେଥିରେ ଜୀବନର ସ୍ରୋତ ରହିଛି । ଯାହା ଦୃଶ୍ୟମାନ ନୁହେଁ, ସେଥିରେ ବି ତାହା ଚାଲିଛି ।'' ଏହାପରେ ପୁରୋହିତ ମହାଶୟ ନୀରବ ରହିଲେ । ଅତୀତର ସ୍ମୃତି ଭିତରେ ଓ ରହସ୍ୟମୟ ଅଭିଜ୍ଞତାର ବହୁଳତା ଭିତରେ ସେ ନିଜକୁ ହଜାଇ ଦେଇଥିଲେ ।

ପରଦିନ ପ୍ରଫେସର ବଟବୃକ୍ଷ ତଳେ ପଣ୍ଡିତଜିଙ୍କୁ ଅପେକ୍ଷା କରୁଥିଲେ । ସମୟ ଗଡ଼ିଚାଲିଲା, ମାତ୍ର ସେ ଆସିଲେ ନାହିଁ । ତାଙ୍କୁ ସାକ୍ଷାତ୍ କରିବାର ପ୍ରବଳ ବ୍ୟାକୁଳତାଟି ପ୍ରଫେସରଙ୍କ ଭିତରେ ତଥାପି ଉଜ୍ଜୀବିତ ଥିଲା । ଓଡ଼ିଶା ଫେରିବାର ନିର୍ଣ୍ଣୟ ନେଇ ସାରିଥିବାରୁ ଆଉ ଅପେକ୍ଷା ନକରି ଫେରିଯିବାକୁ ବାହାରିଲେ । ଏହି ସମୟରେ ରାସ୍ତା ଉପରେ ଆସୁଥିବା ଏକ ଶବ-ଶୋଭାଯାତ୍ରା ସେହି ବଟବୃକ୍ଷ ତଳେ ଅଟକିଲା । ବୋଧହୁଏ ପ୍ରଭୁଙ୍କୁ ଅନ୍ତିମ ପ୍ରଣାମ ଜଣାଇ ଶ୍ମଶାନଘାଟକୁ ଯାତ୍ରା କରିବ । ପ୍ରଫେସର କୋକେଇରେ ଶୋଇଥିବା ସେହି ଶବ ଉପରେ ଦୃଷ୍ଟି ପକାଇଲେ । ଶବକୁ ଦେଖି ସେ ଚମକି ପଡ଼ିଲେ । ଏହା ତ ତାଙ୍କର ଗୁରୁପ୍ରତିମ ପଣ୍ଡିତଜିଙ୍କ ଶବ ! ତାଙ୍କ ଚକ୍ଷୁରୁ ଅଶ୍ରୁଧାର ବହି ଆସିଲା । ସେ ଅନୁଭବ କଲେ, ତାଙ୍କ ମନର ଆକୁଳତାକୁ ବୁଝିପାରି ସେ ତାଙ୍କୁ ଶେଷ ଦର୍ଶନ ଦେଇଥିଲେ । ତାଙ୍କ ହୃଦୟରେ ଅସୀମ କୃତଜ୍ଞତାର ଭାବ । ପଣ୍ଡିତଜି ତାଙ୍କ ପାଇଁ ଜ୍ଞାନ ବୃକ୍ଷ ଥିଲେ । ତାଙ୍କର କଥା ତାଙ୍କ ଅନ୍ତରାତ୍ମାକୁ ସ୍ପର୍ଶ କରୁଥିଲା । ସେ ମନେ ମନେ ଭଗବାନଙ୍କୁ ଓ ପଣ୍ଡିତଜିଙ୍କୁ ପ୍ରଣାମ ଜଣାଇ ସେ ସ୍ଥାନ ପରିତ୍ୟାଗ କଲେ । ମନକୁ ମନ ସେ କହି ଉଠିଲେ, ''ପଣ୍ଡିତଜିଙ୍କ ସହ ମୋର ସାକ୍ଷାତ୍ କୌଣସି ସାଧାରଣ ଘଟଣା ନଥିଲା । ତାଙ୍କର ଅନ୍ତିମ ଦର୍ଶନ ପାଇବା ସକାଶେ ନିୟତି ମୋତେ ତାଙ୍କ ନିକଟକୁ ଟାଣି ଆଣିଥିଲା । କାରଣ ମୁଁ ତାଙ୍କ ସହିତ ଆତ୍ମା-ସ୍ତରରେ ଅନୁବନ୍ଧିତ ଥିଲି ।''

ଦିବ୍ୟଜନନୀ ଶ୍ରୀମା କହିଛନ୍ତି :

"Sincere devotion is much more effective than the Ganges water."

(CWM, Vol. 14, p. 98)

''ଗଙ୍ଗାର ଜଳଠାରୁ ନିଷ୍ଠାଯୁକ୍ତ ଭକ୍ତି ଅଧିକ ଫଳ ଦେଇପାରିବ ।'' – ଶ୍ରୀମା

❑❑❑

କଳ୍ପନାର ଅନ୍ୱେଷଣରେ

ସୁନନ୍ଦା

ସନ୍ଧ୍ୟା ଯାଇ ରାତି ଘନେଇ ଆସୁଥାଏ । ଗୋଟିଏ ଛୋଟ କୁଡ଼ିଆରୁ ବାଳକଟିଏ ପଦାକୁ ଆସିଲା । ଖୁବ୍ ସନ୍ତର୍ପଣରେ କବାଟଟି ବନ୍ଦ କରି କନକନ ହୋଇ ଚାରିଆଡ଼କୁ ଚାହିଁଲା । ନା – କେହି ତାକୁ ଦେଖୁ ନାହାନ୍ତି । ବାତାବରଣ ବେଶ୍ ଚୁପ୍‌ଚାପ୍ ଓ ଅନ୍ଧାରୁଆ ଥିଲା । ଛାଇଛାଇକା ଆଲୁଅର ପ୍ରଶାନ୍ତି ଭିତରେ ସବୁକିଛି ସତେଜ ଥିଲା । ବାଳକଟି ପାଦ ଚିପିଚିପି ନୀରବରେ ଚାଲୁଥିବା ପରି ଜଣାପଡୁଥିଲା ।

ବିଜୟ – ଏଇ ଛୋଟ ବାଳକଟିର ନାଁ । ସେ ବଡ଼ କଳ୍ପନା-ବିଳାସୀ ଥିଲା । ତା'ର ଛୋଟ ଘର ଭିତରେ ସେ ବିରାଟ ପାହାଡ଼ର କଳ୍ପନା କରୁଥିଲା ଏବଂ ଖୁବ୍ ଆଗ୍ରହ ଓ ପ୍ରବଳ ଆବେଗର ସହ ତା' ଉପରେ ଚଢ଼ିବାର ମଜା ପାଉଥିଲା । ତା'ର ଠକ୍ ଠକ୍ ଶୁଖିଲା ଘରଟାରେ ପ୍ରବଳ ଜଳସ୍ରୋତର କଳ୍ପନା କରି ପାଣିରେ ଲୁଗା ଓଦା ହୋଇଯିବା ଆଶଙ୍କାରେ ତାକୁ ଉପରକୁ ଟେକି ଧରୁଥିଲା । କିନ୍ତୁ ଦୁର୍ଭାଗ୍ୟର କଥା, ସ୍କୁଲରେ ଯେତେବେଳେ ଶିକ୍ଷକ ଗପଟିଏ ଲେଖିବାକୁ କହୁଥିଲେ ସେ ସିନା ଲେଖୁଥିଲା, ହେଲେ ସେଇଟି ଶିକ୍ଷକଙ୍କ ମନକୁ ଯାଉ ନଥିଲା । ସେ ମନ୍ତବ୍ୟ ଦେଉଥିଲେ, ''ବିଜୟ, ତୋର କଳ୍ପନାଶକ୍ତି ଏତେ ଟିକିଏ ବି ନାହିଁ ।''

ଶ୍ରେଣୀରେ ଏ ପ୍ରକାର ମନ୍ତବ୍ୟ ଶୁଣି ବିଜୟ ଆଘାତ ପାଉଥିଲା ବୋଲି ତା'ର ହାବଭାବରୁ ସ୍ପଷ୍ଟ ଜଣା ପଡୁଥିଲା । ଏହି କଳ୍ପନା ଜିନିଷଟି କ'ଣ ହୋଇପାରେ – ଏ ନେଇ ସେ ଭାରି ବିସ୍ମିତ ହୋଇ ଯାଉଥିଲା । ଏ ବିଷୟରେ ସେ ବହୁତ ଚିନ୍ତା କରୁଥିଲା । ଏପରିକି ଶୋଇବା ସମୟରେ ଏବିଷୟରେ ସ୍ୱପ୍ନ ଦେଖୁଥିଲା । ଦିନେ ଓଠରେ ମଧୁର ହସ ଫୁଟାଇ ହାତରେ ରୁପାର ଛଡ଼ି ଧରିଥିବା ପରୀଟିଏ ସେ ସ୍ୱପ୍ନରେ ଦେଖିଲା । ସେ ପରୀ ରୁପେଲି ଶାଢ଼ି ପିନ୍ଧି ନୀଳବର୍ଣ୍ଣର ଓଢ଼ଣି ପକାଇ ଥିଲେ । ବିଜୟ ସେ ଦୃଶ୍ୟରେ ଚମକି ପଡ଼ିଲା । କିନ୍ତୁ ପରୀଜଣକ ପାଖକୁ ଆସିଲେ ଓ କହିଲେ, ''ବାବୁରେ, ବ୍ୟସ୍ତ ହୁଅନା । ମୁଁ ତୋତେ ସାହାଯ୍ୟ କରିବାକୁ ତୋ ପାଖକୁ ଆସିଛି ।'' ବିଜୟ ତାଙ୍କୁ ଛୁଇଁବାକୁ ତାଙ୍କ ଆଡ଼କୁ ହାତ ବଢ଼ାଇଲା; କିନ୍ତୁ ସେ ପଛକୁ ଘୁଞ୍ଚିଯାଇ କହିଲେ, ''ନାଁ, ବିଜୟ, ମୋତେ ଛୁଇଁବାକୁ ଚେଷ୍ଟା କରନା । ମୁଁ ସତସତିକା ଏକ ପରୀ ନୁହେଁ, କେବଳ ଏକ ସ୍ୱପ୍ନର ପରୀ । ତୁ କ'ଣ ଚାହୁଁଛୁ କହ, ପରୀରାଣୀହିଁ ତୋ ଇଚ୍ଛା ପୂରଣ କରିବେ ।''

ବିଜୟ ହାତ ଫେରାଇ ଆଣିଲା । ହଠାତ୍ କାନ୍ଦି ପକାଇ କହିଲା, ''ହେ ମୋର ମଧୁଝରା ପରୀ ! ମୋତେ ତୁମେ କଳ୍ପନା ଶକ୍ତି ଦେଇପାରିବ ?'' ପରୀ ହସି ହସି କହିଲେ, ''ନିଶ୍ଚୟ, କିନ୍ତୁ ... ଏବେ ନୁହେଁ, କାଲି ତୁ ସେ ଶୁଖିଲା ବଣକୁ ଆସିବୁ । ସେଇଠି ତୋ' ଇଚ୍ଛା ପୂରଣ ହେବ ।'' ତା'ପରେ ସେ ପବନରେ ମିଳାଇ ଗଲେ ।

ତା' ପରଦିନ ସନ୍ଧ୍ୟା ପର୍ଯ୍ୟନ୍ତ ଘରୁ ଖସି ଯିବାକୁ ବିଜୟ କୌଣସି ସୁଯୋଗ ପାଇଲା ନାହିଁ । ଯେତେବେଳେ ଘରେ ସମସ୍ତେ ନିଜ ନିଜ କାମ ନେଇ ବ୍ୟସ୍ତ ଥିଲେ ସେ ଧୀରେ ଧୀରେ ଘରୁ ବାହାରି ଆସି ଚାଲିଲା କଳ୍ପନାର ଅନୁସନ୍ଧାନରେ ।

ଶୁଖିଲା ବଣରେ ପହଞ୍ଚି ସେ ଆନନ୍ଦରେ ଉଲ୍ଲସି ଉଠିଲା । କଳ୍ପନାକୁ ପାଇବା ଆଶାରେ ତା' ହୃଦୟ ପୂରି ଉଠୁଥିଲା । ସେ ସେହି ବଣରେ ଆଗକୁ ଆଗକୁ ଚାଲୁଥାଏ । ତା'ର ମନେହେଲା, ସତରେ ଜଙ୍ଗଲଟି ଶୁଖିଲା ଓ ମଳିନ ଦିଶି ତା' ନାଁର ସାର୍ଥକତା ଆଣୁଛି । ସତସତିକା ପରୀରାଣୀକୁ ଦେଖିବା ଆଶାରେ ସେ ଦୃଢ଼ମନ ନେଇ ଆଗଉ ଥାଏ । ଧୀର ପବନରେ ଶୁଖିଲା ପତ୍ରର ଖସ୍‌ଖସ୍ ଶବ୍ଦରେ ଏକ କାନ୍ଦ କାନ୍ଦ ସ୍ୱର ଶୁଣି ତା'ର ସମସ୍ତ ଆନନ୍ଦ ପାଣି ଫାଟିଗଲା । କାରଣ ସେ ସ୍ଥାନ ଓ ସମୟ, ନୀରବ, ଗମ୍ଭୀର ପରିବେଶ ତା' ଉପରେ ଏକ ନୈରାଶ୍ୟର ପ୍ରଭାବ ପକାଉଥିଲା । ସେଠାକାର ସେ ନିଥର ନୀରବତାକୁ ମଝିରେ ମଝିରେ ବହୁ ଦୂରରୁ ଭାସି ଆସୁଥିବା ଗୋଟିଏ ପକ୍ଷୀର କରୁଣ ରାଗିଣୀ ଭାଙ୍ଗି ଦେଉଥିଲା । ବିଜୟର ଆଶଙ୍କା ହେଲା, ସେ କ'ଣ ପ୍ରତାରିତ ହୋଇଛି ? ତା'ର ଘରକୁ ଫେରିଯିବାଟା କ'ଣ ବହୁତ ଭଲ ହେବ ? କିନ୍ତୁ ଆଶ୍ଚର୍ଯ୍ୟର କଥା ସେ ବୁଲି ପଡ଼ିବା ମାତ୍ରେ ସମସ୍ତ ଭୟ ଓ ଆଶଙ୍କାକୁ ଠୁଳ କରି ଗଛଗୁଡ଼ିକ ପରସ୍ପର ଲାଗିଯାଇ ତା' ବାଟ ଓଗାଳିଲେ । ସେ ପୁଣି ଆଗକୁ ଯିବା ଛଡ଼ା ଅନ୍ୟ ଉପାୟ ନଥିଲା । ସେ ଅନୁଭବ କରୁଥିଲା, ତା'ର ଆଗକୁ ଯିବାଟା ଧୀରେ ଧୀରେ

ଘର ଓ ତା' ମଧ୍ୟରେ ଥିବା ସେତୁକୁ ଜାଳିପୋଡ଼ି ନଷ୍ଟ କରିଦେବା ଭଳି ହେଉଛି ।

ସେହି ନୀରବତା ମଧ୍ୟରେ ସେ ହଠାତ୍ ଏକ ଶବ୍ଦ ଶୁଣିବାକୁ ପାଇଲା । ଶବ୍ଦଟି ପାଖକୁ ଆସୁଥିବାର ଲକ୍ଷ୍ୟ କରି ସେ ଖୋଜିଲା ଖୋଜିଲା ଆଖିରେ ଚାରିଆଡ଼କୁ ଚାହିଁଲା ଓ କାନଦେଇ ଶୁଣିଲା । ଏକ ସୁମଧୁର କ୍ଷୀଣ ଶବ୍ଦ ବହୁ ଦୂରରୁ ଧୀର ପବନରେ ଭାସି ଆସୁଥାଏ । ବୁଦାଗୁଡ଼ିକୁ ଆଡ଼େଇ ଆଡ଼େଇ ସେ ଶବ୍ଦ କେଉଁଠୁ ଆସୁଛି ଜାଣିବାକୁ ଉଙ୍କିମାରି ଚାହିଁଲା । ଆରେ, କି ଆଶ୍ଚର୍ଯ୍ୟର କଥା ! ତା'ର ସ୍ୱପ୍ନର ପରୀ ଜଣକ ଗୋଟିଏ ଗଛ ନିକଟରେ ଠିଆ ହୋଇଛନ୍ତି । ତାଙ୍କର ସେଇ ରୁପେଲି ଓ ନୀଳ ପୋଷାକରେ ସମଗ୍ର ବଣଟିକୁ ସେ ଆଚ୍ଛାଦିତ କରି ରଖିଲା ପରି ବୋଧ ହେଉଥିଲା । ବିଜୟ ତାଙ୍କ ଆଡ଼କୁ ଧାଇଁଯାଇ ତାଙ୍କ ହାତକୁ ଧରି ପକାଇଲା । ସେ ଟିକିଏ ହସି ବିଜୟକୁ ଧରି କିଛିବାଟ ଆଗେଇ ଗଲେ । ସେଠାରେ ଗୋଟିଏ ସବୁଜ ଗଛ ହଳଦିଆ ଫୁଲରେ ମଣ୍ଡିତ ହୋଇଥାଏ । ଏ ଦୃଶ୍ୟରେ ବିଜୟର ଆଖି ଖୋଷି ହୋଇଗଲା । ସେ ପରୀଙ୍କୁ ପଚାରିଲା, ''ହେ ମଧୁମୟି ପରି, ଏଇଟି କ'ଣ ଗୋଟିଏ ଅଲଗା ଗଛ ? ସବୁ ଶୁଖିଲା ଗଛ ଭିତରେ ଏଇଟି କେମିତି ଫୁଲପତ୍ରରେ ଭରି ଉଠିଛି ଯେ ?''

ପରୀ କହିଲେ, ''ବାବୁରେ, ଦେଖ୍, ଏଇଟି ଗୋଟିଏ କଳ୍ପନା ଗଛ । ଏହା ଯେକୌଣସି ସ୍ଥାନରେ ବଢ଼ିପାରିବ । ତୁ ପରା କଳ୍ପନା ଚାହୁଁଥିଲୁ ? ଠିକ୍ ଅଛି, ତୁ ଏବେ ଏଇ ଗଛର ଫୁଲଭରା ଡାଳଦୁଇଟି ଉପରକୁ ଚଢ଼ିଯା' । ଆଖି ବନ୍ଦ କରିଦେବୁ । ତା'ପରେ ତୁ ନିଶ୍ଚୟ କଳ୍ପନାକୁ ପାଇଯିବୁ ।'' ଏହା କହିସାରି ସେ କୁଆଡ଼େ ଲୁଚିଗଲେ ।

ବର୍ତ୍ତମାନ ବିଜୟ ଗଛ ଚଢ଼ି ଯେତେବେଳେ ଆଖି ବନ୍ଦ କରିଦେଲା, ସେ ଅନୁଭବ କଲା, ଗଛଟି ମାଟିରୁ ଉପୁଡ଼ି ପଡ଼ି ଆକାଶରେ ଉଡୁଛି । ପାହାଡ଼, ନଦୀ, ବଣ, ଝରଣା ଏବଂ ଶୁଷ୍କ ମରୁଭୂମି ସେ ଅତିକ୍ରମ କରିଯାଉଛି । ପୁଣି ଅନୁଭବ କଲା, ସେ ଯେମିତି ଚନ୍ଦ୍ରରେ ପହଞ୍ଚିଯାଇଛି । ପୁଣି ଧୀରେ ଧୀରେ ବଢ଼ି ଯାଇଥିବା ଅଙ୍କାବଙ୍କା ନଈରେ ସେ ତା' ନୌକା ଚଳାଇ ନେଉଛି । ନୌକା ଭିତରେ ବସି ସେ ପାଣିରେ ତା' ପ୍ରତିବିମ୍ବ ଦେଖିବାକୁ ପାଉଛି ତ ପୁଣି ପୃଥିବୀର ଲୋକମାନେ ନଦୀକୂଳରେ ବସି ତାକୁ ପ୍ରଶଂସା କରୁଛନ୍ତି । ଝରଣା ଜଳରେ ସେ ତା' ଚେହେରାର ଛାଇ ଦେଖିଲା । ଚନ୍ଦ୍ରରେ ଥିବା ପିଲାକୁ ଝରଣା ଜଳର ପିଲାଟି ଧରିବାକୁ ଚେଷ୍ଟା କରୁଛି ଯେମିତି ।

କେତେବେଳେ ଏକ ଦେବଶିଶୁ ରୂପେ ସେ ରାବଣର ଦଶଟି ମୁଣ୍ଡକୁ ତା' ଶକ୍ତି ବଳରେ କାଟି ଦେଇପାରୁଛି ତ କେତେବେଳେ ପୁଣି ନୃସିଂହ ଭଗବାନ୍ ହୋଇ ହିରଣ୍ୟକଶିପୁର ଦର୍ପ ଚୂର୍ଣ୍ଣ କରୁଛି ।

ଏସବୁ ଅନୁଭୂତି ପରେ ତାକୁ ଲାଗିଲା ଯେମିତି ସେ ଗଛଟି ତଳକୁ ଖସୁଛି । ଗୋଟିଏ ପୁରୁଣା ଦୁର୍ଗ ନିକଟରେ ଗଛଟି ଅଟକି ଗଲା । ପ୍ରବେଶ ଦ୍ୱାରଟି ଖୋଲା ଥିଲା । ସେଇଟି ଗୋଟିଏ ଶକ୍ତ ଲୁହା କୋଠରି ଥିଲା । ଚାରି ଆଡ଼କୁ ଚାହିଁ ଜଣେ ହେଲେ ବି ଜୀବନ୍ତ ବ୍ୟକ୍ତି ସେ ଦେଖିବାକୁ ପାଇଲାନି । ବହୁ ଦ୍ୱାର ମଧ୍ୟରେ କେବଳ ଗୋଟିଏହିଁ କବାଟ ଖୋଲା ଥିଲା । ସେ ତା' ଭିତରକୁ ପଶିଲା । ଏପରି ଏକ ବିଚିତ୍ର ସ୍ଥାନକୁ ତାକୁ କାହିଁକି ଅଣାଗଲା ଭାବି ସେ ବିସ୍ମିତ ହେଉଥିଲା । ତା' ଆଗରେ ଗୋଟିଏ ଛୋଟ କୋଠରି ଥିଲା । ସେଇଟି ବିଭିନ୍ନ ପ୍ରକାର ବିଚିତ୍ର ଜିନିଷରେ ପୂର୍ଣ୍ଣ ଥିଲା । ସେ ଜାଣିପାରୁ ନଥିଲା – ଆଗକୁ ଯିବାର ଉପାୟ କ'ଣ ? ସେ ଗୋଟିଏ ପାଦ ଆଗକୁ ବଢ଼ାଇବା ବେଳକୁ ତା' ଭିତରେ ଥିବା ଭୟ ତା'କୁ ଦୁଇପାଦ ପଛକୁ ଟାଣୁଥିଲା । ଏହି ସମୟରେ ସେ ଏକ ସ୍ୱର ଶୁଣିଲା, ''ବାବୁରେ, କଳ୍ପନା ନୁହେଁ ଆହୁରି ଅନେକ ଉଚ୍ଚତର ଜିନିଷ ଆହରଣ କରିବାର ଅଛି । ଏହା ସତ ଯେ କଳ୍ପନାଶକ୍ତି ତୋତେ ଅନେକ ଆନନ୍ଦ ଦିଏ, ତୋର ଚିନ୍ତା-ଶକ୍ତିକୁ ପ୍ରଶସ୍ତ କରେ, ଭଲ ଭଲ ପ୍ରବନ୍ଧ ଲେଖିବାକୁ ସାହାଯ୍ୟ କରେ, କିନ୍ତୁ ତୁ ତ ଆଉ ସବୁଦିନ ସେଇଠି ଅଟକି ଯିବୁନି । ଦୃଢ଼ ମନୋବଳ ରଖ୍ ଏ କୋଠରି ପାର ହୋଇ ଯା' । ଏକ ମହନୀୟ ଲକ୍ଷ୍ୟରେ ପହଞ୍ଚିବାକୁ ହେଲେ ତୋତେ ଆହୁରି କଷ୍ଟ ଓ ଯନ୍ତ୍ରଣା ସହିବାକୁ ପଡ଼ିବ ।'' ସେ ନୂତନ ଶକ୍ତି ନେଇ ଆଗେଇବାକୁ ଲାଗିଲା । ଝିଟିପିଟି ଆଦିରେ ପୂର୍ଣ୍ଣ ସେ ଆଉ ଗୋଟିଏ କୋଠରିରେ ପ୍ରବେଶ କଲା । ତାକୁ ଡର ଲାଗୁଥିଲା ସିନା, କିନ୍ତୁ କିଛି ସମୟ ପୂର୍ବରୁ ଶୁଣିଥିବା କଥା ତା' କାନରେ ଗୁଞ୍ଜରିତ ହେଲା । ତେଣୁ ସେଆଡ଼କୁ ଆଉ ଦୃଷ୍ଟି ନଦେଇ ସେହି କୋଠରି ପାର ହୋଇଗଲା ।

ପରେ ଏକ ବଡ଼ କୋଠରିରେ ପହଞ୍ଚି ଖାଦ୍ୟ ପ୍ରସ୍ତୁତ ହୋଇ ରହିଥିବାର ଦେଖିଲା । ତାକୁ ଭୋକ ଲାଗୁଥିଲା, ସେ ଡେରି ନକରି ଟେବୁଲ ପାଖରେ ବସି ଖାଇବା ଆରମ୍ଭ କରିଦେଲା । ଟେବୁଲ ଉପରେ ତା'ର କେତେକ ଅତି ପ୍ରିୟ ଖାଦ୍ୟ ଥିଲା ଓ ଆଉ କେତେ ସେ ଆଗ୍ରହରେ ଖାଉ ନଥିବା ଖାଦ୍ୟ ବି ଥିଲା । 'ବଞ୍ଚିବା ପାଇଁ ଖାଅ, ଖାଇବା ପାଇଁ ବଞ୍ଚ

ନାହିଁ– କୌଣସି ବହିରେ ପଢ଼ିଥିବା କଥା ତା'ର ମନେ ପଡ଼ିଗଲା ।

ତେଣୁ ପ୍ରଥମେ ରୁଚିକର ଖାଦ୍ୟକୁ ନଛୁଇଁ କେତୋଟି ପାଉଁରୁଟି ଖାଇଲା । ଯେତେବେଳେ ସେ ଅନ୍ୟ ଜିନିଷଗୁଡ଼ିକୁ ଆଣିବାକୁ ଚାହୁଁଥିଲା, ସ୍ୱର୍ଗମାତ୍ରେହିଁ ସେଗୁଡ଼ିକ ଉଭେଇ ଯାଉଥିଲା । ବିଜୟ ପଢ଼ିଥିବା କଥାକୁ ଠିକ୍ ଭାବେ ବୁଝିପାରିଲା । କୌଣସି ଲୋଭ ନରଖି ସେ ଖାଦ୍ୟରୁ କିଛି ଖାଇଲା ଓ ପୁଣି ଯାତ୍ରା ଆରମ୍ଭ କଲା ।

ଶେଷରେ ସେ ଗୋଟିଏ ପ୍ରଶସ୍ତ କୋଠରିରେ ପହଞ୍ଚିଲା । କୋଠରିର ପରିବେଶ ଏପରି ଥିଲା ଯେ ବିଜୟଠାରେ ଥିବା ସମସ୍ତ ଅହଂକାର କୁଆଡ଼େ ମିଳେଇଗଲା ଏବଂ ସେ ଅତି ବିନମ୍ରତାର ସହ ତା' ଭିତରକୁ ଗଲା । କାନ୍ଥଗୁଡ଼ିକ ଧଳା ଦିଶୁଥିଲା । ସ୍ଥାନଟି ଗଭୀର ନୀରବତା ଓ ପ୍ରଚ୍ଛନ୍ନ ଆନନ୍ଦରେ ପୂରି ରହିଥିଲା । ଡାହାଣ ପାଖରେ ଏକ ଧଳା ପରଦା ଦେଇ ନୀଳ ଆଲୋକ ଅନିୟମିତ ଭାବେ ପ୍ରବାହିତ ହେଉ ଥିଲା । ତା'ର ମୁଣ୍ଡ ତଳକୁ ନଇଁ ଆସିଲା । ପ୍ରାର୍ଥନା ମୁଦ୍ରାରେ ମନକୁ ମନ ହାତ ଯୋଡ଼ି ହୋଇଗଲା । ସେହି ଆଲୋକ ତା' ଶରୀରକୁ ଭେଦ କରୁଥିବାର ତା'ର ମନେ ହେଲା । ସେ ଧୀରେ ଧୀରେ ମୁଣ୍ଡ ଉଠାଇଲା । ତା' ଆଗରେ ରକ୍ତପଦ୍ମ ନିର୍ମିତ ହୃଦୟାକୃତି ଆସନରେ ତା' ପରୀ ବିରାଜିତ ଅଛନ୍ତି । ତାଙ୍କ ଦେହରୁ ଏକ ସ୍ନିଗ୍ଧ ଆଲୋକ ବାହାରୁଛି । ସେ ଆଲୋକ ଯେପରି ସ୍ମିତହାସ୍ୟ ସହ ତାଙ୍କ ଓଠ ଓ ଆଖିରୁ ବିଚ୍ଛୁରିତ ହେଉଛି । ତାଙ୍କର ସ୍ୱଚ୍ଛ ଆଖି ଏତେ ସୁନ୍ଦର ଥିଲା ଯେ ବିଜୟ ସେ ବିଷୟରେ ଚିନ୍ତା କରି ପାରୁ ନଥିଲା । ସେ ଆଣ୍ଠୁମାଡ଼ି ବସିପଡ଼ିଲା ଓ ତା' ମୁଣ୍ଡକୁ ତାଙ୍କ ପାଦ ତଳେ ରଖିଲା । ପରୀଜଣକ ତା' ମୁଣ୍ଡରେ ହାତ ରଖି କହିଲେ, ''ମୁଁ ଆଶା କରୁଛି ତୁ ତୋ' କଳ୍ପନା ଅନୁସନ୍ଧାନରେ ସନ୍ତୁଷ୍ଟ ହୋଇଥିବୁ । କିନ୍ତୁ କଳ୍ପନାଠାରୁ ଆହୁରି ଅନେକ ଉଚ୍ଚତର ଜିନିଷ ଲାଭ କରିବା ବିଷୟରେ କିଛି ଧାରଣା ପାଇଥିବୁ ନିଶ୍ଚୟ ।''

କିଛି ସମୟ ପାଇଁ ସବୁ ଅନ୍ଧାର ହୋଇଗଲା । ସେ ଏବେ ଘରକୁ ଫେରୁଥିବାର ଜାଣିପାରିଲା । ସେ ପୁଣି ତା'ର ସେହି ପରୀ-ମା'ଙ୍କୁ ଦେଖିବାକୁ ବ୍ୟାକୁଳ ହୋଇ ପଡୁଥିଲା । କିନ୍ତୁ ... ସେ ଆଉ ସେଠାରେ ନଥିଲେ । ତା' ହୃଦୟ ଆସନରେ ସବୁଦିନ ପାଇଁ ସେତେବେଳକୁ ସେ ଅଧିଷ୍ଠିତା ହୋଇ ସାରିଥିଲେ । ଘରେ ପହଞ୍ଚିବା ପୂର୍ବରୁ ସେ ପୁଣି ଥରେ ତାଙ୍କ ସହ ଦେଖା ହେଲେ 'ଉପଲବ୍ଧି' ବୃକ୍ଷ ପାଖକୁ ଏକ ଯାତ୍ରା ନିମନ୍ତେ ଅନୁରୋଧ କରିବା ପାଇଁ ସ୍ଥିର କଲା ।

('*Stories and Plays for Children*' ପୁସ୍ତକରୁ)

ଅନୁବାଦ : ବିଜୟ କୁମାର ପାଣି

❑❑❑

ଛୋଟ ପିଲାମାନେ ଅଦ୍ଭୁତ । ତାଙ୍କ ପାଖରେ ସବୁକିଛି ଆବଶ୍ୟକ ଜିନିଷ ପହଞ୍ଚାଇ ଦେଇ ତାଙ୍କୁ ନିଜେ ଗଢ଼ି ହେବାକୁ ଛାଡ଼ିଦେବା ଯଥେଷ୍ଟ ହେବ । ନିତାନ୍ତ ଆବଶ୍ୟକ ନ ହେଲେ ତାଙ୍କ କାର୍ଯ୍ୟରେ କେବେହେଲେ ହସ୍ତକ୍ଷେପ କର ନାହିଁ । ତାଙ୍କୁ ନିଜେ ମଣିଷ ହେବାକୁ ଛାଡ଼ିଦିଅ । ତାଙ୍କୁ କେବେହେଲେ ଗାଳିଦିଅ ନାହିଁ ।

*

ସାତବର୍ଷ ପର୍ଯ୍ୟନ୍ତ ପିଲାମାନେ ନିଜେ ଉପଭୋଗ କରନ୍ତୁ । ବିଦ୍ୟାଳୟ ଖେଳଘର ପରି ହେବା ଉଚିତ । ସେମାନେ ଖେଳୁ ଖେଳୁ ଶିଖିବେ । ଖେଳ ମଧ୍ୟରୁ ସେମାନଙ୍କର ଶିଖିବାର, ଜାଣିବାର ଓ ଜୀବନକୁ ବୁଝିବାର ରୁଚି ବିକଶିତ ହେବ । କେଉଁ ପ୍ରଣାଳୀ ଅବଲମ୍ବନ କରୁଛ ତାହା ସେତେ ବଡ଼ କଥା ନୁହେଁ । ଶିକ୍ଷକ କେଉଁ ମନୋଭାବ ନେଇ ଶିଖାଉଛନ୍ତି ସେଇଟି ବଡ଼ କଥା । ଶିକ୍ଷକ ଏପରି ହେବେ ନାହିଁ ଯାହାଙ୍କୁ ପିଲାମାନେ ଅତି ବାଧ୍ୟହୋଇ ଗ୍ରହଣ କରୁଥିବେ ବା ସହି ଯାଉଥିବେ । ସେ ସବୁବେଳେ ଜଣେ ବନ୍ଧୁ ପରି ହେବେ ଯାହାଙ୍କୁ ତୁମେ ଭଲପାଅ, କାରଣ ସେ ତୁମକୁ ସାହାଯ୍ୟ କରନ୍ତି ଓ ତୁମର ମନକୁ ଖୁସି କରନ୍ତି ।

— ଶ୍ରୀମା

ଆତ୍ମ-ସଂଯମ :
ବୁଦ୍ଧଙ୍କ ଜୀବନର ଦୁଇଟି ସଂଘଟନ

ବୁଦ୍ଧଙ୍କ ଦ୍ୱାରା ଅନୁପ୍ରାଣିତ ଏବଂ ତାଙ୍କ ଅନୁଗତ ଶିଷ୍ୟମାନେ ପ୍ରତ୍ୟହ ଭିକ୍ଷୁ ଭାବରେ ଜନପଦର ଗୃହସ୍ଥମାନଙ୍କ ନିକଟରୁ ଭିକ୍ଷା ସଂଗ୍ରହ କରୁଥା'ନ୍ତି । ସ୍ୱୟଂ ବୁଦ୍ଧ ମଧ୍ୟ ତାଙ୍କ ପ୍ରବର୍ତ୍ତିତ ସେ ଶୃଙ୍ଖଳା ସ୍ୱୀକାର କରି ଭିକ୍ଷା ନିମନ୍ତେ ବହିର୍ଗତ ହେଉଥା'ନ୍ତି ।

ଦିନେ ସେ ଜଣେ ଗୃହସ୍ୱାମୀ ଆଗରେ ଭିକ୍ଷାପାତ୍ର ହସ୍ତେ ଦଣ୍ଡାୟମାନ ହୁଅନ୍ତେ ଅତୀବ କ୍ରୋଧଭରେ ଗୃହସ୍ୱାମୀ ତାଙ୍କୁ ଭର୍ତ୍ସନା କରିବାକୁ ଲାଗିଲା । ବୁଦ୍ଧ ପ୍ରତିବାଦ କରିବା ତ ଦୂରର କଥା, ଶାନ୍ତ ସୌମ୍ୟ ବଦନରେ ନିରବରେ ତା' ଆଡ଼େ ଦୃଷ୍ଟିପାତ କରି ଠିଆ ହୋଇ ରହିଥା'ନ୍ତି ।

ବୁଦ୍ଧଙ୍କଠାରୁ କୌଣସି ପ୍ରତିକ୍ରିୟା ନପାଇ ଗୃହସ୍ୱାମୀ ଆହୁରି ଉତ୍ତ୍ୟକ୍ତ ହେଲା ଏବଂ କଣ୍ଠସ୍ୱର ପଞ୍ଚମକୁ ନେଇ ଅଶାଳୀନ ଶବ୍ଦମାନ ଆବୃତ୍ତି କରି ଚାଲିଲା । କିନ୍ତୁ କେତେ ସମୟ ବା ସେ ସେମିତି କରିପାରନ୍ତା ? ତେଣେ ବୁଦ୍ଧଙ୍କ ନିରବତା ତାକୁ ବିସ୍ମିତ ମଧ୍ୟ କରୁଥାଏ ।

''କ'ଣ ? ତୁମେ ତ କାହିଁ କିଛି ଜବାବ ଦେଉ ନାହଁ ?'' ଲୋକଟି ଅଗତ୍ୟା ପଚାରିଲା ।

''ଜବାବ ? କାହାର ଜବାବ ?'' ବୁଦ୍ଧ ଶାନ୍ତ କଣ୍ଠରେ ପଚାରିଲେ ।

''ତୁମ ଉଦ୍ଦେଶ୍ୟରେ ଯାହା ସବୁ କହିଲି ସେସବୁର ଉତ୍ତର ଦେବ ତ ?'' ଲୋକଟି କହିଲା ।

''ମୁଁ ଯଦି ତୁମ ଉଦ୍ଦେଶ୍ୟରେ ମୋର ଏ ଭିକ୍ଷାପାତ୍ରଟି ଅର୍ପଣ କରିବି; କିନ୍ତୁ ଧର ତୁମେ ତାକୁ ଗ୍ରହଣ କରିବ ନାହିଁ, ତେବେ ତାହା ଯିବ କୁଆଡ଼େ ?'' ବୁଦ୍ଧ ପ୍ରଶ୍ନ କଲେ ।

''କ'ଣ ବୋକାଙ୍କ ଭଳି ପଚାରୁଛ ! ମୁଁ ଗ୍ରହଣ ନକଲେ ତୁମେ ଯାହା ମୋତେ ଦେଇଥା'ନ୍ତ ତାହା ତୁମରି ହୋଇ ରହିବ !'' ଲୋକଟି ବେଖାତିର ଭାବରେ ଉତ୍ତର ଦେଲା ।

''ଠିକ୍ । ତୁମେ ମୋ ଉଦ୍ଦେଶ୍ୟରେ ଯାହାସବୁ କହିଗଲ, ମୁଁ ସେସବୁ ମୋଟେ ଗ୍ରହଣ କରି ନାହିଁ । ତେଣୁ ସେସବୁ ଯାହାର, ତାହାରି ପାଖରେ ରହିଲା ।'' ଧୀର ଭାବରେ କହିଲେ ବୁଦ୍ଧ ।

ସ୍ତବ୍ଧ ହୋଇ ରହିଲା ଗୃହସ୍ଥ । କେତୋଟି ମୁହୂର୍ତ୍ତ ଭିତରେ ତା' ଚେତନାରେ ଯୁଗାନ୍ତର ସାଧିତ ହେଲା । କିଂବଦନ୍ତୀ କହେ, ସେ ବୁଦ୍ଧଙ୍କର ଶିଷ୍ୟତ୍ୱ ଗ୍ରହଣ କଲା ।

କିନ୍ତୁ ଏହି ସଂଳାପ, ଏହି ପ୍ରଶ୍ନୋତ୍ତର ଯୋଗୁଁହିଁ ଯେ ସେ ଗୃହସ୍ଥଟିର ହୃଦୟରେ ବିରାଟ ପରିବର୍ତ୍ତନ ଘଟିଗଲା, ତାହା ନୁହେଁ । ବୁଦ୍ଧଙ୍କ ଚେତନାରେ ଥିଲା ଏଡ଼ିକି ପ୍ରଶାନ୍ତି, ଏଡ଼ିକି ମହାନତା ଓ ଦୟାଭାବ ଯେ ପ୍ରକୃତରେ ଲୋକଟିର କୁବାକ୍ୟମାନ ସେଥିରେ ସାମାନ୍ୟତମ ଆଞ୍ଚ ଆଣି ପାରିଲା ନାହିଁ । ସେସବୁର ଆଘାତ ଯାଇ ଲୋକଟି ଉପରେହିଁ ପଡ଼ିଲା । ଏମିତି ଘଟିବା ଅତିଭୌତିକ ସ୍ତରର ନିୟମ ।

ବୁଦ୍ଧଙ୍କ ଚେତନାରେ ଯେଉଁ ସମସ୍ତ ମହନୀୟ ଗୁଣର ସମାବେଶ ସମ୍ଭବ ହୋଇଥିଲା, ସେସବୁର ଭିତ୍ତି ହେଲା ଆତ୍ମ-ସଂଯମ । ନିଜ ଚେତନା ଉପରେ ସମ୍ପୂର୍ଣ୍ଣ ପ୍ରଭୁତ୍ୱ ହାସଲ ହୋଇଥିଲେ ଜଣେ ଅସାଧ୍ୟ ସାଧନ କରିପାରେ ।

ପରବର୍ତ୍ତୀ ସମୟରେ ବୁଦ୍ଧଙ୍କୁ ପଦଦଳିତ କରି ତାଙ୍କ ଜୀବନ ନେବା ଉଦ୍ଦେଶ୍ୟରେ ଗୋଟିଏ ଦୁଷ୍ଟ ପ୍ରକୃତିର ହାତୀକୁ ମଦ୍ୟପାନ କରାଇ ସେ ସାନ୍ଧ୍ୟ ଭ୍ରମଣ କରୁଥିବା ପଥ ଉପରେ ଛାଡ଼ି ଦିଆଯାଇଥିଲା । ଆଗରେ ଯାହାକୁ ଦେଖିଲେ ତାକୁ ମାଡ଼ିମକଚି ପକାଇବାରେ ଅଭ୍ୟସ୍ତ ସେ ପ୍ରାଣୀ ଏକାକୀ ବୁଦ୍ଧଙ୍କୁ ଦେଖି ତାଙ୍କ ଆଡ଼େ ଝପଟି ଆସିଲା । ନିର୍ବିକାର ବୁଦ୍ଧ ତିଳେ ମଧ୍ୟ ବିଚଳିତ ନହୋଇ କିଂବା ପଥରୁ ଅପସରି ନଯାଇ ନିଜ ଗତି ଅବ୍ୟାହତ ରଖିଥା'ନ୍ତି । ହାତୀଟି ତାଙ୍କର ଯେତିକି ନିକଟତର ହେଉଥାଏ, ସେତିକି ମାତ୍ରାରେ ସେ ଧୀର ସ୍ଥିର ହୋଇ ଆସୁଥାଏ । ଅବଶେଷରେ ସେ ଆସି ବୁଦ୍ଧଙ୍କ ଆଗରେ ଆଣ୍ଠୁମାଡ଼ି ବସିପଡ଼ିଲା । ବୁଦ୍ଧ ତାକୁ ଆଉଁଶି ଦେଲେ ।

ଏ କ୍ଷେତ୍ରରେ ଆତ୍ମସଂଯମର ଭିତ୍ତି ଉପରେ ବୁଦ୍ଧଙ୍କର ସମ୍ପୂର୍ଣ୍ଣ ଭୀତିଶୂନ୍ୟତା ତଥା ପରମ ଅହିଂସା ଓ ଜୀବେଦୟା ଭାବ କାର୍ଯ୍ୟକାରୀ ହୋଇଥିଲା । ଚେତନାଗତ ଯାବତୀୟ ବିକାଶ ଓ ସିଦ୍ଧିର ଭିତ୍ତି ଆତ୍ମସଂଯମ ।

❑❑❑

ଆତ୍ମ-ସଂଯମର ବାସ୍ତବ ଅବଦାନ

ଆତ୍ମ-ସଂଯମର ଆଦର୍ଶ ସମ୍ପର୍କରେ ବୁଦ୍ଧଙ୍କ ଜୀବନର ଦୁଇଟି କିଂବଦନ୍ତି 'ନବପ୍ରକାଶ'ର ଏହି ସଂଖ୍ୟା ପୃଷ୍ଠା-୫୭ରେ ଲିପିବଦ୍ଧ ହୋଇଛି । ବୁଦ୍ଧ ଥିଲେ ଜଣେ ଆଧ୍ୟାତ୍ମିକ ବ୍ୟକ୍ତିତ୍ୱ । ତା'ଙ୍କୁ ଅବତାର ଭାବରେ ଗ୍ରହଣ କରାଯାଏ । କୁହାଯାଇପାରେ, ସେଭଳି ପର୍ଯ୍ୟାୟର ବ୍ୟକ୍ତିମାନେ ଯେଉଁଭଳି ଶକ୍ତିର ପରାକାଷ୍ଠା ଦେଖାଇଥା'ନ୍ତି, ଜଣେ ସାଧାରଣ ବ୍ୟକ୍ତି ସକାଶେ ସେସବୁ କାହାଣୀ ମାତ୍ର !

କିନ୍ତୁ ଅବତାର ବା ମାନବରୂପ ଗ୍ରହଣ କରିଥିବା ଦିବ୍ୟଶକ୍ତି ଯେଉଁସବୁ 'ଅସମ୍ଭବ' ସମ୍ଭବ କରନ୍ତି, ସେସବୁ ସେମାନେ ଚମତ୍କାର ବା ହବୁବିଦ୍ୟା ପ୍ରଦର୍ଶନ ନିମନ୍ତେ କରନ୍ତି ନାହିଁ; କରନ୍ତି ଦୃଷ୍ଟାନ୍ତ ରୂପେ । ଅର୍ଥାତ୍ ସଭିଙ୍କ ଭିତରେ ସେଭଳି କରିବାର ଶକ୍ତି ପ୍ରଚ୍ଛନ୍ନ ରହିଛି, ତାହାହିଁ ପ୍ରତିପାଦିତ କରେ ସେମାନଙ୍କ ଦ୍ୱାରା ଉପସ୍ଥାପିତ ସେସବୁ ଦୃଷ୍ଟାନ୍ତ ।

ଅତିଭୌତିକ(Occult) ବିଜ୍ଞାନ କହେ, ଜଣେ ଯଦି ଆତ୍ମସଂଯମ ସାଧନା କରି ଅନ୍ୟ କାହାରି ପ୍ରତି ଅସଦ୍ଇଚ୍ଛା ଓ ଈର୍ଷାପୋଷଣରୁ ନିଜକୁ ସମ୍ପୂର୍ଣ୍ଣ ମୁକ୍ତ ରଖିପାରନ୍ତି ତେବେ ସେ ଯେ ଖାଲି ନିରାପଦ ରହିବେ ସେତିକି ନୁହେଁ, ତାଙ୍କ ପ୍ରତି ଅସୂୟା ଭାବ ପୋଷଣ କରୁଥିବା ବ୍ୟକ୍ତିହିଁ ବିପଦାପନ୍ନ ଏବଂ ଅନୁତପ୍ତ ହେବ ।

ମହାବୀର ଜୀନଙ୍କୁ ପ୍ରବଳ ଈର୍ଷା କରୁଥିଲେ ଜଣେ ଯୁବକ । କ୍ରୋଧ, ଈର୍ଷା – ଏଭଳି ଦୁର୍ଗୁଣ ମଣିଷର ବିବେକକୁ ପଙ୍ଗୁ କରି ଦିଏ । ସେ ଈର୍ଷାନ୍ଧ ଯୁବକ ଜଣକ ମହାବୀର ଜୀନଙ୍କୁ ରୁଗ୍ଣ କରିଦେବା ନିମନ୍ତେ ଜଣେ ଅପତାନ୍ତ୍ରିକକୁ ପ୍ରଭାବିତ କରି କେତେକ ମାରାତ୍ମକ ଶକ୍ତି ପ୍ରୟୋଗ କଲେ । ମହାବୀର ଜୀନଙ୍କୁ ଗୋଟାଏ ଅଦୃଶ୍ୟ ପ୍ରାଚୀର ବଳୟ ଭଳି ରକ୍ଷା କରୁଥିଲା ତାଙ୍କ ନିଜସ୍ୱ ସାଧନାଲବ୍ଧ ବିଭୂତି । ଅପଶକ୍ତିଗୁଡ଼ିକ ସେହି ଅଦୃଶ୍ୟ ପ୍ରାଚୀର ଗାତ୍ରରେ ବାଜି ତତ୍‌କ୍ଷଣାତ୍ ଛିଟିକି ଆସି ପ୍ରେରକ ଯୁବକଙ୍କୁ ଦେଲେ ଭୀଷଣ ଆଘାତ । ସେ ଛଟପଟ ହେଲେ । ମହାବୀର ଜୀନ ଏହା ଜାଣି ନିଜ ଶୁଭେଚ୍ଛା ଶକ୍ତି ଯୋଗେ ସେ ଯୁବକର ପ୍ରାଣରକ୍ଷା କରିପାରିଲେ, କିନ୍ତୁ ସେ ଆଉ ପ୍ରକୃତିସ୍ଥ ହେଲେ ନାହିଁ ।

ତେବେ ଏସବୁ ଆଧ୍ୟାତ୍ମିକ ଏବଂ ଅତିଭୌତିକ ପ୍ରସଙ୍ଗ ବାହାରେ ଆମ ସ୍ଥୂଳ ସାମାଜିକ ଓ ସାଂସାରିକ ଜୀବନରେ ମଧ୍ୟ ଆତ୍ମସଂଯମର ଭୂମିକା ଅତୀବ ଶୁଭଙ୍କର । ବାକ୍-ସଂଯମ ଅଭାବରୁ ଆମେ ଗୁଡ଼ାଏ କଥା କହି ନିଜର ଓଜଃ କ୍ଷୟ କରିବା ସଙ୍ଗେ ସଙ୍ଗେ ବହୁ ସମୟରେ ଭୁଲ୍ ବୁଝାମଣା ସୃଷ୍ଟି କରୁଁ । କୁହାଯାଏ ତୀର ଥରେ ଧନୁରୁ ନିର୍ଗତ ହୋଇଗଲେ ଏବଂ ରୁକ୍ଷ ଶବ୍ଦ ବା ବାକ୍ୟଟାଏ ଥରେ ମୁହଁରୁ ବାହାରି ଗଲେ ତାକୁ ଆଉ ଫେରାଇ ଆଣି ହୁଏ ନାହିଁ । ନିଜ ପ୍ରତି ନିଷ୍କପଟ ରହି ଆମେ ନିଜ ଆଚରଣକୁ ସମୀକ୍ଷା କରିପାରିଲେ ବୁଝିପାରିବୁ, ଉତ୍ତେଜନା ବା ଅଭିମାନ ବା ଖାସ୍ ଅସାବଧାନତାବଶତଃ ଆମେ ଉଚ୍ଚାରଣ କରିଥିବା ବାକ୍ୟସବୁ ଯୋଗୁଁ ଉପୁଜିଥିବା କେତେ ଅପ୍ରୀତିକର ପରିସ୍ଥିତି ଆମେ ଏଡ଼ାଇଯାଇ ପାରିଥା'ନ୍ତୁ – ଯଦି ଆମେ ବାକ୍‌ସଂଯମ ଅଭ୍ୟାସ କରିଥା'ନ୍ତୁ ।

ବାକ୍-ସଂଯମ ଆତ୍ମ-ସଂଯମର ଗୋଟିଏ ଦିଗ । ଜୀବନରେ ଶାନ୍ତି ଓ ସୌମ୍ୟତା ଅନୁଭବର ଭିତ୍ତିହିଁ ଆତ୍ମ-ସଂଯମ । ଷୋଡ଼ଶ ଶତାବ୍ଦୀରେ ଜଣେ ଇଂରେଜ ମନିଷୀ ଥୋମାସ୍ କୁପାର ଆଠ ବର୍ଷ କାଳ ପରିଶ୍ରମ କରି ଗୋଟିଏ ଟିକାଟିପ୍ପଣୀ ସମ୍ବଳିତ ଅଭିଧାନ ସଂକଳନ ଓ ସଂପାଦନ କରୁଥା'ନ୍ତି । କାର୍ଯ୍ୟଟି ପାଇଁ ସେ ନିଜର ବିଶ୍ରାମ ଓ ନିୟମିତ ଆହାର ଭୁଲି ଯାଇଥା'ନ୍ତି ।

ଯେଉଁଦିନ କାର୍ଯ୍ୟଟି ଶେଷ ହେଲା, ସେଦିନ ସେ ଏକାନ୍ତ ତୃପ୍ତି ସହକାରେ ବହୁଦିନ ପରେ ସାନ୍ଧ୍ୟ ଭ୍ରମଣ ନିମନ୍ତେ ନଦୀକୂଳ ଆଡ଼େ ଯାଇ ଜଣେ ଦୁଇଜଣ ପୁରୁଣା ବନ୍ଧୁଙ୍କୁ ଭେଟିଲେ ଓ ଆନନ୍ଦରେ ସେମାନଙ୍କ ସହ ଗପସପ କରି ପାଣ୍ଡୁଲିପି ଦେଖାଇବା ନିମନ୍ତେ ସେମାନଙ୍କୁ ନିଜ ଘରକୁ ନେଇ ଆସିଲେ ।

ଟେବୁଲ ଉପରେ ପାଣ୍ଡୁଲିପି ନଥିଲା କି ସେ ସମ୍ପର୍କୀୟ ବିଡ଼ା ବିଡ଼ା ମୂଲ୍ୟବାନ୍ କାଗଜପତ୍ରରୁ କିଛିହିଁ ନଥିଲା । ହତବାକ୍ ମନିଷୀ ଅଚିରେ ବୁଝିଲେ ସେସବୁ ଅଦୃଶ୍ୟ ହେବାର ରହସ୍ୟ । ଆଠ ବର୍ଷକାଳ ଗୋଟାଏ ଅଯଥା କାମର ପ୍ରେମରେ ପଡ଼ି କଲବଲ ହେଉଥିବା ସେ ଭଦ୍ରଲୋକଙ୍କୁ ସେ ମୋହରୁ ଛଡ଼ାଇ

ଆଣିବା ନିମନ୍ତେ ତାଙ୍କ ପତ୍ନୀ ମାଡ଼ାମ୍ ଡିନା ସେ ଯାବତୀୟ କାଗଜପତ୍ରକୁ ଇତି ମଧ୍ୟରେ କେତେ ମୁଠା ପାଉଁଶରେ ପରିଣତ କରିଥିଲେ ।

ଥୋମାସ୍ କୁପାର କରିଥା'ନ୍ତେ କ'ଣ ? ହୁଏତ ଚିତ୍କାର କରିଥା'ନ୍ତେ, ପାଗଳ ପ୍ରାୟ ଆଚରଣ କରିଥା'ନ୍ତେ, ବିଷାଦଗ୍ରସ୍ତ ହୋଇ ଅବଶିଷ୍ଟ ଜୀବନ ବିତାଇଥା'ନ୍ତେ । କିନ୍ତୁ ସେ ସ୍ତବ୍ଧ ରହିଲେ ମୁହୂର୍ତ୍ତକ ପାଇଁ । ବନ୍ଧୁମାନଙ୍କୁ ସୌଜନ୍ୟ ସହକାରେ ବିଦାୟ ଦେଲେ ଏବଂ ପତ୍ନୀଙ୍କୁ କହିଲେ ଏତିକି ମାତ୍ର : ''ଡିନା ! ତୁମେ ମୋତେ କେତେ କଷ୍ଟ ଦେଲ !''

ପୁନର୍ବାର ଆଠବର୍ଷ ପରିଶ୍ରମ କରି ସେ ଅପେକ୍ଷାକୃତ ଅଧିକ ଗବେଷଣା-ସମୃଦ୍ଧ ଅଭିଧାନ ପ୍ରସ୍ତୁତ କଲେ । ନିଜର ଶାନ୍ତି ଓ ସମତାଭାବ ହରାଇଥିଲେ ସେ ନିଜେହିଁ କଷ୍ଟ ପାଇ ଥା'ନ୍ତେ ସିନା ! ଦଶ୍ଚ ପାଣ୍ଡୁଲିପି ଗୋଟିକ ତ ଜୀବନ୍ୟାସ ପାଇ ନଥା'ନ୍ତା ! ସେ ଶାନ୍ତ ରହିଲେ; ଅର୍ଥାତ୍ ନିଜକୁ ଯନ୍ତ୍ରଣା ଭୋଗିବାରୁ ନିଷ୍କୃତି ଦେଲେ; ପାଣ୍ଡୁଲିପି ମଧ୍ୟ ଜୀବନ୍ୟାସ ପାଇଲା । ଅଭିଭୂତା, ଅନୁତପ୍ତା ମାଡ଼ାମ୍ ଡିନା ନୀରବରେ ସହଯୋଗ ଦେଇ ଚାଲିଲେ ।

— ମନୋଜ ଦାସ ❑



ସେତିକି କୁହ, ଯାହା ଅପରିହାର୍ଯ୍ୟ

ମୁଁ କହୁଛି ଯେ ତୁମେମାନେ ସମସ୍ତେ ଏକ ଚେଷ୍ଟା କର — ଓଃ ! ମୁଁ ବେଶୀ ସମୟ ପାଇଁ କରିବାକୁ କହୁନି, ଦିନକୁ ମାତ୍ର ଗୋଟିଏ ଘଣ୍ଟା ଚୁପ୍ ରୁହ — କେବଳ ଯେତିକି ନିତାନ୍ତ ଦରକାର ସେତିକି ବ୍ୟତୀତ ଅନ୍ୟକିଛି କହିବ ନାହିଁ, ଗୋଟିଏ ଶବ୍ଦ ବେଶୀ ନୁହେଁ କି ଗୋଟିଏ ଶବ୍ଦ କମ୍ ନୁହେଁ ।

ଦୈନନ୍ଦିନ ମାତ୍ର ଘଣ୍ଟାଏ ନିଅ, ଯେଉଁ ସମୟଟି ତୁମ ପାଇଁ ସବୁଠୁ ସୁବିଧାଜନକ, ଏବଂ ସେହି ସମୟତକ ନିଜକୁ ଭଲଭାବେ ନିରୀକ୍ଷଣ କର ଏବଂ ସେତେବେଳେ ଯାହା ଯେତିକି ନିତାନ୍ତ ଦରକାର ସେତିକିଟି ମାତ୍ର ଶବ୍ଦ ଉଚ୍ଚାରଣ କର ।

ପ୍ରଥମରୁ ତୁମ ପାଇଁ ଏହା ଅବଶ୍ୟ କଷ୍ଟକର ହେବ — ତୁମେ କିପରି ଜାଣିବ ଯେ କେଉଁଟା ନିତାନ୍ତ ଦରକାର ଓ କେଉଁଟା ଦରକାର ନୁହେଁ । ସେସବୁ ତୁମେ ପ୍ରତିଦିନ ନିଜେ ନିଜେ ବିଚାର କରି ଦେଖି ଜାଣିପାରିବ ଏବଂ ପ୍ରତିଦିନ ତୁମେ ଏଥିରେ ଉନ୍ନତି କରିପାରିବ ।

ତା'ପରେ ତୁମେ ଦେଖିବ ଯେ ଯେପର୍ଯ୍ୟନ୍ତ ତୁମେ କିଛି କହୁ ନାହଁ ସେପର୍ଯ୍ୟନ୍ତ ତୁମେ ସଂପୂର୍ଣ୍ଣ ନିରବ ରହିବା କଷ୍ଟକର ହେଉ ନାହିଁ । କିନ୍ତୁ ଯେତେବେଳେ ତୁମେ କଥାପଦେ କହିବାକୁ ଆରମ୍ଭ କଲ ସେତେବେଳେ ତୁମେ ଲକ୍ଷ୍ୟ କରିବ ଯେ ପ୍ରାୟ ସର୍ବଦା ତୁମେ ଆବଶ୍ୟକତାଠାରୁ ଦୁଇଟି, ତିନୋଟି କିଂବା ଦଶଟି ବା କୋଡ଼ିଏଟି ଅଦରକାରୀ ଶବ୍ଦ କହିସାରିଛ ଯାହାକି ଆଦୌ ଦରକାର ନଥିଲା ।

— ଶ୍ରୀମା

tarika

AYURVEDIC HERBAL REMEDIES

Pimple / Acne Remover
Now, get rid of your stubborn pimples
and acne completely.
Results visible in 8 days. *(clinically proven)*

Night oil for face
Removes marks and scars for a fair,
radiant, youthful skin.
Offsets the early formation of wrinkles.
See a distinct improvement in skin tone and texture within 3 to 4 weeks.

Hair Vitaliser oil
Controls hair loss and improves hair growth
Regular use prevents hair thinning and receding hair line

Gum oil
Quick relief from toothache, sensitive
teeth, receding gum, bleeding gum,
mouth ulcers, weak gum.
Sure relief from multiple oral problems.

agni Pain relief oil
Fast relief from arthritis, joint and back pain,
spondylitis, muscle & tissue injury,muscular atrophy.
Gives long term relief

100% Natural - Chemical free

Exported to over 16 countries including USA, Germany, Italy, Australia etc.

Available in Bhubaneswar *(wholesale/retail)*:
Adarsh Food Processing Industry
Flat no. 309. Madhaba Nilayam Complex, Near Rabi Talkies,
Lewis Road, Bhubaneswar - 751014, Cell No. 9437000646


Made in India by:
Ayurlabs India
32 Lally Tollendal Street, Pondicherry 605001.
Phone: 9442249355 / 0413-2224935 / 2339477
Email: sales@ayurlabsindia.com
Website: www.ayurlabsindia.com

Vol. LVII, No. 8 **R.N.I. No. 18163/70.**
Navaprakash (Monthly), August, 2026 Registration No. PY/51/2024-26
Date of Posting : 7th, 8th of every month **Licenced to Post without prepayment**
TN/PMG(CCR)/WPP-63/2024-26

ବିଶେଷ ସୂଚନା :

''**ସାବିତ୍ରୀ** ଶ୍ରୀଅରବିନ୍ଦଙ୍କ ଭବିଷ୍ୟ ଦୃଷ୍ଟିର ସର୍ବୋଚ୍ଚ ପରିପ୍ରକାଶ ।''
— ଶ୍ରୀମା।

ପୂର୍ବପ୍ରକାଶିତ ଶ୍ରୀଅରବିନ୍ଦଙ୍କ ରଚିତ ମନ୍ତ୍ରମୟୀ ମହାକାବ୍ୟ ସାବିତ୍ରୀର ପ୍ରଥମ ଭାଗର ପରବର୍ତ୍ତୀ କ୍ରମ ରୂପେ ଦ୍ୱିତୀୟ ଓ ତୃତୀୟ ଭାଗର ଓଡ଼ିଆ ଅନୁବାଦ ଅଧୁନା ପ୍ରକାଶ ପାଇଲା । ଏହାର ଅନୁବାଦକ ଆନ୍ତର୍ଜାତିକ ଖ୍ୟାତିସମ୍ପନ୍ନ ସାହିତ୍ୟିକ ଶ୍ରୀ ମନୋଜ ଦାସ । ଏହି ଗ୍ରନ୍ଥର ବିଶେଷତ୍ୱ ଏହି ଯେ ଶ୍ରୀଅରବିନ୍ଦଙ୍କ କୃତ ସାବିତ୍ରୀର ପ୍ରତିଟି ପଂକ୍ତିର ମାନ୍ତ୍ରିକ ମୂଲ୍ୟବୋଧକୁ ବଜାୟ ରଖିବା ପାଇଁ ଅନୁବାଦ ସହ ମୂଳ ଇଂରାଜୀ ଲେଖାକୁ ପୂର୍ବପରି ସଂଯୋଜିତ କରାଯାଇଛି ।



ସାବିତ୍ରୀ

ଏକ କିଂବଦନ୍ତି ଏବଂ ଏକ ପ୍ରତୀକ

(ଦ୍ୱିତୀୟ ଭାଗ ଏବଂ ତୃତୀୟ ଭାଗ)

୮୯୭ ପୃଷ୍ଠା ସମ୍ବଳିତ ଏହି ସୁଦୃଶ୍ୟ ଗ୍ରନ୍ଥଟିର ମୂଲ୍ୟ : **୬୪୦/-** ଟଙ୍କା ରଖାଯାଇଛି ।

ପ୍ରାପ୍ତିସ୍ଥାନ :

ନବଜ୍ୟୋତି କାର୍ଯ୍ୟାଳୟ, ଶ୍ରୀଅରବିନ୍ଦ ଆଶ୍ରମ, ପଣ୍ଡିଚେରୀ - ୬୦୫ ୦୦୨
ମାତୃଭବନ, ଶ୍ରୀଅରବିନ୍ଦ ମାର୍ଗ, କଟକ - ୭୫୩ ୦୧୩

(ଯେଉଁମାନେ ଡାକ ଦ୍ୱାରା ଏହାକୁ ପାଇବାକୁ ଚାହାନ୍ତି ସେମାନେ ନବଜ୍ୟୋତି କାର୍ଯ୍ୟାଳୟ ଠିକଣାରେ ମନିଅର୍ଡର କରି ଟଙ୍କା ପଠାଇଲେ ସେମାନଙ୍କ ପାଖକୁ ଏହା Regd. Parcel Post ଯୋଗେ ପଠାଇ ଦିଆଯିବ ।)

Published by Manoj Das Gupta on behalf of Sri Aurobindo Ashram Trust for Navajyoti Publications, Sri Aurobindo Ashram, Pondicherry-605002 and Printed by Swadhin Chatterjee at Sri Aurobindo Ashram Press, Sri Aurobindo Ashram, Pondicherry - 605002, India.

Editor : Gopal Chandra Mahana

ପ୍ରତି ସଂଖ୍ୟା : ଟ. ୧୫.୦୦, ବାର୍ଷିକ ଚାନ୍ଦା : ଟ. ୧୫୦.୦୦, ଆଜୀବନ ସଭ୍ୟଚାନ୍ଦା (୨୦ ବର୍ଷ) : ଟ. ୧୫୦୦.୦୦

Single Copy : Rs. 15.00, Annual Subscription : Rs. 150.00, Life Member (20 years) : Rs. 1500.00